DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, October 24/2025 Page 14 | ₹ 7.00

୫୧ଶ ଭାଗ ୩୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 327 | ମୂଲ୍ୟ ₹୭/-



## ପ୍ରତୀକାଙ୍କ ଆକର୍ଷଣୀୟ ଶତକ

ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି ଭାରତର ପ୍ରତୀକା ରାୱଲ।

୧୪

୦୨

## ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ଆର୍‌ଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛି।





କୋରାପୁଟ-କିରାଣ୍ଡୁଲ ରେଲୱେ ଲାଇନ୍ ମାଲିଗୁଡ଼ା ଓ ଜରଟି ଷ୍ଟେଶନ ମଧ୍ୟରେ ପାହାଡ଼ରୁ ପଥର ଖସି ଟ୍ରାକ୍‌ରେ ପଡ଼ିଛି। **(ଫଟୋ: ଅମିତାଭ ବେହେରା) (ରିପୋର୍ଟ: ପୃଷ୍ଠା-୩)**

# ରୁଷୀୟ ତୈଳ ଉପରେ ଟ୍ରମ୍ପ୍ କଟକଣା

# କ୍ରୁଡ୍ ୫%ରୁ ଅଧିକ ମହଙ୍ଗା




**ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ ଉପରେ ଚାପ ସୃଷ୍ଟି ଉଦ୍ୟମ ଜାରି ରଖିଛନ୍ତି। ହଙ୍ଗେରିର ବୁଦାପେଷ୍ଟରେ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ହେବାକୁ ଥିବା ଶାନ୍ତି ଆଲୋଚନା ସ୍ଥଗିତ ହେବା ପରେ ଟ୍ରମ୍ପ୍ ପୁଣି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରୁଷିଆର ୨ଟି ବଡ଼ ତୈଳ କମ୍ପାନୀ ଉପରେ କଟକଣା ଜାରି କରିଛନ୍ତି। ତାଙ୍କ ଏହି ପଦକ୍ଷେପ ପରେ ଭାରତ ରୁଷିଆଠାରୁ କିଣୁଥିବା ତୈଳ ପରିମାଣ ହ୍ରାସ କରିବା ନେଇ ବିଚାର କରିପାରେ। ଆସନ୍ତା ଡିସେମ୍ବର ସୁଦ୍ଧା ଭାରତ ରୁଷୀୟ ତୈଳ ଆମଦାନୀକୁ ଏକପ୍ରକାର ବନ୍ଦ କରିଦେବ ବୋଲି ଟ୍ରମ୍ପ୍ ଗୁରୁବାର ଆଶାବ୍ୟକ୍ତ କରିଛନ୍ତି। ଏହି ପୃଷ୍ଠଭୂମିରେ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି ସାଙ୍ଗକୁ ତୈଳ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ଉପୁଜିଛି। ଫଳରେ ବୈଶ୍ୱିକ ତୈଳ ବଜାରରେ କ୍ରୁଡ୍ ମୂଲ୍ୟ ଆକାଶଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୫%ରୁ ଅଧିକ ମହଙ୍ଗା ହୋଇଛି। ଏହି କାରଣରୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିବ, ଯାହାର ସିଧା ପ୍ରଭାବ ଦରଦାମ୍ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ୱାଶିଂଟନ୍/ମସ୍କୋ/ନୂଆଦିଲ୍ଲୀ,୨୩।୧୦ (ରଏଟର୍ସ/ଏଏଫ୍‌ପି/ବ୍ଲୁମ୍‌ବର୍ଗ)

ଆର୍ଥିକ ଦୃଷ୍ଟିରୁ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ନିକଟରେ ବିଶ୍ୱ ଅର୍ଥନୀତି ଓ ବଜାରକୁ ପ୍ରଭାବିତ କରିବା ସାମର୍ଥ୍ୟ ରହିଛି, ଯାହାକି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଘୋଷଣା ପୁଣି ପ୍ରମାଣିତ କରିଛି। ରୁଷିଆ ତୈଳ ବିକ୍ରିକରି ପାଉଥିବା ଲାଭକୁ ଟ୍ରମ୍ପ୍ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବୋଲି ବିବେଚନା କରନ୍ତି। ଏଥିଯୋଗୁ ସେ ଭାରତ ଓ ଚାଇନା ଉପରେ ରୁଷୀୟ ତୈଳ ଆମଦାନୀ ନ କରିବାକୁ ଚାପ ପକାଇଆସୁଛନ୍ତି। ଏହା ସତ୍ତ୍ୱେ ଚାଇନା ଓ ଭାରତ ରୁଷୀୟ ତୈଳର ଦୁଇ ବୃହତ୍ କ୍ରେତା ରହିଆସିଛନ୍ତି। ଦୀପାବଳି ଶୁଭେଚ୍ଛା ଜଣାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟ୍ରମ୍ପ୍ ଫୋନ୍ କରିବା ସହ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଉପରେ ମଧ୍ୟ କଥା ହୋଇଥିବା ବୁଧବାର କହିଥିଲେ। ଏପରି କି ଭାରତ ରୁଷିଆଠାରୁ ଆଗକୁ ତୈଳ କିଣିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ୍ କହିଛନ୍ତି, ପୁଟିନ୍‌ଙ୍କ ସହ ୟୁକ୍ରେନ୍ ଶାନ୍ତି ଆଲୋଚନା ହେବାକୁ ଯାଉନାହିଁ। ତେଣୁ ରୁଷିଆର ୨ ବୃହତ୍ ତୈଳ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକୋଇଲ୍ ଉପରେ କଟକଣା ଜାରି କରାଯାଉଛି। ବିଶ୍ୱ ବଜାରରେ ୫%ରୁ ଊର୍ଦ୍ଧ୍ୱ ତୈଳ ଚାହିଦା ମେଣ୍ଟାଉଥିବା ଏହି ୨ ଅଏଲ୍ ଜାଏଣ୍ଟର ଯୋଗାଣ ଉପରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଚାପ ସୃଷ୍ଟି ପାଇଁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ)ର କେତେକ ସଦସ୍ୟ ରାଷ୍ଟ୍ର ପକ୍ଷରୁ ଅଙ୍କୁଶ ଲଗାଯିବା ପରେ ଅଏଲ୍ ପ୍ରାଇସ୍‌ରେ ଅହେତୁକ ବୃଦ୍ଧି ଘଟିଛି। ଇଣ୍ଟରନ୍ୟାଶନାଲ ବେଞ୍ଚମାର୍କ କଣ୍ଟ୍ରାକ୍ଟ ବ୍ରେଣ୍ଟ ନର୍ଥ ସି କ୍ରୁଡ୍ ମୂଲ୍ୟ ୫.୪% ବଢ଼ିଥିବାବେଳେ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ୫.୬% ମହଙ୍ଗା ହୋଇଛି। କ୍ରୁଡ୍ ବଜାରରେ ସ୍ପଟ୍ ପ୍ରିମିୟମ୍ ବଡ଼ ଲମ୍ଫ ମାରିଛି। ବ୍ରେଣ୍ଟ ଫ୍ୟୁଚର୍ସ ମଧ୍ୟ ୪-୫% ପର୍ଯ୍ୟନ୍ତ ବଢ଼ିଛି।

ଏହି ନୂଆ କଟକଣାର ବାସ୍ତବ ପ୍ରଭାବ ଆଗକୁ ଆହୁରି ଅନୁଭୂତ ହେବ ବୋଲି ଗ୍ଲୋବାଲ ରିସ୍କ ମ୍ୟାନେଜମେଣ୍ଟ ବିଶ୍ଳେଷକ ଆର୍ନେ ଲୋହମାନ୍ କହିଛନ୍ତି। ଅନ୍ୟପକ୍ଷେ ରୁଷିଆର ବହିର୍ବ୍ୟାପାର ମନ୍ତ୍ରଣାଳୟ ୟୁକ୍ରେନ୍ ଯୁଦ୍ଧ ବନ୍ଦ ସକାଶେ ଚାଲିଥିବା କୂଟନୈତିକ ଉଦ୍ୟମ ପାଇଁ ଆମେରିକୀୟ ଓ ୟୁରୋପୀୟ କଟକଣାକୁ ଏକ ଝଟକା ରୂପେ ଅଭିହିତ କରିଛି। ☞ପୃଷ୍ଠା-୪

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହୋଇପାରନ୍ତି ପରବର୍ତ୍ତୀ ସିଜେଆଇ



ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବର୍ତ୍ତମାନ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଥିବା ଜଷ୍ଟିସ୍ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି। ତେଣୁ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ନିମନ୍ତେ ସରକାର ଗୁରୁବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜଷ୍ଟିସ୍ ଗବଇଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶି'ଙ୍କ ଭୟ

# ଓଡ଼ିଶାରେ ୧ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦ (ଅନୁରାଧା ମହାରଣା/ସୁନିତ୍ ମିଶ୍ର)

- **ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶାରେ ଜମି ଅଛି, ଲୋକଙ୍କ ସମର୍ଥନ ଦରକାର: ଅଗ୍ରୱାଲ**
- **ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୁଞ୍ଜିନିବେଶ ଗେମ୍ ଚେଞ୍ଜର ହେବ: ମୁଖ୍ୟମନ୍ତ୍ରୀ**

ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଢେଙ୍କାନାଳରେ ୧ ଲକ୍ଷ କୋଟି ଟଙ୍କା ବେଦାନ୍ତ ପକ୍ଷରୁ ନିବେଶ କରାଯିବ। ୩୦ ଲକ୍ଷ ଟନ୍‌ର ଆଲୁମିନିୟମ ପ୍ଲାଣ୍ଟ ବେଦାନ୍ତ ପକ୍ଷରୁ କରାଯିବ। ଜମି ମିଳିଲେ ୩ରୁ ୪ ମାସ ମଧ୍ୟରେ କାମ ଆରମ୍ଭ ହେବ। ମାସକ ଭିତରେ ମୁଖ୍ୟମନ୍ତ୍ରୀ ଜମି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ୩ରୁ ସାଢେ ୩ ବର୍ଷ ସମୟ ଲାଗିବ। ଏହାଦ୍ୱାରା ୩୦ରୁ ୪୦ ହଜାର ଲୋକ କାମ ପାଇବେ ବୋଲି ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି।

ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଦୀର୍ଘଦିନରୁ ଚର୍ଚ୍ଚାରେ ରହି ଆସିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା ଦୋହରାଇ ଅଗ୍ରୱାଲ କହିଛନ୍ତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସବୁ ରାଜ୍ୟ ତାଙ୍କ ପଛରେ ପଡ଼ିଛନ୍ତି। ହେଲେ ତାଙ୍କ ହୃଦୟରେ ଓଡ଼ିଶା ରହିଛି। ଦେଶର ୭ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଛନ୍ତି। ଜମି ଓଡ଼ିଶାରେ ଅଛି, ଏଥିଲାଗି ରାଜ୍ୟବାସୀଙ୍କ ସମର୍ଥନ ଦରକାର। ବିଶ୍ୱବିଦ୍ୟାଳୟ ପୁରୀରେ ହେବ କି କେଉଁଠି ହେବ ତାହା ଓଡ଼ିଶା ଲୋକଙ୍କ ଜନମତ ନେବା ପରେ ସ୍ପଷ୍ଟହେବ ବୋଲି ଅଗ୍ରୱାଲ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବିଶ୍ୱର ମେଟାଲ ଭାଲ୍ୟୁ ଚେନ୍‌ରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଏକ ଅତ୍ୟାଧୁନିକ ଫେରୋ ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ ହେବ। ବେଦାନ୍ତ ପକ୍ଷରୁ ଓଡ଼ିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡ଼ାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ ସେଠାରେ ମଧ୍ୟ ଆଉ ଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ହେବ। ଏହି ୨ଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହା ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହାଦ୍ୱାରା ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍ଏସ୍ଏମ୍ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ☞ପୃଷ୍ଠା-୪

# ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ



**୬୨ ଲକ୍ଷ ଟଙ୍କା ଜବତ**

**୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ**

ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାରେ ଏକ ବଡ଼ ଧରଣର ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ସମ୍ବଲପୁର ଜିଲା ପୋଲିସ। ସମ୍ବଲପୁର ସହ ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମିଛ ନିଯୁକ୍ତି ନାମରେ ପ୍ରାୟ ୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ମହିଳାଙ୍କ ସହ ୨ଜଣଙ୍କୁ ଗିରଫ କରିଛି ବୁର୍ଲା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ଅନ୍ତର୍ଗତ ସାତୁପାଲି ଗ୍ରାମର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ସେମାନଙ୍କ ନିକଟରୁ ନଗଦ ୬୨ଲକ୍ଷ ୧ ହଜାର ଟଙ୍କା, ୨ଟି ମୋବାଇଲ ☞ପୃଷ୍ଠା-୪

# କାର୍ବାଇଡ୍ ବନ୍ଧୁକ ବିସ୍ଫୋରଣ: ୧୫୦ ଆହତ

ଭୋପାଳ,୨୩।୧୦

**ଭୋପାଳରେ ଦୀପାବଳି ଅଘଟଣ**



**ଅନେକେ ଦୃଷ୍ଟିଶକ୍ତି ହରାଇଲେ**

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୀପାବଳି ପାଳନ ସମୟରେ ବିପଜ୍ଜନକ କ୍ୟାଲସିୟମ କାର୍ବାଇଡ୍ ଗନ୍‌ର ବ୍ୟବହାରରେ ୧୫୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ରୁ ଅଧିକ ବ୍ୟକ୍ତି ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ୮ରୁ ୧୪ ବର୍ଷର ପିଲା ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ନିଜର ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି।

ଚଳିତ ବର୍ଷ ଦୀପାବଳିରେ କ୍ୟାଲସିୟମ କାର୍ବାଇଡ, ପ୍ଲାଷ୍ଟିକ୍ ପାଇପ୍ ଏବଂ ଗ୍ୟାସ୍ ଲାଇଟରରୁ ତିଆରି ଦେଶୀ ବନ୍ଧୁକକୁ ଭୋପାଳର ଲୋକମାନେ ଖୁବ୍ ବ୍ୟବହାର କରିଥିଲେ। ଦୀପାବଳିରେ କାର୍ବାଇଡ୍ ପାଇପ୍ ଗନ୍‌କୁ ବ୍ୟବହାରକରି ଆହତ ହୋଇଥିବା ୬୦ ଜଣ ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଗୁରୁବାର ଭୋପାଳର ମୁଖ୍ୟ ଚିକିତ୍ସା ସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍ଏଚ୍ଓ) ମନୀଷ ଶର୍ମା ସୂଚନା ଦେଇଛନ୍ତି। ତେବେ ସେଥିମଧ୍ୟରୁ ଅଧିକାଂଶ ମାମଲାରେ ଜୀବନ ପ୍ରତି କୌଣସି ବିପଦ ନାହିଁ। ଆହତଙ୍କ ମଧ୍ୟରୁ ଅନେକଙ୍କ ଆଖି ଗୁରୁତର କ୍ଷତିଗ୍ରସ୍ତ ହୋଇଛି ଏବଂ ସେମାନେ ଦୃଷ୍ଟିଶକ୍ତି ହରାଇଛନ୍ତି। ସେହିପରି ଆଉ କେତେକଙ୍କର ମୁହଁ ମଧ୍ୟ ପୋଡ଼ିଯାଇଛି ବୋଲି ମନୀଷ କହିଛନ୍ତି। ଚଳିତ ଦୀପାବଳିରେ କ୍ୟାଲସିୟମ ☞ପୃଷ୍ଠା-୪



# ୭୯,୦୦୦ କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ସୈନ୍ୟବାହିନୀର ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ନାଗ୍ ମିଶାଇଲ୍, ଆମ୍ଫିବିଅସ୍ ଯୁଦ୍ଧଜାହାଜ, ଇଲେକ୍ଟ୍ରୋନିକ୍ ଇଣ୍ଟେଲିଜେନ୍ସ ଏବଂ ସର୍ଭିଲାନ୍ସ ସିଷ୍ଟମ୍ ସମେତ ୭୯,୦୦୦ କୋଟି ଟଙ୍କା ମୂଲ୍ୟର ଯୁଦ୍ଧାସ୍ତ୍ର ଏବଂ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୟୁଜିଶନ କାଉନ୍‌ସିଲ୍ ବୈଠକ ବସି ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଅପରେଶନ ସିନ୍ଦୂର ପରେ ଏହା ଦ୍ୱିତୀୟ ବୃହତ୍ ପ୍ରତିରକ୍ଷା କ୍ରୟ ନିଷ୍ପତ୍ତି। ଗତ ଅଗଷ୍ଟ ୫ରେ ୬୭,୦୦୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ନୌସେନା ପାଇଁ କିଣାଯିବାକୁ ଥିବା ସାମଗ୍ରୀ ମଧ୍ୟରେ ଲ୍ୟାଣ୍ଡିଂ ପ୍ଲାଟ୍‌ଫର୍ମ ଡକ୍ (ଏଲ୍‌ପିଡି), ୩୦ଏମ୍‌ଏମ୍ ନାଭାଲ ସର୍ଫେସ୍ ଗନ୍, ଅତ୍ୟାଧୁନିକ ହାଲୁକା ଟର୍ପେଡୋ, ଇଲେକ୍ଟ୍ରୋ ଅପ୍ଟିକାଲ ଇନ୍‌ଫ୍ରା-ରେଡ୍ ସର୍ଚ୍ଚ ଆଣ୍ଡ ଟ୍ରାକ୍ ସିଷ୍ଟମ୍ ଏବଂ ୭୬ଏମ୍‌ଏମ୍ ସୁପର ରାପିଡ୍ ଗନ୍ ମାଉଣ୍ଟ ପାଇଁ ଗୋଳାବାରୁଦ।



କିଭ୍‌ରେ ରୁଷୀୟ ସୈନ୍ୟଙ୍କ ଡ୍ରୋନ୍ ଓ ମିଶାଇଲ ଆକ୍ରମଣରେ ବିଧ୍ୱସ୍ତ ଏକ ଆବାସିକ କୋଠା ନିକଟରେ ପୋଷା କୁକୁରକୁ ଧରି ମନଦୁଃଖ କରି ବସିଛନ୍ତି ଜଣେ ୟୁକ୍ରେନୀୟ ମହିଳା। (ଫଟୋ ସୌଜନ୍ୟ: ରଏଟର୍ସ)

# ଦିଲ୍ଲୀରେ ଏନ୍‌କାଉଣ୍ଟର

## ବିହାରର ୪ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଦିଲ୍ଲୀ ଏବଂ ବିହାର ପୋଲିସ୍‌ର ମିଳିତ ଟିମ୍‌ର ଏନ୍‌କାଉଣ୍ଟରରେ ବିହାରର ୪ ଜଣ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ ହୋଇଛନ୍ତି। ସିଗ୍‌ମା ଗ୍ୟାଙ୍ଗ୍‌ର ଏହି ଗ୍ୟାଙ୍ଗଷ୍ଟରମାନେ ବଟି ଆଦାୟ, ହତ୍ୟା ଆଦି ବହୁ ମାମଲାରେ ସମ୍ପୃକ୍ତ ଥିଲେ। ଦିଲ୍ଲୀର ରୋହିଣୀ ଅଞ୍ଚଳରେ ବୁଧବାର ରାତି ପ୍ରାୟ ୨ଟା ୨୦ ମିନିଟ୍ ସମୟରେ ଏହି ଏନ୍‌କାଉଣ୍ଟର ଘଟିଛି। ମୃତକମାନେ ହେଲେ ରଞ୍ଜନ ପାଠକ(୨୫), ବିମଳେଶ ମାହତୋ ଓରଫ୍ ବିମଳେଶ ସାହନି(୨୫), ମନୀଷ ମାଠକ(୩୩) ଏବଂ ଅମନ୍ ଠାକୁର(୨୧)। ସମସ୍ତଙ୍କ ଘର ସୀତାମାଢ଼ି ଜିଲାରେ ବୋଲି ପୋଲିସ ଯୁଗ୍ମ କମିଶନର (ଅପରାଧ) ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ରଞ୍ଜନ ପାଠକ ଗ୍ୟାଙ୍ଗ୍‌ର କିଙ୍ଗପିନ୍ ହୋଇଥିବାବେଳେ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ୮ଟି ଅପରାଧ ମାମଲାରେ ପୋଲିସ ତାଙ୍କୁ ଖୋଜୁଥିଲା। ଦୁର୍ଦ୍ଧର୍ଷ ଅପରାଧୀ ରଞ୍ଜନ ଗତ ୩ ମାସରେ ୪ଟି ବଟି ଆଦାୟ ତଥା ହତ୍ୟା ସମେତ ୫ଟି ମାମଲାରେ ସମ୍ପୃକ୍ତ ଥିଲେ। ବିହାର ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଗତ ୧୩ ତାରିଖରେ ରଞ୍ଜନ ଜଣେ ବ୍ୟକ୍ତିଙ୍କୁ ବଟି ମାଗିବା ସହ ହତ୍ୟା ଧମକ ଦେଇଥିଲେ। ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନେ ମଧ୍ୟ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ। ଦିଲ୍ଲୀରେ ନିକଟ ଅତୀତରେ ଏହା ସବୁଠୁ ବଡ଼ ଏନ୍‌କାଉଣ୍ଟର ବୋଲି କୁହାଯାଉଛି। ଅପରାଧୀମାନେ ୨୫ରୁ ୩୦ ରାଉଣ୍ଡ ଗୁଳି ଚଳାଇଥିବାବେଳେ ପୋଲିସ ୧୫ରୁ ୨୦ ରାଉଣ୍ଡ ଗୁଳିମାଡ଼ କରିଥିଲା। ଗ୍ୟାଙ୍ଗଷ୍ଟରମାନେ କିଛିଦିନ ହେଲା ରୋହିଣୀ ଅଞ୍ଚଳରେ ରହୁଥିବା ଖବର ପାଇ ପୋଲିସର ମିଳିତ ଟିମ୍ ସେମାନଙ୍କୁ ଠାବ କରିବା ଲାଗି ଅଭିଯାନ ଚଳାଇଥିଲା। ସେମାନେ ଏକ କାର୍‌ରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅନୁସରଣ କରିଥିଲା। ଗ୍ୟାଙ୍ଗଷ୍ଟରମାନେ ଗୁଳି ଚଳାଇବାରୁ ପୋଲିସ ଏହାର ଜବାବ ଦେଇଥିଲା। ଗୁଳିମାଡ଼ରେ ଆହତ ୪ ଗ୍ୟାଙ୍ଗଷ୍ଟରଙ୍କୁ ରୋହିଣୀସ୍ଥିତ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କଠାରୁ ୫ ପିସ୍ତଲ ଜବତ ହୋଇଛି।

# ଆମେରିକା ପରରାଷ୍ଟ୍ର ସହକାରୀ ସଚିବ ହେଲେ ପୌଲ୍ କପୁର



ୱାଶିଂଟନ,୨୩।୧୦

ଭାରତୀୟ ବଂଶୋଦ୍ଭବ ଏସ୍. ପୌଲ୍ କପୁର ଆମେରିକାର ପରବର୍ତ୍ତୀ ପରରାଷ୍ଟ୍ର ସହକାରୀ ସଚିବ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସେ ଦକ୍ଷିଣ ଏବଂ କେନ୍ଦ୍ରୀୟ ଏସିଆ ଦାୟିତ୍ୱରେ ରହିବେ। ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ସହ ସମ୍ପର୍କ ନିଭାଇବାରେ ସେ ଆମେରିକାର ପ୍ରମୁଖ କୂଟନୈତିକ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଆମେରିକା ସିନେଟ୍ ଚଳିତ ମାସ ଆରମ୍ଭରେ କପୁରଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଥିଲା। କପୁରଙ୍କ ବାପା ଭାରତୀୟ ହୋଇଥିବାବେଳେ ମାଆ ଆମେରିକୀୟ। ସେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ଓ ଆମେରିକାର ଶିକାଗୋ ୟୁନିଭର୍ସିଟିରୁ ପିଏଚ୍.ଡି କରିଥିଲେ। ୨୦୨୨ରେ ପାକିସ୍ତାନକୁ ଏଫ୍-୧୬ ଲଢ଼ୁଆ ବିମାନ କ୍ରୟ ପାଇଁ ୪୫୦ ନିୟୁତ ଡଲାର ମଞ୍ଜୁରୀ ନେଇ ଜୋ ବାଇଡେନ୍ ପ୍ରଶାସନର ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ।

# ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା

ପାଟନା/ନୂଆଦିଲ୍ଲୀ,୨୩।୧୦

**ବିହାର ନିର୍ବାଚନ**

**ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ**

**ବିକାଶ ବନାମ ବିନାଶର ଲଢ଼େଇ: ନଡ୍ଡା**

ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ। ମହାମେଣ୍ଟ ପକ୍ଷରୁ ଗୁରୁବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ଏହି ଘୋଷଣା ସହ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।

ପାଟନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନାମ ଘୋଷଣା କରିଛନ୍ତି। ବିରୋଧୀ ମହାମେଣ୍ଟ କ୍ଷମତାକୁ ଆସିଲେ ବିକାଶଶୀଳ ଇନ୍‌ଶାନ ପାର୍ଟି (ଭିଆଇପି) ମୁଖ୍ୟ ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଗେହଲଟ୍ ସୂଚନା ଦେଇଛନ୍ତି। ତେବେ ମିଳିତ ଖବରଦାତା ସମ୍ମିଳନୀରେ ଲଗାଯାଇଥିବା ବ୍ୟାନରରେ ଇଣ୍ଡିଆ ବ୍ଲକ୍‌ର ଶୀର୍ଷ ନେତାମାନଙ୍କ ଫଟୋ ନ ରହିବା ନେଇ ବିବାଦ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବା ବ୍ୟାନରରେ କେବଳ ତେଜସ୍ୱୀଙ୍କ ଏକ ବଡ଼ ଫଟୋ ରହିଛି, ଯାହାକୁ ନେଇ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଓ ମୁକେଶଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଗେହଲଟ୍, ସିପିଆଇ-ଏମ୍‌ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ



ପାଟନାରେ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଯାଦବଙ୍କ ସହ ଅଶୋକ ଗେହଲଟ୍।

ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗେହଲଟ୍ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ, ତୁମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ? ଏନ୍‌ଡିଏ ବିହାରରେ ପ୍ରାୟ ୨ ଦଶନ୍ଧି ଧରି କ୍ଷମତାରେ ରହିଛି। କିନ୍ତୁ ଶାସକ ମେଣ୍ଟ ପୁଣି ସରକାର ଗଢ଼ିଲେ ଏହାର ମଙ୍ଗ କିଏ ଧରିବ ତାକୁ ନେଇ ପ୍ରଥମ ଥର ପାଇଁ ସେମାନେ ଅନିଶ୍ଚିତତା ଭିତରେ ରହିଛନ୍ତି।

ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ପାଟନାର ହୋଟେଲ ମୌର୍ଯ୍ୟରେ ତେଜସ୍ୱୀଙ୍କ ନାମ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଘୋଷଣା କରାଯିବାକୁ ସ୍ଥିର ହୋଇଥିଲା। ଶେଷ ମୁହୂର୍ତ୍ତରେ ମୁକେଶ କହିଥିଲେ, ମୋତେ ଉପମୁଖ୍ୟମନ୍ତ୍ରୀ କରାଅ। ସୂତ୍ରରୁ ଜଣାପଡ଼ିଛି ଯେ, ଭିଆଇପିକୁ ସମ୍ମାନଜନକ ସ୍ଥାନ ନ ମିଳିଲେ ମହାମେଣ୍ଟରେ ମୁକେଶ ସାମିଲ ହେବେ ନାହିଁ ବୋଲି ଅଡ଼ିବସିଥିଲେ। ତାଙ୍କ ଦଳକୁ ସମର୍ଥନ କରୁଥିବା ମାଲ୍ଲାହ ସମ୍ପ୍ରଦାୟର ଭୋଟର ବିହାର ସାରା ରହିଥିବାରୁ ସେ ମୂଲଚାଲ କରି ଉପମୁଖ୍ୟମନ୍ତ୍ରୀ ଆଶାୟୀ କରାଇବା ପାଇଁ ମହାମେଣ୍ଟକୁ ଏକପ୍ରକାର ବାଧ କରିଥିଲେ।

ଇତିମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଔରଙ୍ଗାବାଦ ଓ ହାଜିପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ବିହାରରେ ବିକାଶ ଓ ବିନାଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। କଂଗ୍ରେସ ଏକ ପରଜୀବୀ ଦଳ ହୋଇଥିବାରୁ ଆର୍‌ଜେଡି ଭଳି ଜୁନିୟର ପାର୍ଟିକୁ ସୁଯୋଗ ଦେଉଛି ବୋଲି ନଡ୍ଡା କହିଛନ୍ତି। ସେହିପରି ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି, ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ବିହାରକୁ ତାଙ୍କ ବାପା ଲାଲୁ ଯାଦବଙ୍କ ଅମଳର ଜଙ୍ଗଲରାଜ ପୁଣି ଫେରିବ।

# ମା'ବାପା ସମ୍ପତ୍ତି ବିକିଥିଲେ ସାବାଳକ ହେବା ପରେ ରଦ୍ଦ କରିପାରିବେ ପିଲା

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ପିଲା ନାବାଳକ ଥିବାବେଳେ ତାଙ୍କ ସହ ସମ୍ପୃକ୍ତ ସମ୍ପତ୍ତିକୁ କୋର୍ଟଙ୍କ ଅନୁମୋଦନ ବିନା ମା'ବାପା ବିକ୍ରି କରିଥିଲେ, ସେ ସାବାଳକ ହେବା ପରେ ଏହାକୁ ରଦ୍ଦ କରିପାରିବେ। ଏଥିପାଇଁ ଆନୁଷ୍ଠାନିକ ମକଦ୍ଦମା ଦାଏର କରିବା ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗତ ୭ ତାରିଖରେ କେ.ଏସ୍. ଶିବାପ୍ପା ବନାମ୍ ଶ୍ରୀମତୀ କେ. ନୀଲମ୍ମା ମାମଲା ଉପରେ ଉପରୋକ୍ତ ରାୟ ପ୍ରଦାନ କରିବା ଅବସରରେ ସର୍ବୋଚ୍ଚ ଅଦାଲତ କହିଥିଲେ, ନାବାଳକ ସାବାଳକତ୍ୱ ପ୍ରାପ୍ତ ହେବା ପରେ ପୂର୍ବରୁ ହୋଇଥିବା ସମ୍ପତ୍ତି କାରବାରକୁ ସ୍ପଷ୍ଟ ଭାବେ ଅସ୍ୱୀକାର କରିପାରିବେ। ସେମାନେ ଉକ୍ତ ସମ୍ପତ୍ତିକୁ ସ୍ୱାଧୀନ ଭାବେ ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ ବୋଲି ଜଷ୍ଟିସ୍ ପଙ୍କଜ ମିଥାଲ ଏବଂ ପ୍ରସନ୍ନ ବି ଭରାଲେ କହିଛନ୍ତି। ନାବାଳକଙ୍କ ମା'ବାପା ବା ଅଭିଭାବକ ରଦ୍ଦ ହେବାଯୋଗ୍ୟ କୌଣସି କାରବାର କରିଥିଲେ, ସମ୍ପୃକ୍ତ ପିଲାଙ୍କୁ ୧୮ ବର୍ଷ ହେବା ପରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଉକ୍ତ କାରବାରକୁ ରଦ୍ଦ କରାଇପାରିବେ କିମ୍ବା ନିଜର ସ୍ପଷ୍ଟ ଆଚରଣ ଦ୍ୱାରା ତାହାକୁ ଅସ୍ୱୀକାର କରିପାରିବେ ବୋଲି ରାୟରେ କୁହାଯାଇଛି।

# ଆସିଆନ୍ ସମିଟ୍‌ରେ ଭର୍ଚୁଆଲି ଯୋଗଦେବେ ମୋଦି

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବାର୍ଷିକ ଆସିଆନ୍ ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଲେସିଆ ଯିବେନାହିଁ। ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍‌ଙ୍କ ସହ ଫୋନ୍ ବାର୍ତ୍ତାଳାପ ପରେ ମୋଦି ଭର୍ଚୁଆଲି ଉକ୍ତ ବୈଠକରେ ଯୋଗଦେବେ ବୋଲି କହିଛନ୍ତି। ଆସନ୍ତା ୨୬ରେ କୁଆଲାଲୁମ୍ପୁରରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ପୂର୍ବ ଏସୀୟ ସମିଟ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରିବେ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଦକ୍ଷିଣପୂର୍ବ ଏସୀୟ ଦେଶ ସମୂହ(ଆସିଆନ୍) ଉକ୍ତ ଅଞ୍ଚଳରେ ଏକ ପ୍ରଭାବଶାଳୀ ରାଷ୍ଟ୍ରଗୋଷ୍ଠୀ। ଭାରତ ସମେତ ଆମେରିକା, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଦେଶ ଏହାର ଡାଇଲଗ୍ ପାର୍ଟନର ଅଛନ୍ତି। ସେହିପରି ପୂର୍ବଏସୀୟ ସମିଟ୍‌ରେ ଭାରତ, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଓ ରୁଷିଆ ରହିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ସେ ବୁଧବାର ରାତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଥିଲେ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ନେଇ ଆଲୋଚନା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସାମ୍ନାସାମ୍ନି ହୋଇ ଅଡୁଆରେ ପଡ଼ିବାକୁ ଚାହୁଁ ନ ଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆସିଆନ୍ ସମିଟ୍‌ରେ ଯୋଗଦେବାକୁ ଯାଉନାହାନ୍ତି ବୋଲି କଂଗ୍ରେସ କହିଛି। ସୋସିଆଲ ମିଡିଆରେ ଟ୍ରମ୍ପ୍‌ଙ୍କୁ ପ୍ରଶଂସା କରି ବାର୍ତ୍ତା ପୋଷ୍ଟ କରିବା ଅଲଗା କଥା ଏବଂ ଅପରେଶନ ସିନ୍ଦୂରକୁ ବନ୍ଦ କରାଇଥିବା ନେଇ ୫୩ ଥର ଦାବି କରିଥିବା ଏବଂ ରୁଷିଆରୁ ଭାରତ ତୈଳ କିଣା ବନ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ୫ ଥର କହିଥିବା ଟ୍ରମ୍ପ୍‌ଙ୍କୁ ସିଧାସଳଖ ଭେଟିବା ଅଲଗା କଥା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

# ହିମାଳୟରେ ହିମହ୍ରଦ: ୧୪ ବର୍ଷରେ ୯% ବିସ୍ତାରିତ

ନୂଆଦିଲ୍ଲୀ, ୨୩।୧୦

ଗତ ୧୪ ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ହିମାଳୟ ଅଞ୍ଚଳର ହିମହ୍ରଦ ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକ ୯.୨୪% ବିସ୍ତାରିତ ହୋଇଛି। ଗୁରୁବାର କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ଜାରି ଏକ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ହିମାଳୟ ଅଞ୍ଚଳରେ ଥିବା ହିମହ୍ରଦ ଏବଂ ଜଳାଶୟଗୁଡ଼ିକର ମୋଟ କ୍ଷେତ୍ରଫଳ ୨୦୧୧ରେ ୫.୩୦ ଲକ୍ଷ ହେକ୍ଟର ଥିବାବେଳେ ୨୦୨୫ରେ ଏହା ବୃଦ୍ଧିପାଇ ୫.୭୯ ଲକ୍ଷ ହେକ୍ଟରରେ



ପହଞ୍ଚିଛି। ଗତ ୧୪ ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳରେ ୧,୪୩୫ଟି ହିମହ୍ରଦ ଏବଂ ଜଳାଶୟର କ୍ଷେତ୍ରଫଳ ବୃଦ୍ଧି ପାଇଥିବା ବେଳେ ୧,୦୦୮ଟିର ହ୍ରାସ ପାଇଛି। ଗୁଗଲ ଆର୍ଥ ଇଞ୍ଜିନ ମାଧ୍ୟମରେ ଉଚ୍ଚ ରିଜୋଲ୍ୟୁଶନ ସେଣ୍ଟିନଲ ସାଟେଲାଇଟ ଦ୍ୱାରା ଏହି ତଥ୍ୟ ହସ୍ତଗତ ହୋଇଥିବା ନେଇ ସିଡବ୍ଲ୍ୟୁସି ନିଜ ରିପୋର୍ଟରେ ଦର୍ଶାଇଛି। ଭାରତରେ ଥିବା ୪୨୮ଟି ହିମହ୍ରଦ ବିସ୍ତାରିତ ହୋଇଥିବା ବେଳେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଏହାର ସଘନ ତଦାରଖ ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି। ଲଦାଖରେ ଥିବା ୧୩୩, ଜମ୍ମୁ-କଶ୍ମୀରର ୫୦, ହିମାଚଳ ପ୍ରଦେଶର ୧୩, ଉତ୍ତରାଖଣ୍ଡର ୭, ସିକିମର ୪୪ ଏବଂ ଅରୁଣାଚଳ ପ୍ରଦେଶରେ ଥିବା ୧୮୧ଟି ହିମହ୍ରଦ ବିସ୍ତାରିତ ହୋଇଛି।

**ଫୁର୍‌ସତ**

# ସବୁଠୁ ମହଙ୍ଗା କୃତ୍ରିମ ଆଖି

**ଖଞ୍ଜିଛନ୍ତି ୨ କ୍ୟାରେଟ୍‌ର ହୀରା**

**ୱାଶିଂଟନ୍:** ଆମେରିକାର ଆଲବାମାରେ ରହୁଥିବା ଅଳଙ୍କାର ବ୍ୟବସାୟୀ ସ୍ଲେଟର୍ ଜୋନ୍ସଙ୍କ ନିକଟରେ ବିଶ୍ୱର ସବୁଠାରୁ ମହଙ୍ଗା କୃତ୍ରିମ ଆଖି ରହିଛି। ସେ ତାଙ୍କ କୃତ୍ରିମ ଆଖିରେ ଏକ ୨ କ୍ୟାରେଟ୍‌ର ହୀରା ଖଞ୍ଜିଛନ୍ତି। ଜୋନ୍ସ ଏକ ଭୟଙ୍କର ରୋଗରେ ପୀଡ଼ିତ ହୋଇଥିଲେ, ଯେଉଁଥିରେ ସେ ତାଙ୍କର ଡାହାଣ ଆଖି ହରାଇଥିଲେ। ଏହାପରେ ସେ କୃତ୍ରିମ ଆଖି ପ୍ରତିରୋପଣ କରିବା ପାଇଁ ଚକ୍ଷୁ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ନିକଟରେ ପହଞ୍ଚିଥିଲେ। ଜଣେ ଅଳଙ୍କାର ଡିଜାଇନର ଭାବେ ତାଙ୍କ ପରିଚୟକୁ ପ୍ରତିଫଳିତ କରିପାରୁଥିବା ଏକ କୃତ୍ରିମ ଆଖି ପ୍ରତିରୋପଣ ପାଇଁ ଜୋନ୍ସ ଚାହୁଁଥିଲେ। ତେଣୁ ସେ ତାଙ୍କ ନୂତନ ଆଖିରେ ଏକ ହୀରା ଖଞ୍ଜିବାକୁ ଲିମ୍‌ଙ୍କୁ ଅନୁରୋଧ କରିଥିଲେ। ଏପରି ହେଲେ ଏହି କୃତ୍ରିମ ଆଖି ସହ ସେ ଖୁବ୍ ସହଜରେ ନିଜ ବ୍ୟବସାୟର ପ୍ରଚାର





ପ୍ରସାର ମଧ୍ୟ କରିପାରିବେ ବୋଲି ଜୋନ୍ସ ଲିମ୍‌ଙ୍କୁ କହିଥିଲେ। ଉକ୍ତ କୃତ୍ରିମ ଆଖିର କେନ୍ଦ୍ରରେ ଏକ ୨ କ୍ୟାରେଟ୍‌ର ହୀରା ଖଞ୍ଜିବାକୁ ସେ ଲିମ୍‌ଙ୍କୁ ଅର୍ଡର ଦେଇଥିଲେ।

ଉକ୍ତ କୃତ୍ରିମ ଆଖିକୁ ଲଗାଇବା ପରେ ଜୋନ୍ସ ଲୋକପ୍ରିୟ ହେବାରେ ଲାଗିଛନ୍ତି। ତାଙ୍କ ଆଖିରେ ଯେତେବେଳେ ଆଲୋକ ପଡ଼ିଥାଏ, ସେତେବେଳେ ହୀରା ଯୋଗୁ ତାହା ଚମକିବା ସହ ଝଲସିଥାଏ। ଆଖିରେ ଥିବା ଏହି ହୀରା ଯୋଗୁ ଜୋନ୍ସ ଯେଉଁଠାକୁ ବି ଯାଆନ୍ତି, ସେଠାରେ ଚର୍ଚ୍ଚିତ ହୋଇଯାଆନ୍ତି। ନିଜର ଏହି ଅନନ୍ୟ କୃତ୍ରିମ ଆଖି ସମ୍ପର୍କରେ ଜୋନ୍ସ କହିଛନ୍ତି, ସେ ତାଙ୍କ ପ୍ରକୃତ ଆଖି ହରାଇଥିଲେ ମଧ୍ୟ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂତନ ଆଲୋକ ଆଣିଦେଇଛି। ଚକ୍ଷୁବିଶେଷଜ୍ଞ ଲିମ୍ କହିଛନ୍ତି, ସେ ୬ ସପ୍ତାହର ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ବୃଦ୍ଧଙ୍କ ପାଇଁ ପ୍ରାୟ ୧୦,୦୦୦ କୃତ୍ରିମ ଆଖି ଡିଜାଇନ୍ କରିଛନ୍ତି। ତେବେ ଜୋନ୍ସଙ୍କ ପାଇଁ ଡିଜାଇନ୍ କରିଥିବା କୃତ୍ରିମ ଆଖି ସବୁଠାରୁ ମହଙ୍ଗା ଏବଂ ଅନନ୍ୟ ବୋଲି ସେ କହିଛନ୍ତି। କିଛି ମାସ ତଳେ ଜୋନ୍ସଙ୍କଠାରେ ଏହି କୃତ୍ରିମ ଆଖି ପ୍ରତିରୋପଣ କରାଯାଇଥିଲେ ମଧ୍ୟ ସେ ଏହାକୁ ସାର୍ବଜନୀନ କରି ନ ଥିଲେ। ତେବେ ନିକଟରେ ଜୋନ୍ସ ନିଜର ଏହି ଅନନ୍ୟ ହୀରା ଥିବା କୃତ୍ରିମ ଆଖିର ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ସମ୍ପ୍ରତି ଭାଇରାଲ ହେବାରେ ଲାଗିଛି। ଜୋନ୍ସଙ୍କ ଏପରି କ୍ରିଏଟିଭିଟିକୁ ଅନେକ ୟୁଜର୍ସ ପସନ୍ଦ କରିଛନ୍ତି।

# ଡିସେମ୍ବର ୧୨ରେ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'



କପିଲ ଶର୍ମା

**ମୁମ୍ବାଇ:** ଆସନ୍ତା ଡିସେମ୍ବର ୧୨ରେ ହାସ୍ୟ ଅଭିନେତା କପିଲ ଶର୍ମାଙ୍କର ପରବର୍ତ୍ତୀ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ରିଲିଜ୍ ହେବ। କପିଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଗୁରୁବାର 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଫିଲ୍ମର ଏକ ମୋଶନ ପୋଷ୍ଟର ଶେୟାର କରି ଏହି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରରେ ଫିଲ୍ମର ସମସ୍ତ କଳାକାରଙ୍କୁ ଦେଖିବାକୁ ମିଳିଥିଲା। କ୍ୟାପ୍‌ଶନ୍‌ରେ କପିଲ ଲେଖିଛନ୍ତି, ଆସନ୍ତା ଡିସେମ୍ବର ୧୨ରୁ ୨ ଗୁଣା ଦ୍ୱନ୍ଦ୍ୱ ଏବଂ ୪ ଗୁଣା ମସ୍ତି ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ। ରିଲିଜ୍ ଡେଟ୍ ସାମ୍ନାକୁ ଆସିବା ପରେ ଏହି ଫିଲ୍ମକୁ ନେଇ କପିଲଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଅନୁକଳ୍ପ ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ହେଉଛନ୍ତି ରତନ ଜୈନ ଏବଂ ଗଣେଶ ଜୈନ। ଫିଲ୍ମରେ ଅଭିନେତ୍ରୀ ତୃପ୍ତି ଡିମ୍ରୀ ଓ ନୀତାଂଶୀ ଗୋୟଲଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ୨୦୧୫ରେ ରିଲିଜ୍ ହୋଇଥିବା ଫିଲ୍ମର ପ୍ରଥମ ଭାଗ 'କିସ୍ କିସ୍ କୋ ପ୍ୟାର୍ କରୁଁ'କୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଉକ୍ତ ଫିଲ୍ମ ସହ କପିଲ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।




# ଆମେ ଦେଶର ଆଇନଗତ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଆସୁଛୁ: ଜିନ୍ଦଲ ଷ୍ଟିଲ୍

**ଭୁବନେଶ୍ୱର,୨୩।୧୦**

ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍‌ଲାଇନ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜିନ୍ଦଲ ଷ୍ଟିଲ୍ ରୋଇଡା-୧ ଆଇରନ ଓର୍ ବ୍ଲକ୍‌ର ଲିଜ୍ ହାସଲ କରିଥିଲା। ଏମ୍ଏମ୍‌ଡିଆର୍ ନିୟମ ଅନୁସାରେ ପୂର୍ବତନ ଲିଜ୍‌ଧାରୀ ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଥିବା ସମସ୍ତ ଅଧିକାର, ମଞ୍ଜୁରୀ ଓ ବୈଧାନିକ ଅନୁମତି ଆଇନତଃ ଜିନ୍ଦଲ ଷ୍ଟିଲ୍‌କୁ ସ୍ଥାନାନ୍ତର ହେବା ସହ ମାଇନିଂ ଲିଜ୍ ଚୁକ୍ତି ହେବା ତାରିଖରୁ ଏମ୍‌ଡିପିଏ ଲକ୍ଷ୍ୟ ହାସଲ କରିବା ପାଇଁ ନିରବଚ୍ଛିନ୍ନ ମାଇନିଂ କାର୍ଯ୍ୟ ଜାରି ରଖିବା ନିମନ୍ତେ ଅନୁମତି ଜିନ୍ଦଲ ଷ୍ଟିଲ୍ ଯୋଗ୍ୟତା ହାସଲ କରିଥିଲା।

ପୂର୍ବ ଲିଜ୍‌ଧାରୀଙ୍କୁ ମିଳିଥିବା ଅନୁମତି ଭଳି ନିୟମାବଳୀ ଅନୁପାଳନର ଏକ ଅଂଶ ଭାବେ ବନ ବିଭାଗ ଜିନ୍ଦଲ ଷ୍ଟିଲକୁ ମଧ୍ୟ ଖଣିଜ ପରିବହନ ପାଇଁ କାର୍ଯ୍ୟ ଅନୁମତି ପ୍ରଦାନ କରିଛି। ବନ ବିଭାଗର କାର୍ଯ୍ୟ ଅନୁମତି ଆଧାରରେ ପୂର୍ବ ଲିଜ୍‌ଧାରୀ ଖଣିଜ ପରିବହନ ପାଇଁ ଯେଉଁ ରାସ୍ତା ବ୍ୟବହାର କରୁଥିଲେ, ସେହି ରାସ୍ତା ବ୍ୟବହାରକରି ଜିନ୍ଦଲ ଷ୍ଟିଲ୍ ଗତ ଦୁଇ ମାସ ଧରି ମାଇନିଂ କାର୍ଯ୍ୟ କରିଆସୁଛି।

ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଜିନ୍ଦଲ ଷ୍ଟିଲ ଉକ୍ତ ରାସ୍ତା ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କୁ ଜଙ୍ଗଲ ଜମି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁଥିରେ କ୍ଷତିପୂରକ ବନୀକରଣ ପ୍ରକ୍ରିୟା ମଧ୍ୟ ଅନ୍ତର୍ଭୁକ୍ତ।

ନିକଟରେ ଜିଲା ବନ ବିଭାଗ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଅନୁମତିକୁ ରଦ୍ଦ କରାଯିବା, ଆମ ପାଇଁ ଆକସ୍ମିକ ଏବଂ ଅପ୍ରତ୍ୟାଶିତ। ଏହାର ତୁରନ୍ତ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସ୍ଥାନୀୟ ବନ ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ସହ ଆଲୋଚନା ଜାରି ରହିଛି। ଏକ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ ସଂସ୍ଥା ଭାବେ କମ୍ପାନୀ ସର୍ବଦା ଆଇନର ଅନୁପାଳନ ପୂର୍ବକ କାର୍ଯ୍ୟ କରିଆସୁଛି ବୋଲି କମ୍ପାନୀର ମୁଖପାତ୍ର ସଞ୍ଜୟ ସାହୁ ଜଣାଇଛନ୍ତି।

# ଡିସେମ୍ବର ୬ରୁ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

- **ୟୁକେ, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀମାନେ ଯୋଗଦେବେ**
- **ସବୁ ରାଜ୍ୟର ଶକ୍ତିମନ୍ତ୍ରୀ ମଧ୍ୟ ଯୋଗଦେବେ**

**ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)**

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୬ ଓ ୭ ତାରିଖରେ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀର ଆୟୋଜନ ହେବ। ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରେଟେଜିକ୍ କାଉନସେଲର ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟ୍‌ଫର୍ମ ଯୋଗାଇଦେବ। ପରିବେଶ ସହ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ୨ ଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା, ଏମ୍‌ଡି ଗ୍ରୀଡ୍‌କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲସ୍ (ଆଭାସି) ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ଆକ୍ରମଣରେ ଯୁବକଙ୍କ ହାତ ଛିଣ୍ଡିଲା

**ବଇଣ୍ଡା, ୨୩।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲି ଗ୍ରାମ ନାଳକୁ ଗୁରୁବାର ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଯୁବକ ରଞ୍ଜିତ ପ୍ରଧାନ (୫୦) କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ରଞ୍ଜିତଙ୍କ ଗୋଟିଏ ହାତ ଅଧାରୁ ଛିଣ୍ଡିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରଞ୍ଜିତ ଛେଳି ଚରାଇବା ପାଇଁ ଯାଇଥିଲେ। ପରେ ଝାମ୍ପୁଲି ନାଳରେ ଶୌଚ ହେଉଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କ ବାମ ହାତକୁ କାମୁଡ଼ି ଧରିଥିଲା। ଫଳରେ ତାଙ୍କ ହାତ ଅଧାରୁ ଛିଣ୍ଡି ଯାଇଥିଲା। ନାଳ ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ବାମୁର ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତୁରନ୍ତ ରଞ୍ଜିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# କୋରାପୁଟ-କିରାଣ୍ଡୁଲ ରେଳ ଧାରଣାରେ ପଥର ଖସି ରେଳ ଚଳାଚଳ ବନ୍ଦ

**କୋରାପୁଟ,୨୩।୧୦ (ଅମିତାଭ ବେହେରା)**

କୋରାପୁଟ-କିରାଣ୍ଡୁଲ ରେଳଲାଇନ ମାଲିଗୁଡ଼ା ଷ୍ଟେଶନ ନିକଟ ରେଳ ଧାରଣାରେ ପାହାଡ଼ରୁ ପଥର ଧସି ରେଳ ଚଳାଚଳ ଗୁରୁବାର ଅପରାହ୍ନରେ ବନ୍ଦ ରହିଛି। କୋରାପୁଟ-ଜୟପୁର ରେଳପଥର ମାଲିଗୁଡା-ଜରଟି ଷ୍ଟେଶନ ମଧ୍ୟରେ ୨୧୦ କି.ମି. ନିକଟରେ ପାହାଡ଼ରୁ ପଥର ଧସିଥିଲା। କିରାଣ୍ଡୁଲ ଅଭିମୁଖେ ଯାଉଥିବା ୧ ଭିକେ ପାସେଞ୍ଜର ଟ୍ରେନ୍ ଜରଟି ଷ୍ଟେଶନରେ ଅଟକି ରହିଥିଲା। ସେହିପରି ଜଗଦଲପୁରରୁ କୋରାପୁଟ ଅଭିମୁଖେ ଆସୁଥିବା ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ମାଲିଗୁଡ଼ା ଷ୍ଟେଶନରେ ଅଟକିଥିଲା। କୋରାପୁଟ ଷ୍ଟେଶନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଳ ଧାରଣାରୁ ପଥର ଓ ମାଟି ସଫା କରିଥିଲେ। ଏହା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା କୋରାପୁଟ ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାରମ୍ବାର ଏହି ସ୍ଥାନରେ ପଥର ଧସି ଟ୍ରେନ୍ ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି।

# ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱ ବାଣ୍ଟିଲା ଭାଜପା

- **୮ ଜୋନ୍ ଦାୟିତ୍ୱରେ ରହିବେ ୮ ମନ୍ତ୍ରୀ**
- **ନିର୍ବାଚନ ପରିଚାଳନା ଦାୟିତ୍ୱରେ କନକ ବର୍ଦ୍ଧନ, ଜୟନାରାୟଣ**

**ଭୁବନେଶ୍ୱର, ୨୩।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ନିର୍ବାଚନ ପରିଚାଳନା କମିଟି ଦଳ ପକ୍ଷରୁ ଗଠନ କରାଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ରହିଛନ୍ତି। ଉପନିର୍ବାଚନ ନ ସରିବା ଯାଏଁ ଉଭୟେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ନୂଆପଡ଼ାରେ ରହି ସବୁ ଦାୟିତ୍ୱ ବୁଝିବେ ବୋଲି ଜଣାପଡ଼ିଛି। ନୂଆପଡ଼ା ଉପନିର୍ବାଚନର ସବୁ ଦାୟିତ୍ୱ ଏକ ପ୍ରକାର ରାଜ୍ୟ ସଭାପତି ନିଜେ ବୁଝୁଥିବା ବେଳେ ତାଙ୍କ ସହ ଦଳର ସବୁ ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି। ହେଲେ ନିର୍ବାଚନ ପରିଚାଳନା କମିଟିର ମୁଖ୍ୟ ହିସାବରେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ଉପନିର୍ବାଚନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ମଧ୍ୟ ବୁଝିବେ। ଏହାସହ କ୍ୟାମ୍ପେନ୍ କମିଟିରେ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ବସନ୍ତ ପଣ୍ଡା, ଏମ୍‌ପି ମାଳବିକା ଦେବୀ, ସୁଜିତ୍ କୁମାର, ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଖରିଆର ଏନ୍ଏସି ଅଧ୍ୟକ୍ଷ ସୋନାଲି ଜୈନ୍, ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ ଏବଂ ମୁକେଶ ମହାଲିଙ୍ଗ ରହିଛନ୍ତି। ଏ ହ । ସ ହ ଦଳ ପକ୍ଷରୁ ୮ଟି ଜୋନ୍ ଦାୟିତ୍ୱ ୮ ଜଣ ମନ୍ତ୍ରୀଙ୍କ ମଧ୍ୟ ବାଣ୍ଟିଦିଆଯାଇଛି। ବଞ୍ଜାରୀ ଜୋନ୍‌ର ଦାୟିତ୍ୱ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଦିଆଯାଇଛି। ସୁନାଦେଇ ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗଣେଶୀ ରାମ ସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଜୟଜଂଘା ଜୋନ୍ ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ଦାୟିତ୍ୱରେ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନୂଆପଡ଼ା ଏନ୍ଏସି ଦାୟିତ୍ୱରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଖରିଆର୍ ରୋଡ୍ ଏନ୍ଏସି ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି।




# ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଆଳୁଚାଷ ପାଇଁ ଯୋଜନା

**ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)**

ଚଳିତବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିରେ ଆଳୁଚାଷ କରିବା ପାଇଁ ଯୋଜନା କରିଛନ୍ତି। ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଅଭିଯାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକସେବା ଭବନଠାରେ ଗୁରୁବାର ଏହି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାକୁ ଆଳୁରେ ଆତ୍ମନିର୍ଭର କରିବା ଅଭିଯାନରେ ଚଳିତ ବର୍ଷ ଚାଷୀଙ୍କୁ ଆଗୁଆ ବିହନ ଯୋଗାଇଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ ପାଖାପାଖି ଆଳୁ ବିହନ ଆବଶ୍ୟକ ହୋଇଥାଏ। ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ଆଗୁଆ ବିଭାଗ ପକ୍ଷରୁ ତାହା ଯୋଗାଇଦିଆଯିବ। ରାଜ୍ୟର ସବୁ ଜିଲାକୁ ସେମାନଙ୍କ ଆବଶ୍ୟକ ଅନୁଯାୟୀ ବିହନ ପରିମାଣର ତଥ୍ୟ କୃଷି ବିଭାଗକୁ ପ୍ରେରଣ କରିବା ନିମନ୍ତେ କୁହାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ ଆଳୁ ବିହନ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ମୁତାବକ ବ୍ଲକ୍ ଅନୁଯାୟୀ ଏହାର ଯୋଗାଣ କରାଯିବ। ଏହାବ୍ୟତୀତ ପ୍ରାୟ ୬ ହଜାର ହେକ୍ଟର ଜମିରେ ୬୦୦ କୁଇଣ୍ଟାଲ ପିଆଜ ଚାଷ, ୧୦୦୦ ହେକ୍ଟର ଜମିରେ ୧୦୦ କୁଇଣ୍ଟାଲ ଲଙ୍କା, ୩୦୦ ହେକ୍ଟର ଜମିରେ ୭୫୦୦ କୁଇଣ୍ଟାଲ ରସୁଣ ବିହନ ଚାଷ ପାଇଁ ଯୋଜନା ରହିଛି। ଯେଉଁଠି ବି ଅଧିକା ବିହନ ଆବଶ୍ୟକ କିମ୍ବା ଅଭାବ ଦେଖାଦେବ କୃଷି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନମ୍ବର ୧୫୫୩୩୩ରେ ଯୋଗାଯୋଗ କିମ୍ବା ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ନାଗାର୍ଜ୍ଜୁନ ବେଶ ପ୍ରଦର୍ଶନ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟିମ୍ ଟାଲି ପକ୍ଷରୁ ଟାକ୍ସ ଆଣ୍ଡ ଆକାଉଣ୍ଟିଂ ଟାଇଟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ମେଫେୟାର୍ କନ୍‌ଭେନ୍‌ଶନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାରର ବେକାରୀ ମୁକ୍ତ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ସଂଘ ସଭାଗୃହ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ସୂଚନା ମନ୍ତ୍ରାଳୟ ଅଧିନ ଭୁବନେଶ୍ୱର ପ୍ରେସ୍ ଇନ୍‌ଫର୍‌ମେଶନ ବ୍ୟୁରୋ ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା, ସ୍ଥାନ: ଆନେକ୍ସ-୨ ପ୍ରେକ୍ଷାଳୟ, କଟକ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାବିତ୍ ବୀଣାପାଣି ଜେନାଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: ପ୍ରଫେସରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ପୁରୀ**
- ଉଗ୍ରତାରା ବ୍ୟବସାୟୀ ମହାସଂଘ ପକ୍ଷରୁ ଆୟୋଜିତ କାଳୀପୂଜା ଉପଲକ୍ଷେ ବସ୍ତ୍ର ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ବାଡ଼ ସାହି, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ସାଇବର ନିରାପତ୍ତା ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପର୍ବାହ୍ନ ୧୧ଟା।
- ଭାଲିଆବାଡ଼ି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭାଲିଆବାଡ଼ି ଖେଳପଡ଼ିଆ, ସମୟ: ପର୍ବାହ୍ନ ୧୧ଟା।

**ବାଲେଶ୍ୱର**
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସଦାଶିବ ହାଇସ୍କୁଲ, ଲକ୍ଷ୍ମଣନାଥ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ଜନସମାବେଶ, ସ୍ଥାନ: ଶାଳବନ୍ଧ ପଡ଼ିଆ, ନୀଳଗିରି, ସମୟ: ଅପରାହ୍ନ ୪ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ପଞ୍ଚମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ମ୍ୟାଜିକ ଶୋ' ଏବଂ ରେକର୍ଡ ଡ୍ୟାନ୍ସ, ସ୍ଥାନ: ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗଣ୍ଡିବେଡ, ଖଇରା, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୪ର୍ଥ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ତପନେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ତପନେଶ୍ୱର ନୋଡାଲ ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଧାମନଗର ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ଅଡାଳପଙ୍କ କାଳୀପୂଜା ମଣ୍ଡପ, ବନ୍ତ, ସମୟ: ରାତି ୮ଟା।

**କେନ୍ଦୁଝର**
- ଜିଲାସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଏସ୍ ପୋଲିସ ହାଇସ୍କୁଲ, କେନ୍ଦୁଝର, ସମୟ: ସକାଳ ୯ଟା।
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖର କପ୍ ଫୁଟବଲ ମହାକୁମ୍ଭ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- କାଳୀପୂଜା ଉପଲକ୍ଷେ ପାଟଣା ବଣିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ହାଟ ତୋଟା, ସମୟ: ସନ୍ଧ୍ୟା ୭ଟା।
- ଧିଙ୍ଗିଆନ ମହୋତ୍ସବ, ସ୍ଥାନ: କୁଣ୍ଡଳା ଧିଙ୍ଗିଆନ ପେଣ୍ଡାଲ, ସାହାରପଡ଼ା, ସମୟ: ରାତି ୮ଟା।

**ମୟୂରଭଞ୍ଜ**
- ପଶୁଦା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି-୨୦୨୫, ସ୍ଥାନ:ସରକାରୀ କିଷାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନ ବେଲାକୁଟି, ଗୋପବନ୍ଧୁ ନଗର ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାନ୍ତିଆମୁହାଁ କ୍ଲଷ୍ଟର, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ:ଉଦଳା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସ,ସ୍ଥାନ:ନିଚୁଆପଦା, ମୋରଡ଼ା,ସମୟ:ଅପରାହ୍ନ ୩ଟା।
- ଗୋରୁ ଖୁଣ୍ଟା କାର୍ଯ୍ୟକ୍ରମ, ସ୍ଥାନ: ହଳଦୀପାଳ ସମାଇଡ଼ିହି, ମୋରଡ଼ା, ସମୟ:ଅପରାହ୍ନ ୪ଟା।

**ଗଞ୍ଜାମ**
- ଶ୍ରୀ ମଦଭାଗବତ ପାରାୟଣର ଶୁଭଅଧିବାସ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସକାଳ ୭ ଟା।
- ରାଜନୀତି ବିଜ୍ଞାନ ବିଭାଗର ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

**ଗଜପତି**
- ସର୍ଦ୍ଦାର ବଲ୍ଲଭ ଭାଇପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ସକାଳ ୮ଟା ୪୫।

**ଅନୁଗୋଳ**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଗଡ଼ିଆ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀପୂଜା ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ଜରାସିଙ୍ଗା, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଅନୁଗୋଳ ପୌରପରିଷଦ ଟାଉନ ହଲ୍, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ଓ କୁଜଙ୍ଗ ବ୍ଲକ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବନବିହାରୀ ହାଇସ୍କୁଲ, କୁଜଙ୍ଗ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ଓ ମତ୍ସ୍ୟଜୀବୀଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମତ୍ସ୍ୟ ଅବତରଣ କେନ୍ଦ୍ର, ଜମ୍ବୁ, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ମା' ଶ୍ୟାମାକାଳୀଙ୍କ ପୂଜାସୋବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତଣ୍ଡିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡା, ନୂଆପଡା, ଖରିଷଣ, ସଟଲା, ମଇଁଦପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଯାଜପୁର ସହରରେ କାଳୀପୂଜା ଅବସରରେ ପ୍ରସାଦସେବନ ଓ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ନାରାୟଣ ଛକ, ସଦାବ୍ରତ ମଠ, କଚେରି ବଜାର, କିଆନାଳି ଛକ ଓ ମହାବୀର ଛକ, ସମୟ: ମଧ୍ୟାହ୍ନ ଓ ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ସହରର କାଳୀପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: କାଳୀ ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୩ୟ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତର ୨ୟ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚମୁ ପଞ୍ଚାୟତ ମଖିଆଖଣ୍ଡ, ସମୟ: ସକାଳ ୭ଟା।
- ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ସକାଳ ୮ଟା। ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ନୟାଗଡ, ସମୟ:ପୂର୍ବାହ୍ନ ୧୦ଟା୩୦।
- ନୟାଗଡ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ୨୦୨୫ , ସ୍ଥାନ:ନୟାଗଡ ରୋଟାରୀ କ୍ଲବ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତର ୨ୟ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚମୁ ପଞ୍ଚାୟତ ମଖିଆଖଣ୍ଡ, ସମୟ: ସଂଧ୍ୟା ୬ଟା।
- ଗିରି ଗୋବର୍ଦ୍ଧନ ପୂଜାର ୩ୟ ଦିବସରେ ବାଦୀପାଲା, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ସଂଧ୍ୟା ୭ଟା।

**ରାୟଗଡ଼ା**
- ମହାଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡ଼ିଆ, ମୁନିଗୁଡା, ସମୟ: ସକାଳ ୮ଟା ୩୦।
- ୱାକ ଫର୍ ଡିସଲେକ୍ସିଆ (ଲର୍ନିଂ ଡିଜାବିଲିଟି) ରାଲି, ସ୍ଥାନ: ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାନ୍ଦିଲି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ, ସ୍ଥାନ: ଜେକେପୁର ଦଶହରା ପଡିଆ, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଡାବୁଗାଁ ବ୍ଲକ ବାଇଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଠକେଇରୁ ବର୍ଞ୍ଚିବାକୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜାତୀୟସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ସଦ୍‌ଭାବନା, ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ସମ୍ବଲପୁର କରଣ ସମାଜ ଆୟୋଜନରେ ଚିତ୍ରଗୁପ୍ତ ପୂଜାର୍ଚ୍ଚନାର ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ, ସମୟ: ସକାଳ ୭ଟା ୪୫।
- ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜନରେ ଚିତ୍ରଗୁପ୍ତ ଦେବଙ୍କ ପୂଜାର କଳସ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ମହାନ୍ତିପଡା ଛକ, ସମୟ: ଅପରାହ୍ନ ୩ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ୍ ଟିନ ଓ ମାଷ୍ଟର ଟିନ୍-୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରାଉରକେଲା ଆମ୍ବାଗାନ ମାର୍କେଟ, ସମୟ: ସକାଳ ୮ଟା।
- ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେଲିଙ୍ଗା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭେଣ୍ଟିଲେଟର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ସିଡବ୍ଲୁଏସ୍ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୦ଟା ୪୫।
- କେନ୍ଦ୍ରୀୟ ଛଟ୍ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଟି ସୁପରମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ରୋଟାରି କ୍ଲବ ଅର୍ବାନ ପକ୍ଷରୁ ବିଶ୍ୱ ପୋଲିଓ ଦିବସ, ସ୍ଥାନ: ଗର୍ଜନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ କାଳୀପୂଜା ମେଳଣ, ସ୍ଥାନ: ବାଲୁଘାଟ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଳଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଅରବିନ୍ଦ ସ୍କୁଲ ପକ୍ଷରୁ ପାଠଚକ୍ର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଓ ରାଉରକେଲା ନର୍ସିଂ କଲେଜ ପକ୍ଷରୁ ରାଲି ଓ ପଥପ୍ରାନ୍ତ ନାଟକ, ସ୍ଥାନ: ହସ୍ପିଟାଲ ଛକ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାର୍ଯ୍ୟସିଦ୍ଧି ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଯାତ୍ରା ସମୟରେ ବାହାର ଲୋକଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ସାମୂହିକ ଆଲୋଚନା, ଆନୁଷ୍ଠାନିକ କାମ, ମଜା ମଉଜର ପରିସରରୁ ଖୁସି ହୋଇପାରନ୍ତି।

**ବୃଷ** ଆଜି ବନ୍ଧୁଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ। ଯାତ୍ରା କାଳରେ ଅଜଣା ଲୋକଙ୍କୁ ମନେଇବାରେ ସଫଳ ହେବେ। ରବିଙ୍କ ଦୁର୍ବଳତାରୁ ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟର କାନକୁହା କଥା ଶୁଣି ପଦାଧିକାରୀ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି।

**ମିଥୁନ** ଆକସ୍ମିକଭାବରେ ନିକଟ ସମ୍ପର୍କୀୟଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତତା ଅନୁଭବ କରିବେ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବାରେ ସଫଳତା ପାଇବେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରରେ ସହାୟକ ହେବାର ସୂଚନା ରହିଛି।

**କର୍କଟ** ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବାରୁ କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିପାରନ୍ତି। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବାଣିଜ୍ୟରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବାରୁ ସମାଲୋଚିତ ହେବେ। ଅଧିକାଂଶ ସମୟ ଆପଣଙ୍କ ଅନୁପସ୍ଥିତିଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି। ବନ୍ଧୁ ରାଗ ଶୁଝାଇବାକୁ ଯାଇ ଠିକଣା ସମୟରେ ପ୍ରତିଶୋଧ ନେଇପାରନ୍ତି। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଏହା ସାଙ୍ଗକୁ ଆତ୍ମୀୟମାନଙ୍କ କଟାଘା'ରେ ଚୂନଛିଟା ଦେଲା ଭଳି କଥା ମନକୁ ବେଶି ବାଧିବ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ଆବଶ୍ୟକତା ପୂରଣ କରିବାକୁ ଯାଇ ମୋଟା ଅଙ୍କର ଅର୍ଥ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା** ଆଜିର ଯାତ୍ରା, ସ୍ଥଗିତ କାମ, ପାଇବାକୁ ଥିବା ଅର୍ଥ ଯଥା ସମୟରେ ପାଇ ମନ ଖୁସି ହୋଇଯିବ। ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇବାକୁ ବାଧ ହେବେ। ବିଭିନ୍ନ ସମସ୍ୟା ରହିଥିଲେ ମଧ କାର୍ଯ୍ୟ ହାସଲ କରିବାକୁ ପଛାଇବେ ନାହିଁ।

**ବିଛା** ଆଜି ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ ଦୂରେଇଯିବା ସମସ୍ୟା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ସ୍ଥଗିତ କାମ ପାଇଁ କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିପାରେ।

**ଧନୁ** ଆକସ୍ମିକ ଦୂରଯାତ୍ରା ପ୍ରସ୍ତୁତିକରି ଶେଷରେ ସ୍ଥଗିତ ରଖିବାକୁ ବାଧ ହେବେ। ପରିବାରରୁ ଅପ୍ରୀତିକର ଖବର ପାଇ ସକାଳୁ ମନଟା ବିଗିଡ଼ିଯାଇପାରେ। ବନ୍ଧୁମାନଙ୍କ ମାଧ୍ୟମରେ ନୂତନ ବସ୍ତ୍ରଭୂଷଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ ଲାଭର ସୂଚନା ରହିଛି। ବ୍ୟବସାୟ, ପରିବହନ ଧିମା ଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** ବନ୍ଧୁଙ୍କ ସହ ବିତର୍କ କିମ୍ବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବା ସୂଚନା ରହିଛି। ଖଳଲୋକଙ୍କ ଦ୍ୱାରା କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଅକ୍ଷୁଣ୍ଣ ରହିବ।

**କୁମ୍ଭ** ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନଙ୍କ ପରିବର୍ତ୍ତିତ ଆଚରଣ ଆପଣଙ୍କୁ ସ୍ତମ୍ଭୀଭୂତ କରିଦେଇପାରେ।

**ମୀନ** ଆଜି ଆପଣଙ୍କ ମନ ଭିତରେ ଯାହା ଥାଉନା କାହିଁକି ଉପର ମନରେ ହସିଲେ କଥା କହିବେ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ଆକସ୍ମିକ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

ଆଜି ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, କାର୍ତ୍ତିକ ଶୁକ୍ଳ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୮ ଗତେ, ଘ.୦୬।୩୩ ମଧ୍ୟେ, ଘ.୦୭।୧୯ ଗତେ, ଘ.୦୮। ୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୦ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ରୁଷୀୟ ତୈଳ ଉପରେ...

ଏଥିସହ ୱାଶିଂଟନ୍ କୂଟନୀତିକୁ ଛାଡ଼ି ଯୁଦ୍ଧ ଭଳି କାର୍ଯ୍ୟ କରିବା ଦୁର୍ଭାଗ୍ୟଜନକ ବୋଲି କହିଛି। ଏହା ଉପରେ ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର ସର୍ବବୃହତ୍ ସ୍ଥଳଯୁଦ୍ଧରେ ରୁଷିଆର ପାଣ୍ଠି ଯୋଗାଣ ସାମର୍ଥ୍ୟକୁ ଟାର୍ଗେଟ କରାଯାଇଛି। ଆବଶ୍ୟକ ହେଲେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମ ସହ ସାମିଲ ହୋଇ ଅନୁରୂପ କଟକଣା ଜାରିକରିବା ଦିଗରେ ଆମେ ସେମାନଙ୍କୁ ପ୍ରୋତ୍ସାହିତ କରିବ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନୂଆ କଟକଣାକୁ ସମର୍ଥନ ଜଣାଇ ଆମେରିକାକୁ ଧନ୍ୟବାଦ ଦେଇଛନ୍ତି। ମସ୍କୋ ଉପରେ ଆହୁରି କଠୋର କଟକଣା ଜାରି ସହ ଅଧିକ ଚାପ ପକାଯିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାରତୀୟ ଅଏଲ୍ ରିଫାଇନରମାନେ ମଧ୍ୟ ରୁଷୀୟ କ୍ରୁଡ୍ ଆମଦାନୀକୁ ସୀମିତ କରିବା ଦିଗରେ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ୟୁଏସ୍ ଟ୍ରେଜେରି ତୈଳ କମ୍ପାନୀଗୁଡ଼ିକୁ ନଭେମ୍ବର ୨୧ ସୁଦ୍ଧା ରୁଷୀୟ ତୈଳ ଉତ୍ପାଦନକାରୀଙ୍କ ସହ କାରବାର ଶେଷ କରିବାକୁ ମହଲତ ଦେଇଥିବାବେଳେ ଏନେଇ ଭାରତ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

କେନ୍ଦ୍ର ପତ୍ର ଲେଖିଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି ସଂକ୍ରାନ୍ତ ପ୍ରକ୍ରିୟା ଦସ୍ତାବିଜ୍ ଅନୁଯାୟୀ, ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତିଙ୍କୁ ସିଜେଆଇ ନିଯୁକ୍ତି ପାଇଁ ଉପଯୁକ୍ତ ବିବେଚନା କରାଯିବା ଉଚିତ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଉପଯୁକ୍ତ ସମୟରେ ବିଦାୟୀ ସିଜେଆଇଙ୍କଠାରୁ ତାଙ୍କ ଉତ୍ତରାଧିକାରୀ ନିଯୁକ୍ତି ସମ୍ପର୍କିତ ସୁପାରିସ ଲୋଡ଼ିଥାନ୍ତି। ସାଧାରଣତଃ ସିଜେଆଇ ୬୫ ବର୍ଷରେ ପଦାର୍ପଣ କରିବାର ମାସେ ପୂର୍ବରୁ ଏଭଳି ପତ୍ର ଲେଖାଯାଇଥାଏ। ସିଜେଆଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ବର୍ତ୍ତମାନ ବରିଷ୍ଠତମ ଏବଂ ସେ ଭାରତୀୟ ନ୍ୟାୟପାଳିକାର ମୁଖ୍ୟ ହେବାକୁ ଯାଉଛନ୍ତି। ସେ ସିଜେଆଇ ନିଯୁକ୍ତ ହେବା ପରେ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରି ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ପାଖାପାଖି ୧୫ ମାସ ଏହି ପଦବୀରେ ରହିବେ।

## ନକଲି ନିଯୁକ୍ତି...

ଫୋନ୍, ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ବିଭିନ୍ନ କାଗଜପତ୍ର, କେତେଜଣ ବ୍ୟକ୍ତିଙ୍କ ଫଟୋ, ପଦ୍ମାବତୀଙ୍କ ନାମରେ ଥିବା ଏକ ଟାଟା ଏସ୍‌ସିଇ(ଓଡି-୧୫-ଏସି-୪୯୧୫) ଗାଡ଼ି ଓ ରାହୁଲଙ୍କ ନାମରେ ଥିବା ଏକ କାର୍(ଓଡି-୧୫-ଜି-୪୬୭୧)କୁ ପୋଲିସ ଜବତ କରିଛି। ଗୁରୁବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏ ନେଇ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ ଗୁରୁବାର ସକାଳେ ଏଭଳି ଠକେଇର ଶିକାର ଚିପିଲିମା କର୍ଡୋଳାର ପଦ୍ମଲୋଚନ ଗର୍ଡିଆ ବୁର୍ଲା ଥାନାରେ ଲିଖିତଅଭିଯୋଗ କରିଥିଲେ। ସେ ତାଙ୍କ ଏତଲାରେ ରାହୁଲ ଓ ପଦ୍ମାଳୟାଙ୍କ ସହ ମିଶି ଭୁବନେଶ୍ୱରର ସୌମ୍ୟ ସାହୁ ଆର୍‌ଏମ୍‌ଏକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ଖୋଲି ଅନେକ ଆଶାୟୀଙ୍କୁ ଚାକିରି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଟଙ୍କା ଠକେଇ କରିଥିବା ଦର୍ଶାଇଥିଲେ। ବିଶେଷକରି ରାହୁଲ ଓ ପଦ୍ମାବତୀ ତାଙ୍କ ଭଳି ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ରେ ଝାଡୁଦାର ଓ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଅଧିକାରପ୍ରାପ୍ତ ଆର୍‌ଏମ୍‌ଏକ୍ସ କମ୍ପାନୀ ଜରିଆରେ ସମ୍ବଲପୁର, ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାର ବହୁ ଆଶାୟୀ ଯୁବତୀଯୁବକଙ୍କୁ ଦୈନିକ ୪ ଶହ ଟଙ୍କାର ଠିକା କର୍ମଚାରୀଭାବେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତ୍ୟେକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ସେମାନେ ବିଭିନ୍ନ ସ୍ଥାନ ବିଶେଷକରି ଗ୍ରାମାଞ୍ଚଳରେ ବୈଠକମାନ ଆୟୋଜନକରି ପ୍ରତ୍ୟେକ ଆଶାୟୀଙ୍କଠାରୁ ୧୨ହଜାର ଟଙ୍କା ଲେଖାଏ ଆଦାୟକରି ସେମାନଙ୍କୁ ଦୈନିକ ୪ଶହ ଟଙ୍କାର ଠିକା ଝାଡୁଦାର ଓ ସଫେଇ କର୍ମଚାରୀ ଭାବେ ମିଛ ନିଯୁକ୍ତି ମଧ୍ୟ ଦେଇଥିଲେ। ଏପରିକି ପ୍ରାଥମିକସ୍ତରରେ ସେମାନେ କେତେଜଣଙ୍କୁ ଚାକିରି ବାବଦକୁ ଦୈନିକ ୪ଶହ ଟଙ୍କା ଲେଖାଏ ପ୍ରଦାନକରି ଆସ୍ଥାଭାଜନ ହୋଇଥିଲେ। ମାତ୍ର କାହାରିକୁ ନିଯୁକ୍ତିପତ୍ର ଦେଇ ନ ଥିଲେ। ତେବେ ପଦ୍ମଲୋଚନ ତାଙ୍କ ନିଯୁକ୍ତପତ୍ର ମାଗିବାରୁ ଅଭିଯୁକ୍ତମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏଥିରେ ସନ୍ଦେହ ହେବାରୁ ସେ ଏସ୍‌ଏମ୍‌ସି ଅଫିସକୁ ଯାଇ ସେଠାରେ ଆର୍‌ଏମ୍‌ଏକ୍ସ ସଂସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମାତ୍ର ଏସ୍‌ଏମ୍‌ସି ଦ୍ୱାରା ଏଭଳି କୌଣସି ସଂସ୍ଥାକୁ ଅଧିକୃତ କରାଯାଇ ନ ଥିବା କର୍ତ୍ତୃପକ୍ଷ କହିବାରୁ ସେ ବୁର୍ଲା ଥାନାରେ ଏନେଇ ଗୁରୁବାର ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୪୬୪/୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଉଭୟଙ୍କୁ ବୁର୍ଲା ପୋଲିସ ଚିପିଲିମା ଅଞ୍ଚଳରୁ ଗିରଫ କରିଥିଲା। ପରେ ଅଧିକ ତଦନ୍ତ କରିବାରୁ ବିଶେଷକରି ଗ୍ରାମାଞ୍ଚଳର ବେକାର ଯୁବତୀଯୁବକମାନଙ୍କୁ ଜାଲରେ ଫସାଇ ଚାକିରି ପ୍ରଲୋଭନରେ ଟଙ୍କା ଠିକି ନେଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ମଧ ଅନୁରୂପଭାବେ ଚିପିଲିମା ନିକଟରେ ଏକ ବୈଠକ ଡାକି ବେକାର ଯୁବତୀଯୁବକଙ୍କୁ ପ୍ରଲୋଭିତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଆର୍‌ଏମ୍‌ଏକ୍ସ ସଂସ୍ଥା ମଧ ଏକ ଜାଲ୍ ସଂସ୍ଥା ଜଣାପଡ଼ିଥିଲା ବୋଲି ଏସ୍‌ପି ଭାମୁ କହିଛନ୍ତି। ଗୁରୁବାର ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନାରତ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ।

## ଓଡ଼ିଶାରେ ୧ଲକ୍ଷ...

ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ହେବା ପାଇଁ ଓଡ଼ିଶା ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ, ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହ ଜନସାଧାରଣଙ୍କୁ ସଶକ୍ତ କରିବ। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜିନିବେଶ ଏକ ଗେମ୍ ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ବାଇଡ୍ ବନ୍ଧୁକ...

କାର୍ବାଇଡ୍ ଗନ୍‌ର ବ୍ୟବହାର କରି ଭୋପାଳ ସହରରେ ୧୫୦ରୁ ଅଧିକ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ସାମାନ୍ୟ ଆହତ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ଉପଚାର ପରେ ଘରକୁ ପଠାଇଦିଆଯାଇଛି ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, କ୍ୟାଲସିୟମ କାର୍ବାଇଡ୍ ଗନ୍‌କୁ ବ୍ୟବହାର କରିବା ଅତ୍ୟନ୍ତ ବିପଜ୍ଜନକ। କାର୍ବାଇଡ୍ ପାଣିର ସଂସ୍ପର୍ଶରେ ଆସି ଏସିଟିଲିନ ଗ୍ୟାସ୍ ପ୍ରସ୍ତୁତ କରିଥାଏ ଏବଂ ବିସ୍ଫୋରଣ ହୋଇଥାଏ। ବିସ୍ଫୋରଣରେ ପ୍ଲାଷ୍ଟିକ୍ ପାଇପ୍‌ର ଛୋଟ ଖଣ୍ଡଗୁଡ଼ିକ ଶରୀରରେ ପ୍ରବେଶ କରିଥାଏ ଯାହା ଆଖି, ମୁହଁ ଏବଂ ଚର୍ମ ପାଇଁ କ୍ଷତିକାରକ। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଦୀପାବଳି ପୂର୍ବରୁ ଗତ ୧୮ ତାରିଖରେ କାର୍ବାଇଡ୍ ଗନ୍‌ର ବିକ୍ରି ଉପରେ ରୋକ୍ ଲଗାଇବାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ କାର୍ବାଇଡ୍ ଗନ୍‌ର ବିକ୍ରି ଜାରି ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ତାରା ମଣିଷମରା**
**ଦୁଇ ତାରା କତରା ଘୋରା,**
**ତିନି ତାରା ଘରେ ପଶ**
**ଚାରି ତାରା ନାହିଁ ଦୋଷ ।**

ପ୍ରାଚୀନ କାଳରେ ଏହି ଅନ୍ଧବିଶ୍ୱାସ ଥିଲା ଯେ, ସନ୍ଧ୍ୟା ଆକାଶରେ ଉଇଁ ଆସୁଥିବା ପ୍ରଥମ ତାରାକୁ ଯିଏ ଦେଖିବ ତା' ପ୍ରତି ମୃତ୍ୟୁ ଭଳି ବିପଦ ଦେଖାଦେବ। ଦ୍ୱିତୀୟ ତାରା ଦେଖିଲେ ଆତଙ୍କ ଉପୁଜିବ, ତୃତୀୟ ତାରା ଦେଖିବା ମାତ୍ରେ ଘରେ ଲୁଚି ରହିବାକୁ ହେବ। ତେବେ ଚତୁର୍ଥ ତାରା ଦେଖିଲେ ଦୋଷମୁକ୍ତ। ତେଣିକି ଆଉ ଯେତେ ତାରା ଆଖିରେ ପଡିବ ଆଉ କିଛି ମନ୍ଦ ଫଳ ସୃଷ୍ଟି ହେବାର ଆଶଙ୍କା ନ ଥିବା ନେଇ ଏଠାରେ ଉଲ୍ଲେଖ କରାଯାଇଛି।

**ଏତେ ଦିନ ଯାଏ ଥିଲୁ ବସି**
**ଆଷାଢ଼ ମାସରେ ପାରୁଛୁ ଘଷି ।**

ସମୟ ଅନୁସାରେ ସମୟୋପଯୋଗୀ କାର୍ଯ୍ୟ କରାଯାଏ। ବର୍ଷା ଦିନେ ଖରା ଅଭାବ ଯୋଗୁ ଘଷି ପାରିବାରେ ନାନା ସମସ୍ୟା ଦେଖାଦିଏ। ବୁଦ୍ଧିହୀନ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମୁଦ୍ରକୂଳ ସୁରକ୍ଷା ପାଇଁ ସାମୂହିକ ସହଭାଗିତା ଲୋଡ଼ା





ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ଗୁରୁବାର ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ସ୍ଥାନୀୟ ଅଞ୍ଚଳବାସୀ। (ବାମ) ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## ତଣ୍ଡାହରରେ ବାଲୁକା ଗୁଳ୍ମ ରୋପଣ

କୋଣାର୍କ/ଅସ୍ତରଙ୍ଗ,୨୩।୧୦
(ଜ୍ୟୋତିରାଜ ମହାନ୍ତି/ଶୁଭଦର୍ଶନ ମିଶ୍ର)

ଦିନକୁ ଦିନ ଓଡ଼ିଶାର ପ୍ରାୟ ଅର୍ଦ୍ଧାଧିକ ଉପକୂଳ ଅଞ୍ଚଳ ବେଳାଭୂମି ଅବକ୍ଷୟ ଆଡ଼କୁ ମୁହାଁଇବା ଚିନ୍ତାର ବିଷୟ ପାଲଟିଛି। ତେଣୁ ବେଳାଭୂମି ସଂରକ୍ଷଣର ଆବଶ୍ୟକତା ଏବଂ ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହଭାଗିତା ଜରୁରୀ ହୋଇପଡ଼ିଛି। ବାଲୁକା ଗୁଳ୍ମ ଓ ଉପକୂଳ ଉଦ୍ଭିଦ ସଂରକ୍ଷଣ ହିଁ ପ୍ରାକୃତିକ ପ୍ରତିରକ୍ଷା ରୂପେ ବେଳାଭୂମିକୁ ସୁରକ୍ଷା ଦେଇପାରିବ ବୋଲି ଗୁରୁବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମ ଓ ସଚେତନତା ସଭାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ଉପକୂଳ ସମୁଦାୟଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରି ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହିତ ଏହି ପ୍ରୟାସକୁ ସାରା ଦେଶ ପାଇଁ ଏକ ମଡେଲ ଭାବେ ସଫଳ କରିବା ପାଇଁ ଗ୍ରାମବାସୀଙ୍କ ସହଭାଗିତା ଆବଶ୍ୟକ ବୋଲି ତଥାଗତ ମତ ଦେଇଥିଲେ।

ସଭାରେ ଅନ୍ୟତମ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପୁରୀ ଏମ୍‌ପି ପ୍ରତିନିଧି ଦିବାକର ଛାଟୋଇ, ଗିଲେରିଓ ମୁଖ୍ୟ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ନଗର ସରପଞ୍ଚ ବିଜୟ କୁମାର ଖଣ୍ଡୁଆଳ ଏବଂ ସବୁଜ ଶାଖାର ବରିଷ୍ଠ ସଭ୍ୟ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା କହିଲେ ଯେ, ମହିଳାମାନଙ୍କ ବିନା ଏଭଳି ଜଳବାୟୁ ମୁକାବିଲା ଉଦ୍ୟମ ସଫଳ ହୋଇପାରିବ ନାହିଁ। ମା'ମାନଙ୍କ ସହଭାଗିତା ଭିତ୍ତିରେ ଏହି ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ପରିବେଶକର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ବାଲୁକା ଗୁଳ୍ମ ପୁନରୁଦ୍ଧାର ଓ ସଂରକ୍ଷଣ ଅଭିଯାନ ଜାରି ରହିଛି। ଓଡ଼ିଶାର ସୁନାମିପ୍ରବଣ ଜଗତ୍‌ସିଂହପୁରର ରାମତାରା, ଶିଆଳି ହେଉ ଅବା ପୁରୀ ଜିଲା ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ବିଭିନ୍ନ ବେଳାଭୂମି ଅବକ୍ଷୟପ୍ରବଣ ଅଞ୍ଚଳରେ ବିଚିତ୍ରାନନ୍ଦ ଗୁଡୁକଙ୍କ ଗୁଳ୍ମ ରୋପଣ କାର୍ଯ୍ୟ ଜାରି ରଖିଛନ୍ତି। ବେଳାଭୂମି ଅବକ୍ଷୟକୁ ରୋକି ସମୁଦ୍ରକୂଳକୁ ସୁଦୃଢ଼ କରିବା ଏହି ଅଭିଯାନର ଲକ୍ଷ୍ୟ। ଏହି ପରିବେଶ ସୁରକ୍ଷା ଅଭିଯାନକୁ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଗୁରୁବାର ସମୁଦ୍ରକୂଳରେ ସାମୂହିକ ବାଲୁକା ଗୁଳ୍ମ ଚାରା ରୋପଣ କରାଯାଇଥିଲା, ଯେଉଁଥିରେ ଶତାଧିକ ସ୍ଥାନୀୟ ମହିଳା ସମୁଦାୟ, ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗ୍ରାମର ବେଙ୍ଗଲତା ରାଉତ, ଛବିଲତା କାଳିଆ ଓ ରବି ଭୂୟାଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପରିବେଶକର୍ମୀ ବିଚି କାଳିଆ ପରିଚାଳନା କରିଥିବାବେଳେ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ଜ୍ଞାନ ରଞ୍ଜନ ବିଶ୍ୱାଳ, ନୀହାର ରଞ୍ଜନ ମହାରଣା, ପ୍ରଭାକର ବିଶ୍ୱାଳ, ବାବୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦(ସୁଚିସ୍ମିତା ସାହୁ)

ସ୍କୁଲ ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦିଆଯିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଯେଉଁ ପିଲାମାନେ ବିଦ୍ୟାଳୟରେ ଅଣ୍ଡା ଖାଉନାହାନ୍ତି କିମ୍ବା ନିରାମିଷ ଖାଉଥିବା ପିଲାଙ୍କୁ ଅଣ୍ଡା ମୂଳରେ ଫଳ ଖାଇବାକୁ ଦିଆଯିବ। ଏନେଇ ପୁଣି ଥରେ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ପିଏମ୍ ପୋଷଣ ଷ୍ଟେଟ୍ ନୋଡାଲ ଅଫିସର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକୁ ୩ ଥର ଅର୍ଥାତ୍ ଅଣ୍ଡା ଦିଆଯାଉଥିବା ଦିନ ଫଳ ଦିଆଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ସମସ୍ୟାକୁ ଏଡାଇବାକୁ ପଡ଼ିବ। ସେଥିପାଇଁ ଚିଠିରେ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି।

ରାଜ୍ୟ ସମସ୍ତ ଶିଶୁବାଟିକାଠାରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ଏହି ସୁବିଧା ମିଳିବ। ରାଜ୍ୟରେ ସ୍କୁଲ ପିଲାଙ୍କୁ କୁପୋଷଣଠାରୁ ଦୂରେଇ ରଖି ସେମାନଙ୍କୁ ଉପଯୁକ୍ତ ପୋଷଣ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସ୍କୁଲକୁ ପିଲାମାନେ ଆସୁ ନ ଥିବାରୁ ମଧ୍ୟାହ୍ନ ଭୋଜନ ମାଧ୍ୟମରେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖାଦ୍ୟ ସାରଣୀ ମଧ୍ୟାହ୍ନ ଭୋଜନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଆମିଷ ଖାଉ ନ ଥିବା ପିଲାଙ୍କ ପାଇଁ ଅଣ୍ଡା ବଦଳରେ ଫଳ ଦେବାକୁ ରାଜ୍ୟ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିବାବେଳେ ଏହା ଯେପରି ଶତପ୍ରତିଶତ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

## ଅପରାଧ

## ଡକାୟତି ଗ୍ୟାଙ୍ଗ୍‌ର ୨ ଗିରଫ

ବାଲେଶ୍ୱର, ୨୩।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ଖନ୍ତାପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଡକାୟତି ଗ୍ୟାଙ୍ଗର ୨ ଯୁବକଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ଶ୍ରୀଜଙ୍ଗ ଗ୍ରାମର ଦୀପକ ମଲିକ (୨୪) ଓ ସନ୍ଦୀପ କୁମାର ମଲିକ (୨୧)। ସେମାନଙ୍କଠାରୁ ୩ଟି ଲୁହା ରଡ୍, ଗୋଟିଏ ଭୁଜାଲି, ଗୋଟିଏ ଠେଙ୍ଗା ଓ ଗୋଟିଏ ଟର୍ଚ୍ଚ ଲାଇଟ୍ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୧୭/୨୫) ରୁଜୁ କରି ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଲାଞ୍ଚ ନେବା ମାମଲା ପୂର୍ବତନ କନିଷ୍ଠ କିରାଣିଙ୍କୁ ୪ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ): ଯାଜପୁର ରୋଡ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଫିସ୍‌ର ପୂର୍ବତନ କନିଷ୍ଠ କିରାଣି( ଚାକିରିରୁ ବହିଷ୍କୃତ) ଶରତ କୁମାର ରାଉତ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ଏହି ମାମଲାରେ ରାୟ ପ୍ରକାଶ କରି ଶରତଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ହେଲେ ଯାଜପୁର ଶାଳପଡ଼ାର ଶୁଭାଶିଷ ରାୟ। ସେ ଡ୍ରଗ୍ସ ଲାଇସେନ୍ସ ପାଇଁ ଯାଜପୁର ରୋଡ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଫିସରେ ଆବେଦନ କରିଥିଲେ। ଏହି ଲାଇସେନ୍ସ କରାଇଦେବାକୁ ଶରତ ତାଙ୍କୁ ୬ ହଜାର ଟଙ୍କା ମାଗିଥିଲେ। ଏନେଇ ଶୁଭାଶିଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୧୫ ଜୁଲାଇ ୧୪ରେ ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଅଫିସରେ ଶୁଭାଶିଷଙ୍କଠାରୁ ଶରତ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ମାମଲା (ନଂ.୩୨/୨୦୧୫) ରୁଜୁ କରାଯାଇ ଶରତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ତଥା ବର୍ତ୍ତମାନର କଟକ ଭିଜିଲାନ୍ସ ଡିଭିଜନ୍‌ରେ ଡିଏସ୍‌ପି ଥିବା ସୁଶୀଲ ଏକ୍କା ମାମଲାର ତଦନ୍ତ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସୌମିତ୍ର ଘୋଷ ମିଳିତ ଭାବେ ମାମଲା ପରିଚାଳନା କରୁଥିଲେ। ତେବେ ଦଣ୍ଡ ଭୋଗିବାକୁ ଶରତଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୫,୪୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

### ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ

ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅବକାରୀ ବିଭାଗ ଗୁରୁବାର ସହର ଉପକଣ୍ଠ ବରଗଡ଼-ବଲାଙ୍ଗୀର ରାସ୍ତାର ଏକାମ୍ର ଛକରେ ଚଢ଼ାଉ କରି କଫ ସିରପ୍ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ(ନଂ-ଓଡି୧୭ଏଫ୍ ୦୮୨୪)କୁ ଜବତ କରିଛି। ସେଥିରୁ ୫୪୦୦ ବୋତଲ କଫ ସିରପ୍‌କୁ ଜବତ ହୋଇଛି। ଏହା ସହିତ ଅନ୍ୟ ଏକ ବ୍ୟବହୃତ ବାଇକ୍(ନଂ-ଓଡି୧୭ଏଇ ୯୨୦୨) ଜବତ ହୋଇଛି। ଏହି ଘଟଣାରେ ବରଗଡ଼ ନୂଆପଡ଼ାର ଜମିଦେବ ବାଗ(୩୯) ଏବଂ ଏକାମ୍ର ଛକର ଆଶିଷ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ସୁବନ କୁମାର ନାଏକ କହିଛନ୍ତି, ଜବତ ହୋଇଥିବା କଫ୍ ସିରପ୍ ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ ହେଉଥିବା ନେଇ ବୁଧବାର ମଧ୍ୟରାତ୍ରିରୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଅବକାରୀ ବିଭାଗର ଏକ ଟିମ୍ ଏକାମ୍ର ଛକରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିଲେ ଏବଂ ଯାଞ୍ଚ ସମୟରେ ଜବତ ହୋଇଥିବା କଫ ସିରପ୍ ବୋଝେଇ ପିକଅପ୍ ଭ୍ୟାନ ଏବଂ ସେହି ଗାଡ଼ିକୁ ଏସ୍‌କର୍ଟ କରୁଥିବା ବାଇକ୍‌କୁ ଜବତ କରାଯାଇଥିଲା। ଜବତ କଫ ସିରପ ବରଗଡ଼ ସହରସ୍ଥିତ ବିଶିପଡ଼ା, ତୋରା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଚାଲାଣ ହୋଇଥାନ୍ତା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅବକାରୀ ଅଧୀକ୍ଷକ କହିଛନ୍ତି। ଏହା ସହିତ ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପିକଅପ୍ ଭ୍ୟାନ ଏବଂ ଅନ୍ୟଜଣେ ବାଇକ୍ ଡ୍ରାଇଭର ହୋଇଥିବାରୁ ଉଭୟ ଗାଡ଼ିର ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଯିବ ଏବଂ ଏହି କାରବାରରେ ଯେଉଁମାନେ ସମ୍ପୃକ୍ତ ରହିଥିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଭୁବନେଶ୍ୱର, କଟକ ଜିଲାରୁ ଜବତ କଫ୍ ସିରପ୍ ଆସିଥିବା ଜଣାପଡ଼ିବା ପରେ ସେହି ଅଞ୍ଚଳର ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ସେ ନେଇ ସୂଚିତ କରାଯାଇଥିବା ଅବକାରୀ ଅଧୀକ୍ଷକ ନାଏକ କହିଛନ୍ତି।

ତେବେ ଜିଲାରେ ଏଭଳି ପରିମାଣରେ କଫ୍ ସିରପ୍ ପୂର୍ବରୁ ପୋଲିସ ଅନେକଥର ଜବତ କରିଛି। ଗତ ୬ତାରିଖରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୫୦୦ ବୋତଲ କଫ୍ ସିରପ ଜବତ ସହିତ ୧୫ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୫ ଦେଶୀ ବନ୍ଧୁକ ମଧ୍ୟ ଜବତ ହୋଇଥିଲା। ସେହିପରି ଗତ ୧୦ ତାରିଖରେ ପାଇକମାଳ ଥାନା ପୋଲିସ ୨୫୯୮ ଭାଏଲ ନିଶା ଇଞ୍ଜେକ୍ସନ ଜବତ ସହିତ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହେଲେ ଏଭଳି କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କାହା ସାହସରେ ଅଭିଯୁକ୍ତମାନେ ଜିଲାକୁ କଫ୍ ସିରପ ଚାଲାଣ କରିବାକୁ ଡରୁ ନାହାନ୍ତି, ତାହା ଉଭୟ ପୋଲିସ, ଅବକାରୀ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। କିନ୍ତୁ ପୋଲିସ କିମ୍ବା ଅବକାରୀ ବିଭାଗ ଏହି କାରବାରର ମୂଳକୁ ପହଞ୍ଚି ପାରୁ ନଥିବାବେଳେ କିଙ୍ଗପିନ କିମ୍ବା ଫେରାର୍ ଅଭିଯୁକ୍ତଙ୍କୁ ଧରିବାରେ ମଧ୍ୟ ସକ୍ଷମ ହୋଇ ପାରୁ ନାହାନ୍ତି।




ଗିରଫ ଅଭିଯୁକ୍ତଙ୍କ ସହିତ ଜବତ କଫ୍ ସିରପ ଏବଂ ବ୍ୟବହୃତ ଗାଡ଼ି।

## ଜୟପୁର ଫାର୍ମ ହାଉସ୍ ମାଲିକ ଗିରଫ

### ପୀତବାସ ପଣ୍ଡା ହତ୍ୟା ଘଟଣା

- ଆତ୍ମସମର୍ପଣ କଲେ ସୁଦର୍ଶନ ଜେନା
- ବିକ୍ରମଙ୍କ ସମେତ ୩ ଜଣଙ୍କ ଜାମିନ ଆବେଦନ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁରର ଫାର୍ମ ହାଉସ୍ ମାଲିକ ସୁନୀଲ ହୋତା(୫୨)। ପୀତବାସଙ୍କୁ ଗୁଳି କରି ହତ୍ୟା କରିବା ପରେ ଜୟପୁର ଚାଲି ଯାଇଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀଙ୍କୁ ଫାର୍ମ ହାଉସ ମାଲିକ ସୁନୀଲ ଆଶ୍ରୟ ଦେଇଥିଲେ। ସୁନୀଲଙ୍କୁ କୋର୍ଟ ଚାଲାଣ ପରେ ଗୁରୁବାର ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ସୁଦର୍ଶନ ଜେନା ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହଯୋଗୀ ସୁଦର୍ଶନ ପୀତବାସଙ୍କ ହତ୍ୟା ପଛରେ ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚାଲିଛି ।

ପୀତବାସ ହତ୍ୟା ଘଟଣାରେ ବୁଧବାର ବିକ୍ରମଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବ୍ରହ୍ମପୁର ମହାନଗର ନିଗମର ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ବିକ୍ରମ, ମଳୟ ଓ ମଦନ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି । ପର୍ଯ୍ୟାୟକ୍ରମେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଜାମିନ ଆବେଦନ କରିବେ ବୋଲି ସୂଚନା ମିଳିଛି ।



ସୁନୀଲ ହୋତା

## କଲରାପତରିଆ ବାଘଛାଲ ଜବତ, ୨ ଗିରଫ

### ଶିମିଳିପାଳରୁ ବାଘ ମରାଯାଇଥିବା ସନ୍ଦେହ

କେନ୍ଦୁଝର,୨୩।୧୦
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ, ପୋଲିସର ମିଳିତ ଟିମ୍ ଗୁରୁବାର କଲରାପତରିଆ ବାଘଛାଲ ଜବତ କରିଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ରବୀନ୍ଦ୍ର ଟୁଡୁ (୪୦) ଓ ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ମୁଣ୍ଡାସାହିର ମନୁଆ ହେମ୍ବ୍ରମ(୪୬)। ଉଭୟ ସମ୍ପର୍କରେ ଶଳା, ଭିଣୋଇ ହୋଇଥିବା ବେଳେ ମୁଣ୍ଡାସାହିରେ ରହୁଥିଲେ। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

କେନ୍ଦୁଝର ପୋଲିସ ସାଇବର ସେଲ୍ ସୂଚନା ଆଧାରରେ ଗତ ୨୦ ତାରିଖରେ ବନ ବିଭାଗ ଓ ପୋଲିସର ଏକ ଟିମ୍ ପାଟଣା ବ୍ଲକ୍ ଅସନବଣୀ ଗ୍ରାମରେ ଚଢ଼ାଉ କରିଥିଲା। ଗ୍ରାମର ରବୀନ୍ଦ୍ରଙ୍କ ଘରୁ କଲରାପତରିଆ ବାଘଛାଲ ଜବତ କରିଥିଲା। ତାଙ୍କୁ ପଚରାଉଚରା ସମୟରେ ତାଙ୍କ ଶାଳା ମନୁଆ ବନ୍ୟପ୍ରାଣୀ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବସାୟ କରୁଥିବା ବନ ବିଭାଗ ଜାଣିଥିଲା। ପରେ ଟିମ୍ ଟାଉନ ଥାନା ଜୁଡ଼ିଆଘାଟି ମୁଣ୍ଡାସାହିରେ ଚଢ଼ାଉକରି ମନୁଆଙ୍କୁ ଗିରଫ କରିଥିଲା। କେନ୍ଦୁଝର ଟାଉନ ଅଞ୍ଚଳରେ ରହୁଥିବା ସେ ପ୍ରଥମ ବ୍ୟକ୍ତି ବନ୍ୟପ୍ରାଣୀ ଅଙ୍ଗ କାରବାରରେ ଜଡ଼ିତ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ମୋବାଇଲ ଫୋନ୍ ଯାଞ୍ଚରୁ ବହୁ ଭିଡିଓ ମିଳିଛି। ସେଥିରୁ ସେମାନେ ହାତୀଦାନ୍ତ ତସ୍କରୀ ଓ ବନ୍ୟପ୍ରାଣୀ ଅଙ୍ଗ ବ୍ୟବସାୟରେ ସମ୍ପୃକ୍ତି ଥିବା ଜଣାପଡ଼ିଛି। କଲରାପତରିଆ ବାଘର ବୟସ ୧୦ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ କରଞ୍ଜିଆ ଡିଭିଜନ ଶିମିଳିପାଳ ଜଙ୍ଗଲରୁ କଲରାପତରିଆ ବାଘଟିକୁ ମରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି ଏବଂ କଲରାପତରିଆ ବାଘ କେଉଁ ଜଙ୍ଗଲରେ ମରାଯାଇଛି। ତାହାର ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ଦାସ ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ, ୨୦୨୪-୨୫ର ଓଆର୍ କେସ୍ ନମ୍ବର ୧୬ କେ ଅନୁଯାୟୀ ଏକ ମାମଲା ରୁଜୁହୋଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।



ଜବତ ବାଘଛାଲ ଓ ୨ ଅଭିଯୁକ୍ତ।

## ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି
## ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା

ଜଳେଶ୍ୱର,୨୩।୧୦(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ବରଡ଼ିହା ପଞ୍ଚାୟତ ବଣକାଟି ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି ଦେଖିବାକୁ ମିଳିଛି। ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସାନଭାଇ। ଏନେଇ ବଡ଼ଭାଇଙ୍କ ସ୍ତ୍ରୀ ରେବତୀ ସିଂ ରାଇବଣିଆ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୧୧/୨୫) ରୁଜୁ ହୋଇଛି। ମୃତକ ହେଲେ ଖୁଦିରାମ ସିଂ (୪୫)। ପୋଲିସ ସାନଭାଇ ଅଭିରାମ ସିଂ (୪୦)ଙ୍କୁ ଗିରଫ କରିଛି। ଦୀର୍ଘଦିନ ଧରି ଦୁଇ ଭାଇ ମଧ୍ୟରେ ଜମିବାଡ଼ି ନେଇ ଗଣ୍ଡଗୋଳ ହୋଇଆସୁଥିଲା। ଅଭିରାମ ଶ୍ୱଶୁର ଘରେ ରହି କାର୍ଯ୍ୟ କରନ୍ତି। ସୋମବାର ବଡ଼ଭାଇ ଖୁଦିରାମ ତାଙ୍କ ଶ୍ୱଶୁର ଘର ଗୋପାଳପ୍ରସାଦ ଗ୍ରାମକୁ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିରାମ ଘରେ ହୋଇଥିବା ବାଡ଼କୁ ଓପାଡ଼ି ଦେଇଥିଲେ। ଶ୍ୱଶୁର ଘରୁ ସନ୍ଧ୍ୟାରେ ଘରକୁ ଫେରିବା ପରେ ଦୁଇ ଭାଇ ଖୁଦିରାମ ଓ ଅଭିରାମଙ୍କ ମଧ୍ୟରେ ମାରପିଟ ହୋଇଥିଲା। ସାନଭାଇଙ୍କ ଠେଙ୍ଗାମାଡ଼ରେ ବଡ଼ ଭାଇ ଗୁରୁତର ହୋଇପଡ଼ିଥିଲେ। ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଭଡ଼ାଘରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

### ସ୍ୱାମୀଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଅନୁଗୋଳ, ୨୩।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ତୁରଙ୍ଗସ୍ଥିତ ଏକ ଭଡ଼ା ଘରୁ ଗୁରୁବାର ପୋଲିସ ଶିମିଳିପଡ଼ାର ବାଦଲ ଭଞ୍ଜଙ୍କ ଝିଅ ମୀନାକ୍ଷୀ (୨୪)ଙ୍କ ରକ୍ତାକ୍ତ ମୃତଦେହ ଜବତ କରିଛି। ମୀନାକ୍ଷୀଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମହିଳାଙ୍କ ସ୍ୱାମୀ ରାଜକିଶୋରପଡ଼ାର ସିଦ୍ଧାନ୍ତ ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଶିମିଳିପଡ଼ାର ମୀନାକ୍ଷୀ ୬ ବର୍ଷ ତଳେ ରାଜକିଶୋରପଡ଼ାର ସିଦ୍ଧାନ୍ତଙ୍କୁ ପ୍ରେମ କରୁଥିଲେ। ବିବାହ ପାଇଁ ସିଦ୍ଧାନ୍ତଙ୍କ ଘର ଲୋକେ ରାଜି ନ ହେବାରୁ ଦୁହେଁ ମନ୍ଦିରରେ ବିବାହ କରି ତୁରଙ୍ଗ ଅଞ୍ଚଳରେ ଭଡ଼ା ଘରେ ରହୁଥିଲେ। କିଛି ମାସ ପରେ ଶାଶୁଘର ଲୋକଙ୍କ ସହ ବୁଝାମଣା ହେବାରୁ ମୀନାକ୍ଷୀ ରାଜକିଶୋରପଡ଼ାକୁ ଯିବାଆସିବା କରୁଥିଲେ। ବିବାହର ୨ ବର୍ଷ ପରେ ଶାଶୁ ଓ ନଣନ୍ଦ ମୀନାକ୍ଷୀଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ଏପରି କି ବିଭିନ୍ନ ସମୟରେ ଯୌତୁକ ଦାବି କରିବା ସହ ସିଦ୍ଧାନ୍ତ ମୀନାକ୍ଷୀଙ୍କୁ ମାରପିଟ କରୁଥିଲା। ଏହାକୁ ନେଇ ଅନେକଥର ଉଭୟ ପରିବାର ମଧ୍ୟରେ ଆପୋଶ ଆଲୋଚନା ହୋଇଥିଲା। ଗତ ବୁଧବାର ମୀନାକ୍ଷୀଙ୍କ ମା' ସକାଳେ ଫୋନ ଯୋଗେ ଝିଅ ସହ କଥା ହୋଇଥିଲେ। ହେଲେ କିଛି ସମୟ ପରେ ଆଉ ମୀନାକ୍ଷୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ସିଦ୍ଧାନ୍ତଙ୍କ ଫୋନ ମଧ୍ୟ ସୁଇଚ ଅଫ୍ ଥିଲା। ସନ୍ଦେହ ହେବାରୁ ମୀନାକ୍ଷୀଙ୍କ ପରିବାର ଲୋକେ ଗୁରୁବାର ତୁରଙ୍ଗସ୍ଥିତ ଭଡ଼ାଘରେ ପହଞ୍ଚି ସେଠାରେ ଝିଅଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅ ମୀନାକ୍ଷୀଙ୍କୁ ଜ୍ୱାଇଁ ହତ୍ୟା କରିଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। କୌଣସି ଶକ୍ତ ଅସ୍ତ୍ରରେ ମୀନାକ୍ଷୀଙ୍କ ମୁଣ୍ଡକୁ ଆଘାତ କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ସ୍ୱାମୀ ସିଦ୍ଧାନ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣିକା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା



# ଶି'ଙ୍କ ଭୟ



ବ୍ରହ୍ମ ଚେଲାନି

ଚାଇନାର ରାଷ୍ଟ୍ରପତି ଭାବେ ଶି' ଜିନ୍‌ପିଙ୍ଗ ୧୩ ବର୍ଷ କ୍ଷମତାରେ ରହିଲେଣି। ଏହା ମଧ୍ୟରେ ସେ ଚାଇନାରେ ସବୁ ସ୍ତର ଯଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି), ଦେଶର ବ୍ୟବସ୍ଥାଗତ ସଂସ୍ଥା ଏବଂ ସେନା ଉପରେ ତାଙ୍କ ନିୟନ୍ତ୍ରଣ ଦୃଢ଼ କରିପାରିଛନ୍ତି। ଏହାସହ ସମାଜର ପ୍ରତ୍ୟେକ ବିଷୟ ଉପରେ ଭର୍ଚ୍ଚୁଆଲି ନିରୀକ୍ଷଣ ପ୍ରକ୍ରିୟାକୁ ବିସ୍ତାର କରିଛନ୍ତି। ହେଲେ ପୂର୍ବଭଳି ନିକଟରେ ସେନାର ୯ ଜଣ ଶୀର୍ଷ ଜେନେରାଲଙ୍କୁ ତଡ଼ିଦେବା ପଦକ୍ଷେପରୁ ଜଣାପଡୁଛି ଯେ ସେ ଏବେ ମଧ୍ୟ ସବୁଠି ଶତ୍ରୁ ରହିଛନ୍ତି ବୋଲି ଭାବୁଛନ୍ତି। ୨୦୧୨ରେ ଶିକ୍ଷମତାକୁ ଆସିବା ପରେ ସିପିସି ଏବଂ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ମଧ୍ୟରେ ଦୁର୍ନୀତି ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥିଲେ। ଏହି ଅଭିଯାନ ପ୍ରାରମ୍ଭରେ ଲୋକପ୍ରିୟ ହୋଇଥିଲା କାରଣ ଚାଇନାର ଏକ-ଦଳୀୟ ବ୍ୟବସ୍ଥା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବାବେଳେ କ୍ଷମତାର ଦୁରୁପଯୋଗ ହେଉଥିଲା। କିନ୍ତୁ ପ୍ରବର୍ତ୍ତନ ଚୟନାତ୍ମକ ଥିଲା, ଯାହା କେବଳ ଅଧିକ ସ୍ୱଚ୍ଛ କିମ୍ବା ପ୍ରଭାବୀ ବ୍ୟବସ୍ଥା ଗଢ଼ିବା ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ଶି'ଙ୍କ ହାତରେ କ୍ଷମତା କେନ୍ଦ୍ରୀଭୂତ କରିବା ସକାଶେ ଉଦ୍ଦିଷ୍ଟ ଥିଲା ବୋଲି ସଙ୍ଗେ ସଙ୍ଗେ ସ୍ପଷ୍ଟ ହୋଇଗଲା। ଶି'ଙ୍କ ଚାଇନାରେ, ବିକାଶ ନେତାଙ୍କ ବ୍ୟକ୍ତିଗତ ବିଶ୍ୱାସ ହାସଲ କରିବା ତୁଳନାରେ ପ୍ରତିଯୋଗିତା କିମ୍ବା ସ୍ୱଚ୍ଛତା ଉପରେ କମ୍ ନିର୍ଭର କରେ। କିନ୍ତୁ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କେବଳ ସମର୍ଥକଙ୍କ ସଂଖ୍ୟା ବୃଦ୍ଧି କରିବା ପରେ ବି ଶି' ନିୟମିତ ଭାବେ ଶୀର୍ଷ ସେନା କମାଣ୍ଡରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ବରଖାସ୍ତ କରିବାରେ ଲାଗିଛନ୍ତି। ଆମେରିକାର ଅଫିସ ଅଫ୍ ଦି ଡାଇରେକ୍ଟର ଅଫ୍ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଅନୁଯାୟୀ, ଶି'ଙ୍କ ଶାସନରେ ଦୁର୍ନୀତି ପାଇଁ ସବୁ ସରକାରୀ ସ୍ତରରେ ପାଖାପାଖି ୫୦ ଲକ୍ଷ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅନେକେ କୌଣସି ସ୍ପଷ୍ଟୀକରଣ ନ ଦେଇ ଅଦୃଶ୍ୟ ହୋଇଥିବା ବିଷୟ କହିବାର ପ୍ରୟୋଜନ ନାହିଁ।

ଶି'ଙ୍କ ଶାସନ ଦାବି କରେ ଯେ, ନିକଟରେ ଜେନେରାଲ ହ୍ୱିଡଙ୍ଗ, ଜଣେ ପଲିଟ୍‌ବ୍ୟୁରୋ ସଦସ୍ୟ, କେନ୍ଦ୍ରୀୟ ସେନା ଆୟୋଗର ଉପାଧ୍ୟକ୍ଷ ଏବଂ ଚାଇନାର ସେନା ପଦାନୁକ୍ରମର ତୃତୀୟ ଶୀର୍ଷ ପଦବୀର ବ୍ୟକ୍ତିତ୍ୱଙ୍କ ସମେତ ଅନ୍ୟ ସେନା ଅଧିକାରୀଙ୍କୁ କର୍ତ୍ତବ୍ୟ ସମ୍ପର୍କିତ ଅପରାଧ ଓ ଅନୁଶାସନାତ୍ମକ ଉଲ୍ଲଂଘନକୁ ନେଇ ତଡ଼ି ଦିଆଯାଇଛି। କିନ୍ତୁ ଏହା ସ୍ୱୀକାର କରାଯାଏ ଯେ, ଶି 'ତାଙ୍କ କ୍ଷମତାର ମୁଠା ଟାଣ କରିବା ପାଇଁ ବିରୋଧୀଙ୍କୁ ସଫା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଶି'ଙ୍କ ଭୟ ପଛରେ କିଛି କାରଣ ରହିଛି। ଅଧିକାରୀଙ୍କୁ ବିଦା କରିବା ପାଇଁ ନିଆଯାଉଥିବା ପ୍ରତ୍ୟେକ ନୂଆ ପଦକ୍ଷେପ ଚାଇନାର ପ୍ରତିଷ୍ଠିତ ବର୍ଗଙ୍କ ମଧ୍ୟରେ ଅବିଶ୍ୱାସ ବଢ଼ାଇବା ସହ ବିପଦର ଆଶଙ୍କା ସମର୍ଥକଙ୍କୁ ଶତ୍ରୁରେ ପରିଣତ କରୁଛି। ମାଓ ଜେଡଙ୍ଗଠାରୁ ଆରମ୍ଭ କରି ଜୋଶେଫ ଷ୍ଟାଲିନଙ୍କ ପର୍ଯ୍ୟନ୍ତ,



ସ୍ପଷ୍ଟ ପ୍ରମାଣ କରେ ଯେ, ଏକକ ବ୍ୟକ୍ତିକେନ୍ଦ୍ରିକ ଶାସନ ଅବିଶ୍ୱାସ ବା ସନ୍ଦେହ ସୃଷ୍ଟି କରିଛି। କିନ୍ତୁ ଏବେ ଶି' ମଧ୍ୟ ଶତ୍ରୁ ଓ ମିତ୍ରଙ୍କ ମଧ୍ୟରେ ପ୍ରଭେଦ ଚିହ୍ନଟ କରିବାରେ ଅକ୍ଷମ ହୋଇଛନ୍ତି। ୭୨ ବର୍ଷ ବୟସରେ, ସେ ତାଙ୍କ ପଦବୀରେ ଏତେ ଅସୁରକ୍ଷିତ ରହିଛନ୍ତି ଯେ ଏପରି କି ମାଓଙ୍କ ଭଳି, ସେ ଜଣେ ଉତ୍ତରାଧିକାରୀ ବାଛିବାକୁ ମନା କରିଦେଇଛନ୍ତି। ଜଣେ ଉତ୍ତରାଧିକାରୀ ତାଙ୍କ ପତନର କାରଣ ହୋଇପାରେ ବୋଲି ସେ ଭୟ କରୁଛନ୍ତି।

ଏହା ଚାଇନା ପାଇଁ ଶୁଭ ଲକ୍ଷଣ ନୁହେଁ। ବିଶେଷକରି ନେତୃତ୍ୱ ପରିବର୍ତ୍ତନ କରିବା ସକାଶେ ମନା କରି ଶି' ବିପଦ ବଢ଼ାଉଛନ୍ତି, ଯାହା ହୁଏତ ରାଜନୈତିକ ଅସ୍ଥିରତା ସୃଷ୍ଟି କରି ତାଙ୍କ ଶାସନର ଅନ୍ତ ଘଟାଇବ। ବିଚାରଗତ ଅନୁକୂଳତା ବଦଳରେ ଶି' ବ୍ୟକ୍ତିଗତ ବିଶ୍ୱସନୀୟତାକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ଅତୀତରେ ସମ୍ମିଳିତ ନେତୃତ୍ୱକୁ ଆଧାର କରି ବ୍ୟବସ୍ଥାରେ ପ୍ରତିଷ୍ଠିତ ହୋଇଥିବା ସଂସ୍ଥାଗତ ଏକତା ଦୁର୍ବଳ ହୋଇଯାଉଛି। ଏହାସହ ମନଇଚ୍ଛା ଅଧିକାରୀମାନଙ୍କୁ ଚାକିରିରୁ ବାହାର କରିଦେବା ଏବଂ ଅଭିଯୁକ୍ତ କରିବା ଦ୍ୱାରା ଚାଇନା ସରକାର ଏବେ ପ୍ରତିଯୋଗିତା ଓ ପ୍ରତିବଦ୍ଧତା ବଦଳରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ଅଧିକ ପ୍ରଶଂସା କରୁଛି ଓ ଚିନ୍ତାରେ ରହୁଛି।

ଶି'ଙ୍କ ଅସ୍ଥିର ମନୋଭାବ ପାଇଁ ବିଶେଷକରି ଚାଇନାର ସେନାକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ବର୍ଷେ ଦୁଇ ବର୍ଷ ହେବ, ଟେକ୍‌ନୋଲୋଜି ଆଧାରିତ ଯୁଦ୍ଧରେ ବିଜୟୀ ହେବା ପାଇଁ ପିଏଲ୍ଏ ନିଜକୁ ଏକ ଆଧୁନିକ ଶକ୍ତି ହେବା ଲାଗି ବ୍ୟାପକ ବ୍ୟବସ୍ଥାଗତ ପୁନର୍ଗଠନ କରିଛି। କନ୍ତୁ ଶି' ଅଧିକାରୀମାନଙ୍କୁ ବାହାର କରିଦେବା ଦ୍ୱାରା ମିଲିଟାରି ଯୋଜନା ଓ ନେତୃତ୍ୱରେ ବାଧା ସୃଷ୍ଟି ହୋଇଛି; ଯାହା ପୁନର୍ଗଠନ ପଦକ୍ଷେପକୁ ଦୁର୍ବଳ କରିଦେଇଛି। ଉଦାହରଣ ସ୍ୱରୂପ, ୨୦୨୩ରେ ଚାଇନାର ଆଣବିକ ଅସ୍ତ୍ରଶସ୍ତ୍ର ଓ ପାରମ୍ପରିକ କ୍ଷେପଣାସ୍ତ୍ରର ଦେଖାରଖା କରୁଥିବା ପିଏଲ୍ଏର ରକେଟ୍ ଫୋର୍ସର ଶୀର୍ଷ ଅଧିକାରୀଙ୍କୁ ବାହାର କରିଦେବା ସମ୍ଭବତଃ ଚାଇନାର ରଣନୀତିକ ପ୍ରତିରୋଧ କ୍ଷମତା ପ୍ରତି ବିପଦ ସୃଷ୍ଟି କରିପାରେ। ଅଭିଜ୍ଞ କମାଣ୍ଡରଙ୍କ ଜାଗାରେ ଅନଭିଜ୍ଞ ସମର୍ଥକଙ୍କୁ ନିଯୁକ୍ତ କରିବା ହୁଏତ ଶି'ଙ୍କ ରାଜନୈତିକ ଅସ୍ତିତ୍ୱକୁ ନିଶ୍ଚିତ କରିପାରେ। ଚାଇନାର ନେତୃବର୍ଗ ସେମାନଙ୍କ ନିଜ କ୍ଷମତାକୁ ସୁରକ୍ଷିତ ରଖିବା ପାଇଁ ବହୁସମୟରେ ସେନାକୁ ବ୍ୟବହାର କରିପାରନ୍ତି, ହେଲେ ଜାତୀୟ ସୁରକ୍ଷା ପାଇଁ ଏହା କୌଣସି କାମରେ ଆସିବ ନାହିଁ। ରାଜନୈତିକ ଅସ୍ତିତ୍ୱକୁ ନେଇ ସେନାର ଶୀର୍ଷ ଅଧିକାରୀମାନେ ଚିନ୍ତାରେ ରହୁଥିବାବେଳେ ଏହା ବିଶେଷକରି ନୈତିକ ତଥା ଯୁଦ୍ଧଗତ ପ୍ରସ୍ତୁତିକୁ ପ୍ରଭାବିତ କରୁଛି। ପିଏଲ୍ଏ ଉପରେ ରାଜନୈତିକ ପ୍ରତିବନ୍ଧକ ଲଗାଇ ଆମେରିକା ଓ ଭାରତ ଭଳି ପ୍ରମୁଖ ବିରୋଧୀଙ୍କ ବିରୋଧରେ ଶି' ଯୁଦ୍ଧ ଜିତି ପାରିବେ କି? ସେ ଖୋଲାଖୋଲି ଭାବେ ଯୁଦ୍ଧ ନ କରି ଗୁପ୍ତରେ ବଳ ପ୍ରୟୋଗକରି ତାଙ୍କ ବିସ୍ତାରବାଦୀ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛନ୍ତି। କିନ୍ତୁ ମତିଭ୍ରମ ଘଟିଥିବା ଜଣେ ନେତାଙ୍କ ଚାରିପାଖରେ ଥିବା ଚାଟୁକାରୀମାନେ ତାଙ୍କୁ ବିରୋଧ କରିବାକୁ ଅନିଚ୍ଛୁକ କିମ୍ବା ଅକ୍ଷମ ହୋଇଥାନ୍ତି। ଫଳରେ ସେ ସବୁବେଳେ ଭୁଲ୍ ରଣନୀତିକ ଅବଗଣନା କରନ୍ତି। ସ୍ମରଣଯୋଗ୍ୟ ଯେ, ନାଜି ଆକ୍ରମଣ ପରିପ୍ରେକ୍ଷୀରେ ଷ୍ଟାଲିନ ରେଡ୍ ଆର୍ମିର ନେତୃତ୍ୱକୁ ଭାଙ୍ଗିଦେବା ଦ୍ୱାରା ବିନାଶକାରୀ ପରିଣାମ ସାମ୍ନାକୁ ଆସିଥିଲା।

ଚାଇନାର ଉତ୍ଥାନକୁ ନେଇ ସବୁ ପ୍ରକାର ପ୍ରଦର୍ଶନ ହେଉଥିଲେ ମଧ୍ୟ ଦେଶ ବ୍ୟବସ୍ଥାଗତ ସମସ୍ୟାର ସମ୍ମୁଖୀନ ହେଉଛି । ଏହାର ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଯାଇଛି, ଯୁବ ବେରୋଜଗାରୀ ବୃଦ୍ଧି ପାଉଛି। ଏହା ସହ ବୟସ୍କଙ୍କ ସଂଖ୍ୟା ବଢୁଥିବାବେଳେ ଜନସଂଖ୍ୟା ହ୍ରାସ ପାଉଛି। ଜନ ଅସନ୍ତୋଷକୁ ଦମନ କରାଯାଉଛି। ଯଦି ଶି'ଙ୍କ ନେତୃତ୍ୱ ପ୍ରତି କୌଣସି ସମ୍ଭାବ୍ୟ ଆହ୍ୱାନ ଆସୁଛି ତେବେ ଅଧିକାରୀଙ୍କୁ ପଦବୀରୁ ବାହାର କରି କିମ୍ବା ଅଭିଯୁକ୍ତ କରି ତାହାକୁ ରୋକି ଦିଆଯାଉଛି। ଶେଷରେ, ଶି' ଭୟ ମଧ୍ୟରେ ଶାସନ କରିବା ପାଇଁ ଯୋଗ୍ୟ ବୋଲି ମନେ ହେଉଛି। କିନ୍ତୁ ଭୟକୁ ନେଇ କ୍ଷମତାର ଦୀର୍ଘ ସ୍ଥାୟିତ୍ୱ ଆସିବ ନାହିଁ। ବିଶ୍ୱାସଘାତକତାର ଭୟ ଘାରିଥିବା ଜଣେ ନେତା ଅନ୍ୟମାନଙ୍କୁ ଆଜ୍ଞାକାରୀ ହେବାକୁ ବାଧ କରିପାରନ୍ତି, ହେଲେ ତାହା ପ୍ରକୃତ କୃତଜ୍ଞତା ନୁହେଁ। ଆଜ୍ଞାକାରିତା କେବଳ କ୍ଷମତାର ଏକ ଦୁର୍ବଳ ବିକଳ୍ପ ହେବା ସହ ଭଙ୍ଗୁରତାର ଉତ୍ସ ହୋଇପାରେ। କାରଣ ଏଥିରେ ସୃଜନଶୀଳତା, ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗର ସୁଯୋଗ ନ ଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଶି' ତାଙ୍କ ହାତରେ ଅଧିକ କ୍ଷମତା ଠୁଳ କରିବାକୁ ଚାହୁଁଛନ୍ତି। ଫଳରେ ତାଙ୍କ ଶାସନ ଅଧିକ ବିପଦମୁଖୀ ହେବାରେ ଲାଗିଛି। ଏକମତ ହେଉ ନ ଥିବା ଅଧିକାରୀଙ୍କୁ ବାହାର କରିବାରେ ମାଓଙ୍କ ପଦକ୍ଷେପ ଅରାଜକତା ଓ ରାଷ୍ଟ୍ରୀୟ କ୍ଷତିକୁ ଶେଷ କରିଥିଲା। ହେଲେ ଶି'ଙ୍କ ପଦ୍ଧତି ଅଧିକ ଉନ୍ନତ ଲାଗୁଥିଲେ ବି ଏହା ପଛର ସିଦ୍ଧାନ୍ତ ପ୍ରାୟ ସମାନ ଏବଂ ପରିଣାମ ବି ସେହିଭଳି ହୋଇପାରେ।

**ପ୍ରଫେସର, ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# 'ଗଛ'ରେ ଜମିଦାରି ଅଧିକାର



ଅଜୟ କୁମାର ବେହେରା

ଦିନଥିଲା ଏ ରାଜ୍ୟରେ ଜମିଦାରି ଶାସନ ଥିଲା। ସେତେବେଳେ ପ୍ରଜା କେହି ସ୍ଥିତିବାନ ନ ଥିଲେ, ଥିଲେ ହାକିମ ସ୍ୱତ୍ୱ ପ୍ରଜା । ବୋଲହାକ ପାଇଁ ଥିଲେ ପ୍ରଜା। ପୂର୍ବେ ଯେତେବେଳେ ଲିପିବଦ୍ଧ ପ୍ରମାଣ ଆବଶ୍ୟକ ପଡ଼ିଲା, ସେତେବେଳେ ଟିପା ପାଉତି ଚଳିଲା। ଟିପା ପାଉତି ଏକ ତାଳପତ୍ର ଓ ଲେଖନୀ ଲୁହାର ସମ୍ବନ୍ଧି ମାତ୍ର, ଯାହାକୁ ଟିପା ଦେବା ଓ ଟିପାନେବା ଦୁଇ ଜଣ ଜାଣିବା ସମ୍ଭବ ଥିଲା । ପୁଣି ପାଉତି ଅର୍ଥ ପାଇଥିବା ପ୍ରମାଣକୁ କେବଳ ଜମିଦାରଙ୍କ ମନୋଜ୍ଞ ଉପରେ ନିର୍ଭର କରୁଥିଲା। ବେଳେ ବେଳେ ଟିପା ତାଳପତ୍ର ଲେଖା ହଜିଗଲେ ବା ଥାଇ ମୂଳ ଖାତା ବା ଟିପା ପୋଥିରେ ନ ଥିଲେ ବେଡ଼ି କୋରଡ଼ା ଉଚ୍ଛେଦ ସ୍ତରକୁ ପ୍ରଜାଟି ଆସୁଥିଲା। ବ୍ରିଟିଶ ପ୍ରଶାସନ ଏପରି ହୁକୁମ ଜାହିର କଲେ ଜହିଁରେ ଜମିଦାରଙ୍କର ପାଉତିରେ ତାରିଖ ନିଶ୍ଚେ ରହିବା ସହିତ ତାଙ୍କର ଏକ ଖାତା କାଗଜ ବାହାରିବା ପରେ ଲେଖା ପାଉତି ହାସଲ ବେଳେ ଲେଖା ରଖାଭଲା ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ସାହୁକାରମାନେ ମହାଜନି କରଜ ଲଗାନ୍ତି। ଅଭାବୀମାନେ ବାଧ ହୋଇ ଖାଦ୍ୟ ସମସ୍ୟା ବିବାହାଦି ବଡ଼ ଖର୍ଚ୍ଚ ପାଇଁ ସେହି ସାହୁକାର ମହାଜନଙ୍କ ଦ୍ୱାରସ୍ଥ ହୁଅନ୍ତି। କେତେ ଖୋସାମନ୍ଦ କାକୁତି ମିନତି ଦୌଡ଼ିବା ପରେ ମହାଜନି କରଦ ହୁଅନ୍ତି। ତାଙ୍କର କପଟ ଆତ୍ମୀୟତାର ଫାଶ ପଡ଼େ। ଖାଲି ଫାଶ ପଡ଼େ ନାହିଁ ହୁକ୍ ଅଙ୍କୁଶ ଲଗାଇ ଦିଅନ୍ତି। ଫାଶ ହେଲା କରଜ ଯେତେ ନେବେ ତା'ର ଦୁଇଗୁଣ, ତିନିଗୁଣ ଅର୍ଥ ପ୍ରାପ୍ତିର ସମ୍ମତି ଦସ୍ତଖତ ନେବେ। ସମୟ ଧାର୍ଯ୍ୟ କରିବ ହିଁ ହୁକ୍ ଅଙ୍କୁଶ, ଏହା କଣ୍ଟ ନେଲାପରି ବ୍ୟବସ୍ଥା। ମିଆଦ ପୂରିବାର କିଛି ପୂର୍ବରୁ ବାରମ୍ବାର ତାଗିଦ ନ ହେଲେ ନାଲିଶ ଓ କୋରକ ବ୍ୟବସ୍ଥା ଏବଂ ଏଥିରେ ମୂଲ୍ୟବାନ ସମ୍ପତ୍ତି ତଥା ଦ୍ରବ୍ୟ ଲୋକେ ହରାଉଥିଲେ। ଏମିତିକି ଦୁଧିଆଳୀ ଗାଈ, ହୃଷ୍ଟପୁଷ୍ଟ ବଳଦ ନିଲାମରେ ହରାଇବାକୁ ପଡୁଥିଲା। କେହି କେହି ମହାଜନ ଚାଷଜମିରେ ବର୍ଷ ବର୍ଷ ମୂଲିଆ କାମ କରିବାକୁ ବାଧ ହେଉଥିଲେ। ଭାରତ ସ୍ୱାଧୀନତା ପରେ ଜମିଦାରି ଯାଇଛି, ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ଶାସନରେ ଗ୍ରାମ୍ୟ ମହାଜନି ବୃତ୍ତି ବିଲୁପ୍ତ ହୋଇଛି, ମାତ୍ର ସରକାରଙ୍କ ସବୁ କାନୁନରେ ଏକ କାନୁନ ପୂର୍ବ ପରି ରହିଛି। କାହାରି ବାଡ଼ି ଜମିରେ ବା ତୋଟା ବଗିଚାରେ କିଛି ବଡ଼ ଗଛ କଟାଗଲେ ତାହାର ଅନୁମତି ଜଙ୍ଗଲ ବିଭାଗରୁ ଆଣିବାକୁ ପଡ଼ିବ। ରାସ୍ତାରେ କାଠ କରତ କଳକୁ ନେବାକୁ ହେଲେ ଅନୁମତି ଦରକାର। ଚିରୋଟ କାଠ ଟିମ୍ବର ଏବେ ବି ରାସ୍ତାରେ ଏହି ଜଙ୍ଗଲ ବିଭାଗ ଧରୁଛି। କରତକଳ ପୂର୍ବପରି ଆଉ ଦେଖିବାକୁ ମିଳୁନି। ଏପରି ଉତ୍ପାତ ପୂର୍ବପରି ଅଛି।

ତେବେ ସରକାରୀ ଜଙ୍ଗଲରେ ଗଛ କିଏ ହାଣିଲା, ଏବେ ନିର୍ମାଣକୁ ଯିଏ କାଠ ଆଣିଲେ ସେ ହଇରାଣ ହେଉଛନ୍ତି। ଅନେକଙ୍କ ଗୃହରେ କଳାଧନ ଯୋଗୁ ସରକାରୀ କୋପ ରହିବା ବହୁ କ୍ଷେତ୍ରରେ ଧରାଗଲେ, ଘର କାଠ, ଆସବାବପତ୍ରର କ୍ରୟ କ୍ୟାଶ ମେମୋ ଖୋଜା ଚାଲିଲାଣି। ପ୍ରକୃତ ନିରାପଦ ସ୍ୱାଧୀନ ଭାରତରେ ଆଂଶିକ କାନୁନ ସଂସ୍କାର ହେବା ଜଣାପଡୁଛି। ଜାନୁଆରୀରୁ ଏପ୍ରିଲ ଯାଏ ରାସ୍ତାରେ ଶଗଡ଼ ଶଗଡ଼ ଛଣ ଗାଡ଼ି ଚାଲୁଥିଲା। ଲୋକେ ନଡ଼ାଛପର ଘର କରୁଥିବାରୁ ଏହାର ଏପରି ଚାହିଦା ତତ୍କାଳ ଥିଲା। ଅନେକ ଗୋପାଳକ ଏପରି ଛଣ କିଣି ବର୍ଷକ ଗାଈବଳଦ ଖାଇବାକୁ ରଖୁଥିଲେ। କିନ୍ତୁ ୧୯୯୯ ପରଠାରୁ କୋଠାଘର ହୋଇଗଲା। ଏବେ ସେହି ଧାନ ଜମି ଅଛି, ମାତ୍ର ଛଣ ନଡ଼ା ହେଉଛି କ'ଣ? କେହି ଖୋଜ କରିଛନ୍ତି କି?

ଜାଳେଣି କାଠ, ଗଛର ପତ୍ର ପ୍ରତ୍ୟେକଙ୍କ ଗୃହରେ ଆବଶ୍ୟକ ଥିଲା, ଗୋରୁ ପାଳନରୁ ପ୍ରାପ୍ତ ଗୋବର ଶୁଷ୍କ ଘଷି, ଗୁଣ୍ଡା ଏପରି ଜାଳେଣିରେ ବ୍ୟବହୃତ ହେଉଥିଲା ଓ ପରେ ପାଉଁଶ ଖତ ହୋଇ ଧାନ ବିଲକୁ ଯାଉଥିଲା। କିନ୍ତୁ ଜାଳେଣି ଗ୍ୟାସ ଆସିବା ପରଠାରୁ ଜାଳେଣି କାଠ ସମସ୍ୟା କଟି ପତ୍ର ଘଷି ଆଦି ଆଉ ଦରକାର ପଡ଼ିଲା ନାହିଁ। ଫଳରେ କେହି ଗଛ ଲଗାଇବା ଗୋରୁ ପାଳିବା ପ୍ରତି ଆଉ ନଜର ଦେଉନାହାନ୍ତି।

ଜମିଦାରି ପ୍ରଶାସନରେ ହେଲେ ଲୋକେ ଗଛ ଲଗାଉଥିଲେ। ଗଛରୁ ଫଳ ଫୁଲ ସେମାନେ ନିଅନ୍ତୁ ପଛେ । ବର୍ତ୍ତମାନ ସରକାର ଗଛ ଲଗାଇବା ଯୋଜନା କରୁଛନ୍ତି ମାତ୍ର ରାସ୍ତାକଡ଼ ବଡ଼ ବଡ଼ ଗଛ ଜଙ୍ଗଲ ଆଗ ହାଣି ଦେଉଛନ୍ତି। ଭାବନ୍ତୁ ସେ ଜମିଦାର ଓ ଏ ଜମିଦାର ମଧ୍ୟରେ ଫରକ କେଉଁଠି।

**ଅରୁଣୋଦୟ ମାର୍କେଟ, କଟକ**
**ମୋ: ୯୪୩୭୦୩୧୨୫୩**

## ଏଇ ଭାରତରେ

କାଶ୍ମୀରର ଡାଲ୍ ହ୍ରଦ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳ ହୋଇଥିବାରୁ ବ୍ୟାପକ ଭାବେ ପ୍ଲାଷ୍ଟିକ ବ୍ୟବହାର ହ୍ରଦର ପାରିପାର୍ଶ୍ୱିକ ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ସ୍ଥିତିରେ ଏହାକୁ ସ୍ୱଚ୍ଛ କରିବା ଲାଗି ୧୪ ବର୍ଷ ବୟସ୍କା ଜନ୍ନତ ପଟ୍‌ଲୋ ହ୍ରଦରୁ ପ୍ଲାଷ୍ଟିକ ସଫା କରୁଛନ୍ତି। ଜନ୍ନତ ଶ୍ରୀନଗରର ଲିଣ୍ଟନ ହଲ୍ ପବ୍ଲିକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି। ରବିବାର ସେ ହ୍ରଦ ସଫା କରିବାକୁ ଯାଉଛନ୍ତି ଏବଂ ନିଜେ ବୋଟ୍ ଚଲାଇ ହ୍ରଦରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏହି କାର୍ଯ୍ୟ ସେ ୫ ବର୍ଷ ବୟସରୁ ଆରମ୍ଭ କରିଛନ୍ତି। ଜନ୍ନତଙ୍କ ପିତା ତାରିକ ଅହମ୍ମଦ ପଟ୍‌ଲୋ ଜଣେ ସାମାଜିକକର୍ମୀ। ସେ ଡାଲ୍ ହ୍ରଦରେ ବୋଟ୍ ଚଲାଇ ଦୈନିକ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ହ୍ରଦକୁ ସଫା କରନ୍ତି। ତାଙ୍କର ଏହି କାର୍ଯ୍ୟରେ ପ୍ରଭାବିତ ହୋଇ ମାତ୍ର ୫ ବର୍ଷ ବୟସରୁ ଜନ୍ନତ ପିତାଙ୍କ ସହ ଛୁଟିଦିନରେ ହ୍ରଦ ସଫା କରିବାକୁ ଯାଉଥିଲେ। ଏବେ ଜନ୍ନତ ହ୍ରଦ ସଫା କରିବା ଲାଗି 'ଡାଲ୍ ଲେକ୍ ଫର୍ ସନ୍‌ଡେ' ବା 'ରବିବାର ପାଇଁ ଡାଲ୍ ହ୍ରଦ' ଅଭିଯାନ ଚଲାଇଛନ୍ତି ଓ ତାରିକ ତାଙ୍କ ସହ ଯୋଗ ଦେଉଛନ୍ତି। ଜନ୍ନତଙ୍କ ଏହି କାର୍ଯ୍ୟକୁ ଦେଶସାରା ପ୍ରଶଂସା କରାଯାଉଛି। ଏପରିକି ହାଇଦ୍ରାବାଦର ଏକ ସ୍କୁଲର ୩ ଶ୍ରେଣୀ ପାଠ୍ୟକ୍ରମରେ ତାଙ୍କ ସମ୍ପର୍କରେ 'ଜନ୍ନତସ୍ ଝିଲ' ବା 'ସ୍ୱର୍ଗର ହ୍ରଦ' ବିଷୟ ସ୍ଥାନ ପାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ଅକ୍ଟୋବର ୧୯୭୬

- ଜାପାନ ବଦଳରେ ଭାରତ ଜାତିସଂଘ ନିରାପତ୍ତା ପରିଷଦର ସଭ୍ୟ ରୂପେ ନିର୍ବାଚିତ ହୋଇଛି।
- ହୁଆ କୁଓ ଫେଙ୍ଗ ଚାଇନା କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ୍ ମନୋନୀତ ହେବା ପରେ ଦେଶର ନେତୃତ୍ୱରେ ବ୍ୟାପକ ପରିବର୍ତ୍ତନ କ୍ରମେ ଉପ ପ୍ରଧାନମନ୍ତ୍ରୀ ଲି ସିଏନ୍-ନିଏନ୍‌ଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରାଯାଇଛି।

# ଭଙ୍ଗାଯାଏ ଗଢ଼ିବା ପାଇଁ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଲୋକେ ସବୁ ଯାତନା ସହିପାରନ୍ତି କିପରି? ଜୀବନ ବାରମ୍ବାର ତାଡ଼ନା ଦେଲା ପରେ ବି ସ୍ଥିର ରହିପାରନ୍ତି କିପରି ମଣିଷ। ସମୟ, ପରିସ୍ଥିତି ବିଶେଷକରି ମଣିଷମାନେ ଅନ୍ୟକୁ ଯନ୍ତ୍ରଣା ଦିଅନ୍ତି। ସେଥିରେ ଲୋକେ ଅବିଚଳିତ ହୋଇ ଚୁପ୍‌ଚାପ୍ ରହନ୍ତି। ପ୍ରତିବାଦ କରନ୍ତି ନାହିଁ । ବରଂ ସମୟ ହାତରେ ଛାଡ଼ିଦିଅନ୍ତି । ଏସବୁ ଶୁଣି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଭାଇ! ଏକା ନିଃଶ୍ୱାସରେ ପଚାରିଲା ଜଣେ ବନ୍ଧୁ। ମୁଁ ଚୁପ୍ ରହି ଚାଲିଲି। ବନ୍ଧୁ ପୁଣି କହିଲା -ଜୀବନ ତୋ ପ୍ରତି ଏତେ ଅତ୍ୟାଚାର କରୁଛି, ତୁ କେମିତି ଭାଙ୍ଗିପଡିନୁ? ଏତେ ସହଜରେ ଜିଇପାରୁ? ଏତେ ଶକ୍ତି କେଉଁଠୁ ପାଉଛୁ? ତା'ର ସରଳ ମନ୍ତ୍ର କ'ଣ? ଏଥର ବନ୍ଧୁକୁ ଭିଡିନେଇ ଗଛ ମୂଳେ ଥିବା ପଥର ଉପରେ ବସେଇଲି ଓ କହିଲି।

ଜୀବନ ଏକ ନାଟକମଞ୍ଚ। ଏଠି ପ୍ରତ୍ୟେକ ଚରିତ୍ର ଆସେ, ଅଭିନୟ କରେ ଓ ଶେଷରେ ପରଦା ପଡ଼େ। ଯେପରି ଫୁଲ ଫୁଟିବା ସହିତ ଶୁଖିବାର ଯାତ୍ରା ଆରମ୍ଭ ହୁଏ। ସେପରି ଭଙ୍ଗାଯାଏ ଗଢିବା ପାଇଁ। ପ୍ରକୃତି ଆମକୁ ଏହି ନିୟମ ନିତି ନୂଆ ଭାବେ ଦେଖାଏ। ମାଟି ହେଉଛି ସୃଷ୍ଟିର ଗର୍ଭ, ଯେଉଁଠାରୁ ଗଛ ଜନ୍ମନିଏ। ଗଛ ବୃଦ୍ଧି ପାଏ, ଫୁଲ ଫୁଟେ, ଫଳ ହୁଏ ଏବଂ ଶେଷରେ ପତ୍ରଝଡ଼ା ଦିଏ । ଏହି ପତନ ହିଁ ନୂଆ ଜୀବନର ମୂଳ। ପୁରୁଣା ପତ୍ର ମାଟିହୋଇ ନୂଆ ଚାରାକୁ ପୋଷଣ ଦିଏ। ଏହା ହେଉଛି ସୃଷ୍ଟି ଓ ବିନାଶର ଅଦୃଶ୍ୟ ସମତା। ମନୁଷ୍ୟ ଜୀବନ ମଧ୍ୟ ଏହି ନିୟମରେ ବନ୍ଧା। ଶିଶୁ ହୋଇ ଗଢ଼ିଉଠୁଥିବା ଶରୀର ଦିନେ ବୃଦ୍ଧାବସ୍ଥାରେ ପଦାର୍ପଣ କରେ। ଯେପରି ଦିନ ଓ ରାତି, ଜନ୍ମ ଓ ମୃତ୍ୟୁ, ସୃଷ୍ଟି ଓ ବିନାଶ। ସେମାନେ ଗୋଟିଏ ଦେହର ଦୁଇ ଅଙ୍ଗ। ଗୋଟିଏ ଜନ୍ମ ଓ ଆରଟି ମୃତ୍ୟୁ। ଯେପରି ମେଘ ଭାଙ୍ଗି ବର୍ଷା ହୁଏ ଓ ପୃଥିବୀକୁ ସିଞ୍ଚି ନୂଆ ପ୍ରାଣ ଦିଏ। ସେପରି ଜୀବନର ପୁରୁଣା ଅଂଶ ଭାଙ୍ଗି ନୂଆ ସଂସାରକୁ ଜନ୍ମ ଦିଏ। ଅର୍ଥାତ୍ ଯାହା ଶେଷ ହେଲା, ତାହା ପୁଣି ନୂଆରୂପ ନେଇ ଫେରି ଆସେ। ପ୍ରକୃତିର ନିୟମ ଏତିକି ଆମକୁ ଶିଖାଏ ବହୁତ। ଭାଙ୍ଗିବାରେ ଭୟ କରିବାର କିଛିନାହିଁ। କାରଣ ଏହି ଭାଙ୍ଗିବାରେ ନୂଆଗଢ଼ାର ଅଙ୍କୁର ଲୁକ୍କାୟିତ ହୋଇ ରହିଛି। ଜଣେ ମୂର୍ତ୍ତିକାର ଯେପରି ମାଟିକୁ ଭାଙ୍ଗିଗଢ଼ି ଏକ ସୁନ୍ଦର ମୂର୍ତ୍ତି ତିଆରି କରେ, ସେପରି ସମୟ ଓ କିଛି ମଣିଷ ମଧ୍ୟ ଆମ ଜୀବନକୁ ଭାଙ୍ଗିଗଢ଼ି ନୂଆ ଅଭିଜ୍ଞତା ଦିଅନ୍ତି। ଆମକୁ ସଙ୍କେତ ଦିଅନ୍ତି। ଜୀବନର ଭଲମନ୍ଦକୁ ପରଖିବାକୁ ସୁଯୋଗ ଦିଅନ୍ତି। ନିଜ ଭିତରେ ଥିବା ମନ୍ଦଗୁଡିକୁ ଛାଡିବାକୁ ଅବସର ମିଳେ। ଭଲକୁ ଧରି ଆଗକୁ ବଢିବାକୁ ବଳ ଗୋଟାଏ। ଭାଙ୍ଗିବା ଶେଷ ନୁହେଁ, ଏହା ଏକ ନୂଆ ଆରମ୍ଭର ପ୍ରସ୍ତାବନା। ଜୀବନ ଗୋଟିଏ ମାଟିହାଣ୍ଡି। ଯାହାକୁ ସମୟ ତା' ଦେହରେ ଆକାର ଦେଇ ଗଢ଼େ। ହାଣ୍ଡି ହେବା ପୂର୍ବରୁ ସେ ମାଟିହୋଇ ଆଘାତ ସହେ। ମାଡ଼ଖାଏ। ଅଗ୍ନିସ୍ପର୍ଶର ଜ୍ୱାଳା ସହେ। କିନ୍ତୁ ସେଇ ଆଘାତ ଓ ତାପ ତାକୁ ଦୃଢ଼କରେ। ଯଦି ସେ ଭାଙ୍ଗିବାର ଭୟ କରିଥାନ୍ତା, ତେବେ କେବେ ହାଣ୍ଡିହୋଇ ନ ଥାନ୍ତା। ମଣିଷର ଜୀବନ ମଧ୍ୟ ସେପରି। ପ୍ରତ୍ୟେକ ଆଘାତ, ପ୍ରତ୍ୟେକ ଭାଙ୍ଗିବା ତାକୁ ମଜଭୁତ କରେ। ଜୀବନର ଚକ୍କିରେ ଗୋଟିଏ



ନୂଆଗଢ଼ା କୌଶଳକୁ କରାୟତ୍ତ କରେ। ଅନେକ ସମୟ ଆମେ ଭାବୁ କାହିଁକି ମୋ ଠାରେ ହିଁ ଏମିତି ହେଲା? ଅନ୍ୟମାନଙ୍କ କ୍ଷେତ୍ରରେ କାହିଁକି ନୁହେଁ ।

ଫଳନ୍ତି ଗଛକୁ ହିଁ ଫଳଟିଏ ପାଇବାର ଲୋଭରେ ଟେକାଟି ଫୋପଡ଼ା ଯାଏ । ସବୁଜ ଗହଳ ଥାଇ ସୁଦ୍ଧା ଫଳ ନ ଥିବା ଗଛକୁ କେହି ଟେକାମାରନ୍ତିନି। ସେହି ଭାଙ୍ଗିବା ମଧ୍ୟରେ ହିଁ ଆମେ ଆପଣା ଶକ୍ତିକୁ ଚିହ୍ନିପାରିଥାଉ। ଭାଙ୍ଗିବା ନିଜେ ଗଢିଉଠିବାର ପ୍ରଥମ ଆଲୋକ। ଯେଉଁ ହୃଦୟ ଭାଙ୍ଗିଛି, ସେ ଅଧିକ ଅନୁଭବୀ। ଯେଉଁ ଆତ୍ମା ଯନ୍ତ୍ରଣା ସହିଛି, ସେ ଅଧିକ ମାନବିକ। ଭାଙ୍ଗିବା ଆମକୁ ଶିଖାଏ ନିର୍ବାପିତ ଆଶାକୁ ଆଉଥରେ ଜଳାଇବାର ଥିବା ଶକ୍ତିକୁ। ଜୀବନ ଏମିତି ଗୋଟିଏ ଯାତ୍ରା, ଯେଉଁଠାରେ ଭାଙ୍ଗିବା, ଝୁଣ୍ଟିବା, ହାରିବା ଓ ଯନ୍ତ୍ରଣା ଭୋଗିବା ଗୋଟିଏ ଗୋଟିଏ ଅଂଶବିଶେଷ। ପ୍ରତ୍ୟେକ ସଫଳ ଲୋକଙ୍କ ପଛରେ ଅନେକ ବିଫଳତା ଲୁଚିଛି। ସେମାନେ ବିଭିନ୍ନ କାରଣରୁ ଖଣ୍ଡ ଖଣ୍ଡ ହୋଇଛନ୍ତି। ଅଥଚ ଛିଣ୍ଡି ନାହାନ୍ତି । ବରଂ ଭାଙ୍ଗି ବି ପୁନଶ୍ଚ ସୁନ୍ଦର ହୋଇ ଗଢିଉଠିଛନ୍ତି। ଭାଙ୍ଗିବା ହେଉଛି ସହିଷ୍ଣୁତା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଏକ ପରୀକ୍ଷା। ଯେତେବେଳେ ଜୀବନକୁ ଭାଙ୍ଗିଦେବାକୁ ଚେଷ୍ଟାକରେ, ସେତେ ବେଳେ ମନେ ରଖ ତୁମକୁ ଭାଙ୍ଗିବାକୁ ପ୍ରୟାସ କରାଯାଏନି, ଗଢିଉଠିବାକୁ ହିଁ ଭରପୂର ସୁଯୋଗ ଦିଆହୁଏ।

କୌଣସି ମଣିଷ ଜନ୍ମରୁ ସଫଳ ନୁହେଁ। ସେ ବିଫଳତାର ଆଘାତରେ ଜୀବନ ଶିଖେ। ପଡ଼ିଲେ ଉଠିବା, ହାରିଲେ ଲଢ଼ିବା ହେଉଛି ଜୀବନର ସତ୍ୟଶିକ୍ଷା। ଲୁହାକୁ ଅଗ୍ନିରେ ତତାଇଲେ ଇସ୍ପାତ ହୁଏ । କଷ୍ଟ ଓ ବିଫଳତା ମଣିଷକୁ ଶକ୍ତିଶାଳୀ କରେ। ଝଡ଼ ପରେ ନୂଆ ଗଛ କଅଁଳେ । ମେଘ ପରେ ଆସେ ଇନ୍ଦ୍ରଧନୁ। ଭାଙ୍ଗିବା ଜୀବନର ଅବିଭାଜ୍ୟ ଅଂଶ। ଭାଙ୍ଗିଲେ ମନ ଛିଣ୍ଡିବା ନୁହେଁ, ଅପେକ୍ଷା ରଖିବା ଉଚିତ। ଏହି ଭାଙ୍ଗିବା ମୋ ଗଢିଉଠିବାର ଆରମ୍ଭ। ଭାଙ୍ଗିବା ମାନେ ନଷ୍ଟ ହେବା ନୁହେଁ, ଏହା ହେଉଛି ଆପଣାକୁ ପୁନଃ ସଂରଚନା କରିବାର ଅବସର। କିଛି ବ୍ୟକ୍ତି, ସମୟ ଓ ପରିସ୍ଥିତି ଆମକୁ ପଛକୁ ଠେଲିଦିଏ, ସେତେବେଳେ ଜୀବନ ଆମକୁ ଅଧିକ ଶକ୍ତିଶାଳୀ ହେବାର ପ୍ରସ୍ତୁତି ଦିଏ। ଆହୁରି ଝାଡିଝୁଡି ଶକ୍ତି ଗୋଟାଇ ଆଗକୁ ମାଡିଚାଲେ । ତା'ର ବେଗ ଓ ତୀବ୍ରତା ଏତେ ଥାଏ ଯେ ସେହି ତଥାକଥିତ ଅପଶକ୍ତିମାନଙ୍କୁ ଅନେକ ପଛରେ ଛାଡିଦିଏ। ଛୁଇଁବାକୁ ଚେଷ୍ଟା କଲେ ବି ଛୁଇଁବା ସମ୍ଭବପର ହୋଇ ପାରେନା। ଜୀବନରେ କେହି ଏମିତି ନାହାନ୍ତି ଯେ ସେ ସଦା ସଫଳ ହୋଇଛନ୍ତି। ଜୀବନ ଆଘାତ ବିନା ସୁନ୍ଦର ହୋଇପାରେନା। କୁତ୍ସାରଟନା, ମିଥ୍ୟାରୋପ, ଅପଳାପ ଇତ୍ୟାଦି ଈର୍ଷାଳୁ ଓ ବିଫଳକାରୀଙ୍କ ପ୍ରିୟ ଅସ୍ତ୍ର । ସତ୍ୟ, ନ୍ୟାୟ, ନୀତିବାନ, ପରିଶ୍ରମ, ଅଧ୍ୟବସାୟ ଓ ସାଧୁତା ନିକଟରେ ସେ ଅସ୍ତ୍ର ସବୁବେଳେ ଫୁସୁକିଯାଏ। ବ୍ୟର୍ଥ ଉଦ୍ୟମ ଅପର ଗୋଷ୍ଠୀଙ୍କ ବାରମ୍ବାର ହୃତ୍‌ସ୍ପନ୍ଦନ ବଢ଼ାଇଥାଏ। ଯାହା ପ୍ରତି ଏସବୁ ହୁଏ ସେ ନିଜକୁ ହୃଦ୍‌ବୋଧ କରିବାକୁ ହେବ ତା'ର ବିକାଶ ହେଉଛି ଏବଂ କିଛି ଲୋକ ତାକୁ ଅନୁସରଣ କରୁଛନ୍ତି। ଭଲ ହେଉ କି ଖରାପ ଜୀବନରେ ଅନୁଗାମୀ ତିଆରି କରିବା କଷ୍ଟ। ଏତେ ସବୁ ଶୁଣିବା ପରେ ବନ୍ଧୁ ଆଖି ଛଳଛଳ କଲା ଓ କୋଳେଇ ଧରିକହିଲା - ସବୁ ସତ! କିନ୍ତୁ ଏତିକି କରିବା ଭାରି କଷ୍ଟରେ! ଯିଏ କରିପାରିଲା ସିଏ ବଢ଼ିଲା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ:୯୪୩୭୯୦୯୬୭୧**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | | | | |
| 7 | 6 | 2 | | | | | 3 | |
| 4 | | | | 1 | | 2 | | |
| | | 8 | | | 5 | 6 | | |
| | 1 | | | | | 3 | | |
| | 3 | | | 8 | | | | |
| | | | | | | | 8 | |
| | | | 8 | 9 | 2 | | | 1 |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 5 | 1 | 7 | 9 | 6 | 2 | 4 |
| 7 | 2 | 9 | 3 | 6 | 4 | 5 | 8 | 1 |
| 1 | 6 | 4 | 5 | 2 | 8 | 3 | 9 | 7 |
| 5 | 9 | 6 | 4 | 3 | 2 | 7 | 1 | 8 |
| 2 | 1 | 7 | 9 | 8 | 6 | 4 | 5 | 3 |
| 4 | 8 | 3 | 7 | 1 | 5 | 9 | 6 | 2 |
| 6 | 7 | 1 | 2 | 9 | 3 | 8 | 4 | 5 |
| 9 | 4 | 2 | 8 | 5 | 7 | 1 | 3 | 6 |
| 3 | 5 | 8 | 6 | 4 | 1 | 2 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କ ପ୍ରତି ଅତି ଅନ୍ୟାୟ ଘଟଣା ଯୋଗୁ ସାରା ଓଡ଼ିଶାବାସୀ ଚିନ୍ତିତ ଓ ମର୍ମାହତ। ଏଥିରେ ସମସ୍ତ ପଶ୍ଚିମବଙ୍ଗର ଜନତା ମଧ୍ୟ ଦୁଃଖିତ। ବହୁ ଉଚ୍ଚ ଆଶା ନେଇ ଡାକ୍ତରୀ ପାଠ ଅଧ୍ୟୟନ ପାଇଁ କୋଲକାତା ଯାଇଥିଲେ ଓଡ଼ିଆ ଛାତ୍ରୀ। ସମସ୍ତ ଆଶା ଭରସା ମଉଳିଗଲା ପଶ୍ଚିମବଙ୍ଗ ସରକାରଙ୍କ ପାଇଁ। ବିଭିନ୍ନ ଗଣମାଧ୍ୟମରେ ପଶ୍ଚିମବଙ୍ଗର ସମ୍ମାନ ହାନି ହେଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦାୟିତ୍ୱହୀନ ମନ୍ତବ୍ୟ (ଏତେ ରାତିରେ ଡାକ୍ତରୀ ଛାତ୍ରୀ ବାହାରକୁ କାହିଁକି ବାହାରି ଥିଲେ) ପାଇଁ ସାରା ଓଡ଼ିଶାବାସୀ ମ୍ରିୟମାଣ। ଆଜିଠାରୁ କୌଣସି ମହିଳାଙ୍କ ବିଳମ୍ବିତ ରାତିରେ ବାହାରିବା ବନ୍ଦ କରାଯାଇପାରିବ କି? ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ରାଜ୍ୟର ସମସ୍ତ ଆଇନ ଶୃଙ୍ଖଳାକୁ ବିପଦଗାମୀ କରିବା ସହ ଅରାଜକତାର ପାହାଡ଼ ଦଣ୍ଡାୟମାନ କରାଇବ। ଓଡ଼ିଶାବାସୀ ମମତାଙ୍କଠାରୁ ଏଭଳି ବ୍ୟବହାର ଆଶା କରୁନାହାନ୍ତି।

**-ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଣ ଖଣି ବ୍ଲକ୍‌ରେ ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ପ୍ରସ୍ତାବ

**ଯାଜପୁର ଜିଲ୍ଲା**

**ଯାଜପୁର,୨୩।୧୦(ହର୍ଷବର୍ଦ୍ଧନ ବେହେରା):**

ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେସନ (ଓଏମ୍‌ବିଏଡିସି) ପାଣ୍ଠିର ୬୨% ଟଙ୍କା ଅଣ ଖଣି ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବିନିଯୋଗ ହୋଇଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ(ସିଏଜି) ପ୍ରତିବେଦନ ସଂଖ୍ୟା ୧୧ ବର୍ଷ ୨୦୨୪ ରିପୋର୍ଟରେ ଏହା ଦର୍ଶାଯାଇଛି। ଏବେ ଯାଜପୁର ଜିଲାର ଅଣଖଣି ବ୍ଲକ ବିଞ୍ଝାରପୁରରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଓଏମ୍‌ବିଏଡିସି ପାଣ୍ଠିରୁ ୫୯ କୋଟି ୪୦ ଲକ୍ଷ ଟଙ୍କାରେ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ କରିବାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଛି ବୋଲି ମତପ୍ରକାଶ ପାଉଛି। ସୁପ୍ରିମକୋର୍ଟ ୨୦୧୭ ଅଗଷ୍ଟ ୩୧ରେ ଖଣିଜ ପଦାର୍ଥ ଲୁଟିଥିବା ୧୩୧ ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୯,୧୭୪ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜରିମାନା ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଛି। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ ଡାଇରେକ୍ଟର ଏବଂ ଓଭରସାଇଟ ଅଥରିଟିଙ୍କ ଅନୁମୋଦନ ନେଇ ରାଜ୍ୟର ୮ଟି ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନୱାଡି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ଆଦି ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର କେବଳ ସୁକିନ୍ଦା ବ୍ଲକ ଅଞ୍ଚଳରେ ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ହେବାର ପ୍ରାବଧାନ ରହିଛି। କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ବିଞ୍ଝାରପୁର ବ୍ଲକର ୧୫ଟି ରାସ୍ତା ପ୍ରକଳ୍ପ ଓଏମ୍‌ବିଏଡିସି ପାଣ୍ଠିରୁ ନିର୍ମାଣ କରିବାକୁ ବିଭାଗୀୟ ଚିଫ ଇଞ୍ଜିନିୟରଙ୍କୁ ୧୮।୧୦।୨୦୨୫ରେ ପ୍ରସ୍ତାବ ଦେଇଛନ୍ତି। ଏଥିରେ ବିଞ୍ଝାରପୁରଠାରୁ କଲ୍ୟାଣ, ବିଞ୍ଝାରପୁର ଉଠା ଜଳସେଚନଠାରୁ ଖରସ୍ରୋତା ନଦୀବନ୍ଧ, ଆର ଆଣ୍ଡ ବି ରାସ୍ତାଠାରୁ ମଙ୍ଗଳଚଣ୍ଡି, ତନ୍ତରାଠାରୁ କୁଜୁଳି, ଆଗରି ହାଇସ୍କୁଲଠାରୁ ମାଟିଆକଣା, ବରେଇନୂଆବିଲାଠାରୁ ମାଟିଆପାଟଣା ଭାୟା ଶ୍ରୀମା ହାଇସ୍କୁଲ, ଫାଳପୁରଠାରୁ ହଳଦିହି, ଆରଡି ରାସ୍ତାଠାରୁ ଦତ୍ତପୁର ଭାୟା କୋଟପୁର, କମାରଡ଼ିହଠାରୁ ଦରଭା, କର୍ଯ୍ୟଗୋଲାଠାରୁ ଗହିରପାଳ, ରାହାସୋଇଠାରୁ ସାଉଡ଼ି, ଆରଡି ରାସ୍ତାଠାରୁ ପୁରାରୀପୁର, ରାହାସୋଇଠାରୁ ବିହାରୀ, ପରେଶ୍ୱରପୁରଠାରୁ କୋଟପୁର ଓ ପିତବନ୍ଧଠାରୁ ଦରଭା ରାସ୍ତା ନିର୍ମାଣ ପ୍ରସ୍ତାବ ରହିଛି। ଗମନାଗମନ ସୁଦୃଢ଼ ହେଲେ ସେହି ଅଞ୍ଚଳର ବିକାଶ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ରହିଛି। କିନ୍ତୁ କେବଳ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏବେବି ସୁକିନ୍ଦା ବ୍ଲକ ଅଞ୍ଚଳରେ କେତେକ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବାରେ ବିଭାଗ ବିଫଳ ହୋଇଛି। ନଗଡ଼ା ପାର୍ଶ୍ୱ ଗୁମୁଣି ଗ୍ରାମକୁ ସ୍ଥାୟୀ ପକ୍କା ରାସ୍ତା ଏଯାଏ ନିର୍ମାଣ ହୋଇ ପାରିନାହିଁ। ଏହାବାଦ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଏମ୍‌ବିଏଡିସି ବିନିଯୋଗ ନୈରାଶ୍ୟଜନକ ରହିଛି। ଡାକ୍ତରଙ୍କ ଅଭାବ ପୂରଣ କରାଯାଇନାହିଁ। କ୍ଷୁଦ୍ର ହାଉସିଂ କଲୋନୀ କାର୍ଯ୍ୟକାରୀ ହୋଇନାହିଁ। ପ୍ରକଳ୍ପ ପ୍ରସ୍ତାବ ସମ୍ପର୍କରେ ଜିଲା କର୍ତ୍ତୃପକ୍ଷଙ୍କ ସଚେତନତାର ଅଭାବ ରହିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ବେଆଇନ ଖଣି ଖନନ ହେତୁ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ତଥା କଲ୍ୟାଣ ଉପରେ ସିଧାସଳଖ ପ୍ରଭାବ ପଡ଼ିଥିଲେ ହେଁ ସେମାନେ ଏବେବି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ବୋଲି ଅଭିଯୋଗ ହେଉଛି।


ବିଞ୍ଝାରପୁର ବ୍ଲକରେ ଥିବା ଏକ ରାସ୍ତା।

## ବାଳକ ସାଧାରଣ ପ୍ରକୋଷ୍ଠ ଉଦ୍‌ଘାଟିତ


ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଳକ ସାଧାରଣ ପ୍ରକୋଷ୍ଠର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଯାଜପୁରରୋଡ,୨୩।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଳକ ସାଧାରଣ ପ୍ରକୋଷ୍ଠ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କଳିଙ୍ଗନଗର ଟାଟା ଷ୍ଟିଲ ଦ୍ୱାରା ନବୀକୃତ ହୋଇଥିବା ଏହି ବାଳକ ସାଧାରଣ ପ୍ରକୋଷ୍ଠକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ବିଶିଷ୍ଟ ଅତିଥି ଭାବେ କଳିଙ୍ଗନଗର ଟାଟା ଷ୍ଟିଲର ମୁଖ୍ୟ ଇମ୍ପାକ୍ଟ ଅଫିସର ଦେବାଞ୍ଜନ ମୁଖାର୍ଜୀ ଯୋଗ ଦେଇଥିଲେ। ବିଧାୟକ ପିଲାମାନଙ୍କ ସହ କ୍ୟାରମ ଖେଳିଥିଲେ। ଅତିଥିମାନେ ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ପ୍ରଭାତ ସ୍ୱାଇଁ, ପ୍ରଶାନ୍ତ ସାହୁ, ଖେଳ ଶିକ୍ଷକ ନିରଞ୍ଜନ ପୃଷ୍ଟି, ରବୀନ୍ଦ୍ର କୁମାର ରାଉଳ ଓ ଏନସିସି କ୍ୟାଡେଟମାନେ ସହଯୋଗ କରିଥିଲେ। ଏନ୍‌ସିସି ଅଫିସର କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନର ଅବମାନନା

**ବରୀ,୨୩।୧୦(ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକୁ ବରୀ ବ୍ଲକ୍ ପ୍ରଶାସନ ଅବମାନନା କରିଥିବା ଅଭିଯୋଗ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ବ୍ଲକ ଅଧୀନ ୯୮ ଅଙ୍ଗନୱାଡି କେନ୍ଦ୍ରର ପୁନରୁଦ୍ଧାର ପାଇଁ ଅର୍ଥମଞ୍ଜୁର ହୋଇଥିଲା। ଏହି ଅର୍ଥରାଶି ପଞ୍ଚାୟତକୁ ହସ୍ତାନ୍ତର କରାଯିବାକଥା। ମାତ୍ର ବରୀ ବ୍ଲକ ପ୍ରଶାସନ ଏହି ନିୟମକୁ ଉଲ୍ଲଂଘନ କରି ପଞ୍ଚାୟତକୁ ଅର୍ଥ ହସ୍ତାନ୍ତର ନ କରି ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦେଇ କାର୍ଯ୍ୟ କରିଛି। ଏହି କାର୍ଯ୍ୟ ବେଆଇନ ଦର୍ଶାଇ କଳାମାଟିଆ ପଞ୍ଚାୟତର ସରପଞ୍ଚ ରଶ୍ମିତା ପରିଡ଼ା ଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ କୋର୍ଟ ୦୪।୦୯।୨୦୨୫ରେ ସରପଞ୍ଚଙ୍କ ଅଭିଯୋଗର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟାଦେଶ ଦିଆଯାଇଥିବା ପ୍ରକଳ୍ପଗୁଡ଼ିକ ଉପରେ ଅର୍ଥ ପୈଠ ନ କରିବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ବରୀ ବିଡିଓ ଅସିତ କୁମାର ମହାନ୍ତିଙ୍କୁ ୧୨।୦୯।୨୦୨୫ରେ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ମାତ୍ର ବିଡିଓ ପତ୍ର ପାଇବା ପରେ ବି ବେଆଇନଭାବେ ସେରପୁର ପଞ୍ଚାୟତର ଏକ ଅଙ୍ଗନୱାଡି କେନ୍ଦ୍ରର ଉନ୍ନତୀକରଣ ପାଇଁ ୧୭।୦୯।୨୦୨୫ରେ ୪ଲକ୍ଷ ୨୧ ହଜାର ୪୭୨ଟଙ୍କା ପୈଠ କରିଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ ସେ କହିଛନ୍ତି, ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବ୍ୟସ୍ତଥିବାରୁ ଜିଲାପାଳଙ୍କ ତରଫରୁ ଆସିଥିବା ପତ୍ରଦେଖି ନ ଥିଲେ। ସେଥିପାଇଁ ତ୍ରୁଟିପୂର୍ଣ୍ଣ ଭାବେ ଉକ୍ତ ପ୍ରକଳ୍ପ ଉପରେ ଅର୍ଥ ପୈଠ କରାଯାଇଛି। ପରେ ସେ ଏ ବିଷୟରେ ମଧ ଜିଲାପାଳଙ୍କୁ ଅବଗତ କରିଛନ୍ତି।

## ବିଧାୟକଙ୍କ ଦ୍ୱାରା ଉନ୍ନତୀମୂଳକ କାର୍ଯ୍ୟର ଶୁଭାରମ୍ଭ

**କାଏମା,୨୩।୧୦ (ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଧର୍ମଶାଳା ମହୋତ୍ସବ ପଡିଆଠାରେ ଗୁରୁବାର ଅପରାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଧର୍ମଶାଳା ବ୍ଲକ ପକ୍ଷରୁ ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା, ୨୨୮ ଜଣଙ୍କୁ ଅନ୍ତ୍ୟୋଦ୍ୱୟ କାର୍ଯ୍ୟାଦେଶ ଓ ୧୮୩୬ ପରିବାରଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଛନ୍ତି। ଏଥିସହିତ ବିଭିନ୍ନ ଗ୍ରାମକୁ ଆଲୋକୀକରଣ ପାଇଁ ୧୦ କୋଟି ଟଙ୍କା ବ୍ୟୟରେ ଲଗାଯାଇଥିବା ସୋଲାର ଲାଇଟକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ବିଶ୍ୱବିଜୟିନୀ ମିଶ୍ର, ଅତିରିକ୍ତ ବିଡିଓ ସୁରେଶ କୁମାର ପଣ୍ଡା ଯୋଗେଦଇ ସହାୟତା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ଯୁବ ସଙ୍ଗଠକ ରେଜଶ ପାଳ, ଆରୁହା ଜୋନର ସଭାପତି ଜିତେନ୍ଦ୍ର ରାଉତ, ଚନ୍ଦ୍ରମଣି ପଣ୍ଡିତ, ସବ୍ୟସାଚୀ ସୁନ୍ଦରରାୟ, ଅଭିଷେକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ସହେଯାଗ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସେମତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ବିଧାୟକ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

## ରାଜନେତା ଦିଲୀପ ନାୟକଙ୍କ ପରଲୋକ



**କଳିଙ୍ଗନଗର,୨୩।୧୦(ଶୁଭାଶିଷ ରାଉତ):** ଦାନଗଦି ବ୍ଲକ ଯଖପୁରା ଗ୍ରାମର ରାଜନେତା ଦିଲୀପ ନାୟକଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ହଠାତ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦିଲୀପ ଜଣେ ସରଳ, ଭଦ୍ର ଓ ଲୋକପ୍ରିୟ ରାଜନେତା ଥିଲେ। ୩୦ବର୍ଷର ରାଜନୈତିକ ଜୀବନରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଧାରଣ କରିଥିଲେ। ସେ ତାଙ୍କ ରାଜନୈତିକ ଜୀବନ ଜାତୀୟ କଂଗ୍ରେସରୁ ଆରମ୍ଭ କରିଥିଲେ। ଦାନଗଦି ବ୍ଲକ କଂଗ୍ରେସ ସଭାପତି ଭାବେ ମଧ କାର୍ଯ୍ୟ କରିଥିଲେ। ପରେ ସେ ବିଜେଡିରେ ସାମିଲ ହୋଇ ବ୍ଲକ ସଭାପତି ହୋଇଥିଲେ। ଚଳିତ ନିର୍ବାଚନ ସମୟରେ ସେ ଭାଜପାରେ ଯୋଗଦେଇ ୧୦ ନମ୍ବର ଜୋନର ଦାୟିତ୍ୱ ନେଇ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଭାଜପା ଯୁବନେତା ସବ୍ୟସାଚୀ ବଳ ସାମନ୍ତଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଯୁବକ ଗିରଫ

**ରସୁଲପୁର,୨୩।୧୦ (ରଞ୍ଜିତ ରାଉତ):**

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ମନୋଜ କୁମାର ସାହୁ(୪୬)। ତାଙ୍କ ଘର କଲଣ ଅଞ୍ଚଳରେ ବୋଲି ଜଣାପଡିଛି। ଚଳିତ ମାସ ୧୮ ତାରିଖରେ ଏହି ଥାନା ଅନ୍ତର୍ଗତ ଏକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିବେଷଣ ସମୟରେ ଅଭିଯୁକ୍ତ ମନୋଜ ବିଦ୍ୟାଳୟ ହତାକୁ ଧସେଇ ପଶି ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଧବାର କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୩୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଏସଆଇ ଏସ୍‌ଏନ. ସାହୁ ମାମଲାର ତଦନ୍ତ କରୁଛନ୍ତି।

## ନୂଆଗାଁରେ ଗିରିଗୋବର୍ଦ୍ଧନ ପୂଜା

**ବାଙ୍କୀ,୨୩।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ବ୍ଲକ ନୂଆଗାଁ ପଞ୍ଚାୟତରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ୩୦ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଚକ୍ରଧର ସାହୁ, ସମିତି ସଭ୍ୟ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଆର୍ଯ୍ୟାଂଶ କ୍ଲବ୍ ପୂଜାମଣ୍ଡପ ବୁଲିଲେ ବିଧାୟକ

**ଯାଜପୁରରୋଡ୍,୨୩।୧୦ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ବିଧାୟକ ଆକାଶ ଦାସନାୟକ ବ୍ୟାସନଗର ସହରର ବିଭିନ୍ନ କାଳୀପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସହରର ଚୋରଦା ବାଇପାସ ଛକ ସ୍ଥିତ ଆର୍ଯ୍ୟାଂଶ କ୍ଲବ ମଣ୍ଡପ ବୁଲିଥିଲେ। କ୍ଲବର ସଦସ୍ୟମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ପାଛୋଟି ନେଇଥିଲେ। ବିଧାୟକ ମା’କାଳୀଙ୍କ ଦର୍ଶନ କରିବା ସହ ମା’ଙ୍କ ନିକଟରେ ସହରବାସୀଙ୍କ ମଙ୍ଗଳ କାମନା କରିଥିଲେ। ମା’ଙ୍କ ମୂର୍ତ୍ତି, ସୁନ୍ଦର ସାଜସଜା ଓ ତୋରଣର ପ୍ରଶଂସା କରିଥିଲେ। ୨୦୧୧ରୁ ପୂଜା ଆରମ୍ଭ ହୋଇ ଚଳିତ ବର୍ଷ ପୂଜା ୧୫ ବର୍ଷରେ ପଦାର୍ପଣ କରିଥିବା କ୍ଲବ୍ ସଭାପତି ରବିନାରାୟଣ ପୁହାଣ ବିଧାୟକଙ୍କୁ ଅବଗତ କରିଥିଲେ। ପ୍ରତ୍ୟେକ ବର୍ଷ ମୂର୍ତ୍ତି ନିର୍ମାଣ ଓ ତୋରଣକୁ ସୁନ୍ଦର କରିବାକୁ ପ୍ରୟାସ କରାଯାଉଥିବା ସମ୍ପାଦକ ନିମାଇଁ ରାଉତ କହିଥିଲେ। ଏହାପରେ ବିଧାୟକ ଓ ଅନ୍ୟ ଅଧିକାରୀମାନେ କ୍ଲବ୍ ସଦସ୍ୟଙ୍କ ସହ ପ୍ରସାଦ ସେବନ କରିଥିଲେ। ବିଧାୟକଙ୍କ ସହ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ତହସିଲଦାର ଦେବାଶିଷ ରାଉତ, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ପୂଜା ମଣ୍ଡପ ପରିଦର୍ଶନରେ ଆସିଥିଲେ।




**OFFICE OF THE SUPERINTENDING ENGINEER, P.H. DIVISION, KORAPUT** No. C-1306

Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com

GOVERNMENT OF ODISHA

“e” Procurement Notice

e-Procurement Notice for 2025-26

Bid Identification No. SE, P.H. KPT-6 of 2025-26 Dt.16.10.2025

1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal “https://www.tendersodisha.gov.in”.

Sd./- (Er. Chiranjibi Mahali)
Superintending Engineer
P.H. Division, Koraput

OIPR-13008/11/0021/2526



GOVERNMENT OF ODISHA No. C-1307

**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

e-mail ID: eephctcii@gmail.com, sephdctc521@gmail.com

e-procurement Notice for Bid Identification No. SEPH-DIVISION, CTC-28 of 2025-26

1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- I/C Superintending Engineer
P.H. Division, Cuttack

OIPR-13225/11/0039/2526



GOVERNMENT OF ODISHA
WORKS DEPARTMENT

**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**

TELEPHONE & Fax : 06846-243242, E-mail : eepwd.balliguda@gmail.com

e-procurement notice

Bid Identification No. S.E. BLG-12/2025-26

No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division

OIPR-34162/11/0006/2526



**GOVERNMENT OF ODISHA** No.O-1051

**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**

e_Mail : eerw_kuchinda@yahoo.com

1st Corrigendum to Bid identification No. Tender online 04 / RWD / Kuchinda / 2025-26

Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26

The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in

Sd./- Superintending Engineer
R.W. Division, Kuchinda

OIPR-25151/11/0034/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫

ସନ୍ଦର୍ଭ:

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍‌ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେଜିଟିଏଲ୍ ଟ୍ରେଡ଼ିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କ୍ରି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ୍ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ’ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0436/2526

**ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): ଶିରିଡ଼ି ସାଇବାବାଙ୍କ ପୁଣ୍ୟତିଥି ଉପଲକ୍ଷେ କେନ୍ଦ୍ରାପଡ଼ା ସହର କଳାକାର ଗୋଲ୍ଡେନ ଭିଲ୍ଲାସ୍ଥିତ ସାଇବାବାଙ୍କ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶିରିଡ଼ି ସାଇ ଟ୍ରଷ୍ଟର ସଭାପତି ସୁଧାଂଶୁଶେଖର କହିଛନ୍ତି, ସାଇବାବା ଆଧ୍ୟାତ୍ମିକ ଜଗତର ଉଜ୍ଜ୍ୱଳ ତାରକା। ତାଙ୍କର ଦିଗ୍‌ଦର୍ଶନରେ ଏକ ସୁସ୍ଥ ସମାଜ ଗଠନ ହେଉଛି। ତାଙ୍କର ମହାସମାଧି ଦିବସ ଉପଲକ୍ଷେ ଦିନସାରା ବିଭିନ୍ନ ନିତ୍ୟ ପୂଜାକୁ କରାଯାଇଥିଲା। ଏଥିସହ ଏକ ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟକ୍ରମକୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ପ୍ରସନ୍ନ ସାମଲ, ଦାକିନା ମିଶ୍ର, ସୁବ୍ରତ ରାଉତ, ଶ୍ରୀସ୍ମିତା ରାଉତ, ପ୍ରିୟବ୍ରତ ଦାଶ, ଜୟଶ୍ରୀ ପତି ପ୍ରମୁଖ ସଞ୍ଚାଳିତ କରିଥିଲେ।

# ସାଇବର ସୁରକ୍ଷା ଅଭିଯାନ : ଠକେଇରୁ ଦୂରେଇ ରୁହ

ରାଜକନିକା, ୨୩।୧୦(ସଞ୍ଜୟ କୁମାର ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସାରା ଭାରତ ବର୍ଷ ତଥା ରାଜ୍ୟରେ ସାଇବର ଠକେଇ ବୃଦ୍ଧି ପାଇଛି। ଦିନକୁ ଦିନ ସାଇବର ଠକଙ୍କର ଅପରାଧିକ ସାମ୍ରାଜ୍ୟ ବଢ଼ି ଚାଲିଛି। ସବୁ ବର୍ଗର ଜନତା ଏହି ଠକଙ୍କ ସ୍ୱାନରକୁ ନ ଆସିବା, ସାଇବର ଠକମାନଙ୍କ କବଳରୁ କେମିତି ନିଜକୁ ସୁରକ୍ଷିତ ରଖିପାରିବା ସେ ବିଷୟରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସାରା ରାଜ୍ୟରେ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରରିପେକ୍ଷୀରେ ଗୁରୁବାର ସାଇବର ସୁରକ୍ଷା ସଚେତନତା ରଥ କେନ୍ଦ୍ରାପଡ଼ା ଜିଲା ରାଜକନିକାଠାରେ ପହଞ୍ଚିଥିଲା। ଜିଲା ତଥା ବ୍ଲକର ବନ୍ଧୁଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରହିବା ଓ ଏଥିପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ସାଇବର ସୁରକ୍ଷା ସଚେତନତା ରଥ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ସାଇବର ସୁରକ୍ଷା ସଚେତନତା ରଥ ରାଜକନିକାର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଥିଲା। ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ସଭାରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସାଇବର ଠକେଇରୁ କେମିତି ବଞ୍ଚି ହେବ ସେ ନେଇ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡା. ଫକିର ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ଡ. ଅଜୟ କୁମାର କୁଣ୍ଡ ଓ ଏସଆଇ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ସାଇବର ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ହୋଇ ନିଜ ନିଜ ଢଙ୍ଗରେ ସଚେତନତା କରିଥିଲେ। ଶେଷରେ ଘୋଡାନାଚ ଓ ଚକୁଳିଆପଣ୍ଡା ଅଭିନୟ ତଥା ସଙ୍ଗୀତ ପରିବେଷଣ ମଧ୍ୟମରେ ସଚେତନତା କରାଯାଇଥିଲା। ମୁଖ୍ୟ କିରାଣି ଲକ୍ଷ୍ମଣ କୁମାର ସାହୁ, କୋଷାଧ୍ୟକ୍ଷ ଜୟନ୍ତ କୁମାର ମଥାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ସଚେତନତା ରଥ ରାଜକନିକାର ଆୟତନ, କାଟଣା, ଜୟନଗର, ଓଳାଭର, କଣ୍ଡିଆ ଆଦି ଅଞ୍ଚଳରେ ବୁଲି ସାଇବର ସଚେତନତା ସୃଷ୍ଟି କରିଥିବା ଜଣାପଡ଼ିଛି। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ତଥା ରାଜକନିକା ପୋଲିସ ପ୍ରଶାସନ ପରିଚାଳନା କରିଥିଲେ।

# ଦୁର୍ବୃତ୍ତ ଲୁଟିନେଲେ ସୁନା, ରୁପା ଗହଣା ସହ ଟଙ୍କା

ଡେରାବିଶ, ୨୩।୧୦(ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦାନପୁର ପଞ୍ଚାୟତ କେଶରପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରାମର ଶ୍ରୀଚରଣ ସାହୁଙ୍କ ଘରେ କଳାକନା ବୁଲାଇଛନ୍ତି। ଘରର ପଛପଟ ଝରକା ଓ ଗ୍ରିଲକୁ ଭାଙ୍ଗି ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଏ ସମ୍ପର୍କରେ ସାହୁଙ୍କ ପୁଅ ଦୀପ୍ତିକାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ରାତିରେ ସବୁଦିନ ଭଳି ଦୀପ୍ତିକାନ୍ତଙ୍କ ପରିବାର ରାତ୍ରି ଭୋଜନ ସାରି ଶୋଇପଡ଼ିଥିଲେ। ତେବେ ରାତି ପ୍ରାୟ ୨ ଟାରେ ଦୁର୍ବୃତ୍ତମାନେ ଝରକା ଭାଙ୍ଗି ଘରେ ପ୍ରବେଶ କରିବା ସହ ପରିବାର ଲୋକ ଶୋଇଥିବା ଘରର କବାଟ ବାହାରୁ ବନ୍ଦ କରି ଲୁଟପାଟ କରିଥିଲେ। ଡକାୟତମାନେ ଗଡରେଜ ଲକର ଭାଙ୍ଗି ୨ଟି ସୁନାଚେନ୍, ୨ ଟି ସୁନା ମୁଦି, ରୁପା ପାଉଁଜି ସମେତ ୧୩ ହଜାର ଟଙ୍କା ନେଇଯାଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ସେହିପରି ଦୀପ୍ତିକାନ୍ତଙ୍କ ଘରେ ଭଡ଼ାରେ ରହୁଥିବା ବିଦ୍ୟୁତ୍ ଭୂଷଣ ମହାନ୍ତିଙ୍କ ଘରେ ମଧ୍ୟ ଦୁର୍ବୃତ୍ତମାନେ କଳା କନା ବୁଲାଇଛନ୍ତି। ବିଦ୍ୟୁତ୍‌ଙ୍କ ପ୍ୟାଣ୍ଟ ପକେଟରେ ଥିବା ୯୫୦୦ଟଙ୍କା, ଗଡରେଜ ଲକରରେ ଥିବା ୩୯ ହଜାର ଟଙ୍କା ସମେତ ୨ ହଳ କାନଫୁଲ, ଗୋଟିଏ ସୁନାଚେନ୍, ୩ ଗୋଟି ମୁଦି, ୪୦ ଗୋଟି ଚାନ୍ଦି କଏନ ସମେତ ୨ ଗୋଟି ମୋବାଇଲ ଫୋନ୍ ଚୋରି ହୋଇଥିବା ନେଇ ଏତଲାରେ ଦର୍ଶାଯାଇଛି। ଅଭିଯୋଗ ପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ସୁନା, ରୁପା ଓ ମୂଲ୍ୟବାନ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ତେବେ ଚୋରି ହୋଇଥିବା ଘର ନିକଟରେ ଥିବା ଏକ ଗ୍ରାଣ୍ଡର ଗ୍ୟାରେଜର ସିସିଟିଭି ଫୁଟେଜରୁ ୨ଟି ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଉକ୍ତ ଘର ନିକଟକୁ ଆସିଥିବା ଦୃଶ୍ୟକୁ ଆଧାର କରି ପୋଲିସ ତଦନ୍ତ କରୁଥିବା ଜଣାଯାଇଛି।

# ଡେରାବିଶ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ




ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଡେରାବିଶ, ୨୩।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମହାବିଦ୍ୟାଳୟ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ କ୍ରୀଡ଼ାର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସମ୍ବଲପୁରର ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିଅନସିପରେ ଅଧ୍ୟାପକ ଡ. ସଦୀପ ବଳଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୨ଛାତ୍ର ବିଜ୍ଞାନ ମଲିକ ସଫଳତା ହାସଲ ପୂର୍ବକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫଳରେ ଜାମ୍ମୁଠାରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର ତାଇକୋଣ୍ଡୋ ଚାମ୍ପିଅନସିପରେ ଭାଗ ନେବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୁଷ୍ଟିଙ୍କ ତତ୍ତ୍ୱାବଧାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଯୋଗ ପ୍ରତିଯୋଗିତାରେ ଯୁକ୍ତ ୩ ଶ୍ରେଣୀର ଛାତ୍ରୀ ପ୍ରିୟଦର୍ଶିନୀ ମଲ୍ଲିକ, ସରସ୍ୱତୀ ସିଂହ ଓ ଶୁଭଶ୍ରୀ ସରିତା ରାଉତ କୃତିତ୍ୱ ହାସଲ କରିଛନ୍ତି। ଭୁବନେଶ୍ୱରର କିସ୍ ପରିସରରେ ଆୟୋଜିତ ଭଲିବଲ ପ୍ରତିଯୋଗିତାରେ ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ସିଂହ ସଫଳତା ଅର୍ଜନ କରି ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଯୁକ୍ତ ୨ ଛାତ୍ର ମିର ଫେରାନ୍ ଜାତୀୟ ସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫେରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, କ୍ରୀଡ଼ା ପରିଷଦ ପକ୍ଷରୁ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର, ଡ. ସଦୀପ ବଳ, ଅଭିଜିତ ପ୍ରଧାନ, ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ସାହୁ, ଆକାଂକ୍ଷା ଦାସ, ସୁଭାଷିନୀ ମିଶ୍ର, ବନିତା ମହାରଣା ଓ ପ୍ରଜ୍ଞା ପାରମିତା ରାଉତରାୟ ପ୍ରମୁଖ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ଗୋଷ୍ଟେଶ୍ୱର ମହାଦେବଙ୍କ ଦଧିନଉତି ସ୍ଥାପନ

ଡେରାବିଶ, ୨୩।୧୦
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ରତାଦିଆ ଗ୍ରାମ ପଞ୍ଚାୟତ ବାୟାକଣ ଗ୍ରାମରେ ବୁଧବାର ଗୋଷ୍ଟେଶ୍ୱର ମହାଦେବଙ୍କ ମନ୍ଦିରର ଦଧିନଉତି ସ୍ଥାପନ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଦଧିନଉତି ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଶିଶିର କୁମାର ସାମଲ, ୱାର୍ଡସଭ୍ୟ କୈଳାସ ଚନ୍ଦ୍ର ସାହାଣୀ,ସମବାୟ ସମିତି ସଭାପତି ବିମଳ କାନ୍ତ ତ୍ରିପାଠୀ,ସୌମ୍ୟରଞ୍ଜନ ସାହୁ, ଭାସ୍କର ସାହୁ, ସରୋଜକାନ୍ତ ସାହୁ, ସୁଧାକର ଷଣ୍ଢ,ଦୀପକ ସାହାଣୀ,ତୁଷାର କାନ୍ତ ଜଗତୀ ଓ ଅମର ବାରିକଙ୍କ ସମେତ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପାରେ ଯୋଗଦେଲେ ପୂର୍ବତନ ସରପଞ୍ଚ, ଶତାଧିକ କର୍ମୀ

ଆଳି, ୨୩।୧୦(ବନମାଳୀ ସେନାପତି)




ଭାଜପାରେ ଯୋଗଦେଇଥିବା କଂଗ୍ରେସ କର୍ମୀ।

ଆଳି ନିର୍ବାଚନମଣ୍ଡଳୀର ଗୋବିନ୍ଦପୁର ମଣ୍ଡଳ ଭାଜପା ପକ୍ଷରୁ ଏକ ରୋଡ଼ ସୋ ଓ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ମଣ୍ଡଳ ପକ୍ଷରୁ ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ କେନ୍ଦୁଆପାଳ ପଞ୍ଚାୟତର କଂଗ୍ରେସ ସମର୍ଥିତ ପୂର୍ବତନ ସରପଞ୍ଚ ରଶ୍ମିତା ଜେନା ଓ କଂଗ୍ରେସର ବରିଷ୍ଠ ସଙ୍ଗଠକ ସରୋଜ ଜେନା, ରତ୍ନାକର ବିଶ୍ୱାଳ, ମାଧବାନନ୍ଦ ମଲ୍ଲିକ, ନିରୋଦ ଜେନା, ଭାବଗ୍ରାହୀ ଦାସ, ପ୍ରଦୀପ ମଲିକ, ଉମେଶ ମଲିକ, କିଶୋର ମଲିକ, ସନ୍ତୋଷ ମଲିକଙ୍କ ସହ ଶତାଧିକ ପରିବାର କଂଗ୍ରେସ ଦଳ ପରିତ୍ୟାଗ କରି ଭାଜପାରେ ବିଦ୍ଧିବଦ୍ଧ ଭାବେ ଯୋଗଦେଇଥିଲେ। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଓ ଆଳି ବିଧାନସଭା ନେତା କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ଉତ୍ତରୀୟ ପ୍ରଦାନ କରି ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଭାଜପାର ଲୋକ କଲ୍ୟାଣକାରୀ ଯୋଜନା ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ପ୍ରତି ଆକୃଷ୍ଟ ହୋଇ ପ୍ରତିଦିନ କର୍ମୀମାନେ ଭାଜପାରେ ସାମିଲ ହେଉଥିବା ନେଇ ବିଧାୟକ ନାୟକ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ଆଶାଲତା ପଟ୍ଟନାୟକ, ଅନନ୍ତ ରଥ, ଓମ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପୂର୍ବରୁ ମାନପୁର ସେତୁ ନିକଟରୁ ଭାଜପା କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ବାହାରି ଗୋବିନ୍ଦପୁର ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ବିଭିନ୍ନ ଛକରେ ଭାଜପା କର୍ମୀମାନେ ଦଳୀୟ ନେତୃତ୍ୱଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦପୁର ମଣ୍ଡଳ ସଭାପତି ସରୋଜ କର ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ବାଲକାଟୀ କ୍ଲଷ୍ଟରସ୍ତରୀୟ ସୁରଭି




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଆଳି,୨୩।୧୦(ବନମାଳୀ ସେନାପତି)

ଆଳି ବ୍ଲକ ବାଲକାଟୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ସୁରଭି ସ୍ଥାନୀୟ ବଡଆଙ୍କୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପରିଡାଙ୍କ ଅଧ୍ୟକ୍ଷତାରେ ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ ଉତ୍ସବକୁ ଉଦ୍‌ଘାଟନ କରିବା ପରେ ବରିଷ୍ଠ, କନିଷ୍ଠ ଓ ସର୍ବ କନିଷ୍ଠ ବର୍ଗରେ ବିତର୍କ, ବକ୍ତୃତା, ପ୍ରବନ୍ଧ, କୁଇଜ, ହସ୍ତାକ୍ଷର, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭାଗରେ କ୍ଲଷ୍ଟର ଅନ୍ତର୍ଗତ ୧୪ ବିଦ୍ୟାଳୟ ରୁ ୧୯୨ ଛାତ୍ରୀଛାତ୍ର ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସୁଶାନ୍ତ ନାୟକଙ୍କ ତତ୍ତ୍ୱାବଧାନ ଓ କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ବାଲକାଟୀ ସରପଞ୍ଚ ସୁକାନ୍ତି ପରିଡା, ମହୁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଉତ, ବିଦାୟୀ ସିଆରସିସି ଶେଖ ମତିଉଲ୍ଲା, ଅଚ୍ୟୁତାନନ୍ଦ ନାଥ ଓ ରୀନା ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅବଦୁଲ ସମିମ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ କମିଟି ଓ ବଜରଙ୍ଗବାଲି ଯୁବକ ସଙ୍ଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୟନଗର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ରାଜକନିକା, ୨୩।୧୦ (ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ୍ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜୟନଗର କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି ନିଜ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସବ୍‌ଜୁନିୟର, ଜୁନିୟର, ସିନିୟର ବିଭାଗର ୩୦୩ ପିଲା ଭାଗ ନେଇଥିଲେ। ସିଆର୍‌ସିସି ବିଚିତ୍ର କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜୟନଗର ପ୍ରଧାନଶିକ୍ଷକ ରତିକାନ୍ତ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ କମିଟିର ସଭାପତି ସୁରେଶ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆର୍‌ସିସି ସବ୍ୟସାଚୀ ଶତପଥୀ, ସମ୍ମାନିତ ଅତିଥି ଭାବେ ଏସ୍‌ଏନ୍ କଲେଜର ପ୍ରଫେସର ଡ. ଫକିର ଚରଣ ପ୍ରଧାନ, ଗୋପୀନାଥ ନୋଡାଲ ଉପ୍ରା ବିଦ୍ୟାଳୟ କୋଇଲିପୁର ପ୍ରଧାନଶିକ୍ଷକ ଯଶୋବନ୍ତ ପଲାଇ, ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀମୋହନ ସ୍ୱାଇଁ, ବିଦ୍ୟାଧର ତ୍ରିପାଠୀ, ବିଦ୍ୟାଳୟ କମିଟିର ଉପସଭାପତି ଝୁନୁରାଣୀ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପଟ୍ଟାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି




ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକରେ ବିକାଶ ପରିଷଦର ସଦସ୍ୟ, ଅନ୍ୟମାନଙ୍କ ସହ ପ୍ରଶାସନିକ ଅଧିକାରୀ।

ପଟ୍ଟାମୁଣ୍ଡାଇ, ୨୩।୧୦( କଳ୍ପତରୁ ନାୟକ)

ପ୍ରାଚୀନ କଳିଙ୍ଗର ନୌଚାଳନା ଓ ନୌବାଣିଜ୍ୟର ପରମ୍ପରା ପଟ୍ଟାମୁଣ୍ଡାଇ ଅଞ୍ଚଳ ଗୌରବମୟ ଗାଥା ବହନ କରିଆସିଛି। ଏହାର ଅଧ୍ୟାୟ ଭାରତ ଇତିହାସରେ ଲିପିବଦ୍ଧ ହୋଇଛି। ବହୁ ନଦୀ, ସମୁଦ୍ର ଦେଇ କଳିଙ୍ଗର ଉପକୂଳ ଅଞ୍ଚଳ ନୌଚାଳନ ପାଇଁ ବିଶେଷ ଅନୁକୂଳ ଥିଲା। ଲହରିମାଳା ସମୁଦ୍ରର ରହସ୍ୟମୟ ଆହ୍ୱାନ ସାଧବପୁଅଙ୍କୁ ସମୁଦ୍ର ବକ୍ଷରେ ବୋଇତ ମେଲି ଦରିଆ ପାରି ପାଇଁ ପ୍ରେରଣା ଯୋଗାଇ ଆସୁଥିଲା। ସେହି ସ୍ମୃତି ସାଉଁଟିବା ସକାଶେ ଏବଂ ଓଡ଼ିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ କଳା ତୀର୍ଥ ପଟ୍ଟାମୁଣ୍ଡାଇରେ ବୋଇତ ବନ୍ଦାଣ ଉତ୍ସବ ପାଳନ ଏକ ବଳିଷ୍ଠ ପଦକ୍ଷେପ ବୋଲି ଗୁରୁବାର ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକଙ୍କ ସଭାପତିତ୍ୱ କରିଥିବା ବେଳେ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ବିବରଣୀ ପାଠ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ୧୪ତମ ବୋଇତ ବନ୍ଦାଣ ଉତ୍ସବ ଧୁମଧାମରେ ପାଳନ କରାଯିବ। ପଟ୍ଟାମୁଣ୍ଡାଇର ସବୁବର୍ଗର ଲୋକମାନେ ସାମିଲହେବାକୁ ସେ ନିବେଦନ କରିଥିଲେ। ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲୀପ ନାଏକ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ମେଡିକାଲ ଅଫିସର ଡା. ନିରାକାର ପରିଡା, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତିଙ୍କ ସମେତ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଶେଷରେ ବରିଷ୍ଠ ସଭ୍ୟ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


OFFICE OF THE No. C-1306
SUPERINTENDING ENGINEER, P.H. DIVISION, KORAPUT
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
"e" Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025

1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-13008/11/0021/2526



GOVERNMENT OF ODISHA No.O-1051
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in

Sd./- Superintending Engineer
R.W. Division, Kuchinda
OIPR-25151/11/0034/2526



GOVERNMENT OF ODISHA No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26

1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- I/C Superintending Engineer
P.H. Division, Cuttack
OIPR-13225/11/0039/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫

ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେଜିଟିଏଲ୍ ଟ୍ରେଡ଼ିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526



GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division
OIPR-34162/11/0006/2526

# ଶିଳ୍ପାନୁଷ୍ଠାନ ବନ୍ଦ ପରେ ଜବରଦଖଲରେ ଜମି

**ଖଣ୍ଡପଡ଼ା,୨୩।୧୦ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା କଣ୍ଟିଲୋ ପଞ୍ଚାୟତ ୨୫ ୱାର୍ଡକୁ ନେଇ ଗଠିତ ଏକ ରାଜସ୍ୱ ଗ୍ରାମ। ଏଠାରେ ଥିବା ଏକାଧିକ ସରକାରୀ, ଦେବୋତ୍ତର ଜାଗାକୁ ଏବେ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ଜବରଦଖଲକାରୀମାନେ କବଳିତ କରିବାରେ ଲାଗିଛନ୍ତି। ଏଗୁଡିକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

ସୂଚନାଯୋଗ୍ୟ, ୬୦ ବର୍ଷ ତଳେ ତତ୍କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କେତେକ ପଞ୍ଚାୟତରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ଅବିଭକ୍ତ ପୁରୀ ଜିଲା ଅଧୀନରେ ଥିବା ପ୍ରତ୍ୟେକ ବ୍ଲକ୍‌କୁ ପଞ୍ଚାୟତ ସମିତି ଭାବେ ଆଖ୍ୟା ଦିଆଯାଇ ଖଣ୍ଡପଡା ବ୍ଲକ୍‌ରେ ଏକ ଟିନିକଲ ଓ କଣ୍ଟିଲୋ ମୌଜା ଖାତା ୧୪୦୪(ରକ୍ଷିତ), ୨୧୮୬ ପ୍ଲଟ ୦.୯୬ ଏକର ପରିମିତ ଘରବାରି କିସମରେ ନୀଳମାଧବ ଆଲୁମିନିୟମ୍ ବାସନ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା।

ଏହି ବାସନ ଶିଳ୍ପରେ ବାସନ ପ୍ରସ୍ତୁତ ହୋଇ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ରି କରାଯାଉଥିଲା। ସେଥିପାଇଁ ଶିଳ୍ପ ବିଭାଗ ପକ୍ଷରୁ ଏଠାରେ ଜଣେ ପଞ୍ଚାୟତ ଶିଳ୍ପ ଅଧିକାରୀ(ପିଆଇଓ)ଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏଠାର ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନଟି ଲାଭଜନକ ସ୍ଥିତିରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ଅନୁଷ୍ଠାନଟି ପରିଚାଳନାଗତ ତ୍ରୁଟି ଯୋଗୁ କ୍ଷତିର ସମ୍ମୁଖୀନ ହୋଇଥିଲା। ପରେ ଏହା ବନ୍ଦହୋଇ ଯାଇଥିଲା। ଏଠାରେ ଥିବା ଯନ୍ତ୍ରପାତି ଅଚଳ ହେବା ସହ ଓ ଆବଶ୍ୟକ ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ନଷ୍ଟହେବାକୁ ବସିଥିବା ସମସ୍ତ ଯନ୍ତ୍ରପାତି ଓ ସେଠାରେ ଥିବା କେତେକ ସାମଗ୍ରୀକୁ ବିକ୍ରିକରି ସରକାରୀ ତହବିଲରେ ଜମା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗୀ ଅନୁମତି କ୍ରମେ ସମ୍ପୃକ୍ତ ଅନୁଷ୍ଠାନରେ ଥିବା ଯନ୍ତ୍ରପାତି ଓ ସାମଗ୍ରୀମାନ ବିକ୍ରି କରାଯାଇ ସରକାରୀ ତହବିଲରେ ଜମା ହୋଇଥିଲା ବୋଲି ଜଣେ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଇତିମଧ୍ୟରେ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଶିଳ୍ପାନୁଷ୍ଠାନଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଏହାର ଅଫିସ ଗୃହଟି ଭୁଶୁଡି ପଡିଲାଣି। ଅବଶିଷ୍ଟ ଘରଗୁଡିକ ଭଗ୍ନ ଅବସ୍ଥାରେ ଥିଲେ ମଧ୍ୟ ନିକଟରେ ଥିବା ଲୋକେ ଏହାକୁ ଜବରଦଖଲକରି ସ୍ଥାୟୀ ଭାବେ ବସବାସ କରୁଥିବା ପରିଲକ୍ଷିତ ହେଉଛି। ଜବରଦଖଲକାରୀମାନେ ସେହି ସ୍ଥାନକୁ ନିଜ ନାମରେ କରାଇବା ଲାଗି ଏନ୍‌କ୍ରୋଚ୍‌ମେଣ୍ଟ କେସ୍ କରିଥିବା ରାଜସ୍ୱ ବିଭାଗ ସୂତ୍ରରୁ ଜଣାପଡିଛି।

ସେହିପରି ଖଣ୍ଡପଡାରେ ଥିବା ସୁଗାର ଫ୍ୟାକ୍ଟ୍ରିର ମଧ୍ୟ ଚିହ୍ନବର୍ଣ୍ଣ ନାହିଁ। ଏଠାରେ ଅଗ୍ନିଶମ ସେବାକେନ୍ଦ୍ର କାର୍ଯ୍ୟାଳୟ ବର୍ତ୍ତମାନ କାମ କରୁଛି।


ଜବରଦଖଲରେ ଥିବା ଘର ।

## କଣ୍ଟିଲୋ ପଞ୍ଚାୟତ

କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ବହୁ ସରକାରୀ ଜାଗା କାଳକ୍ରମେ ଜବରଦଖଲ ହେବାରେ ଲାଗିଛି। କଣ୍ଟିଲୋ ଅଞ୍ଚଳରେ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଲାଗି ଦୀର୍ଘ ୨ବର୍ଷରୁ ଅଧିକ ହେବ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ଆବଶ୍ୟକ ହେଉଥିବା ୨ ଏକର ଜାଗା ଅଭାବରୁ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ସମସ୍ୟା ହେଉଛି। ଏହାଛଡା ଭବିଷ୍ୟତରେ ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ପ୍ରକଳ୍ପ ନିର୍ମାଣର ଯୋଜନା ରହିଛି। ଏଣୁ ବନ୍ଦହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଜାଗାରେ ଜବରଦଖଲ କରି ବସବାସ କରୁଥିବା ଲୋକଙ୍କୁ ଉଠାଇବା ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ସରପଞ୍ଚ ଶ୍ରୀୟାରାଣୀ ବେହେରା ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ ଅବଗତ କରାଯାଇଥିବା ସୂଚନା ଦେଇଛନ୍ତି।

ସେହିପରି କଣ୍ଟିଲୋ ଜୋନ୍ ଜିଲା ପରିଷଦ ସଭ୍ୟ ଉଜ୍ଜ୍ୱଳ ମହାରଣା କୁହନ୍ତି, ଆଗାମୀ ଦିନରେ କଣ୍ଟିଲୋରେ ଏକାଧିକ ସରକାରୀ ଅନୁଷ୍ଠାନ ହେବାର ଯୋଜନା ରହିଛି। ବିଭିନ୍ନ ସରକାରୀ ଜାଗାକୁ ଯେପରି ଭାବେ ଲୋକେ ଜବରଦଖଲ କରିବାରେ ଲାଗିଛନ୍ତି ଏଦିଗରେ ରାଜସ୍ୱ ବିଭାଗ ପଦକ୍ଷେପ ଗ୍ରହଣକରି ଜବରଦଖଲ ଉଚ୍ଛେଦ କରିବାର ଆବଶ୍ୟକତା ରହିଛି।

ଶିଳ୍ପାନୁଷ୍ଠାନ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବାକୁ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ମହାରଣା ଦାବି କରିଛନ୍ତି। ଅପରପକ୍ଷରେ କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ଓ ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶଙ୍କଠାରୁ ଜଣାପଡିଛି, ପ୍ରାୟ ୧ ଏକର ପରିମିତ ଜାଗା ଏବଂ କଣ୍ଟିଲୋର ବିଭିନ୍ନ ସ୍ଥାନରେ ଥିବା ଦେବୋତ୍ତର ଓ ସରକାରୀ ଜାଗା ଜବରଦଖଲକାରୀଙ୍କ କବ୍‌ଜାରେ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ହେବାରେ ବାଧକ ସାଜୁଛି। ସମ୍ପୃକ୍ତ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବାକୁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ଏହା କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟିହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# ରାଶନ ପାଇଁ ପଞ୍ଚାୟତ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା


ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ ।

**ଶରଣକୁଳ,୨୩।୧୦ (ଦୀପକ କର)**

ଶରଣକୁଳ ନିକଟ ଡିମିଶର ପଞ୍ଚାୟତର ଶତାଧିକ କାର୍ଡଧାରୀ ରାଶନ ପାଇବା ଦାବିରେ ପଞ୍ଚାୟତ ସମ୍ମୁଖରେ ଗୁରୁବାର ଧାରଣା ଦେଇଥିଲେ। ହିତାଧିକାରୀଙ୍କ ୫ ଦିନ ହେବ ରାଶନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁଧାଇଁ ନିରାଶ ହୋଇ ଫେରିବାପରେ ଗୁରୁବାର ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ରାଶନ ପାଇଁ ହିତାଧିକାରୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ସରପଞ୍ଚ କିମ୍ବା ସରକାରୀ କର୍ମଚାରୀ କିଛିନା କିଛି ବାହାନାକରି ସେମାନଙ୍କୁ ଫେରାଇ ଦେଉଥିବା ଅଭିଯୋଗ ହେଉଥିଲା। ଲୋକଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଶେଷରେ ଆନ୍ଦୋଳନର ରୂପ ନେଇଥିଲା। ଲୋକମାନେ ଏଭଳି ଅବହେଳା ବିରୋଧରେ ଏକାଠି ହୋଇ ରାଶନ ନେବାକୁ ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଥିଲେ। ଯୁବନେତା ହୃଷୀକେଶ ବିଷୋୟୀ, ଉଦ୍‌ଗାଁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଜଣାଇବାପରେ ଏହାର ସମାଧାନ ହୋଇଥିଲା। ରାଶନ ସାମଗ୍ରୀ ପ୍ରଦାନ କରାଯିବା ପରେ ଲୋକେ ଧାରଣାରୁ ଉଠିଥିଲେ। ପ୍ରକାଶଯେ, ଡିମିଶର ପଞ୍ଚାୟତ ପିଇଓ ବୀରେନ କୁମାର ଜାନୀଙ୍କର ପଞ୍ଚିଖାରୀ ପଞ୍ଚାୟତକୁ ବଦଳି ହୋଇଥିଲେ ମଧ୍ୟ ସେ ସେଠାକୁ ଯାଉ ନ ଥିବାରୁ ଲୋକମାନେ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରିକି ପଞ୍ଚିଖାରୀ ପଞ୍ଚାୟତ ପିଇଓ ସୁରେନ୍ଦ୍ର ନାଥ ମିଶ୍ରଙ୍କର ଡିମିଶର ବଦଳି ହୋଇଥିଲେ ମଧ୍ୟ ଜାନୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନଥିବା ଅଭିଯୋଗ ହେଉଛି। ଏନେଇ ବିଡିଓଙ୍କୁ ଅବଗତ କରାଯାଇଥିବା ହୃଷୀକେଶ ବିଷୋୟୀ ଓ ପୂର୍ବତନ ସମିତି ସଭ୍ୟ ଶରତ ଚନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ 'ଉତ୍ସାହ'


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ନୟାଗଡ଼,୨୩।୧୦ (ଲୋକନାଥ ମିଶ୍ର)**

ଜିଲା ପ୍ରଶାସନ ପକ୍ଷରୁ ୩ଟି ଶିଶୁ ଗୃହରେ ଥିବା ୯୦ ଅନ୍ତେବାସୀଙ୍କୁ ନେଇ ନୟାଗଡ଼ ଷ୍ଟାଡିୟମରେ ଜିଲାସ୍ତରୀୟ ଶିଶୁ କ୍ରୀଡା ଉତ୍ସବ 'ଉତ୍ସାହ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁମାନେ ନିଜର କ୍ରୀଡ଼ା କୌଶଳ ଓ ସଚେତନତା ଦେଖାଇବାରେ ସଫଳ ହୋଇଥିଲେ। ଉଦ୍‌ଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସିବିୟନ ପ୍ରଧାନ, ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ଶୁଭ୍ରାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ଉତ୍ସବରେ ଶିଶୁମାନେ ଦୌଡ଼, ଲମ୍ଫଡିଆଁ , ୧୦୦ ଓ ୨୦୦ ମିଟର ଦୌଡ଼,ଚେସ୍, କ୍ୟାରମ ଓ ଦଳୀୟ କ୍ରୀଡାରେ ଯୋଗଦେଇଥିଲେ। ଜିତିଥିବା ଶିଶୁମାନଙ୍କୁ ପୁରସ୍କାର ଓ ସ୍ମୃତିଚିହ୍ନ ଦିଆଯାଇଥିଲା। ଜିତିଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

**ଭାଜପାର ମିଶ୍ରଣ ପର୍ବ**

# 'ପଦ୍ମ' ଧରିଲେ ଶରଣକୁଳ ସରପଞ୍ଚ


ଭାଜପାରେ ସାମିଲ ହୋଇଥିବା ନେତା ଓ କର୍ମୀ ।

**ଶରଣକୁଳ,୨୩।୧୦(ଦୀପକ କର)**

ବାଚସ୍ପତି ସୁରମା ପାଢ଼ୀଙ୍କ ଉପସ୍ଥିତିରେ ଗୁରୁବାର ଶରଣକୁଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିହରପୁର, ଆଙ୍ଗିସିଙ୍ଗିର ବହୁ କର୍ମୀ, ଶରଣକୁଳର ପୂର୍ବତନ ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁଙ୍କ ସମେତ ଆଙ୍ଗିସିଙ୍ଗିର ସମିତିସଭ୍ୟ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ପଞ୍ଚରିଡ଼ା ମଣ୍ଡଳ ସଭାପତି ମନୋଜ କୁମାର ସାହୁ, ଲିଙ୍ଗରାଜ ପାତ୍ର ଓ ପ୍ରମୋଦ କୁମାର ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି ମିଶ୍ରଣ ପର୍ବରେ ଭାଜପାର ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଶରଣକୁଳ ସରପଞ୍ଚ ସାହୁ ଭାଜପାରେ ମିଶିବା ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର ଧରିଥିବାବେଳେ ସେ ବିଧିବଦ୍ଧ ଭାବେ ଦଳରେ ଯୋଗ ଦେଇଛନ୍ତି। ସାହୁଙ୍କ ଯୋଗଦାନ ଭାଜପାକୁ ଶରଣକୁଳ ପଞ୍ଚାୟତରେ ଅଧିକ ଶକ୍ତିଶାଳୀ କରିବ ବୋଲି ଭାଜପା ନେତୃବର୍ଗ ପ୍ରକାଶ କରିଛନ୍ତି।

# କୁମ୍ଭାରପଡ଼ାରେ ମା' ଶ୍ୟାମାକାଳୀ ପୂଜା ଉଦ୍‌ଘାଟିତ

**ଖଣ୍ଡପଡା, ୨୩।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡା ଗ୍ରାମ ମା' କାଳୀପୂଜା ପୀଠରେ ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ମା' ଶ୍ୟାମାକାଳୀ ପୂଜା ରାମନାଟକ ଓ ପୌରାଣିକ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମରେ ଥିବା ମା' କାଳୀପୂଜା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ଦୀର୍ଘ ୨୩ ବର୍ଷ ଧରି ଚାଲିଆସୁଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଆୟୋଜକଙ୍କଠାରୁ ସୂଚନା ମିଳିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।


ନାଟକ ପରିବେଷଣ କରାଯାଉଛି।

# ମଧ୍ୟାହ୍ନଭୋଜନ ନିମନ୍ତେ ହନ୍ତସନ୍ତ ହେଉଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର

**ଖଣ୍ଡପଡ଼ା, ୨୩।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧିନ ରୟତି ଢୋଲମରା ଗ୍ରାମସ୍ଥିତ ବାପୁଜୀ ବିଦ୍ୟାପୀଠରେ ଅଧ୍ୟୟନରତ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀ ଛାତ୍ରମାନେ ଦୈନିକ ମଧ୍ୟାହ୍ନଭୋଜନ ଖାଇବା ନିମନ୍ତେ ହନ୍ତସନ୍ତ ହେଉଥିବା ବେଳେ ଏଥି ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମଧ୍ୟ ନାକେଦମ ହେବାକୁ ପଡୁଥିବା ଜଣାପଡିଛି। ପ୍ରକାଶଯେ, ବାପୁଜୀ ବିଦ୍ୟାପୀଠର ୨ଟି କ୍ୟାମ୍ପସ ରହିଛି। ୨ଟି କ୍ୟାମ୍ପସ ମଧ୍ୟରୁ କ୍ୟାମ୍ପସ ୧ ରେ ଥିବା ଶ୍ରେଣୀ ଗୃହରେ ୯ମ ଓ ୧୦ମ ଶ୍ରେଣୀରେ ୧୦୩ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବିଦ୍ୟାଳୟ କ୍ୟାମ୍ପସ ୨ ରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୯ ଛାତ୍ରୀଛାତ୍ର ପଢୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି । ବିଦ୍ୟାଳୟ କ୍ୟାମ୍ପସ ୨ରେ ଛାତ୍ରୀ ଛାତ୍ରଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ଦୈନିକ ପ୍ରସ୍ତୁତ ହେଉଥିବା ବେଳେ କ୍ୟାମ୍ପସ ୧ ରେ ପାଠ ପଢୁଥିବା ଛାତ୍ରୀ ଛାତ୍ରମାନେ ରାସ୍ତାପାର ହୋଇ କ୍ୟାମ୍ପସ୍ ୨ କୁ ମଧ୍ୟାହ୍ନଭୋଜନ ଖାଇବା ନିମନ୍ତେ ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷତମାମ ଖରା,ବର୍ଷା, ଶୀତ କାକରରେ ପ୍ରାୟ ୩୦୦ ମିଟର ମୁଖ୍ୟ ରାସ୍ତାରେ ଚାଲିଚାଲି ଛାତ୍ରୀ ଛାତ୍ରମାନେ ଖାଇବାକୁ ଯାଉଥିବାରୁ ବିଭିନ୍ନ ସମୟରେ ସମସ୍ୟା ହେବା ସହ ଅଯଥା ସମୟର ଅପଚୟ ହେଉଛି । ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ନାଏକଙ୍କୁ ଏ ସମ୍ପର୍କରେ ପଚାରିବାରେ ବିଦ୍ୟାଳୟ କ୍ୟାମ୍ପସ ୧ ରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ଓ ଖାଇବା ଲାଗି ସମସ୍ତ ବ୍ୟବସ୍ଥା ଥିଲେ ହେଁ ପାଚିକାଙ୍କ ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। କ୍ୟାମ୍ପସ ୨ ରେ ରୋଷେଇ ପାଇଁ ୪ଜଣ ପାଚିକା ସରକାରଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଛି । ଯଦି ଆଉ ଜଣେ ପାଚିକା ନିଯୁକ୍ତି ଦିଆଯାଏ ତେବେ କ୍ୟାମ୍ପସ ୨ ପାଇଁ ୩ ଜଣ ପାଚିକା ଓ କ୍ୟାମ୍ପସ ୧ ପାଇଁ ୨ ଜଣ ପାଚିକା ରୋଷେଇ କରିବାରେ ସମର୍ଥ ହୋଇ ପାରନ୍ତେ ବୋଲି ସେ କହିଛନ୍ତି । ତେଣୁ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀ ସେଥିପ୍ରତି ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ଉକ୍ତ ବିଦ୍ୟାଳୟର ଉଭୟ କ୍ୟାମ୍ପସରେ ଛାତ୍ରୀ ଛାତ୍ରଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଜଣାପଡିଛି। ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।


ପିଲାମାନେ ରାସ୍ତା ପାର ହୋଇ ମଧ୍ୟାହ୍ନଭୋଜନ ଖାଇବାକୁ ଯାଉଛନ୍ତି।


No. C-1306
OFFICE OF THE SUPERINTENDING ENGINEER, P.H. DIVISION, KORAPUT
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
"e" Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025

1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-13008/11/0021/2526



No.O-1051
GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in
Sd./- Superintending Engineer
R.W. Division, Kuchinda
OIPR-25151/11/0034/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫

ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେଜିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526



GOVERNMENT OF ODISHA No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26

1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer
P.H. Division, Cuttack
OIPR-13225/11/0039/2526



GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0006/2526

# ବିନା ଅନୁମତିରେ ଚାଲିଛି ବ୍ୟାଚିଂ ପ୍ଲାଣ୍ଟ

■ ବନ୍ୟପ୍ରାଣୀ ଅସୁରକ୍ଷିତ
■ ଅଭିଶପ୍ତ ଜୀବନ କାଟୁଛନ୍ତି ଗ୍ରାମବାସୀ

**କୋରେଇ,୨୩।୧୦(ଚନ୍ଦ୍ରକାନ୍ତ ପତି):**

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ କୋରାବନ୍ଦୀ ମୌଜାରେ ୩ ବର୍ଷ ହେବ ଏକ ବେଆଇନ ବ୍ୟାଚିଂ ପ୍ଲାଣ୍ଟ ଚାଲିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆର୍‌ଟିଆଇରେ ମିଳିଥିବା ତଥ୍ୟ ଅନୁଯାୟୀ କୋରାବନ୍ଦୀ ମୌଜାରେ କୌଣସି ବ୍ୟାଚିଂ ପ୍ଲାଣ୍ଟକୁ ଅନୁମତି ପ୍ରଦାନ କରାଯାଇନାହିଁ। ଫଳରେ ବିନା କନସେଣ୍ଟ ଟୁ ଏଷ୍ଟାବ୍ଲିଶ (ସିଟିଇ) ଏବଂ କନସେଣ୍ଟ ଟୁ ଅପରେଟ(ସିଟିଓ)ରେ କିପରି ଏହି ପ୍ଲାଣ୍ଟ ଅବାଧରେ ଚାଲିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


କୋରାବନ୍ଦୀ ମୌଜାରେ ଥିବା ବ୍ୟାଚିଂ ପ୍ଲାଣ୍ଟ।

ଏହି ପ୍ଲାଣ୍ଟ କଟକ ଫରେଷ୍ଟ ଡିଭିଜନର ଯାଜପୁର ରୋଡ୍ ରେଞ୍ଜ ପଛିକୋଟ ଡିମାର୍କେଟ ପ୍ରୋଟେକ୍ଟ ଫରେଷ୍ଟ(ଡିପିଏଫ୍) ଅଧୀନ କୋରାବନ୍ଦୀ ସଂରକ୍ଷିତ ଜଙ୍ଗଲ ଏବଂ କେନ୍ଦୁଝର ଫରେଷ୍ଟ ଡିଭିଜନର ଆନନ୍ଦପୁର ରେଞ୍ଜ ସୀମାନ୍ତ ବରାଙ୍ଗ ସଂରକ୍ଷିତ ଜଙ୍ଗଲକୁ ଲାଗି ଚାଲିଛି। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଠାରୁ ପରିବେଶଗତ ଅନୁମତି (ଇସି) ନ ଥାଇ ଏହି ପ୍ଲାଣ୍ଟ ଚାଲିବା ସହ ପରିବେଶ ସୁରକ୍ଷା ଆଇନ ୧୯୮୬କୁ ଖୋଲାଖୋଲି ଉଲ୍ଲଂଘନ କରିଛି। ଦୁଇ ଜଙ୍ଗଲ ସୀମାନ୍ତରେ ଏହି ପ୍ଲାଣ୍ଟ ସ୍ଥାପନ ହେବା ଫଳରେ ବନ୍ୟଜନ୍ତୁଙ୍କ ଜୀବନଚର୍ଯ୍ୟା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ପ୍ଲାଣ୍ଟରୁ ନିର୍ଗତ ପ୍ରତିଧ୍ୱନି ପଶୁପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି।

୧୫।୧୦।୨୦୨୩ରେ ଏହି ବ୍ୟାଚିଂ ପ୍ଲାଣ୍ଟରେ ପଡ଼ି ଏକ ୩ ବର୍ଷର ଭାଲୁଛୁଆର ମୃତ୍ୟୁ ହୋଇଥିଲା। ଚୋରିବନ୍ଦ କରିବାକୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ତାର ବାଡ଼ରେ କରେଣ୍ଟ ଦେଇଥିବାରୁ ଭାଲୁ ଛୁଆର ମୃତ୍ୟୁହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ହେଲେ ସେହି ଅଭିଯୋଗକୁ ଯାଜପୁର ରୋଡ୍ ବନବିଭାଗ ଚାପିଦେଇଥିବା ଚର୍ଚ୍ଚା ଜୋର ଧରିଥିଲା। କେବଳ ସେତିକି ନୁହେଁ ଏହି ବ୍ୟାଚିଂ ପ୍ଲାଣ୍ଟ ପାଇଁ ଆବଶ୍ୟକ କଞ୍ଚାମାଲ ଯଥା ; ବାଲି, ଚିପ୍ସ, ସିମେଣ୍ଟ ଆଦି ଭାରିଯାନ ଯାତାୟାତ କରିବାରୁ ରଗଡ଼ିଠାରୁ କିଆପଦା ୫ କି.ମି. ଗ୍ରାମ୍ୟ ଉନ୍ନୟନ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୧୫ ଗ୍ରାମର ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷା ଦିନତ ଦୂରର କଥା ଖରାଦିନେ ମଧ ଏହି ରାସ୍ତାରେ ବାଇକ ନେଇ ଯିବା ସମ୍ଭବ ହେଉନାହିଁ। ଏନେଇ ଯେତେ ଅଭିଯୋଗ ହେଲେ ମଧ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଗ୍ରାମବାସୀ ଗାଡ଼ି ଅଟକ ରଖିଲେ ପ୍ଲାଣ୍ଟ ଚଳାଉଥିବା ଠିକାସଂସ୍ଥା ଜୀବନରୁ ମାରିଦେବା ସହ ପୋଲିସର ଭୟ ଦେଖାଉଛି। ଫଳରେ ଆଖପାଖ ଗ୍ରାମବାସୀ ଅଭିଶପ୍ତ ଜୀବନ କାଟୁଥିବା ଅଭିଯୋଗ କରିଛନ୍ତି।

ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କୋରାବନ୍ଦୀ ମୌଜାରେ କୌଣସି ବ୍ୟାଚିଂ ପ୍ଲାଣ୍ଟକୁ ଅନୁମତି ମିଳିନାହିଁ। ଯାଜପୁର ରୋଡ୍ ଫରେଷ୍ଟ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିବରେ ସେ ଏନେଇ ଅବଗତ ନ ଥିବା କହିଛନ୍ତି। ତେବେ ଅଭିଯୋଗ ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତ ରଖିଛନ୍ତି।

# ଯୁବତୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା,୨୩।୧୦ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟାମାଳିଆ– ଥାନୁଆଳ ରାସ୍ତା ମଧ ଭାଗରେ ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଥାନୁଆଳ ଗ୍ରାମର ଜିତେନ୍ଦ୍ର ଦୋରା(୨୬)।

ଜାରକାସ୍ଥିତ ଏକ ସୁନା ଦୋକାନରେ କାମ କରୁଥିବା ମୁରାରୀପୁର ଗ୍ରାମର ଜଣେ ମହିଳା ଓ ଯୁବତୀ କାମ ସାରି ଏକ ସ୍କୁଟିରେ ମଙ୍ଗଳବାର ଘରକୁ ଫେରୁଥିଲେ। ରାତି ପ୍ରାୟ ୮ଟାରେ ଜିତେନ୍ଦ୍ର ବାଇକ୍‌ରେ ପିଛା କରି ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଏହାପରେ ଯୋଜନା ମୁତାବକ ଏକ ଧଳା କାର୍‌ରେ ତିନି ଯୁବକ ଆସି ପହଞ୍ଚିଥିଲେ। ସେମାନେ ସମ୍ପୃକ୍ତ ଯୁବତୀଙ୍କୁ କାର୍ ମଧକୁ ଟେକି ନେଇଥିଲେ। ଏହି ସମୟରେ ତାଙ୍କ ସାଥୀରେ ଥିବା ମହିଳା ଜଣଙ୍କ ଚିତ୍କାର କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଜିତେନ୍ଦ୍ର ଓ ତାଙ୍କ ବାଇକକୁ କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଜିତେନ୍ଦ୍ରଙ୍କୁ ଥାନାକୁ ନେବା ସହ ବାଇକ୍‌କୁ ଜବତ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ଏନେଇ ଥାନାରେ ନଂ.୬୬୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଅବ୍ୟାହତ ରଖିଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କୁ ସାହସିକତା ସମ୍ମାନ

**ଚଣ୍ଡିଖୋଲ,୨୩।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

ମାହାଙ୍ଗ ବ୍ଲକ୍ ମୂଳବସନ୍ତ ପଞ୍ଚାୟତ ପକ୍ଷରୁ ସରପଞ୍ଚ ଅନ୍ନପୂର୍ଣ୍ଣା କରଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ପର୍ବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ସାହୁଙ୍କୁ ତାଙ୍କର ସାହସିକତା ପାଇଁ ସମ୍ମାନିତ କରାଯାଇଛି। ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ନାଏବ ସରପଞ୍ଚ ସତ୍ୟବାନ ସାହୁ ପ୍ରମୁଖ ଯୋଗଦେଇ ଶୁଭସ୍ମିତାଙ୍କୁ ସମ୍ମାନିତ କରିଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର ପ୍ରାରମ୍ଭିକ ସୂଚନାଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବଟକୃଷ୍ଣ ଦାସ ଓ ହରିହର ବିଶ୍ୱାଳ ଛାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଗତ ଅଗଷ୍ଟରେ ଶୁଭସ୍ମିତା ଘରୁ କୁଆଁପାଳ ସ୍ଥିତ କଲେଜ ଆସୁଥିବାବେଳେ କୁମୁଡ଼ା ହାଟ ନିକଟରେ ଦୁଇ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ବ୍ୟାଗ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ସେ ସାହସିକତା ପ୍ରଦର୍ଶନ କରି ଦୁର୍ବୃତ୍ତଙ୍କ ସହ ଲଢ଼ି ବ୍ୟାଗ କିମ୍ବା ମୋବାଇଲ ଦେଇ ନ ଥିଲେ। ଏହାପରେ ମାହାଙ୍ଗା ପୋଲିସକୁ ସହାୟତା କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିଥିଲେ।


ଛାତ୍ରୀ ଶୁଭସ୍ମିତା ସାହୁଙ୍କୁ ସମ୍ମାନିତ କରାଯାଉଛି।

# ବ୍ୟବଚ୍ଛେଦ ରିପୋର୍ଟ ଅପେକ୍ଷାରେ ପୋଲିସ


ଯୁବକଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଶୋ'ରୁମ୍‌କୁ ଯାଇଥିବା ପୋଲିସ ଟିମ୍।

■ ଥାନାରେ ଲିଖିତ ଅଭିଯୋଗ କଲେ ମୃତକଙ୍କ ମାମୁ
■ ଏୟାର ପାଇପ ଆଘାତରେ କର୍ମଚାରୀଙ୍କ ମୃତ୍ୟୁ ଘଟଣା

**ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୨୩।୧୦:**

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତେନ୍ତୁଲିଖୁଣ୍ଟା ଛକରେ ଥିବା ଉତ୍କଳ ହୁଣ୍ଡାଇ ସର୍ଭିସ ସେଣ୍ଟରରେ କାର୍ଯ୍ୟରତ ଯୁବକ ଅତୁଲ ବେହେରା(ସିପୁନ)ଙ୍କ ମୃତ୍ୟୁ ଘଟଣାକୁ ଗୁରୁବାର ୨୪ ଘଣ୍ଟା ପୁରିଛି। ଏନେଇ ମୃତ ଯୁବକଙ୍କ ମାମୁ ସନାତନ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେତେଜଣ କର୍ମଚାରୀ ସିପୁନଙ୍କ ମଳଦ୍ୱାରରେ ଏୟାର କମ୍ପ୍ରେଶର ପାଇପ ଚଲାଇ ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ହେଲେ ପୋଲିସ ଏହି ସମ୍ବେଦନଶୀଳ ଘଟଣାକୁ ଅତି ହାଲୁକା ଭାବେ ନେଇ କେବଳ ଏକ ଡାଏରି କରି ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ଜଣାପଡିଛି। ଫଳରେ ମୃତ ଯୁବକଙ୍କ ପରିବାରବର୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଅଭିଯୋଗ ଅନୁସାରେ, ଅତୁଲ ୫ ବର୍ଷ ହେବ ଉତ୍କଳ ହ୍ୟୁଣ୍ଡାଇ ସେଣ୍ଟରରେ ୬ ଜଣ ସହକର୍ମୀଙ୍କ ସହ ୱାସିଙ୍ଗ ପଏଣ୍ଟରେ କାର ୱାସିଂ କରୁଥିଲେ। ୨୧ ତାରିଖ ମଙ୍ଗଳବାର ଅପରାହ୍ନ ୩ଟାରେ ଥଟ୍ଟାମଜାରେ ଅତୁଲଙ୍କ ମଳଦ୍ୱାରରେ କେତେଜଣେ ସହକର୍ମୀ ଏୟାର କମ୍ପ୍ରେଶର ପାଇପ ଲଗାଇ ଦେଇଥିଲେ। କିଛି ସମୟ ପରେ ଅତୁଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ଏହାପରେ ତାଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ସନ୍ଧ୍ୟାରେ ତାଙ୍କୁ ଯାଜପୁର ଜିଲା ସଦର ଡାକ୍ତରଖାନା ଏବଂ ରାତି ପ୍ରାୟ ୨ ଟାରେ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନ ୧ଟା୨୦ରେ ଅତୁଲଙ୍କ ମୃତ୍ୟୁ ହୋଇଥିଲା। କଟକ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସଂକ୍ରାନ୍ତରେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତ ଯୁବକଙ୍କ ମାମୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଏକ ଡାଏରୀ ଭାବେ ଗ୍ରହଣ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଦୁର୍ବୃତ୍ତ ପୋଡ଼ିଦେଲେ ବୃକ୍ଷ

**ଯାଜପୁର ଟାଉନ,୨୩।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ ଲଗାଯାଇଥିବା ବୃକ୍ଷକୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତର ୩ନଂ. ୱାର୍ଡରେ। ଏ ନେଇ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମୋଦିଙ୍କ ଜନ୍ମ ଦିନ ଅବସରରେ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ଏଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ବୃକ୍ଷ ଚତୁଃପାର୍ଶ୍ୱରେ ତାର ବାଡ଼ ଦ୍ୱାରା ଆବଦ୍ଧ କରାଯାଇଥିଲା। ବୁଧବାର ରାତିରେ ଦୁର୍ବୃତ୍ତ କେତେକ ବୃକ୍ଷକୁ ପୋଡ଼ିବା ସହ ଅନ୍ୟ କେତକକୁ ଓପାଡ଼ି ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। କେହି ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି।

# ରାସ୍ତା ଉପରେ ଲୁହା ଫ୍ଲାଟ, ଯାତାୟାତ ବାଧାପ୍ରାପ୍ତ


ରାଜପଥ ଉପରେ ପଡ଼ିଥିବା ଲୁହା ଫ୍ଲାଟ୍ ହଟାଯାଉଛି।

**ପାଣିକୋଇଲି,୨୩।୧୦(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭ ପୂର୍ବରୁ ଲୁହା ଫ୍ଲାଟ ନେଇ ଯାଉଥିବା ଏକ ଗାଡ଼ିର ରଶି ଛିଡ଼ିଯିବାରୁ ଫ୍ଲାଟଗୁଡିକ ଗୁରୁବାର ରାସ୍ତାରେ ବିଞ୍ଚିହୋଇପଡ଼ିଛି। ଫଳରେ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ରାଜପଥ ପାଟ୍ରୋଲିଂ ପୋଲିସ ଓ ଥାନା ପୋଲିସ ଫ୍ଲାଟଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ପିକଅପ ଭ୍ୟାନ୍ ଓଡି୦୪ଆର ୯୯୫୨ ଲୁହା ଫ୍ଲାଟ ଲୋଡ କରି କଟକରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା ବୋଲି ଜଣାପଡ଼ିଛି।

# ଅଙ୍ଗନୱାଡ଼ି ଖାଦ୍ୟରେ ପୋକ ସାଲୁବାଲୁ ଘଟଣାର ତଦନ୍ତ

**ବ୍ରହ୍ମବରଦା,୨୩।୧୦(ଯଯାତି କେଶରୀ ବେହେରା):**

ଯାଜପୁର ବ୍ଲକ ଖାଲପଡା ପଞ୍ଚାୟତ ସାନବାଗସାହି ୧୬ ନମ୍ବର ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ପ୍ରସୂତି ଓ ଶିଶୁମାନଙ୍କୁ ପୋକ ସାଲୁବାଲୁ ସାମଗ୍ରୀ ବଣ୍ଟନ କରାଯାଇଥିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଲୋକଙ୍କ ଅଭିଯୋଗ ପରେ ବୁଧବାର ସନ୍ଧ୍ୟାରେ ଯାଜପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ମୁକ୍ତାରୀ ବେଗମ ପହଞ୍ଚି ତଦନ୍ତ କରିଛନ୍ତି। ସିଡିପିଓ ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ଉକ୍ତ ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବା ପାଇଁ ମାଗିଥିଲେ। ହେଲେ ପରିବାର ଲୋକେ ଉକ୍ତ ଖାଦ୍ୟ ସାମଗ୍ରୀର ଏକ ଭିଡିଓ ରଖି ଖାଦ୍ୟକୁ ଫୋପାଡି ଦେଇଥିବା କହିଥିଲେ। ମାତ୍ର ମୋବାଇଲ ଭିଡିଓରେ ସତ୍ୟତା ନ ଥିବା ସିଡିପିଓ କହିଥିଲେ। ଏଥିସହିତ ଭବିଷ୍ୟତରେ ଏଭଳି ଅବହେଳା ନ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ଏଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟପକ୍ଷରେ ଖାଦ୍ୟ ଯୋଗାଉଥିବା ସଂସ୍ଥା ପକ୍ଷରୁ ପ୍ୟାକେଟରେ ଖାଦ୍ୟ ପ୍ରସ୍ତୁତି ଓ ନଷ୍ଟ ହେବାର ଶେଷ ତାରିଖ ଲେଖା ଯାଉନାହିଁ। ଫଳରେ ଶିଶୁ ଓ ମହିଳାମାନେ ଖାଦ୍ୟ ନଷ୍ଟ ହେବା ସମୟସୀମା ନ ଜାଣିପାରି ଖରାପ ଖାଦ୍ୟକୁ ଖାଇ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ସାମଗ୍ରୀ ଓଜନରେ କମ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ ଓ ସିଡିପିଓ ମୁକ୍ତାରୀ ବେଗମଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

## ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ):** ଶିରିଡ଼ିର ସାଇବାବାଙ୍କ ପୁଣ୍ୟତିଥି ଉପଲକ୍ଷେ କେନ୍ଦ୍ରାପଡ଼ା ସହର କଜଳାର ଗୋଲ୍‌ଡେନ ଭିଲାସ୍ଥିତ ସାଇବାବାଙ୍କ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛନ୍ତି। ଟ୍ରଷ୍ଟର ସଭାପତି ସୁଧାଂଶୁବାଳା କହିଛନ୍ତି, ସାଇବାବା ଆଧ୍ୟାତ୍ମିକ ଜଗତର ଉଜ୍ଜ୍ୱଳ ତାରକା। ତାଙ୍କର ଦିଗ୍‌ଦର୍ଶରେ ଏକ ସୁସ୍ଥ ସମାଜ ଗଠନ ହେଉଛି। ତାଙ୍କର ମହାସମାଧି ଦିବସ ଉପଲକ୍ଷେ ଦିନସାରା ବିଭିନ୍ନ ନିତ୍ୟ ପୂଜାକୁ କରାଯାଇଥିଲା


ଫଟୋ–ଜାରାକା ନିକଟ ମା' ଜେମାଶୁଣୀପୀଠରେ ପୂଜା ପାଉଥିବା କାଳୀ।

# ପାଣିକୋଇଲି ଟ୍ରାଫିକ୍ ସମସ୍ୟା ନେଇ ଅଧିକାରୀଙ୍କ କ୍ଷେତ୍ରପରିଦର୍ଶନ

**ପାଣିକୋଇଲି,୨୩।୧୦ (ବିକାଶ ମଲ୍ଲିକ):**

ଯାଜପୁର ଜିଲାର ଗମନାଗମନର ମୁଖ୍ୟ ପେଣ୍ଠସ୍ଥଳୀ ପାଣିକୋଇଲି ବଜାରର ଟ୍ରାଫିକ ସମସ୍ୟା ଦିନକୁ ଜଟିଳ ହେବାରେ ଲାଗିଛି। ଏହା ଜାତୀୟ ରାଜପଥ ୧୬ ଓ ୨୦ର ମିଶ୍ରଣସ୍ଥଳୀ ହୋଇଥିବାରୁ ପ୍ରତିଦିନ ବହୁ ଗାଡ଼ି ଯାତାୟାତ କରୁଛି। ଏତଦ୍‌ବ୍ୟତୀତ ଜିଲାର ଶିଳ୍ପ ହବ କଳିଙ୍ଗନଗରରୁ ଶତାଧିକ ଟ୍ରେଲର ସମେତ କେନ୍ଦୁଝର ଜିଲାରୁ ଖଣିଜ ପଦାର୍ଥ ମଧ୍ୟ ପାଣିକୋଇଲି ଦେଇ ଚାଲାଣ କରାଯାଉଛି। ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ହାତଗଣତି କେତେଜଣ ଗୃହରକ୍ଷୀ ଟ୍ରାଫିକ ନିୟନ୍ତ୍ରଣର ଦାୟିତ୍ୱ ତୁଲାଉଛନ୍ତି। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗୁରୁବାର ଅପରାହ୍ନରେ ଜିଲାପାଳ ଅମ୍ବର କୁମାର କର, କୋରେଇ ବିଧାୟକ ଆକାଶ ଦାସ ନାୟକ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, କୋରେଇ ବିଡିଓ ଅବନୀକାନ୍ତ ସାହୁ, ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ଜୁନିୟର ଏମଭିଆଇ ପ୍ରଦୀପ୍ତ ବେହେରା,


ଜିଲାପାଳ ଅମର କୁମାର କର, କୋରେଇ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ରାଜପଥ ବିଭାଗର ଡେପୁଟି ମ୍ୟାନେଜର ଅବିନାଶ କୁମାର, ବିଶ୍ୱଜିତ ମହାନ୍ତି, ଟାଟା ଷ୍ଟିଲ ଫାଉଣ୍ଡେଶନର ଦିବ୍ୟଂଜନ ମୁଖାର୍ଜୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସଇ କମଲ କୁମାର ସ୍ୱାଇଁ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜପଥ କର୍ତ୍ତୃପକ୍ଷ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଅଧିକାରୀମାନଙ୍କ ଏହି ଗସ୍ତ ସମୟରେ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, କଳ୍ପତରୁ ମହାପାତ୍ର, ଶେଖ ଜହର ଅଲ୍ଲି, ସୂର୍ଯ୍ୟମଣି ପଣ୍ଡାଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ରାସ୍ତା ଅବରୋଧ କରି ଧାରଣା ପରେ ନିଖୋଜଙ୍କ ମୃତଦେହ ଠାବ

## ପାଇକା ନଦୀରେ ୩ ନାବାଳକ ବୁଡ଼ିଯିବା ଘଟଣା


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ରଘୁନାଥପୁର,୨୩।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପାଇକାକୂଳ ଗ୍ରାମର ୩ ନାବାଳକ ଗାଧୋଇବାକୁ ଯାଇ ବୁଧବାର ପାଇକା ନଦୀରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଠାବ ହୋଇଥିବାବେଳେ ଅନ୍ୟ ଜଣକ ପତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗୁରୁବାର ପରିବାର ସଦସ୍ୟ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକା କରିବା ପରେ ନଦୀରୁ ନିଖୋଜଙ୍କ ମୃତଦେହ ମିଳିଛି।

ବୁଧବାର ପାଇକା ନଦୀରୁ ନରହରି ବେହେରାଙ୍କ ପୁଅ ଶିଶିର ଓ ଧୀରେନ ମଲ୍ଲିକଙ୍କ ପୁଅ ସୌରଭଙ୍କ ମୃତଦେହ ମିଳିଥିବା ବେଳେ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଅମନଜିତ ନିଖୋଜ ଥିଲେ। ସନ୍ଧ୍ୟା ହେବାରୁ ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ଫେରିଯାଇଥିଲେ। ଗୁରୁବାର ନିଖୋଜ ପୁଅକୁ ଉଦ୍ଧାର କରିବା ଦାବି ସହ ବାଲିଘାଟ ନିଲାମଧାରୀ ବ୍ୟକ୍ତିଙ୍କ ନାମରେ ଅଭିଯୋଗ ଆଣିଥିଲେ। ନିଲାମଧାରୀ ନିଲାମସ୍ଥାନରୁ ଅଧିକ ଖୋଳି ଦେବାରୁ ଉକ୍ତ ଖାଲ ପଡ଼ିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଅମନଜିତଙ୍କ ପରିବାର ଅଭିଯୋଗ କରିଥିଲେ। ନିଖୋଜ ଅମନଜିତଙ୍କୁ ତୁରନ୍ତ ଖୋଜିଆଣିବାକୁ ଦାବି କରି ତାଙ୍କ ମା' ରାସ୍ତା ଉପରେ ଆର୍ତ୍ତଚିତ୍କାର କରିଥିଲେ। ଗ୍ରାମର ମହିଳା ଓ ପୁରୁଷମାନେ ମଧ୍ୟ ସାଇଫନ ବ୍ରିଜ ପାଖରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଆଇଆଇସି ସୁବ୍ରତ କୁମାର ଦାସ ଓ ଏସ୍‌ଡିପିଓ ଚିନ୍ମୟ ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଲୋକମାନେ ନିଜ ଜିଦରେ ଅଟଳ ରହିଥିଲେ। ୩/୪ ଘଣ୍ଟା ରାସ୍ତା ଅବରୋଧ ଯୋଗୁ ବ୍ରିଜର ଉଭୟ ପାର୍ଶ୍ୱରେ ଗାଡି ମୋଟର ବନ୍ଦ ହୋଇଯାଇଥିଲା।

ମଧ୍ୟାହ୍ନ ପ୍ରାୟ ୧ଟାରେ ନିଖୋଜ ଅମନଜିତଙ୍କ ମୃତଦେହ ନଦୀରୁ ଠାବ ହେବାପରେ ଅବରୋଧକାରୀ ରାସ୍ତା ଉପରୁ ହଟିଥିଲେ। ଏହାପରେ ୩ ନାବାଳକଙ୍କ ପରିବାରଙ୍କୁ ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ପ୍ରତି ପରିବାରକୁ ୩ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅଜୟ କୁମାର ଖଟୁଆ ପ୍ରକାଶ କରିଛନ୍ତି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ୩ ନାବାଳକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଧରାପଡ଼ିଲେ ଫେରାର ଅଭିଯୁକ୍ତ

## ମାଲିକଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ୧୦ ଲକ୍ଷ ୪୫ ହଜାର ଟଙ୍କା ହଡ଼ପ ଘଟଣା

ରଘୁନାଥପୁର, ୨୩।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ନିକଟସ୍ଥ ବଜାରରେ ଥିବା ଜଣେ ମେଡିସିନ ଷ୍ଟୋର ମାଲିକଙ୍କ ଏଟିଏମ୍ କାର୍ଡରୁ ୧୦ ଲକ୍ଷ ୪୫ ହଜାର ୫ ଶହ ଟଙ୍କା ହଡ଼ପ ହୋଇଥିବା ନେଇ ଏପ୍ରିଲ ୩୦ରେ ଅଭିଯୋଗ ହୋଇଥିଲା। ଏନେଇ ରଘୁନାଥପୁର ଥାନାରେ ଅଭିଯୋଗ ହେବା ପରେ ଉକ୍ତ ଷ୍ଟୋରରେ କାର୍ଯ୍ୟରତ ଜଣେ ଯୁବକ ଫେରାର ହୋଇଯାଇଥିଲେ। ଗୁରୁବାର ଅଭିଯୁକ୍ତଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଛି। ସେ ହେଲେ ବିରିଡି ଥାନା ଅନ୍ତର୍ଗତ ନୂଆଗାଁର ରଶ୍ମିରଞ୍ଜନ ପଣ୍ଡା ଓରଫ ପପୁନା। ଏସମ୍ପର୍କରେ ଏସ୍‌ଡିପିଓ ଚିନ୍ମୟ ରାଉତ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ମେଡିସିନ ଦୋକାନ ମାଲିକ ସୁରେନ୍ଦ୍ରନାଥ ପଣ୍ଡାଙ୍କ ଦୋକାନରେ ରଶ୍ମିରଞ୍ଜନ ବିକ୍ରେତା ଭାବେ କାର୍ଯ୍ୟ କରୁଥିଲେ। ସୁରେନ୍ଦ୍ରନାଥଙ୍କ ଦେହ ଅସୁସ୍ଥ ହେବାରୁ ସେ ବମ୍ବେସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ସୁରେନ୍ଦ୍ରନାଥଙ୍କ ଅନୁପସ୍ଥିତିର ସୁଯୋଗ ନେଇ ରଶ୍ମିରଞ୍ଜନ ତାଙ୍କର ଏଟିଏମ୍ କାର୍ଡ ବ୍ୟବହାର କରି ବିଭିନ୍ନ ସମୟରେ ଟଙ୍କା ଉଠାଇ ନେଇଥିଲେ। ଦୋକାନ ମାଲିକ ସୁସ୍ଥ ହୋଇ ଆସିବା ପରେ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୮୦/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଏହାପରଠୁ ଅଭିଯୁକ୍ତ ରଶ୍ମିରଞ୍ଜନ ଫେରାର ଥିଲେ। ବିଶେଷସୂତ୍ରରୁ ଖବରପାଇ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ତଦନ୍ତକାରୀ ଏସ୍‌ଆଇ ଯୋଗେଶ୍ୱର ବେହେରା ପୋଲିସ ଫୋର୍ସ ସହ ନିକଟସ୍ଥ ସାଦେଇପୁର ଛକ ନିକଟରୁ ଫେରାର ରଶ୍ମିରଞ୍ଜନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ନେଇ ଏସ୍‌ଡିପିଓ ରାଉତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତ ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସେଠୀ ପ୍ରକାଶ କରିଛନ୍ତି।


ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

# 'ସାହିତ୍ୟ ବିନା ସୁନ୍ଦର ସମାଜ ପରିକଳ୍ପନା ଅସମ୍ଭବ'

## ମେଘମହ୍ଲାରର ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ


ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥି।

କୁଜଙ୍ଗ,୨୩।୧୦(ମନୋଜ ପ୍ରଧାନ)

ସାହିତ୍ୟ ମାନବିକ ସମ୍ବେଦନ, ବିବେକବୋଧ, ବିଚାରଧାରା, ସହନଶୀଳତା ବହନକରି ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି ବୋଲି ଅନୁଷ୍ଠାନ 'ମେଘମହ୍ଲାର'ର ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବରେ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। ସଭାପତି ଡ. କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଫେସର ଉମାକାନ୍ତ ନାୟକ ଯୋଗଦେଇ ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସମାଜର ପରିକଳ୍ପନା ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସବୁ ଯୁଗରେ ସାହିତ୍ୟ ମାନବ ସମାଜର ହିତ ସାଧନ କରିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ, କବି ନବୀନ କୁମାର ପ୍ରଧାନ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଅନୁଷ୍ଠାନ ପକ୍ଷରୁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇଙ୍କୁ ତାଙ୍କ ଜନ୍ମଦିନ ଉପଲକ୍ଷେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦିକା ପ୍ରଭାତ ମାଝୀ ସାରସ୍ୱତ ଆସରର ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ସାମାଜିକ କର୍ମୀ ବିଜୟ ଖଟାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସସ୍ମିତା ନାୟକ, ରାକେଶ ମଣ୍ଡଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କଥାକାର ଦୀପ୍ତି ଖଣ୍ଡୁଆଳଙ୍କ ସଂଯୋଜନାରେ ଗୌର ବାରିକ, ଜୟନ୍ତୀ ଦାଶ, ମାନଗୋବିନ୍ଦ ପ୍ରଧାନ, କନକ ବାରିକ, ରବୀନ୍ଦ୍ର ଚୌଧୁରୀ, ଜୟୀରାମ ସାହାଣୀ, ଗୀତା ଦାସ, ସର୍ବେଶ୍ୱର ସେଠୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# ଉଚ୍ଚ ବିଦ୍ୟାଳୟ ପାଠ୍ୟକ୍ରମରେ ଏଆଇ ଯୋଡ଼ାଯାଉ

## ସାଇବର ସୁରକ୍ଷା ଅଭିଯାନ ୨୦୨୫, ସୁରକ୍ଷା ରଥର ଶୁଭାରମ୍ଭ

ଜଗତ୍‌ସିଂହପୁର, ୨୩।୧୦
(ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ସମାଜରେ ଦେଖାଦେଉଥିବା ପରିବର୍ତ୍ତନକୁ ନେଇ ପ୍ରତ୍ୟେକେ ପ୍ରସ୍ତୁତ ରହିବାକୁ ପଡ଼ିବ। ବିଶେଷକରି ଉଚ୍ଚ ବିଦ୍ୟାଳୟସ୍ତରରେ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରୟୋଗ ହେବା ଜରୁରୀ। ନଚେତ୍ ଆମେ ଅନେକ କ୍ଷେତ୍ରରେ ପଛେଇଯିବା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ସାଇବର ସିକ୍ୟୁରିଟି ଅଭିଯାନ-୨୦୨୫ ଓ ସାଇବର ସୁରକ୍ଷା ରଥର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଜେ. ସୋନାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ, ଆମ ରାଜ୍ୟ ସରକାର ଏଆଇ ଉପରେ ପଲିସି କରିଛନ୍ତି। ଆଗକୁ ଆହୁରି କିଛି ହେବାର ଅଛି। ତେଣୁ ପରିସ୍ଥିତିକୁ ଦେଖି ସତର୍କ ଓ ସଚେତନ ରହିବାକୁ ପଡ଼ିବ। କାରଣ ସାମାନ୍ୟ ଅସାବଧାନତା ସାଇବର ଠକେଇର କାରଣ ହୋଇପାରେ। ସଚେତନ ରହିଲେ ହିଁ ଏହି ଠକେଇରୁ ବଞ୍ଚିହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ଅଙ୍କିତ ବର୍ମା ନିଜର ବ୍ୟକ୍ତିଗତ ତଥ୍ୟ, ଓଟିପି ଆଦି ଅଜଣା ନମ୍ବରକୁ ଶେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆରେ ସତର୍କତାର ସହ ମେସେଜ ଫରୱାର୍ଡ, ଫ୍ରେଣ୍ଡ ରିକ୍ୱେଷ୍ଟ, ଭିଡିଓ କଲ୍ ଆଦି କରିବା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମିତିରଞ୍ଜନ କର ମଧ୍ୟ ସାଇବର ସଚେତନତା ଉପରେ ବର୍ଣ୍ଣନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଅଜିଙ୍କ୍ୟା ମାଣେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ଅଧ୍ୟକ୍ଷ, ସିଭିଲ ସୋସାଇଟି, ବ୍ୟାଙ୍କ ଅଧିକାରୀ, ଶିଳ୍ପାନୁଷ୍ଠାନ, ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଇବର ଠକାମିର ଶିକାର ହେଲେ ପ୍ରଥମେ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ ଏବଂ ସାଇବର ପୋର୍ଟାଲରେ ରେଜିଷ୍ଟ୍ରେଶନ କରିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ପରେ ସାଇବର ସୁରକ୍ଷା ବସ୍‌କୁ ଜିଲାପାଳ, ଏସ୍‌ପି ତଥା ଅନ୍ୟ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବ୍ଲକରେ ଚାଲୁଥିବା ଆମ ବସ୍ ସାଇବର ସଚେତନତା ବାର୍ତ୍ତା ଥିବା ଷ୍ଟିକର ଲଗାଯାଇଥିଲା। ମାସ୍କଟ ସାଇରା ବୁଲି ବୁଲି ସାଇବର ସଚେତନତା ଲିଫ୍ଲେଟ ବାଣ୍ଟିଥିଲା। ଏହି ଅଭିଯାନ ୧ ମାସ ପର୍ଯ୍ୟନ୍ତ ଚାଲିବ। ସଚେତନତା ବସ୍ ଜିଲାର ସମସ୍ତ ବ୍ଲକ ଓ ପୌର ପରିଷଦ ବୁଲି ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବ। କାର୍ଯ୍ୟକ୍ରମରେ ସାଇବର ସୁରକ୍ଷା ସମ୍ବଳିତ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଶପଥପାଠ କରୁଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଭିତରେ ଧାରଣା ଦେଲେ ପ୍ରତିନିଧି


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧରଣାରେ ବସିଥିବା ଲୋକ ପ୍ରତିନିଧି।

## ୨ୟ ଦିନରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ନାଉଗାଁ,୨୩।୧୦(ସୁଧା ବେହୁରା)

ଜଗତସିଂହପୁର ଜିଲା ନାଉଗାଁ ବ୍ଲକ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ବୁଧବାର ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ୧୦ଦଫା ଦାବି ନେଇ ଧାରଣା ଦେଇଥିଲେ। ଦ୍ୱିତୀୟ ଦିନରେ ତଥା ଗୁରୁବାର କାର୍ଯ୍ୟାଳୟର ଫାଟକ ଭିତରେ ଧାରଣା ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ସହ ବିଡିଓ ନିରଞ୍ଜନ ପରିଡା ଓ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। । ସୂଚନା ଅନୁସାରେ ପଞ୍ଚାୟତ ପ୍ରତିନିଧିମାନେ ଏକ ଦାବିପତ୍ର ଅକ୍ଟୋବର ୧୩ ରେ ବିଡିଓ ପରିଡାଙ୍କୁ ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ଦାବିପୂରଣ ନ ହେଲେ ପ୍ରଥମେ ଗଣଧାରଣା ଓ ପରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ସମାଧାନ ନ ହେବାରୁ ପଞ୍ଚାୟତ ପ୍ରତିନିଧିମାନେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ବିଡିଓ ଆସି ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାପରେ ଗୁରୁବାର ପଞ୍ଚାୟତ ପ୍ରତିନିଧିମାନେ ପୁନର୍ବାର ଧାରଣା ଦେଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଧାରଣାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ, ଡେରିକି ସରପଞ୍ଚ ପ୍ରଶାନ୍ତ ଜେନା, ରୋହିଆ ସରପଞ୍ଚ ହେମାମାଳିନୀ ମହାନ୍ତିଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ସାମିଲ ହୋଇଛନ୍ତି।

ଏ ସମ୍ପର୍କରେ ବିଡିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରୁ ଆନ୍ଦୋଳନକାରୀଙ୍କ ଦାବି ଉପରେ ଆଲୋଚନା କରାଯାଇଥିଲେ ମଧ୍ୟ ସେମାନେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଚାହୁଁଛନ୍ତି।ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଅଭିଯୁକ୍ତଙ୍କ ତାଲିକାରେ ପ୍ରଭାବଶାଳୀ ଲୋକ

- ପାରାଦୀପ, ତେଲ ଚୋରି ଘଟଣାରେ ୨ ମାମଲା ରୁଜୁ
- ପୋଲିସ ୨ ଜଣଙ୍କୁ ଗିରଫ କରିଛି

ପାରାଦୀପ,୨୩।୧୦(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ତେଲ ଚୋରି ଘଟଣା ଏବେ ନୂଆ ମୋଡ ନେଇଛି। ଗତ ୧୭ ତାରିଖରେ ଜଗତ୍‌ସିଂହପୁର ଏସ୍‌ପି ଅଙ୍କିତ୍ କୁମାର ବର୍ମାଙ୍କ ହସ୍ତକ୍ଷେପ ପରେ ପାରାଦୀପ ଆଦର୍ଶଥାନା ପୋଲିସ ୨ଟି ମାମଲା (ନଂ.୩୦୮/୨୫ ଓ ୩୧୦/୨୫) ରୁଜୁ କରିଛି। ୨ଟି ମାମଲାରେ ଯେଉଁ ଅଭିଯୁକ୍ତମାନଙ୍କ ନାମ ରହିଛି ସେନେଇ ପାରାଦୀପ ରାଜନୀତି ଉଷ୍ମ ହୋଇଛି। ଶାସକ ଦଳଠାରୁ ଆରମ୍ଭ କରି ବିରୋଧୀ ଦଳର ନେତା, କର୍ମୀ ଓ ପ୍ରଶାସନିକ ସ୍ତରରେ ଖୁବ ଆଲୋଚନା ହେଉଛି। କାରଣ ସମସ୍ତ ୧୨ ଜଣ ଅଭିଯୁକ୍ତ ଶାସକ ଦଳର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଅନୁଗତ ଭାବେ ଜଣାଶୁଣା।

ସମୀର ବିଶ୍ୱାଳଙ୍କ ସମେତ ୨୦ରୁ ଅଧିକ ଲୋକ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ,ପାରାଦୀପ ବାଉରିଆପାଳନ୍ଦାଠାରେ ଥିବା ୩ ରାଷ୍ଟ୍ରାୟତ୍ତ ତୈଳ ଡିପୋ ପାଖରେ ପୂର୍ବ ଉପକୂଳ ଶ୍ରମିକସଂଘ ପକ୍ଷରୁ ପ୍ରତ୍ୟେକ ଟ୍ୟାଙ୍କର ଚାଳକଙ୍କଠାରୁ ଅର୍ଥ ଆଦାୟ କରାଯାଉଛି ଏବଂ ସେହି ଚାଳକଙ୍କୁ ପ୍ରବର୍ତ୍ତାଇ ତେଲ ଚୋରି କରାଯାଉଛି। ଯେଉଁମାନେ ଏପରି କରୁଛନ୍ତି ସେମାନଙ୍କ ନାମ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗ ଉପରେ ଏସ୍‌ପି ପାରାଦୀପ ଆଦର୍ଶଥାନା ଅଧିକାରୀ କାବୁଲି ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ମାମଲା (ନଂ.୩୦୮/୨୫) ରୁଜୁ ହୋଇଛି।

ସେହିଦିନ ସନ୍ଧ୍ୟାରେ ପାରାଦୀପ ଆଦର୍ଶଥାନା ଏଏସ୍‌ଆଇ ଦୀପ୍ତିରଞ୍ଜନ ଜେନା ଓ ଅନ୍ୟ ପୋଲିସ ପାଟ୍ରୋଲିଂ କରିବା ସମୟରେ ବାଉରିଆପାଳନ୍ଦାଠାରେ ଚଢ଼ାଉ କରି ୪୭୦ ଲିଟର ଡିଜେଲ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ.୩୧୦/୨୫) ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ହେଲେ ଲକପଡା ଅଞ୍ଚଳର ରାଜେଶ ସାମଲ ଓ ବୃନ୍ଦାବନ ବେହେରା। ଉଭୟଙ୍କୁ ଗତ ୧୮ ତାରିଖରେ ପୋଲିସ କୋର୍ଟ ଚାଲାଣ କରିଛି। ଉକ୍ତ ମାମଲାରେ ମଧ୍ୟ ଆଦର୍ଶ ଥାନା ପୋଲିସ ୧୨ ଜଣଙ୍କ ନାମ ଦର୍ଶାଇଛି। ଉପରୋକ୍ତ ଦୁଇ ଜଣଙ୍କ ବ୍ୟତୀତ ଅନ୍ୟ ୧୦ ଜଣ ହେଲେ ପ୍ରତାପ ଦାସ, ପବିତ୍ର ପରିଜା, କିଶୋର ପାତ୍ର, ପ୍ରକାଶ ତ୍ରିପାଠୀ, ସନ୍ତୋଷ ନାୟକ, ଅଭିମନ୍ୟୁ ବେହେରା, ରତ୍ନାକର ଜେନା, ଶରତ ସେଠୀ, ଗୌତମ ମିଶ୍ର ଓ କୈଳାସ ଚନ୍ଦ୍ର ନାୟକ।

ଘଟଣାକୁ ୬ ଦିନ ଅତିକ୍ରାନ୍ତ କରିଥିଲେ ହେଁ ପୋଲିସ ଅନ୍ୟମାନଙ୍କୁ ଗିରଫ କରିବାରେ ବିଫଳ ରହିଛି। ଯେଉଁ ଶ୍ରମିକସଂଘ ନେତାଙ୍କ ନାମରେ ପୋଲିସ ନିଜେ ଅଭିଯୋଗ କରିଛି ସେହି ସଂଘ ପରିସରରେ ଜଣେ ମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଏନେଇ ସୋସିଆଲ ମିଡିଆରେ ଆଲୋଚନା ସମାଲୋଚନା ପର୍ଯ୍ୟାଲୋଚନା ହେଉଛି। ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ପଟସରା ଗଣ୍ଡଗୋଳ: ରାଜନୈତିକ ନୁହେଁ, ପାରିବାରିକ

## ଜମିଜମାକୁ ନେଇ ଉଭୟ ପରିବାର ଭିତରେ ଲାଗି ରହିଛି ବିବାଦ

### ଉଭୟ ପକ୍ଷରୁ ୨ ଗିରଫ

ଜଗତ୍‌ସିଂହପୁର, ୨୩।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଟସରା ଗ୍ରାମରେ ଗତ ୨୦ ତାରିଖ ରାତିରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅନିରୁଦ୍ଧ ରାଉତଙ୍କ ସ୍ତ୍ରୀ ବର୍ଷା ଓ ଦୁଃଖିଶ୍ୟାମ ରାଉତଙ୍କ ସ୍ତ୍ରୀ ରଶ୍ମିରଞ୍ଜିତା ପରିଜା (୪୨)ଙ୍କ ଅଭିଯୋଗ ଆଧାରରେ ପୃଥକ୍ ମାମଲା ରୁଜୁ ହୋଇଥିଲା। ଗଣ୍ଡଗୋଳରେ ରଶ୍ମିରଞ୍ଜିତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହାକୁ ବିଜେଡି ପ୍ରସଙ୍ଗ ବନେଇଥିଲା। ରଶ୍ମିରଞ୍ଜିତା ଜଣେ ବିଜେଡି କର୍ମୀ ବୋଲି ଅଭିହିତ କରି ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମକୁ ଟୁଇଟ୍ କରି ନିନ୍ଦା କରିଥିଲେ। ଏଥିସହ ବିଜେଡି ମୁଖପାତ୍ର ଲେନିନ ମହାନ୍ତି, ସୋଫିଆ ଆଲମ, ସୁଲୋତା ଦେଓ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ, ବିଜେଡି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଦଳ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ପ୍ରମୁଖ ପୃଥକ ସମୟରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରଶ୍ମିରଞ୍ଜିତାଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେବା ସହ ଭାଜପା ଉପରେ ବର୍ଷିଥିଲେ। କିନ୍ତୁ ଗୁରୁବାର ଜଗତ୍‌ସିଂହପୁର ଏସ୍‌ପି ଅଙ୍କିତ ବର୍ମା ଏହି ପ୍ରସଙ୍ଗକୁ ରାଜନୀତୀକରଣ ନୁହେଁ, ବରଂ ପାରିବାରିକ ପୂର୍ବ ଶତ୍ରୁତା ବୋଲି ଦର୍ଶାଇଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏହା କହିବା ସହ ଉଭୟ ପରିବାର ଭିତରେ ଜମିଜମାକୁ ନେଇ ପୂର୍ବ ବିବାଦ ଲାଗି ରହିଥିବା ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ଗତ ୨୦ ତାରିଖ ଦୀପାବଳି ରାତିରେ ବାଣ ଫୁଟାକୁ ନେଇ ଉଭୟ ପରିବାର ଭିତରେ ଗଣ୍ଡଗୋଳ ହୋଇଥିଲା। ଏହି ଦୁଇ ମାମଲାରେ ପୋଲିସ ଉଭୟ ପକ୍ଷର ଜଣେ ହିସାବରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଟସରା ଗ୍ରାମର ଦୁଃଖିଶ୍ୟାମ ରାଉତ ଓରଫ ତୋଫାନଙ୍କ ପୁଅ ରାହୁଲ ରାଉତ (୨୧) ଓ ଏହି ଗାଁର ଅନିରୁଦ୍ଧ ରାଉତ ଓରଫ ମଗୁଲିଆ (୩୬)। ସେମାନଙ୍କ ନିକଟରୁ ଗୋଟିଏ ବାଉଁଶ ଫାଳିଆ (ପଟା) ଜବତ ହୋଇଛି। ପୂର୍ବ ରେକର୍ଡ ଦେଖିଲେ ଜଣାଯାଏ ରଶ୍ମିରଞ୍ଜିତା ଓ ତାଙ୍କ ପୁଅ ରାହୁଲଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ମାମଲା ସଂଖ୍ୟା ୩୪୮/୨୩, ୩୫୨/୨୪, ୫୦୨/୨୪, ୫୯୯/୨୪ ଏବଂ ଅନିରୁଦ୍ଧଙ୍କ ନାମରେ ଏହି ଥାନାରେ ମାମଲା ସଂଖ୍ୟା ୩୫୩/୨୪ ଓ ୪୯୯/୨୪ ରୁଜୁ ହୋଇଛି। ୨୦୨୪ ଅଗଷ୍ଟ ୨୫ରେ ଉଭୟ ପକ୍ଷ ମଧ୍ୟରେ ଜମିଜମା ବିବାଦକୁ ନେଇ ପ୍ରଥମେ ପୃଥକ୍ ମାମଲା (ସଂଖ୍ୟା ନଂ.୩୧୪/୨୪ ଓ ୩୧୫/୨୪) ରୁଜୁ ହୋଇଥିଲା।

ଏସ୍‌ପି ଘଟଣାକ୍ରମ ଉପରେ ବର୍ଣ୍ଣନା କରି କହିଥିଲେ, ଗତ ୨୧ ତାରିଖ ରାତି ୧୨ଟା ୧୫ରେ ବର୍ଷା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨୦ ରାତିରେ ପଡ଼ୋଶୀ ରାହୁଲ ତାଙ୍କ ଘର ଆଡ଼କୁ ବାଣ ଫିଙ୍ଗିଥିଲେ। ଯେହେତୁ ତାଙ୍କ ପୁଅ ନିଃଶ୍ୱାସପ୍ରଶ୍ୱାସଜନିତ ରୋଗରେ ଆକ୍ରାନ୍ତ ତେଣୁ ଏହି ବାଣ ଫିଙ୍ଗାକୁ ବର୍ଷା ବିରୋଧ କରିଥିଲେ। ରାହୁଲ ଏଥିରେ କ୍ରୋଧାନ୍ୱିତ ହୋଇ ବାପା ଦୁଃଖିଶ୍ୟାମ, ମା' ରଶ୍ମିରଞ୍ଜିତା ଓ ବନ୍ଧୁ ଅଭିଯାନ ରାଜପୁତଙ୍କ ସହ ମିଶି ତାଙ୍କ ଘର ଭିତରେ ପଶି ଆକ୍ରମଣ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୮୪୭/୨୫) ରୁଜୁ ହୋଇଥିଲା। ସେହିପରି ୨୧ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ରଶ୍ମିରଞ୍ଜିତା କରିଥିବା ଅଭିଯୋଗ ଅନୁଯାୟୀ ଗତ ୨୦ ତାରିଖ ରାତି ୯ରୁ ୯ଟା ୩୦ ମଧ୍ୟରେ ହରେକୃଷ୍ଣ ଜେନା ଓ ଅନ୍ୟମାନଙ୍କ ସହ ଅନିରୁଦ୍ଧ ରାଉତ ତାଙ୍କୁ ଗାଳିଗୁଲଜ ସହ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଯେଉଁ କାରଣରୁ ତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିଲା ଓ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହୋଇଥିଲେ। ତେବେ ଆକ୍ରମଣ ସମୟରେ ଅଭିଯୁକ୍ତ ତାଙ୍କ ସୁନା ଚେନ ଓ ମଙ୍ଗଳସୂତ୍ର ଛଡାଇ ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏହା ଉପରେ ମାମଲା (ନଂ.୮୪୮/୨୫) ରୁଜୁ ହୋଇଥିଲା।


ଏସ୍‌ପି ଅଙ୍କିତ ବର୍ମା ଗଣ୍ଡଗୋଳ ସମ୍ପର୍କରେ ସୂଚନା ଦେଉଛନ୍ତି।

ଉଭୟ ମାମଲା ଉପରେ ହୋଇଥିବା ତଦନ୍ତରୁ ଜଣାଯାଇଥିଲା ଯେ, ରାହୁଲ କ୍ରମାଗତ ଭାବେ କଳି କରୁଥିବାରୁ ଗ୍ରାମବାସୀ ତାଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସମୟରେ ବିରୋଧ କରି ଆସିଛନ୍ତି। ଗତ ସେପ୍ଟେମ୍ବର ଗଣେଶ ପୂଜା ସମୟରେ ତାଙ୍କୁ ଗାଁ ପୂଜା କମିଟିରୁ ବାଦ ଦିଆଯାଇଥିଲା। କିନ୍ତୁ ବର୍ଷା ଓ ତାଙ୍କ ସ୍ୱାମୀ ଅନିରୁଦ୍ଧ ଲାଗି ଏଭଳି କରାଯାଇଥିବା ରାହୁଲ ଅଭିଯୋଗ କରୁଛନ୍ତି। ଗତ ୨୦ ତାରିଖ ରାତି ପ୍ରାୟ ୯ଟାବେଳେ ରାହୁଲ ବର୍ଷାଙ୍କ ଘର ଆଗକୁ ବାଣ ଫିଙ୍ଗାକୁ ନେଇ ଉଭୟ ପରିବାର ମଧ୍ୟରେ ପ୍ରଥମେ ବାକ୍‌ଯୁଦ୍ଧ ଓ ପରେ ଗଣ୍ଡଗୋଳ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ରାହୁଲ ଏକ କାଠ ଫାଳିଆ ଧରି ତାଙ୍କ ମା'ଙ୍କ ସହାୟତାରେ ବର୍ଷାଙ୍କ ଘରେ ପଶି ମୋବାଇଲ ଛଡାଇ ଆକ୍ରମଣ କରିଥିଲେ। ଏହି ସମୟରେ ଅନିରୁଦ୍ଧ ମଧ୍ୟ ପ୍ରତି ଆକ୍ରମଣ କରିଥିଲେ। ଯେଉଁଥିପାଇଁ ରଶ୍ମିରଞ୍ଜିତାଙ୍କ ମୁଣ୍ଡ ଫାଟି ଯାଇଥିବା ଏସ୍‌ପି କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଓ ଡିଏସ୍‌ପି ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆଗାଁ ବ୍ଲକ୍‌କୁ ଜିଲା ପ୍ରଶାସନର ଅଣଦେଖା

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର
## ୨୬୧ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ

ନୂଆଗାଁ,୨୩।୧୦(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡ଼ାଖୋଲା ପଞ୍ଚାୟତ ବାହାଡ଼ାଖୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୬୧ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ହୋଇଥିଲା।

ସରକାର ସାମାଜିକ ସୁରକ୍ଷା ବିଭାଗ ଜରିଆରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟକରିବା ସହ ସେମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ଦେଇ ଭିନ୍ନକ୍ଷମ ଅନୁପାତରେ ଭତ୍ତା ପ୍ରଦାନ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ତେଣୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭିନ୍ନକ୍ଷମର ଅନୁପାତ ଯାଞ୍ଚ କରିବା ସହ ସେମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ଦେବା ପାଇଁ ଶିବିରର ଆୟୋଜନ କରାଯାଇଛି। ପୂର୍ବ ପ୍ରସ୍ତୁତି ଅନୁସାରେ ବାହାଡ଼ାଖୋଲା, ବେରୁହାଁବାରୀ, ହରିପୁର, ଗୁମୀ, କାପ୍ତାପଲି, ସିଙ୍ଗାରପଲି, ଗାତେରୀ ଓ ମହିପୁର ଆଦି ୮ ପଞ୍ଚାୟତ ପାଇଁ ଗୁରୁବାର ବାହାଡାଖୋଲାଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ କରାଯାଇଥିଲା।

ଏଥିରେ ୮ ପଞ୍ଚାୟତର ଅସ୍ଥିଶଲ୍ୟ, ଚକ୍ଷୁ, ମାନସିକ ବିକାରଗ୍ରସ୍ତ ଓ ଶବଣ


ଡାକ୍ତର ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି।

ଆଦି ବିଭାଗରେ ୨୬୧ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ପୂର୍ବରୁ ଅନେକ ଭତ୍ତା ହିତାଧିକାରୀ ହାତଲେଖା ପ୍ରମାଣପତ୍ର ଜରିଆରେ ଭତ୍ତା ପାଉଥିବା ବେଳେ ଡିଜିଟାଲ ପ୍ରମାଣପତ୍ର ନ ହେଲେ ଭତ୍ତାବନ୍ଦ ହୋଇଯିବାର କୁହାଯାଉଥିଲା। ତେଣୁ ପୂର୍ବରୁ ଭିନ୍ନକ୍ଷମ ଭତ୍ତା ପାଉଥିବା ବ୍ୟକ୍ତି ଡିଜାଟାଲ ପ୍ରମାଣପତ୍ର ପାଇଁ ପଞ୍ଜୀକରଣ କରିଥିବା ବେଳେ ଅନେକ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ପୂର୍ବରୁ ୮୦ ପ୍ରତିଶତରୁ କମ୍ ଥିଲେ। କିନ୍ତୁ ସେମାନେ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଭିନ୍ନକ୍ଷମ ହୋଇଯାଇଛନ୍ତି। ତେଣୁ ନୂତନ ପ୍ରମାଣପତ୍ର ହାତେଇ ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲହେବା ଉଦ୍ଦେଶ୍ୟରେ ପୁନଃ ପରୀକ୍ଷା କରାଇବା ପାଇଁ ନାମ ପଞ୍ଜୀକରଣ କରାଇଥିଲେ। ଏହି ଶିବିରରେ ଡାକ୍ତର ଶତ୍ରୁଘ୍ନ ନାୟକ , ନିଷ୍ଠାରଞ୍ଜନ ଦାସ,ଡା.ସବିତା ବରାଡ,ପୀତବାସ ନାୟକ, ପି.ପି.ସାହୁ, ସଞ୍ଜୟ ଦେବ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ସେହିପରି ନୂଆଗାଁ ବ୍ଲକ୍ ପରିସରରେ ନଭେମ୍ବର ୧୧ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବା ବୋଲି ସଂପୃକ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏପରି କାର୍ଯ୍ୟକ୍ରମ ପାଇଁ ନୟାଗଡ ଜିଲାର ଅନ୍ୟ ବ୍ଲକ୍‌କୁ ଅଧିକ ଅନୁଦାନ ଦିଆଯାଉଥିଲେ ମଧ୍ୟ ନୂଆଗାଁ ବ୍ଲକ୍‌ରେ ୨ ଟି କାର୍ଯ୍ୟକ୍ରମ ପାଇଁ କମ ଅନୁଦାନ ଦିଆଯିବା ଘଟଣା ଜିଲା ପ୍ରଶାସନ ନୂଆଗାଁ ବ୍ଲକକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି।

କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗାଁ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା, କନିଷ୍ଠ ସହାୟକ ରଘୁନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗର ନୂଆଗାଁ ଡିଇଓ ସଞ୍ଜୀବ କୁମାର ବିଶ୍ୱାଳ, ନୂଆଗାଁ ବ୍ଲକର ସମସ୍ତ ଅଧିକାରୀ କର୍ମଚାରୀ, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗିରିଗୋବର୍ଦ୍ଧନ ପୂଜା ଅବସରରେ ବାଦୀପାଲା ଉଦ୍‌ଘାଟିତ


ପାଲା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଖଣ୍ଡପଡା,୨୩।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ଗ୍ରାମ ମା' ପୂର୍ଣ୍ଣବାସୀଙ୍କ ପୀଠରେ ବୁଧବାରରୁ ୨୫ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମରେ ଥିବା ମା' ପୂର୍ଣ୍ଣବାସୀ ଯୁବ ବ୍ଲକ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ପାରମ୍ପରିକ କାର୍ଯ୍ୟକ୍ରମ ଦୀର୍ଘ ୨୫ ବର୍ଷ ଧରି ଚାଲି ଆସୁଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ। ଗ୍ରାମ ସଭାପତି ପରମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପୂର୍ଣ୍ଣବାସୀ ଯୁବକ ସଂଘ ପକ୍ଷରୁ ୪ଦିନ ବ୍ୟାପୀ ହେବାକୁ ଥିବା ବାଦୀପାଲାକୁ ବୁଧବାର ରାତିରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ସରପଞ୍ଚ ବଳରାମ ମଲ୍ଲିକ, ଏମ୍‌ପି ଜିଲା ପ୍ରତିନିଧି ଗୟାଧର ପରିଡା ଓ ପଙ୍କଜ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତେ ମିଳିତ ହୋଇ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ କଟକ ଜିଲା ଏକଡାଳ ଅଞ୍ଚଳର ବାଦିପାଲା ଗାୟକ ଉତ୍କଳ ବୀଣା ଆଦିତ୍ୟ କୁମାର ସ୍ୱାଇଁ ଓ ପୁରୀ ଜିଲା କାକଟପୁର ଅଞ୍ଚଳର ଗାୟକ ସ୍ଥିତପ୍ରଜ୍ଞ ଅଜୟ କୁମାର ଦୀକ୍ଷିତଙ୍କ ମଧ୍ୟରେ ବାଦି ପାଲା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପଥରଦ୍ୱାର ସମେତ ବେଣାଗାଡିଆ, ତେନ୍ତୁଳିଆପଲ୍ଲୀ, ମାଧବେରେଣୀ, ବରକୋଳି ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ବାଦି ପାଲା ଉପଭୋଗ କରୁଥିବା ପରିଲକ୍ଷିତ ହୋଇଥିଲା।

# କାର୍ ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ଛତ୍ରପୁର,୨୩।୧୦(ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀର ଅବସରପ୍ରାପ୍ତ ଶିକ୍ଷକ ଗୋଦାବରୀ ପଣ୍ଡାଙ୍କ ଗାଡି ଧକ୍କାରେ ମୃତ୍ୟୁ ହୋଇଛି । ବୁଧବାର ଟାଙ୍ଗଣପଲ୍ଲୀ ଅଞ୍ଚଳର ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ମାସିକ ବୈଠକ ସ୍ଥାନୀୟ ଶ୍ରୀନୀଳକଣ୍ଠେଶର ମନ୍ଦିର ପରିସରରେ ହୋଇଥିଲା । ଉକ୍ତ ବୈଠକରେ ଗୋଦାବରୀ ଯୋଗଦେଇ ଅପରାହ୍ନରେ ଘରକୁ ଫେରିଥିଲେ । କିଛି ସମୟ ବିଶ୍ରାମ କରି ସ୍ନାନଶୌଚ ପାଇଁ ପୋଖରୀକୁ ଯାଇଥିଲେ। ଫେରିବା ବେଳେ ତାଙ୍କୁ ଏକ କାର ଧକ୍କା ଦେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ଗୋଦାବରୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା। ସେଠାରୁ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ବିଶାଖାପାଟଣା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହା ଜାଣିବା ପରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛି। ଚମାଖଣ୍ଡି ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି ।

# କାଠପୋଲରେ ବନ୍ଧା ଜୀବନ

ରାୟଗଡ଼,୨୩।୧୦ (ଜ୍ୟୋତି ପ୍ରସାଦ ପାଣି)

କାଠ ପୋଲରେ ବନ୍ଧା ଲୋକଙ୍କ ଜୀବନ। ଗଜପତି ଜିଲା ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତ ଡୁମ୍ବା ଗାଁର ୨ଶହରୁ ଉର୍ଦ୍ଧ୍ୱ ପରିବାରର ଜୀବନରେଖା ପାଲଟିଛି ଏହି କାଠ ପୋଲ। ଗାଁ ନିକଟରେ ଥିବା ଭରା ନଈ ଉପରେ ରହିଛି ଏହି ପୋଲ। ନଦୀ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହିଶୁଣୁନାହାନ୍ତି। ୨ଶହରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ଏହି ଆଦିବାସୀ ଗାଁରେ ଏଯାଏ ପହଞ୍ଚିପାରିନି କୌଣସି ମୌଳିକ ସୁବିଧା। ଗାଁ ଲୋକେ ନିଜ ଉଦ୍ୟମରେ ଜଲାଙ୍ଗ ନଦୀର ଦୁଇ କୂଳରେ ଥିବା ଦୁଇ ଗଛ ଉପରେ ଏକ କାଠ ଗଣ୍ଡି ପକାଇ ତାହା ଉପରେ ଯାତାୟାତ କରୁଛନ୍ତି। ବର୍ଷା ଦିନେ ନଦୀର ଜଳସ୍ତର ବୃଦ୍ଧି ପାଏ। ତଥାପି ଏହି କାଠ ଗଣ୍ଡିଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବା ବ୍ୟତୀତ ଗ୍ରାମବାସୀଙ୍କ ପାଇଁ କିଛି ବିକଳ୍ପ ନ ଥାଏ। ପଞ୍ଚାୟତକୁ ରାଶନ ଚାଉଳ, ଭତ୍ତା ଆଣିବା ପାଇଁ ହେଉ ଅବା

### ଖୁବ୍ ଶୀଘ୍ର ନଦୀ ଉପରେ ହେବ ପୋଲ ନିର୍ମାଣ: ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ


ବିପଦସଙ୍କୁଳ ଅବସ୍ଥାରେ ନଦୀ ଉପରେ ଥିବା କାଠପୋଲ।

ନଦୀ ଉପରେ ପଡିଥିବା କାଠଗଣ୍ଡି ସାହାରାରେ ହିଁ ସେମାନେ ଯାତାୟାତ କରିଥାନ୍ତି। ଗାଁରେ କାହାର ଦେହ ଖରାପ ହେଉ ଅବା କୌଣସି ଗର୍ଭବତୀ ମହିଳାଙ୍କ ପ୍ରସବ ପାଇଁ ଆମ୍ବୁଲାନ୍ସ ନେବାକୁ ଆସିପାରୁ ନ ଥିବାରୁ ତାଙ୍କୁ ଡାକ୍ତରଖାନ ନେବାକୁ ହେଉ ଏ କ୍ଷେତ୍ରରେ ବହୁ ହଇରାଣ ହେଉଛନ୍ତି ଲୋକେ। ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଆସୁଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟାଙ୍କୁ ପଚାରିବାରୁ ସେ କହିଛନ୍ତି, ଡୁମ୍ବା ଗାଁର ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି। ଖୁବ୍‌ଶୀଘ୍ର ନଦୀ ଉପରେ ଏକ ପୋଲ ନିର୍ମାଣ କରାଯିବ। ଏଥିପାଇଁ ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ସେ କହିଛନ୍ତି।

# ରାଇକିଆ ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା

ରାଇକିଆ,୨୩।୧୦ (ପ୍ରଦୀପ ବେହେରା)

ରାଇକିଆ ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀବଜାର ସ୍ଥିତ ମଣ୍ଡପଠାରେ ଆଗାମୀ ଲକ୍ଷ୍ମୀପୂଜା ପାଳନ ନେଇ ଆଲୋଚନା ପରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଦେବୀପ୍ରସାଦ ପଣ୍ଡା, ଉପସଭାପତି ଭାବେ ବିରୁପାକ୍ଷ ପାତ୍ର ଏବଂ ବନମାଳୀ ପଣ୍ଡା, ସାଧାରଣ ସମ୍ପାଦକ ଭାବେ ବାଦଲ ସାହୁ, ସହ ସମ୍ପାଦକ ଭାବେ ବେନୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ଭରତ ଭୂଷଣ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ପୂର୍ବତନ ସଭାପତି ତଥା ବରିଷ୍ଠ ସଦସ୍ୟ ବି.ତ୍ରିପତି ସୁବୁଦ୍ଧି, ଶ୍ରୀଧର ଦାଶ, ବିଜୟ ଆଚାର୍ଯ୍ୟ, ମଙ୍ଗୁଲୁ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

### ଗଛ ପଡ଼ି ଯୁବକଙ୍କ ମୃତ୍ୟୁ

ରାମଗିରି,୨୩।୧୦(ବୃନ୍ଦାବନ ଗୌଡ଼)

ସାଙ୍ଗମାନଙ୍କ ସହ ଶୌଚ ହେବାକୁ ଯାଉଥିବା ବେଳେ ବୁଧବାର ରାସ୍ତା କଡରେ ଥିବା ଏକ ଶୁଖିଲା ଆମ୍ବଗଛର ଶାଖା ପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏନେଇ କ୍ଷତି ପୂରଣ ଦାବିରେ ଗୁରୁବାର ରାମଗିରି ହାଟପଦାସ୍ଥିତ ଗାନ୍ଧୀ ଛକଠାରେ ସମ୍ପୃକ୍ତ ଯୁବକଙ୍କ ପରିବାର ଓ ଶତାଧିକ ଗ୍ରାମବାସୀ ରାସ୍ତା ଉପରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ଫଳରେ ରାମଗିରି ଦେଇ ଯାତାୟାତ କରୁଥିବା ସମସ୍ତ ଗାଡି ମୋଟର ଚଳାଚଳ ଠପ୍ ହୋଇଯାଇଥିଲା। କେବଳ ଜରୁରୀ କାଳୀନ ସେବା ବ୍ୟତୀତ ଅନ୍ୟ ସବୁ ଭାରି ଓ ହାଲୁକା ଯାନଗୁଡିକ ଅଟକି ରହିଥିଲା। ଖବରପାଇ ତହସିଲଦାର ଜ୍ୟୋର୍ତିମୟୀ ଦାସ ଏବଂ ଆର.ଉଦୟଗିରି ବ୍ଲକ୍ ବିଡିଓ ଲୋରିମିନ ଖରସେଲ ଘଟଣା ସ୍ଥଳରେ ପହଞ୍ଚି ଶୋକାକୁଳ ପରିବାର ବର୍ଗ ଏବଂ କ୍ଷତିପୂରଣ ଦାବିକାରୀଙ୍କୁ ବୁଝାଶୁଝା କରି ରେଡ଼କ୍ରସ ତରଫରୁ ୨୦ ହଜାର, ଆରଡି ପକ୍ଷରୁ ୩୦ ହଜାର, ବନ ବିଭାଗ ପକ୍ଷରୁ ୨୦ ହଜାର, ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଏବଂ ସ୍ଥାନୀୟ ଯୁବ ଠିକାଦାରଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ଏଥିସହ ତାଙ୍କ ପରିବାରକୁ ଅନ୍ତୋଦୋୟ ଯୋଜନାରେ ସାମିଲ, ବାସଗୃହ ପାଇଁ ମଞ୍ଜୁରୀ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩ ଲକ୍ଷ ଟଙ୍କା ସହାୟତା ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ନାମ ସଂକୀର୍ତ୍ତନ ମଣ୍ଡଳୀ ଗଠିତ

ଆସିକା,୨୩।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ନୂତନ ରାଧାଗୋବିନ୍ଦ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ଗଠିତ ହୋଇଛି। ଗୁରୁବାର ସଂକୀର୍ତ୍ତନ ପ୍ରଶିକ୍ଷକ ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ବିଜେ ଶ୍ରୀରାଧା ଗୋବିନ୍ଦଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ହୋଇ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ମଙ୍ଗଳପୁର ସରପଞ୍ଚ ଦେବରାଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ସଂକୀର୍ତ୍ତନ ଦଳର ଅଧିକାରୀ ବିନୋଦ କୁମାର ପାତ୍ର, ପରିଚାଳକ ବିପଦ ପାତ୍ର, ଆସିକା ବ୍ଲକ କଳାକାର ସଂଘ ସଭାପତି ବନବାସୀ ନାହାକ, ଉପସଭାପତି ମଙ୍ଗୁଲୁ ସ୍ୱାଇଁ, ସଂପାଦକ ବୁଦ୍ଧିରାମ ନାହାକ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଏକ ସୁସ୍ଥ ବାତାବରଣ ଗଠନ ଦିଗରେ ହରିନାମ ସଂକୀର୍ତ୍ତନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ତଦନ୍ତ ପରେ ଶାଖା ପରିଚାଳକ ନିଲମ୍ବିତ

### ବେଲଗାଁ ପିଏନବିରେ ଅଚଳାବସ୍ଥା

ହିଞ୍ଜିଳିକାଟୁ, ୨୩।୧୦(ଦ୍ୱିତିକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବେଲଗାଁସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରେ ଗତ ୩ ଦିନ ଧରି ଅଚଳାବସ୍ଥା ଜାରି ରହିଥିଲା। ଏନେଇ ଗ୍ରାହକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କ ଶାଖା ପରିଚାଳକ ସୁଶୀଲ ପାତ୍ର ବ୍ୟାଙ୍କର ମୁଖ୍ୟ ଦରଜାରେ ଭିତରପଟୁ ତାଲା ପକାଇଥିଲେ। ନିଜ ଦସ୍ତଖତ ଥାଇ ଏକ ନୋଟିସ ବୋର୍ଡରେ ଲଗାଇ ବ୍ୟାଙ୍କରେ କର୍ମଚାରୀ ଅଭାବରୁ ପରିଚାଳନା କରିବା ଅସମ୍ଭବ ଓ ସେଥିପାଇଁ ଦୁଃଖିତ ବୋଲି ଉଲ୍ଲେଖ କରିଥିଲେ। ତେବେ ବିଭିନ୍ନ ସ୍ତରରୁ ରିପୋର୍ଟ ସଂଗ୍ରହ ସହ ବ୍ୟାଙ୍କର ଆଭ୍ୟନ୍ତରୀଣ ତଦନ୍ତ ପରେ ବ୍ୟାଙ୍କ କାର୍ଯ୍ୟକୁ ବନ୍ଦ କରିବା, ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନ କରିବା ଓ ଅନ୍ୟାନ୍ୟ ଅଭିଯୋଗରେ ବ୍ୟାଙ୍କ ପରିଚାଳକ ପାତ୍ରଙ୍କୁ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟରୁ ନିଲମ୍ବନ କରିଥିବା ବ୍ୟାଙ୍କ ଆଞ୍ଚଳିକ ଶାଖାର ସିନିୟର ଅଫିସର ମାନସ ରଞ୍ଜନ ସ୍ୱାଇଁ କହିଛନ୍ତି।

ବ୍ୟାଙ୍କ ଶାଖା ପରିଚାଳକ ଅନ୍ୟ ୩ ବ୍ୟାଙ୍କ କର୍ମଚାରୀଙ୍କୁ ମାରିଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଏକ ବେନାମୀ ପ୍ରଚାରପତ୍ର ବ୍ୟାଙ୍କର ମୁଖ୍ୟ ଦ୍ୱାର ନିକଟରେ ଲଗାଯାଇଥିଲା। ଏହାକୁ ନେଇ ଗ୍ରାହକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ହିଞ୍ଜିଳିକାଟୁ ତହସିଲଦାର ତପନ ମହାପାତ୍ର, ବେଲଗାଁ ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ବ୍ୟାଙ୍କ ରିଜିଓନାଲ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ସିଂ, ନୟନ ପୁରୋହିତ ଓ ମାନସ ରଞ୍ଜନ ସ୍ୱାଇଁ ବୁଧବାର ସନ୍ଧ୍ୟାରେ ବେଲଗାଁ ବ୍ୟାଙ୍କ ଶାଖାରେ ପହଞ୍ଚି ଭିତରପଟୁ ତାଲା ପକାଇଥିବା ବ୍ୟାଙ୍କ ଶାଖା ପରିଚାଳକ ପାତ୍ରଙ୍କୁ ବୁଝାଶୁଝା କରିଥିଲେ। ପରେ ମ୍ୟାନେଜର ପାତ୍ର ତାଲା ଖୋଲିଥିଲେ। ଶାଖା ପରିଚାଳକ ପାତ୍ର, ହିଞ୍ଜିଳିକାଟୁ ତହସିଲଦାର, ବେଲଗାଁ ଆଇଆଇସି, ରିଜିଓନାଲ କାର୍ଯ୍ୟାଳୟ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ବେଲଗାଁ ଥାନାରେ ଆଲୋଚନା ହୋଇଥିଲା। ଘଟଣାରେ ବ୍ୟାଙ୍କର ଅନ୍ୟ ୩ ଜଣ କର୍ମଚାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇଛି କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ବ୍ୟାଙ୍କ ଶାଖା ପରିଚାଳକ ପାତ୍ର ଅନ୍ୟ ୩ ବ୍ୟାଙ୍କ କର୍ମଚାରୀଙ୍କୁ ହତ୍ୟା ଧମକ ଦେଇଥିବା କୁହାଯାଉଥିଲେ ମଧ୍ୟ ବେନାମୀ ପୋଷ୍ଟର ବ୍ୟାଙ୍କ ସମ୍ମୁଖରେ କିଏ ଲଗାଇଥିଲେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ କି ଏ ସମ୍ପର୍କରେ ବେଲଗାଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ସମ୍ପର୍କରେ ଶାଖା ପରିଚାଳକ ପାତ୍ରଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

# କବିସୂର୍ଯ୍ୟନଗରରେ ଗୋବର୍ଦ୍ଧନ ଉତ୍ସବ

କବିସୂର୍ଯ୍ୟନଗର,୨୩।୧୦(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର କାଳିଆଲୁଣ୍ଡା ପାହାଡ଼ସ୍ଥିତ ହନୁମାନ ମନ୍ଦିର, କମାରାମଚନ୍ଦ୍ରପୁର ଶାସ ନସ୍ଥିତ ଗୋପୀନାଥ ମନ୍ଦିର, ଯୋଗୀ ପାହାଡ଼ସ୍ଥିତ ହନୁମାନ ମନ୍ଦିର ଆଦିଠାରେ ଗୋବର୍ଦ୍ଧନ ଉତ୍ସବ ପାଳିତ ହୋଇଛି । କାଳିଆଲୁଣ୍ଡା ପାହାଡ ହନୁମାନ ମନ୍ଦିର ଉତ୍ସବରେ କର୍ତ୍ତାଭାବେ ଅଶୋକ କୁମାର ଜେନା ଓ ସ୍ତ୍ରୀ ମାନଶ୍ରୀ ବେହେରା ଯୋଗ ଦେଇଥିଲେ । ମୁଖ୍ୟପୂଜକ ବିନାୟକ ଶତପଥୀ ଓ ସହଯୋଗୀ ବିଶ୍ୱରଞ୍ଜନ ଶତପଥୀ ପୂଜାକର୍ମ ସମ୍ପାଦନ କରିଥିଲେ । ସେହିପରି କମାରାମଚନ୍ଦ୍ରପୁର ଶାସନ ଗୋପୀନାଥ ମନ୍ଦିର ପରିସରରେ ଗୋବର୍ଦ୍ଧନ ଉତ୍ସବ ଭଜନ କୀର୍ତ୍ତନରେ ଭକ୍ତଗଣ ମଜ୍ଜିବା ସହ ଗୋପୀନାଥଙ୍କ ଯଥାରୀତି ପୂଜା ସମ୍ପନ୍ନ ହୋଇଛି ।

# ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଉପଜିଲାପାଳଙ୍କ ତଦାରଖ


ଏକ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଉପଜିଲାପାଳ ତଦାରଖ କରୁଛନ୍ତି।

ପାରଳାଖେମୁଣ୍ଡି,୨୩।୧୦ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକର ବିଭିନ୍ନ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ଗୁରୁବାର ଉପଜିଲାପାଳ ଅନୁପ ପଣ୍ଡା ପରିଦର୍ଶନ କରି ତଦାରଖ କରିଛନ୍ତି। ଛତୁଆ ପ୍ରସ୍ତୁତି ପାଇଁ ଶୁଖିଲା ସାମଗ୍ରୀର ମାନ ଯାଞ୍ଚ କରିବା ସହ ସେ ଯାଞ୍ଚ ବେଳେ ଛତୁଆ ପ୍ରସ୍ତୁତି ସମୟରେ ସଠିକ ପରିମାଣ ମିଶ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗର ହିତାଧିକାରୀ ଗର୍ଭବତୀ ମହିଳା, ପ୍ରସୁତି ମାଆ, ୬ମାସରୁ ୩ ବର୍ଷର ଶିଶୁଙ୍କ ନିମନ୍ତେ ଏଠାରେ ଛତୁଆ ପ୍ରସ୍ତୁତ ହୋଇଥାଏ। ସେହିପରି ମୁନୁସିଂ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର ବାରସିଂ–'କ' ଏବଂ ବାରସିଂ–'ଖ' କେନ୍ଦ୍ରକୁ ଉପଜିଲାପାଳ ପରିଦର୍ଶନ କରିଥିଲେ। ଏହି ସମୟରେ ଉପ ଜିଲାପାଳ ଅଙ୍ଗନୱାଡି କେନ୍ଦ୍ରର କୋଠାର ମାନ, ଶିଶୁଙ୍କ ଓଜନ ଏବଂ ଉଚ୍ଚତା ଯାଞ୍ଚ କରିଥିଲେ। କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ତଦାରଖ କରି ବିଭିନ୍ନ ରେଜିଷ୍ଟ୍ରାର ଯାଞ୍ଚ କରି ଦେଖିଥିଲେ।

# ସର୍ଦ୍ଦାର ବଲ୍ଲଭଭାଇଙ୍କ ଜୟନ୍ତୀରେ ହେବ ବିଭିନ୍ନ କାର୍ଯ୍ୟକ୍ରମ

ଫୁଲବାଣୀ,୨୩।୧୦(ରାକେଶ କୁମାର ରାଉତ)



ଫୁଲବାଣୀ ସମନିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଜୟନ୍ତୀ ଉପଲକ୍ଷେ ନଭେମ୍ବର ୧୭ରେ ପଦଯାତ୍ରା ଆୟୋଜିତ ହେବ। ପ୍ରାୟ ୧୦ କି.ମିର ପଦଯାତ୍ରା ପାଇଁ ସ୍ଥାନ ନିରୂପଣ କରିବା ଯିବ। ଏହି ସମୟରେ ରାସ୍ତାରେ ପ୍ରତି ୧ କି.ମିରେ ପାନୀୟ ଜଳ ବ୍ୟବସ୍ଥା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ ଉତ୍ପାଦଗୁଡିକ ପ୍ରଦର୍ଶନ, ଏକ ପେଡ ମାଆ କେ ନାମ କାର୍ଯ୍ୟକ୍ରମ, ରଙ୍ଗୋଲି ପ୍ରତିଯୋଗିତା, ସଫେଇ କାର୍ଯ୍ୟକ୍ରମ ଇତ୍ୟାଦିର ବ୍ୟବସ୍ଥା କରାଯିବ ବୋଲି ଏମ୍‌ପି କହିଛନ୍ତି। ବୈଠକରେ ଜିଲାପାଳ ବେଦଭୂଷଣ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପଜିଲାପାଳ ପ୍ରଣିତା ଦାଶ ଓ ଫୁଲବାଣୀ ଭିକାରୀ ସାହୁ, ଫୁଲବାଣୀ ସମନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଶାକର୍ମୀଙ୍କୁ ବହିଷ୍କାର ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଘେରିଲେ ଟୁଡୁବିଜୁବାସୀ

ଦାରିଙ୍ଗବାଡି,୨୩।୧୦ (ଅରୁଣ ସାହୁ)

ବର୍ଷବର୍ଷ ଧରି ଆଶାକର୍ମୀ ଲକ୍ଷ୍ମୀ ବଡମାଝୀ ତାଙ୍କ ଦାୟିତ୍ୱ ସମ୍ପାଦନା କରୁନାହାନ୍ତି। ଏପରିକି ସେ ୨ ବର୍ଷ ଧରି ବାହାର ରାଜ୍ୟକୁ କୌଣସି କାର୍ଯ୍ୟରେ ଚାଲିଯବାରୁ ଗର୍ଭବତୀ ମହିଳାମାନେ ହଇରାଣ ହେଉଥିଲେ। ଆଶାକର୍ମୀଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ଗୁରୁବାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଥିଲେ। କୁମ୍ଭାରୀଗାଁ ପଞ୍ଚାୟତ ଟୁଡୁବିଜୁ ଅଙ୍ଗନାୱାଡି–୨ କେନ୍ଦ୍ରରେ ଏପରି ଦେଖିବାକୁ ମିଳିଛି। ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ତୁରନ୍ତ ସମ୍ପୃକ୍ତା ଆଶାକର୍ମୀଙ୍କୁ ବହିଷ୍କାର କରି ନୂତନ ନିଯୁକ୍ତି ଦେବାପାଇଁ ପୂର୍ବତନ ସରପଞ୍ଚ ସୁନାର ସିଂ ମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଥିଲେ। ଆଶାକର୍ମୀ ଗ୍ରାମରେ ନ ଥିବାରୁ ଗର୍ଭବତୀ ଓ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳିବା କଷ୍ଟକର ହେଉଥିବା ସେମାନେ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟାଧିକାରୀ ନୂତନ ଆଶାକର୍ମୀଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ବାହାରେ ଥିବା ଆଶାକର୍ମୀ ଲକ୍ଷ୍ମୀ ଗ୍ରାମକୁ ଫେରିଥିଲେ ମଧ୍ୟ ସେ ସେବା ଯୋଗାଉନାହାନ୍ତି। ଗ୍ରାମବାସୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲା ସ୍ୱାସ୍ଥ୍ୟାଧିକାରୀ ଏବଂ କନ୍ଧମାଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଲୋକ ପ୍ରତିନିଧି ଓ ଗ୍ରାମବାସୀ କହିଛନ୍ତି। ଏନେଇ ଇନଚାର୍ଜ ଡାକ୍ତର ଜାକେଶଙ୍କୁ ପଚାରିବାରୁ ସେ କହିଛନ୍ତି, ଆଶାକର୍ମୀ ଲକ୍ଷ୍ମୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ଆମେ ତଦନ୍ତ କରିଛୁ, ଘଟଣା ସତ୍ୟ। ଲୋକଙ୍କ ଦାବି ଅନୁସାରେ ନୂତନ ଆଶାକର୍ମୀ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇବ। ପୂର୍ବରୁ ତଦନ୍ତରେ ଯାଇଥିବା ବିପିଏମ୍‌ଙ୍କ ବଦଳି ପରେ ନୂତନ ବିପିଏମ୍ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଖୁବ୍‌ଶୀଘ୍ର ନୂତନ ଆଶାକର୍ମୀ ନିଯୁକ୍ତି ହେବେ।



### ଦୀର୍ଘ ଦିନ ଧରି ରାଜ୍ୟ ବାହାରେ ରହୁଛନ୍ତି


ବୈଦ୍ୟରାଜପୁର ଶ୍ୟାମାକାଳୀ ।


କିଆନାଳୀକୁଳ


ମହାବୀର ଛକ ।

ଯାଜପୁର କାଳୀପୂଜାର ତୃତୀୟ ସନ୍ଧ୍ୟା

# ଦିନ ସରୁଛି, ଭିଡ଼ ଜମୁଛି



■ ପୂଜା ମଣ୍ଡପରେ ସଙ୍ଗୀତର ଆସର
■ ବଡ଼ ବଜାରର ଦିଲ୍ ଜିତିଲେ ମଣ୍ଟୁ ଛୁରିଆ

ଯାଜପୁର ଟାଉନ,୨୩।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଗଣପର୍ବ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜାର ଦିନ ଯେତେ ସରି ସରିଆସୁଛି ଭିଡ଼ ସେତେ ବଢ଼ିବାରେ ଲାଗିଛି। ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ସଞ୍ଜ ନଇଁବା କ୍ଷଣି ସୁଉଚ୍ଚ ତୋରଣ ଓ ରାସ୍ତାଘାଟରେ ଲାଗିଥିବା ବିଭିନ୍ନ ରଙ୍ଗୀନ ଆଲୋକମାଳା ଝଲସି ଉଠିଥିଲା। କାଳୀପୂଜାକୁ ଉପଭୋଗ କରିବା ପାଇଁ ଯାଜପୁରବାସୀଙ୍କ ଘରକୁ ଆସିଥିବା ବନ୍ଧୁପରିଜନ ବାହାରିଥିଲେ ପୂଜା ମଣ୍ଡପକୁ ବୁଲିବା ପାଇଁ। ସମସ୍ତ ଛକ ବଜାରରେ ଭିଡ଼ ଜମିବାକୁ ଲାଗିଥିଲା। କିଏ ସାଙ୍ଗ ସହ ତ ଆଉ କିଏ ବନ୍ଧୁ ପରିଜନ ସହିତ ତ ପୁଣି ଆଉ କିଏ ନିଜ ପରିବାର ସହ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିବାକୁ ବାହାରି ପଡ଼ିଥିଲେ। ଦର୍ଶକ ପୂଜା ମଣ୍ଡପ ବୁଲିବା ଓ ବିଭିନ୍ନ ଫାଷ୍ଟଫୁଡ଼ ଦୋକାନରେ ଖାଦ୍ୟ ଖାଇଥିଲେ।

କିଛି ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହରର ନାରାୟଣ ଛକ ଶ୍ୟାମାକାଳୀ ପୂଜା କମିଟି ଚଳିତ ଥର ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲା। ସଙ୍ଗୀତର ଆସର ପୂଜା ମଣ୍ଡପରେ ଜମିଥିଲା। ମହାବୀର ଛକ ପୂଜା କମିଟି ପକ୍ଷରୁ କନିଷ୍ଠ ବର୍ଗର ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କିଆନାଳୀକୂଳ ପୂଜା କମିଟି ପକ୍ଷରୁ ଯାଜପୁରର ପ୍ରତିଭାଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା।


କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ।

ବଡ଼ବଜାର ପୂଜା କମିଟି ପକ୍ଷରୁ ମେଲୋଡ଼ି 'ଗୀତ ବାହାର' ହେଉଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସୁପରହିଟ୍ ସଙ୍ଗୀତରେ ବଡ଼ବଜାର କମ୍ପି ଉଠିଥିଲା। ଚିକ୍ ଚିକ୍ ଚିକ୍ ରସିଆ, ସମ୍ବଲପୁରିଆ ବାବୁ, ଦେଶୀ ପିଲା, ଜିଗରୱାଲା, ମାଇ ଲଭ୍ ସମେତ ଅନ୍ୟାନ୍ୟ ହିଟ୍ ଗୀତ ଗାଇ ମଣ୍ଟୁ ଛୁରିଆ ଦର୍ଶକଙ୍କୁ ଝୁମାଇଥିଲେ। ମଣ୍ଟୁ ଛୁରିଆ 'ତତେ ଯୋଉ ଦିଲ୍‌ଟା ଦେଇଦେଲା ଜିଗରୱାଲା' ଗୀତରେ ପୂଜା କମିଟି ସଦସ୍ୟଙ୍କ ଦିଲ୍ ଜିତ ନେଇଥିଲେ। ରାତି ୧୨ଟା ପର୍ଯ୍ୟନ୍ତ ମଣ୍ଟୁ ଛୁରିଆଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ।

## ସାଦା ପୋଷାକରେ ପୋଲିସ

ଚଳିତ ଥର ୪୬ଟି ପୂଜା ମଣ୍ଡପରେ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଉଛନ୍ତି। ସଞ୍ଜ ହେବା କ୍ଷଣି ମଣ୍ଡପରେ ଭିଡ଼ ମଧ୍ୟ ଜମୁଛି। ଏହି ଭିଡ଼ରେ ମୋବାଇଲ ଫୋନ, ସୁନା ଚେନ୍, କାନଫୁଲ, ପର୍ସକୁ ଛିନ୍ତାଇମାନେ ଚୋରି କରିବାର ସୁଯୋଗ ପାଇଥାନ୍ତି। ତେଣୁ ଏହି ଚୋରିକୁ ଏଡ଼ାଇବା ପାଇଁ ସହରର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହା ସତ୍ତ୍ୱେ ବି ଚୋରି ସମ୍ଭବନା ରହିଛି। ତେଣୁ ସନ୍ଧ୍ୟାରେ ସାଦା ପୋଷାକରେ ପୋଲିସ ବୁଲୁଛନ୍ତି।

## ଗୋଟିଏ ମଣ୍ଡପରେ କୃଷ୍ଣ ଓ କାଳୀଙ୍କର ପୂଜାର୍ଚ୍ଚନା



ଯାଜପୁର ସହରର ରାଣୀ ରାମଚନ୍ଦ୍ରପୁର ଅଞ୍ଚଳରେ କୃଷ୍ଣ ଓ କାଳୀଙ୍କୁ ପୂଜା କରାଯାଉଛି। ଗୋଟିଏ ଦେହରେ ଦୁଇ ରୂପକୁ ଆକୃତି ଦିଆଯାଇଛି। ଅଧା କୃଷ୍ଣ ଓ ଅଧା କାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛି। ଏଠି କାଳୀ ଓ କୃଷ୍ଣ ଉଭୟଙ୍କୁ ଆବାହନ କରାଯିବା ସହ କୃଷ୍ଣ ଓ କାଳୀଙ୍କ ମନ୍ତ୍ରରେ ପୂଜା କରାଯାଉଛି। କାଳୀ ପୂଜାର ତୃତୀୟ ଦିନରେ ଏହି ମଣ୍ଡପରେ କୃଷ୍ଣକାଳୀ ପୂଜା ପାଇଥାନ୍ତି। କୃଷ୍ଣକାଳୀଙ୍କ ମୃଣ୍ମୟ ପ୍ରତିମାକୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଭିଡ଼ ଜମାଇଛନ୍ତି।

## ଗ୍ଲୋଡେନ କୁଇନ ଗରିଆପୁରର ମା' ଶ୍ୟାମାକାଳୀ

ଗରିଆପୁର ଛକରେ ପୂଜା ପାଉଥିବା ମା' ଶ୍ୟାମାକାଳୀ ହେଉଛନ୍ତି ଗ୍ଲୋଡେନ କୁଇନ। ଏଠି ମା'ଙ୍କ ଆଭୂଷଣ ହେଉଛି ସୁନାର। ତେଣୁ ମା'ଙ୍କୁ ଯାଜପୁରବାସୀ ଗ୍ଲୋଡେନ କୁଇନ ଭାବେ ଜାଣିଥାନ୍ତି। କିଏ ସ୍ୱର୍ଣ୍ଣର ରାଣୀ କହିଥାନ୍ତି ତ ଆଉ କିଏ ଗ୍ଲୋଡେନ କୁଇନ କହିଥାନ୍ତି। ମା'ଙ୍କ ପୂଜା ଏହି ମଣ୍ଡପରେ ଅତି ନିଷ୍ଠାର ସହିତ କରାଯାଇଥାଏ। ଭକ୍ତମାନଙ୍କ ମନବାଞ୍ଛା ମା' ପୂରଣ କରିଥାନ୍ତି। ତେଣୁ ପ୍ରତ୍ୟେକ୍ଷ ରୂପେ ମା' ଏହି ମଣ୍ଡପରେ ବିରାଜମାନ କରୁଥିବା ଶ୍ରଦ୍ଧାଳୁ କହିଛନ୍ତି।

# ମନ ମୋହୁଛି ତୋରଣ



ସହରର ସମସ୍ତ ପୂଜା ମଣ୍ଡପରେ ତୋରଣ ନିର୍ମାଣ ହୋଇଛି। କେଉଁ ମଣ୍ଡପରେ ଲାଇଟ ଗେଟ୍ ତ ଆଉ କେଉଁ ମଣ୍ଡପରେ କପଡ଼ାର ଗେଟ୍ ନିର୍ମାଣ କରାଯାଇଛି। ଏହି ତୋରଣ ପୂଜା ମଣ୍ଡପର ଚମକକୁ ଦ୍ୱିଗୁଣିତ କରିଛି। ଚଳିତ ଥର ଗରିଆପୁର ପୂଜା ମଣ୍ଡପରେ କୋଲକାତାର କାରିଗରଙ୍କ ଦ୍ୱାରା କପଡ଼ାର ତୋରଣ ନିର୍ମାଣ ହୋଇଛି। ଏହାର ଉଚ୍ଚତା ୭୫ ଫୁଟ୍ ଓ ଚଉଡ଼ା ୮୦ ଫୁଟ୍ ରହିଛି।

ସେହିପରି ବାହାବଲପୁର ଗ୍ରାମରେ ଆଦ୍ୟ ଗରୁଡ଼କାଳୀଙ୍କ ମଣ୍ଡପରେ ନିର୍ମାଣ ହୋଇଛି ସୁଉଚ୍ଚ ତୋରଣ। ଥାଇଲ୍ୟାଣ୍ଡର ସପ୍ତଋଷି ମନ୍ଦିର ଆକୃତିରେ ହୋଇଛି ତୋରଣ। ଏହାର ଉଚ୍ଚତା ୧୦୦ ଫୁଟ୍ ଓ ଚଉଡ଼ା ୮୫ ଫୁଟ୍ ହେବ ବୋଲି ଅନୁମାନ କରାଯାଉଛି। ଏହି ତୋରଣଟି ସମ୍ପୂର୍ଣ୍ଣ ଥର୍ମକୁଲରେ ନିର୍ମାଣ ହୋଇଛି। ସହରବାସୀଙ୍କ ମନ ମୋହୁଛି ଏହି ତୋରଣ। ସେହିପରି ମହାବୀର ଛକ, ଭବାନୀଗଞ୍ଜ, ହରପାର୍ବତୀ ଛକ, ସାନବଜାରରେ କପଡ଼ାର ସୁଉଚ୍ଚ ତୋରଣ ନିର୍ମାଣ ହୋଇଛି। ଅନ୍ୟ ପୂଜା ମଣ୍ଡପରେ ବିଭିନ୍ନ ଲାଇଟ୍‌ରେ ତୋରଣ ନିର୍ମାଣ ହୋଇଛି। କପଡ଼ା ତୋରଣ ଦିନ ରାତି ସୌନ୍ଦର୍ଯ୍ୟ ଲାଗୁଥିବା ବେଳେ ଲାଇଟ୍ ଗେଟ୍ କେବଳ ରାତିରେ ଚମକ ପ୍ରଦାନ କରୁଛି। ଦର୍ଶକଙ୍କୁ ଏହି ସବୁ ତୋରଣ ମନ ମୋହୁଥିବା ଦେଖାଯାଇଛି।


ଗରିଆପୁର ଛକରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

## ମୁସଲମାନ ଗଡ଼ରେ ଲକ୍ଷ୍ମୀନାରାୟଣ


ଟାଉନ ହଲ୍ ପୂଜା ମଣ୍ଡପ ନିକଟରେ ପୂଜା କମିଟିର କର୍ମକର୍ତ୍ତା।

ଯାଜପୁର ସହରର ଯେତେ ପୂଜା ମଣ୍ଡପ ଅଛି ସେଥିମଧ୍ୟରୁ ଟାଉନ ହଲ୍ ପୂଜା ମଣ୍ଡପ ଅନ୍ୟତମ। ଏହି ମଣ୍ଡପକୁ କିଏ ଝାଉଁମୂଳ କହିଥାନ୍ତି ତ ଆଉ କିଏ ଟାଉନ ହଲ୍ ପୂଜା ମଣ୍ଡପ କହିଥାନ୍ତି। ବର୍ତ୍ତମାନ ଏହି ମଣ୍ଡପ ମେଡିକାଲ ଛକ ନାମରେ ପରିଚିତ। ମଣ୍ଡପଟି ସମ୍ପୂର୍ଣ୍ଣ ମୁସଲମାନ ଗଡ଼ରେ ଅବସ୍ଥିତ। ପାଖାପାଖି ୨ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଏହି ମଣ୍ଡପର ଆଖପାଖରେ ବସବାସ କରିଛନ୍ତି। ସହରର ସବୁଠାରୁ ବଡ଼ ପୂଜା କମଟି ଭାବେ ମେଡିକାଲ ଛକ ପୂଜା କମିଟି ପରିଚିତ। ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନକୁ ନେଇ ମେଡିକାଲ ଛକ ଲକ୍ଷ୍ମୀନାରାୟଣ ପୂଜା କମିଟି ଗଠିତ। ବର୍ତ୍ତମାନ ଏହି ପୂଜା କମିଟିର ଉପସଭାପତି ହେଉଛନ୍ତି ସେକ୍ ଅବଦୁଲ ସାଜିଦ୍ (ଚାନ୍ଦ)। ସେ ୮ ବର୍ଷ ହେବ ଏହି କମିଟିରେ ଜଡ଼ିତ ହୋଇଛନ୍ତି। ପୂଜାରେ ମୁସଲମାନ ଭାଇମାନେ ସହଯୋଗର ହାତ ବଢ଼ାଉଛନ୍ତି। ବହୁ ମୁସଲମାନ ମୁରବୀ ଓ ଯୁବଗୋଷ୍ଠୀ ପୂଜାରେ ନିଜକୁ ନିୟୋଜିତ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କୁନୁ


@ ଶୈଳେନ୍ଦ୍ର


@ ଶିବାଶିଷ


@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ODISHA PUBLIC SERVICE COMMISSION CUTTACK

## NOTICE

**No. 7392 / P.S.C., Dt. 22.10.2025**
(1R-07-24/25) (DR-V)

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 = 15 Candidates |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 = 12 Candidates |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 = 15 Candidates |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 = 12 Candidates |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 = 15 Candidates |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 = 12 Candidates |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 = 15 Candidates |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 = 12 Candidates |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 = 15 Candidates |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 = 12 Candidates |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 = 15 Candidates |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 = 12 Candidates |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 = 15 Candidates |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 = 12 Candidates |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 = 15 Candidates |
| | 2.30 PM | P230105947, P240304077, P230121693, P230155545, P240263634, P220055796, P230113509 & P240274696 = 08 Candidates |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0330/2526** **Sd./- Assistant Controller of Examination**

# କେନ୍ଦ୍ରାପଡ଼ା ସମବାୟ ବିଭାଗରେ ବ୍ୟାପକ ଦୁର୍ନୀତି

## ସମ୍ପାଦକ, ସହସମ୍ପାଦକ ପଦୋନ୍ନତି ତାଲିକାରେ ଅନେକ ଅଯୋଗ୍ୟଙ୍କ ନାମ

**ଡେରାବିଶ, ୨୩।୧୦(ବେବର୍ତ୍ତା ଅଜୟ ଦାସ)**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ଆନ୍ଦୋଳନକୁ ବ୍ୟାପକ କରାଯାଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ କେତେଜଣ ଅସାଧୁ ଅଧିକାରୀଙ୍କ ପାଇଁ ଏହି ଯୋଜନା ବାଟବଣା ହୋଇଛି। ବିଭାଗକୁ ଅଧିକ ସୁଦୃଢ଼ କରିବା ପାଇଁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ବିଭିନ୍ନ ସମବାୟ ସମିତିରେ ଦୀର୍ଘବର୍ଷ ହେବ କାର୍ଯ୍ୟରତ ଥିବା ସମ୍ପାଦକ ଓ ସହସମ୍ପାଦକଙ୍କ ପଦୋନ୍ନତି ପାଇଁ କେନ୍ଦ୍ରାପଡ଼ା ଜିଲା ସମବାୟ ବିଭାଗ ତାର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିଛି। ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ପଦୋନ୍ନତି ପ୍ରକ୍ରିୟାକୁ ଜିଲା ସମବାୟ ବିଭାଗ କର୍ତ୍ତୃପକ୍ଷ ଯୋଗ୍ୟ ଓ ଅଯୋଗ୍ୟ ମାପକାଠିକୁ ଭୁଲିଯାଇଥିବା ଦେଖାଯାଇଛି। ଗତ ମଙ୍ଗଳବାର ପ୍ରକାଶ ପାଇଥିବା ଏହି ଚୂଡ଼ାନ୍ତ ତାଲିକାରେ ଅନେକ ଯୋଗ୍ୟ ସମ୍ପାଦକ ଓ ସହ ସମ୍ପାଦକଙ୍କ ନାମ ବାଦ୍ ପଡ଼ିଥିବାବେଳେ ଅନେକ ଅଯୋଗ୍ୟଙ୍କ ନାମ ଦେଖିବାକୁ ମିଳିଛି। ତେବେ ଏହି ତାଲିକା କେଉଁ ଆଧାରରେ ପ୍ରକାଶ କରାଯାଇଛି ତାହା ସମବାୟବିତ୍‌ମାନଙ୍କୁ ଚକିତ କରିଛି।

ସମବାୟବିତ୍ ବିଜୟ କୁମାର ପରିଡ଼ା କହିଛନ୍ତି, ଦୀର୍ଘବର୍ଷ ହେଲା ସମବାୟ ସମିତିରେ କାର୍ଯ୍ୟକରି ଆସୁଥିବା କେତେଜଣ ସହ ସମ୍ପାଦକଙ୍କ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ପଦୋନ୍ନତି ତାଲିକାରୁ ବାଦ୍ ଦିଆଯିବା ଜିଲା ସହକାରୀ ନିବନ୍ଧକ ଓ ଜିଲା ନିବନ୍ଧକଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପଦୋନ୍ନତି ତାଲିକାରେ ଯୋଗ୍ୟତା ନ ଥାଇ ଗ୍ରେଡ୍ ୧ ଓ ଗ୍ରେଡ୍ ୨ରେ ଥିବା ବ୍ୟକ୍ତିଙ୍କ ନାମ କିପରି ତାଲିକାଭୁକ୍ତ କରାଗଲା ଏବଂ ବିଭାଗୀୟ ମାର୍ଗଦର୍ଶିକା ଓ ବିଧି ବ୍ୟବସ୍ଥାକୁ ଜିଲା ସମବାୟ ବିଭାଗ ସମ୍ପୂର୍ଣ୍ଣ ବେଖାତିର କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଯୋଗ୍ୟତା ଭିତ୍ତିରେ ପୂର୍ଣ୍ଣ ତାଲିକା ପ୍ରକାଶ କରିବାକୁ ପରିଡା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରାଜ୍ୟ ସମବାୟ ବିଭାଗ ନିକଟରେ ଦାବି କରିଛନ୍ତି। ସମବାୟବିତ୍ ସରୋଜକାନ୍ତ ନାୟକ କହିଛନ୍ତି, ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକାରେ ଜିଲା ସମବାୟ ବିଭାଗ ଓ ସମବାୟ କର୍ତ୍ତୃପକ୍ଷ ଯୋଗ୍ୟତାକୁ ଗୁରୁତ୍ୱ ନ ଦେଇ କିପରି ଏଭଳି ତାଲିକା ପ୍ରସ୍ତୁତ କଲେ ସେଥିପାଇଁ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି। ସେହିପରି ଡେରାବିଶ ବ୍ଲକ୍ ଅଧୀନ ଗୋଲରାହାଟ ସମବାୟ ସମିତି ସଭାପତି ଖୁରସିଦ ଆଲମ ଖାନ କହିଛନ୍ତି, ସମବାୟ ବିଭାଗ ପକ୍ଷରୁ ସମବାୟ ପରିଚାଳନା ପରିଷଦକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମାତ୍ର ପଦୋନ୍ନତି ତାଲିକା ପ୍ରସ୍ତୁତ ସମୟରେ ପରିଚାଳନା ବୋର୍ଡର କୌଣସି ମତାମତ ନିଆ ନ ଯାଇ ସମ୍ପୃକ୍ତ ସମିତିର ସମ୍ପାଦକ ଓ ସହ ସମ୍ପାଦକଙ୍କୁ ବେଆଇନ ଭାବେ ପଦୋନ୍ନତି ଦିଆଯିବା ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୁର୍ନୀତି ଗନ୍ଧ ବାରି ହୋଇ ପଡୁଛି। ଏ ସମ୍ପର୍କରେ ଜିଲା ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ତାଲିକାଭୁକ୍ତ ହୋଇଥିବା କର୍ମଚାରୀଙ୍କ ନଥିପତ୍ରକୁ ଆଧାର କରାଯାଇ ଏହି ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ କୌଣସି ତ୍ରୁଟି ଅଭିଯୋଗ ଆସିଲେ ଏହାର ସଂଶୋଧନ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅନନ୍ତ କିଶୋର ସାମଲଙ୍କୁ ପଚାରିବାରୁ ସମବାୟ ଯୋଜନାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ସମିତିରେ କାର୍ଯ୍ୟରତ ଥିବା ସମ୍ପାଦକ ଓ ସହ ସମ୍ପାଦକଙ୍କ ମଧ୍ୟରୁ ୩୦ ପ୍ରତିଶତ ବ୍ୟକ୍ତିଙ୍କୁ ପଦୋନ୍ନତି ପାଇଁ ୨୦୨୩ ମସିହାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ କେନ୍ଦ୍ରାପଡ଼ା ଜିଲା କର୍ତ୍ତୃପକ୍ଷ ପ୍ରଥମେ ପଠାଇଥିବା ପ୍ରୋଭିଜନାଲ ତାଲିକାରେ ରହିଥିବା କର୍ମଚାରୀଙ୍କ ସମ୍ପର୍କରେ ହୋଇଥିବା ଶୁଣାଣି ମଧ୍ୟ ଶେଷ ହୋଇଛି। ତାଲିକା ପ୍ରସ୍ତୁତ କରିବାର ଅଧିକାର କେବଳ ବିଭାଗୀୟ ଜିଲା କର୍ତ୍ତୃପକ୍ଷଙ୍କ ରହିଥିବାରୁ ସେ ପଠାଇଥିବା ପଦୋନ୍ନତିର ଚୂଡ଼ାନ୍ତ ତାଲିକା ମଙ୍ଗଳବାର ପ୍ରକାଶ କରାଯାଇଛି।

# ଶ୍ରୀଚନ୍ଦନପୁରରେ ଗିରିଗୋବର୍ଦ୍ଧନ ପୂଜା ୪୩ ବର୍ଷରେ ପହଞ୍ଚିଲା

**ପାଟକୁରା, ୨୩।୧୦ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଧୀନ ଶ୍ରୀଚନ୍ଦନପୁର ଗାଁରେ ବୁଧବାରଠାରୁ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଏହା ୮ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ପୂଜା ଦୀର୍ଘ ୪୩ ବର୍ଷ ହେବ ଗ୍ରାମର ପୂଜା ମଣ୍ଡପରେ ହୋଇଆସୁଛି। ପୂଜାମଣ୍ଡପରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣର ମୃଣ୍ମୟ ମୂର୍ତ୍ତି ରଙ୍ଗ ବେରଙ୍ଗର ଆଲୋକସଜ୍ଜା ଓ ତୋରଣମାଳାରେ ବେଶ୍ ଆକର୍ଷଣୀୟ ଦେଖାଯାଉଛନ୍ତି। ଗ୍ରାମର ସମସ୍ତଙ୍କ ଘର ଲିପାପୋଛା ହୋଇ ଦୁଆର ମୁହଁରେ ପୂର୍ଣ୍ଣ କଳସ ବସାଯାଇଛି। ଏହି ୮ ଦିନ ପୂଜା ମଧ୍ୟରେ ଗ୍ରାମ ମଧ୍ୟକୁ ଆମିଷ ବାରଣ କରାଯାଇଛି। ଦୈନିକ ସନ୍ଧ୍ୟାରେ ମଣ୍ଡପ ନିକଟରେ ଭଜନ, କୀର୍ତ୍ତନ, ପାଲା ପରିବେଷଣ ପରିବେଶକୁ ଅଧିକ ଉତ୍ସବମୁଖର କରୁଛି। ଆଖପାଖ ଗ୍ରାମଗୁଡିକରେ ଗିରିଗୋବର୍ଦ୍ଧନ ପୂଜା ହେଉ ନ ଥିବାରୁ ଓ ପାଣିପାଗ ଅନୁକୂଳ ଥିବାରୁ ଶ୍ରୀଚନ୍ଦନପୁରରେ ସନ୍ଧ୍ୟାରେ ଠାକୁର ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣ ବେଶକୁ ପୂଜାମଣ୍ଡପରେ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ହେଉଛି। ପୂଜାମଣ୍ଡପ ନିକଟରେ ଠାକୁରଙ୍କୁ ଦର୍ଶନ କରିବା ଓ ଠାକୁରଙ୍କ ମହିମା ଉପରେ ଆଧାରିତ ଭକ୍ତି ସଙ୍ଗୀତ ଶ୍ରଦ୍ଧାଳୁମାନଙ୍କୁ ଶୁଣାଇବାକୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଛି। ବିଭିନ୍ନ ସନ୍ଧ୍ୟାରେ ଭଜନ ସମାରୋହ, କଟକର ଭକ୍ତିକଣ୍ଠ ଭଜନ ସନ୍ଧ୍ୟା, କୁମାର ଜାନୁ ରାଉତଙ୍କ କଣ୍ଠରେ ଭକ୍ତି ସଙ୍ଗୀତ, ସାଇ ଡ୍ୟାନ୍ସ ଗ୍ରୁପ କେନ୍ଦ୍ରାପଡ଼ାର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ ପରିବେଷଣ, ସଞ୍ଚାର ଡ୍ୟାନ୍ସ ଗ୍ରୁପ ଭଦ୍ରକ, କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ ଜଗତ୍‌ସିଂହପୁର, ଉତ୍କଳିକା ଡ୍ୟାନ୍ସ ଗ୍ରୁପ କଟକର କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବା ପାଇଁ ଆୟୋଜନ କରାଯାଇଛି। ଠାକୁରଙ୍କ ପୂଜା ପାଇଁ ପଣ୍ଡିତ ହରେକୃଷ୍ଣ ମିଶ୍ର ଓ ନୃସିଂହ ମିଶ୍ର ସମର୍ପିତ ଥିବାବେଳେ କର୍ତ୍ତା ଭାବେ ଦୀପକ ନାୟକ ଓ କର୍ତ୍ତ୍ରୀ କରିସ୍ମିତା ନାୟକ ପୂଜାମଣ୍ଡପ ନିକଟରେ ନିଷ୍ଠା ସହକାରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଶ୍ରୀ ଗିରିଗୋବର୍ଦ୍ଧନ ପୂଜା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଠାକୁରଙ୍କ ପୂଜା ସୁରୁଖୁରୁରେ ଅନୁଷ୍ଠିତ ହେଉଛି।



ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ପୂଜା ପାଉଛନ୍ତି।

# ସ୍କୁଲରେ ଶିକ୍ଷାଦାନ ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଲେ ଜିଲାପାଳ



ବଡିଘର ପଞ୍ଚାୟତରେ ଜିଲାପାଳ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ପାଠପଢ଼ା ସମ୍ପର୍କରେ ପଚାରୁଛନ୍ତି।

**ମହାକାଳପଡ଼ା, ୨୩।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

### ଅଙ୍ଗନୱାଡି, ମିଶନ ଶକ୍ତି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନୟନ ଯୋଜନା ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟର ଗୁରୁବାର ମହାକାଳପଡ଼ା ବ୍ଲକ ନଦୀନାଳଘେରା ଟୁବି ଫେରିଘାଟ ପାର ହୋଇ ବଡିଘର ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସମସ୍ୟାଗୁଡ଼ିକ ଉପରେ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଶିକ୍ଷାଦାନ କିପରି ହେଉଛି ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିବା ସହ କେତେକ ପ୍ରଶ୍ନ ପଚାରିଥିଲେ। ପିଲାମାନେ ଭୟ ନ କରି ଉତ୍ତର ପ୍ରଦାନ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର, ମିଶନ ଶକ୍ତି ଗୃହ, ପାନୀୟ ଜଳ ଯୋଗାଣ, ବଡିଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। କେତେଜଣ ଚାଷୀ ପାଚିଲା ଧାନଜମିରେ ପଶି ବାର୍ହା ନଷ୍ଟ କରୁଥିବା ନେଇ ଅଭିଯୋଗ କରିଥିଲେ। ଅପରପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଧିକାରୀଙ୍କ ସହ ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଲୋକମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳଙ୍କ ସମେତ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଡେରାବିଶରେ ଗିରିଗୋବର୍ଦ୍ଧନଙ୍କୁ ଆବାହନ

**ଡେରାବିଶ, ୨୩।୧୦(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକର ବିଭିନ୍ନ ଅଞ୍ଚଳରେ ଗିରିଗୋବର୍ଦ୍ଧନଙ୍କୁ ବୁଧବାର ଆବାହନ କରାଯାଇଛି। ବ୍ଲକ ଅଧୀନ ଦାନପୁର ପଞ୍ଚାୟତର ରଜାଙ୍ଗ, କେଶରପୁର, ଚାନ୍ଦୋଳ ପଞ୍ଚାୟତର ପଥରପଡା, ଗୌଡବିଶି, ପଲେଇ ପଞ୍ଚାୟତର କାଜିପୁର ଓ ବେଣୀପୁର ପଞ୍ଚାୟତର ସଦାନନ୍ଦପୁରଠାରେ ଗିରିଗୋବର୍ଦ୍ଧନଙ୍କୁ ପୂଜା କରାଯାଇଛି। ଏହି ଅବସରରେ ବୁଧବାର ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇ ବିଗ୍ରହମାନଙ୍କ ଜୀବନ୍ୟାସ କରାଯାଇଛି। ବୁଣାକାରଙ୍କ ଆରାଧ୍ୟ ଦେବତା ଗିରିଗୋବର୍ଦ୍ଧନଙ୍କ ପୂଜା ୫ ଦିନ ଧରି ଚାଲିବାକୁ ଥିବାବେଳେ ପୂଜା ମଣ୍ଡପ ନିକଟରେ ଆକର୍ଷଣୀୟ ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସଦାନନ୍ଦପୁରଠାରେ ଅପେରା ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି।



# ଆମିଷ ଭୋଗ ହୁଏନି କି ବଳିପ୍ରଥା ନାହିଁ

**ରାଜକନିକା, ୨୩।୧୦(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭରର ମା' ଶ୍ୟାମାକାଳୀଙ୍କ ଶକ୍ତିପୀଠ। ଏହି ପୀଠ ୧୯୪୬ରୁ ଆରମ୍ଭ ହୋଇଥିବା କିମ୍ବଦନ୍ତୀ କୁହେ। ଏଠାରେ ଦୀର୍ଘ ୭୯ବର୍ଷ ହେବ ମା' ଶ୍ୟାମାକାଳୀ ପୂଜା ପାଇଆସୁଛନ୍ତି। କାଳୀପୂଜା ସମୟ ଆସିଲେ ଓଳାଭର ଚଳଚଞ୍ଚଳ ହୋଇଉଠେ। ଓଳାଭର ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ଏହି ପୂଜା ପ୍ରାୟ ୧୫ ଦିନ ଧରି ଚାଲେ। ମା'ଙ୍କ ପୂଜାବିଧି ନୀତିକାନ୍ତି ଅନୁଯାୟୀ ପାଳନ ହୁଏ। ପୂଜା ଆରମ୍ଭରୁ ଅଞ୍ଚଳର ୮ ପାଟଣାରେ ଥିବା ସମସ୍ତ ଗ୍ରାମ ଦେବତୀଙ୍କୁ ନିମନ୍ତ୍ରଣ ପୂର୍ବକ ଆବାହନ କରାଯାଇଥାଏ। ଅମାବାସ୍ୟାରେ ମଙ୍ଗଳ କଳସ ଯାତ୍ରାରେ ଅଞ୍ଚଳର ବହୁ ବ୍ୟକ୍ତି ସାମିଲ ହୋଇଥାନ୍ତି। ଏହି ପୂଜା ହିନ୍ଦୁ ଓ ମୁସଲମାନଙ୍କ ଭାଇଚାରା ନିଦର୍ଶନ ଦେଖାଇଥାଏ। ମିଳିମିଶି ସମସ୍ତେ ପୂଜା କାର୍ଯ୍ୟରେ ସହଯୋଗ କରିଥାନ୍ତି। ଏଠାରେ ମା'ଙ୍କ ପାଖରେ ଆମିଷ ଭୋଗ କି ବଳିପ୍ରଥା ନାହିଁ। ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ପାଲା ଗାୟକ, ଯାତ୍ରାନୁଷ୍ଠାନ ଏଠାରେ ମୁକ୍ତାକାଶ ନାଟକ ପରିବେଶଣ କରିବା ସହ ଉଠା ସିନେମା, ଭଳିକି ଭଳି ଖାଇବା ଦୋକାନ, ମନୋହରି ଦୋକାନ ସାଙ୍ଗକୁ ମୀନାବଜାର, ବିଭିନ୍ନ ପ୍ରକାର ଦୋକାନ ଏଠାରେ ପସରା ମେଲାଇଛନ୍ତି। ଚକ୍ରି ଦୋଳି, ବ୍ରେକ୍‌ଡ୍ୟାନ୍ସ, ମଦ୍‌କାକୁଆଁ, ରାମଦୋଳିର ମଜା ଲୋକେ ଉଠାଇଥାନ୍ତି। ମା'ଙ୍କ ପୂଜା ପାଇଁ ପ୍ରବାସୀମାନେ ବିଦେଶରୁ ଛୁଟି ନେଇ ଗାଁକୁ ଆସିଥାନ୍ତି।

କିମ୍ବଦନ୍ତୀ କୁହେ, ପୂଜା ପାଉଥିବା ଓଳାଭର ସ୍ଥାନଟି ଶ୍ମଶାନ ଥିଲା। ଜଟା ବାବାଜି ନାମକ ଜଣେ ସାଧୁ ଏଠାରେ ମା'କାଳୀଙ୍କ ସାଧନା ଓ ଆରାଧନା କରୁଥିଲେ। ତେବେ ମା'ଙ୍କ ସ୍ୱପ୍ନାଦେଶରେ ମୂର୍ତ୍ତି କରି ପୂଜା କରିବାକୁ କହିଥିଲେ। ବାବା ସ୍ୱପ୍ନାଦେଶ ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଆଗକୁ ଦୀପାବଳି ଥିବାରୁ ଗ୍ରାମବାସୀ ଉତ୍ସାହ ସହକାରେ ମା'ଙ୍କ ପୂଜା ପାଇଁ ଏକ ଚାଳଘର ନିର୍ମାଣ କରାଯାଇ ମୃଣ୍ମୟ ମୂର୍ତ୍ତି ତିଆରି ପୂର୍ବକ ମା'ଙ୍କ ପୂଜା ଆରମ୍ଭ କରାଯାଇଥିଲା। ସେବେଠାରୁ ଆଜିଯାଏଁ ମା' ଏଠାରେ ପୂଜା ପାଇ ଆସୁଥିଲେ। ପରେ ଓଳାଭର ଯୁବକ ସଂଘ ଆୟୋଜନରେ ୧୯୯୬ରୁ ମା'ଙ୍କର ମାର୍ବଲ ସ୍ଥାୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା ପାଉଛନ୍ତି। ପଡ଼ୋଶୀ ଭଦ୍ରକ ଓ ଯାଜପୁର ଜିଲା, ଆଳି ଓ ରାଜନଗର ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଏହି ନିଆରା ପୂଜା ଦେଖିବାକୁ ଆସିଥାନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ମା' କାଳୀ ପ୍ରତ୍ୟକ୍ଷ ଦେବୀ। ଏଠାରେ ଯେ କେହି ମାନସିକ କରିଥାନ୍ତି, ମା' ତାଙ୍କ ମନସ୍କାମନା ପୂରଣ କରିଥାନ୍ତି। ମା'ଙ୍କ ମନ୍ଦିରକୁ ଲାଗି ଶିବ ମନ୍ଦିର କରାଯାଇଛି। ଏହି ମନ୍ଦିରରେ ପ୍ରତ୍ୟହ ମା'ଙ୍କ ରୀତିନୀତି ଅନୁଷ୍ଠିତ ହୋଇଥାଏ। ଯାହା ଅଞ୍ଚଳବାସୀଙ୍କ ସହଯୋଗରେ ସମ୍ପାଦନ ହୋଇଥାଏ। ପ୍ରଥମେ ଆରମ୍ଭ ହୋଇଥିବା କାଳୀପୂଜା କମିଟିର ସଭାପତି ଭାବେ ରତ୍ନାକର ବେହୁରା ଓ ସମ୍ପାଦକ ଭାବେ ସେକ୍ କରାମତ୍ ଅଲ୍ଲୀ ମନୋନୀତ ହୋଇଥିଲେ। ପର୍ଯ୍ୟାୟକ୍ରମେ ଏହାର କର୍ମକର୍ତ୍ତା ବଦଳିଛନ୍ତି। ସଭାପତି ରତ୍ନାକର ବେହୁରା, ଅନିରୁଦ୍ଧ ମହଲା, ବସନ୍ତ ସାହୁ, ସୁବାସ ଚନ୍ଦ୍ର ସାହୁ ହୋଇଥିଲେ। ସେହିପରି ସମ୍ପାଦକ ସେକ୍ କରାମତ ଅଲ୍ଲୀ, କୈଳାସ ଚନ୍ଦ୍ର ବେହୁରା, ସନାତନ ପୃଷ୍ଟି, ସୁଧୀର ଚନ୍ଦ୍ର ପଲାଇ, ମନୋଜ କୁମାର ପରିଡ଼ା, ଅଶୋକ କୁମାର ଦାସ ପ୍ରମୁଖ ରହି ଆସିଛନ୍ତି। ତେବେ ଏବର ସଭାପତି ଭାବେ ପ୍ରଫୁଲ୍ଲ ପୃଷ୍ଟି ଓ ସମ୍ପାଦକ ଭାବେ ଶ୍ରୀନିବାସ ଓଝା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

### ଜମୁଛି ଓଳାଭରରେ ମା' ଶ୍ୟାମାକାଳୀ ପୂଜା

- ତୋରଣ, ଆଲୋକମାଳାରେ ସଜେଇ ହେଇଛି କାଳୀ ପଡ଼ିଆ
- ୭୯ତମ ବର୍ଷ ହିନ୍ଦୁ-ମୁସଲମାନ ଭାଇଚାରାର ସ୍ୱତନ୍ତ୍ର ନିଦର୍ଶନ
- ଆଠ ପାଟଣା ଗ୍ରାମଦେବତୀଙ୍କୁ ଆବାହନ



ଓଳାଭର ମା' କାଳୀଙ୍କ ପୂଜାର୍ଚ୍ଚନା ଚାଲିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କୁନୁ



@ ଶୈଳେନ୍ଦ୍ର



@ ଶିବାଶିଷ



@ କାର୍ତ୍ତିକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ODISHA PUBLIC SERVICE COMMISSION CUTTACK

### NOTICE

**No. 7392 / P.S.C., Dt. 22.10.2025**
**(1R-07-24/25) (DR-V)**

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 **= 15 Candidates** |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 **= 12 Candidates** |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 **= 15 Candidates** |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 **= 12 Candidates** |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 **= 15 Candidates** |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 **= 12 Candidates** |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 **= 15 Candidates** |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 **= 12 Candidates** |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 **= 15 Candidates** |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 **= 12 Candidates** |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 **= 15 Candidates** |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 **= 12 Candidates** |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 **= 15 Candidates** |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 **= 12 Candidates** |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 **= 15 Candidates** |
| | 2.30 PM | P230105947, P240304077, P230121693, P230155545, P240263634, P220055796, P230113509 & P240274696 **= 08 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0330/2526** **Sd./- Assistant Controller of Examination**

# ୮ମ ଶ୍ରେଣୀ ଛାତ୍ରଙ୍କୁ ତାଲା

## ବାରବାଟି ସଂସାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟ

- ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବିରେ ରାସ୍ତାରୋକୋ
- ପୋଲିସ ସହ ଗାଁ ଲୋକଙ୍କ ଧସ୍ତାଧସ୍ତି
- ପ୍ରଧାନ ଶିକ୍ଷୟିତ୍ରୀ ଫେରାର ପରେ ବଢ଼ିଥିଲା ବିବାଦ
- ତାଲା ଭାଙ୍ଗି ଛାତ୍ରଙ୍କୁ ଉଦ୍ଧାର

ନୟାଗଡ଼,୨୩।୧୦(ଲୋକନାଥ ମିଶ୍ର)



ସ୍କୁଲ ଆଗରେ ଜମା ହୋଇଥିବା ଲୋକମାନେ।

ନୟାଗଡ଼ ସଦର ବ୍ଲକ୍ ବାରବାଟି ସଂସାରୀ ସରକାରୀ ଉ.ପ୍ରା.ବିଦ୍ୟାଳୟରେ ସ୍କୁଲ ଛୁଟି ପରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ବୁଧବାର ତାଲା ପକାଇବା ଘଟଣା ଗୁରୁବାର ବିସ୍ଫୋରକ ରୂପ ନେଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବିରେ ଗାଁ ଲୋକେ ରାସ୍ତାରୋକୋ କରି ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଅଟକ ରଖିଥିଲେ। ରାସ୍ତାରୋକୋ ହଟାଇବା ପାଇଁ ପୋଲିସ ସହ ଗାଁଲୋକଙ୍କର କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାଶୁଝା କରି ପ୍ରାୟ ୧ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ପରେ ଅଷ୍ଟମ ଶ୍ରେଣୀ ଛାତ୍ର, ତାଙ୍କ ମା, ଆନ୍ଦୋଳନରତ କେତେଜଣ ସମ୍ପର୍କୀୟ, ଅଟକ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉଦ୍ଧାରକରି ପୋଲିସ ଥାନାକୁ ନେଇଯାଇଥିଲା। ଅଟକ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳୟକୁ ପୋଲିସ ନେଇଥିଲା।

ଅଭିଯୋଗ ଅନୁସାରେ ବୁଧବାର ଛୁଟି ହେବାପରେ ଯଦୁପୁର ଗାଁର ଜଣେ ୮ମ ଶ୍ରେଣୀ ଛାତ୍ର ଶ୍ରେଣୀ କକ୍ଷରେ ରହିଯାଇଥିଲେ। ଏ ନେଇ ଶିକ୍ଷକ ଜାଣିପାରି ନ ଥିଲେ। ଏପରିକି ଛାତ୍ରଙ୍କ ସାଇକେଲ ସ୍କୁଲରେ ଥିବାବେଳେ କେହି ଏହାକୁ ସ୍କୁଲରେ ରଖି ଦେଇଥିଲେ। ଛାତ୍ର ଅସୁସ୍ଥତା ଅନୁଭବକରି ଶ୍ରେଣୀ କକ୍ଷରେ ଶୋଇପଡ଼ିଥିଲେ। ତାଙ୍କ ନିଦ ଭାଙ୍ଗିବା ବେଳକୁ ଶ୍ରେଣୀଗୃହ ତାଲା ପକାଇ ସମସ୍ତେ ଘରକୁ ଚାଲିଯାଇଥିଲେ। ଛାତ୍ରଙ୍କ ଚିତ୍କାର ଓ କବାଟ ପିଟିବା ଶବ୍ଦ କେହି ଶୁଣିପାରି ନ ଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଛାତ୍ର ବନ୍ଦ ଶ୍ରେଣୀ କକ୍ଷରେ ରହି ବ୍ୟସ୍ତ ହୋଇ ପଡ଼ିଥିଲେ। ସେହି ସମୟରେ ଜଣେ ବ୍ୟବସାୟୀ ପାଣି ନେବା ପାଇଁ ସ୍କୁଲକୁ ଆସିଥିଲେ। ଛାତ୍ରଙ୍କ ଚିତ୍କାର ଓ କବାଟ ବାଡ଼େଇବା ଶବ୍ଦ ଶୁଣି କବାଟ ପାଖକୁ ଯାଇ ଭିତରେ ଜଣେ ଛାତ୍ର ଥିବା ଜାଣିଥିଲେ। ଏନେଇ ଗାଁ ଲୋକଙ୍କୁ ଖବର ଦେଇ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ।

ଗୁରୁବାର ସ୍କୁଲ ଖୋଲିବା ପରେ ଛାତ୍ରଙ୍କ ମା' ବାପା ଓ ଗାଁ ଲୋକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇବା ସମ୍ପର୍କରେ ପଚାରିବାକୁ ଆସିଥିଲେ। ହେଲେ ପ୍ରଧାନ ଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ନିଜର ଭୁଲ୍ ସ୍ୱୀକାର ନ କରି ମିଥ୍ୟା ସୂଚନା ଦେବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଟକ ରଖି ବିକ୍ଷୋଭ କରିଥିଲେ। ଖବର ପାଇ ନୟାଗଡ ସଦର ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲା, କିନ୍ତୁ ଉତ୍ତେଜନା ଥମି ନ ଥିଲା। ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୟ ମଲ୍ଲିକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ସୁଫଳ ପାଇ ନ ଥିଲେ। ଏ ଭିତରେ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲରୁ ଫେରାର ହୋଇଯିବା ପରେ ଉତ୍ତେଜନା ବଢ଼ିଥିଲା। ପୋଲିସ ବି ଚାଲିଯାଇଥିଲା। ଗାଁଲୋକ ଛୁଟି ପରେ ସ୍କୁଲ ଭିତରେ ଶିକ୍ଷକଙ୍କୁ ଅଟକ ରଖି ଫାଟକରେ ତାଲା ପକାଇ ଦେଇଥିଲେ।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ବହିଷ୍କାର ଦାବିରେ ଅପରାହ୍ନ ୫.୧୫ରୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଅବରୋଧ କରିଥିଲେ। ପୁଣି ନୟାଗଡ଼ ସଦର ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ଏପରିକି କିଛି ସମୟ ପୋଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ତେବେ ଶିକ୍ଷା ବିଭାଗର ଅଧିକାରୀମାନେ ଘଟଣାସ୍ଥଳକୁ ଆସିବାର ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟା ୬.୧୫ରେ ରାସ୍ତାରୋକୋ ହଟିଥିଲା।

ଆନ୍ଦୋଳନସ୍ଥଳକୁ ନୟାଗଡ଼ ଏସ୍‌ଡିପିଓ, ସଦର ଥାନା ଆଇଆଇସି, ବ୍ଲକ ଶିକ୍ଷା ଅଧିକାରୀ ଆସି ବୁଝାଶୁଝା କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ଆନ୍ଦୋଳନ ଥମିଥିଲା।

ଏନେଇ ସାଧବାଣୀ ନାୟକ ଓ ଜିତୁ ନାୟକ କୁହନ୍ତି, ମୋ ପୁଅକୁ ବୁଧବାର ସ୍କୁଲରେ ତାଲା ପକାଇ ପ୍ରଧାନ ଶିକ୍ଷକ ଚାଲିଯାଇଥିଲେ। ଗାଁରେ କାଳୀପୂଜାର ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଭାଗ୍ୟକୁ ବୁଧବାର କାର୍ଯ୍ୟକ୍ରମ ବନ୍ଦ ଯୋଗୁ ମୋ ପୁଅ ବଞ୍ଚିଗଲା। ତା'ର ଚିତ୍କାର ଶୁଣି ଲୋକେ ଶ୍ରେଣୀକକ୍ଷ ତାଲା ଭାଙ୍ଗି ଉଦ୍ଧାରକଲେ। ହେଲେ ମୋ ପୁଅକୁ ନ୍ୟାୟ ମିଳିଲା ନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ନିଜର ଦୋଷ ନ ମାନି ଆମକୁ ଦୋଷ ଦେଲେ। ଏଣୁ ଉତ୍ତେଜନା ବଢ଼ିଥିଲା। ପୋଲିସ ଆମ ଅଭିଯୋଗକୁ ଅଣଦେଖାକରି ଆମକୁ ଥାନାକୁ ନେଇ ଆସିଛି ବୋଲି କହିଛନ୍ତି। ନ୍ୟାୟ ନ ମିଳିଲେ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି କହିଛନ୍ତି।

ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ କୁହନ୍ତି, ଛାତ୍ରଙ୍କୁ ସ୍କୁଲରେ ତାଲା ପକାଇବା ଘଟଣା ଓ ଗୁରୁବାର ଉତ୍ତେଜନା ଘଟଣାର ତଦନ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ କରୁଛନ୍ତି। ରିପୋର୍ଟ ମିଳିବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ନେଇ ଛାତ୍ରଙ୍କ ମା', ପ୍ରଧାନ ଶିକ୍ଷୟିତ୍ରୀ ଓ ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ପୃଥକ୍ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବୁନୁ


@ ଶୈଳେନ୍ଦ୍ର


@ ଶିବାଶିଷ


@ କାର୍ତ୍ତିକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୱେବ୍ ପୋର୍ଟାଲ ମାଲିକ, ସହଯୋଗୀଙ୍କ ବିରୋଧରେ ଥାନାରେ ଏତଲା


କଂଗ୍ରେସ କର୍ମୀମାନେ ଏତଲା ଦେଉଛନ୍ତି।

ନୟାଗଡ଼,୨୩।୧୦(ଲୋକନାଥ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ ନିଷ୍ପତ୍ତି ଅନୁସାରେ ଏକ ୱେବ୍ ପୋର୍ଟାଲ ମାଲିକ ଏବଂ ତାଙ୍କର ଅନ୍ୟ ୪ ଜଣ ସହଯୋଗୀଙ୍କ ନାଁରେ ନୟାଗଡ଼ ଟାଉନ ଥାନାରେ ଗୁରୁବାର ଏତଲା ଦିଆଯାଇଛି। ସମ୍ପୃକ୍ତ ୱେବ୍ ପୋର୍ଟାଲ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ସାଗର ଦାସ ଏବଂ କଂଗ୍ରେସ ଦଳ ବିରୋଧରେ ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟକ୍ତିଗତ କୁତ୍ସାରଟନା ଉଦ୍ଦେଶ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦିଆଯାଇଛି। ଜିଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ,ଦଳୀୟ କାର୍ଯ୍ୟକର୍ତ୍ତାମାନେ ସନ୍ଧ୍ୟାରେ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କୁ ଲିଖିତ ଏତଲା ଦେଇଛନ୍ତି। ନ୍ୟୁଜ୍ ପୋର୍ଟାଲର ନିୟମ ଉଲ୍ଲଂଘନକରି ପିସିସି ସଭାପତି ଏବଂ କଂଗ୍ରେସ ଦଳ ବିରୋଧରେ ମନଗଢା ପ୍ରଚାରପ୍ରସାର କରି ଦଳକୁ ସାଧାରଣରେ ନିନ୍ଦିତ କରିବା ପାଇଁ ଅପଚେଷ୍ଟା କରୁଛି। ୱେବ୍ ପୋର୍ଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା କଂଗ୍ରେସ ସଭାପତି ଦାଶ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ହୁସେନ ଖାନ, ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଡିସିସି ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଆମଜାଦ ଖାନ, ଯୁବ ନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ,ପୀତବାସ ଖୁଣ୍ଟିଆ, କୁଳେଶ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ଦଳିତ ନେତା ଜିତେନ୍ଦ୍ର ନାଏକଙ୍କ ସମେତ ବହୁ ଯୁବଛାତ୍ର କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଖଣ୍ଡପଡ଼ା ଏନ଼୍ଏସି ବୈଠକ

ଖଣ୍ଡପଡ଼ା ୨୩।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସାଧାରଣ ବୈଠକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏନ଼୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୧୦ ଜଣ କାଉନସିଲର ଉପସ୍ଥିତ ଥିବା ବେଳେ ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ସହ ୨ ଓ ୪ ନଂ. ୱାର୍ଡ କାଉନସିଲର ଅନୁପସ୍ଥିତ ଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଏନ଼୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଓ ବରିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉନ୍ନୟନମୂଳକ କାର୍ଯ୍ୟଠାରୁ ଆରମ୍ଭକରି ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏନ଼୍ଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ଠିକାଦାରମାନେ ଯଦି ଠିକ୍ ଭାବେ କାମ ନ କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସହରର ସମସ୍ତ ୱାର୍ଡରେ ନୂତନ କରି ଗଢି ଉଠିଥିବା ବାସଗୃହଗୁଡିକରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ସହ ଏହାର ନବୀକରଣ କରିବା, ପ୍ରତ୍ୟେକ ମନ୍ଦିର ପରିସରରେ ଯଜ୍ଞମଣ୍ଡପ ନିର୍ମାଣ ନିମନ୍ତେ ସ୍ଥିର ହୋଇଥିଲା। ଉପସ୍ଥିତ କାଉନସିଲରମାନେ ସେମାନଙ୍କ ୱାର୍ଡର ସମସ୍ୟା ସମ୍ପର୍କରେ ଏନ଼୍ଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


ବୈଠକରେ ଏନ଼୍ଏସି ଅଧ୍ୟକ୍ଷା ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।


# ODISHA PUBLIC SERVICE COMMISSION CUTTACK

## NOTICE

**No. 7392 / P.S.C., Dt. 22.10.2025**
(1R-07-24/25) (DR-V)

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 **= 15 Candidates** |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 **= 12 Candidates** |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 **= 15 Candidates** |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 **= 12 Candidates** |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 **= 15 Candidates** |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 **= 12 Candidates** |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 **= 15 Candidates** |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 **= 12 Candidates** |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 **= 15 Candidates** |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 **= 12 Candidates** |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 **= 15 Candidates** |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 **= 12 Candidates** |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 **= 15 Candidates** |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 **= 12 Candidates** |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 **= 15 Candidates** |
| | 2.30 PM | P230105947, P240304077, P230121693, P230155545, P240263634, P220055796, P230113509 & P240274696 **= 08 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0330/2526** **Sd./- Assistant Controller of Examination**


# ଲୋକକଳା, ଲୋକ ସଂସ୍କୃତିର ଉନ୍ନତିରେ ଓଡ଼ିଶାର ସମୃଦ୍ଧି: ବାଚସ୍ପତି

## ନିମନ୍ତ୍ରଣ ପତ୍ରରେ ସ୍କୁଲ ସଭାପତିଙ୍କ ନାମ ନ ଥିବା ଅଭିଯୋଗ

ଶରଣକୁଳ,୨୩।୧୦(ଦୀପକ କର)



ସୁରଭି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ଓଡ଼ଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ସରକାରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହିତ 'ଶିଶୁର ସୃଜନଶୀଳତାର ବିକାଶରେ ଶିଶୁ ମହୋତ୍ସବ ସୁରଭିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏହା ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ, ରଘୁନାଥ ପ୍ରଧାନ, ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ହରିହରପୁର ସରପଞ୍ଚ ବିଳାସିନୀ ଦେଇ, ଶିକ୍ଷକ ନେତା ଭକ୍ତ ରଞ୍ଜନ ମିଶ୍ର, ନରେଶ ପାଣିଗ୍ରାହୀ ଓ ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ସଭା ପରିଚାଳନା କରିଥିଲେ। ପରେ ଏହି ବ୍ଲକ୍ ଅନ୍ତର୍ଗତ ୧୫ କ୍ଲଷ୍ଟର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ଚୟନ ହୋଇ ଆସିଥିବା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ରଚନା, ସୁନ୍ଦର ହସ୍ତାକ୍ଷର, ଇଲୋକେସନ, କୁଇଜ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ।

ଅପରାହ୍ନରେ ଓଡଗାଁ ବିଇଓ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଲୋକ କଳା , ଲୋକ ସଂସ୍କୃତିର ଉନ୍ନତି ଉତ୍କଳର ସମୃଦ୍ଧି, ପ୍ରତିଟି ଶିଶୁର କଳାତ୍ମକ ବିକାଶ ଓଡିଶା ସମୃଦ୍ଧିର କାରଣ ବୋଲି କହିଥିଲେ। ଏଥିସହ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯାମୀ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସାହୁ, ପ୍ରଧାନ, ପରିଚାଳନା କମିଟି ସଭାପତି ମାନସ କୁମାର ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନିରାକାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ, ଯଶୋବନ୍ତ ପଟ୍ଟନାୟକ, ରାଜେଶ କୁମାର ଷଡ଼ଙ୍ଗୀ, ଶ୍ରୀଧର ପରିଡ଼ା, ରାଜ କିଶୋର ନାୟକ, ଗୋଦାବରୀ ବସନ୍ତିଆଙ୍କ ସମେତ ସମସ୍ତ ସିଆର୍‌ସିସି ଓ ଶିକ୍ଷକ ସଂଗଠନ କର୍ମକର୍ତ୍ତାମାନେ ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲେ । ଦଧିବାମନ ଉଚ୍ଚ ବିଦ୍ୟାଳୟ ଶିଖରପୁର ସାଂସ୍କୃତିକ ଦଳ ଜିଲାସ୍ତରକୁ ଉନ୍ନୀତ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ ପ୍ରତିଯୋଗୀମାନେ ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି।

ପ୍ରକାଶଯେ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ସୁରଭି କାର୍ଯ୍ୟକ୍ରମ ନିମନ୍ତ୍ରଣପତ୍ରରେ ତାଙ୍କ ନାମ ନ ଥିବା ବେଳେ ଉଦ୍‌ଯାପନୀ ସଭାରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସମସ୍ତ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

# ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ମୃତ

**ଗୋବିନ୍ଦପାଲି, ୨୩।୧୦( କାର୍ତ୍ତିକ ରଥ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍‌ର ଗୋବିନ୍ଦପାଲି-ବାଲିମେଲା ରାଜପଥ ଉପରେ ଗୁରୁବାର ଅପରାହ୍ନରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅଟୋ ଏବଂ ବାଇକ୍ ମୁହାଁମୁହିଁ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ବାଇକ୍ ଭାରସାମ୍ୟ ହରାଇ ତଳେ ପଡ଼ିଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମରା ଗଲରୀ, ଶିବ ପଲାଶି ଏବଂ ଜିତୁ ଖିଲ। ସୂଚନା ଅନୁଯାୟୀ, ଗୋବିନ୍ଦପାଲି-ବାଲିମେଲା ରାଜପଥ ଉପରେ ଗୋବିନ୍ଦପାଲିରୁ କଦମ୍ବଗୁଡା ପଞ୍ଚାୟତ ଅଭିମୁଖେ ଯାଉଥିବା ଏକ ଅଟୋ ସହିତ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଅଟୋ ଚାଳକ ସର୍ଗୀଗୁଡା ନୁଆଗୁଡ଼ା ଗ୍ରାମର ଦିବ୍ୟାଙ୍ଗ ସମରା ଗଲରି ଏବଂ ଅଟୋରେ ବସିଥିବା କୃଷ୍ଣ ଗଉଡଙ୍କ ସହ ବାଇକ୍ ଆରୋହୀ ଶିବ ପଲାସି ଓ ବସନ୍ତ ଗୋଲପେଦା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ନିକଟସ୍ଥ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଅଟୋ ଚାଳକ ସମରା ଓ ବାଇକ ଚାଳକ ଶିବ ପଲାଶିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସେହିପରି ମୁଣ୍ଡିଗୁଡା ନିକଟରେ ସୁନାନଗରରୁ ଖଇରପୁଟ ଅଭିମୁଖେ ଆସୁଥିବା ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବଜୁରୀ ଗଦା ଉପରକୁ ଚଢ଼ିଯିବାରୁ ଦୁଇ ବାଇକ୍ ଆରୋହୀ ଛିଟିକି ତଳେ ପଡ଼ିଥିଲେ। ଗୁରୁତର ୨ ବାଇକ୍ ଆରୋହୀଙ୍କୁ ନିକଟସ୍ଥ ଖଇରପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବାଇକ୍ ଚାଳକ ଜିତୁ ଖିଲଙ୍କୁ ମୃତ ଘୋଷଣା କରିଥିଲେ। ଗୋବିନ୍ଦପାଲି ଉଚ୍ଚ ବିଦ୍ୟାଳୟ ଛାତ୍ର ଦେବ କୁବା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ପଠାଯାଇଛି।

# ରାସ୍ତାରେ ଖସିପଡ଼ି ବିଇଓଙ୍କ ମୃତ୍ୟୁ

**ବଇଣ୍ଡା, ୨୩।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ଛକରେ ଗୁରୁବାର ଖସିପଡ଼ି ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଶିବାନନ୍ଦ ଧଡ଼ାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଶିବାନନ୍ଦ ଚାଲି ଚାଲି ବଇଣ୍ଡା ଷ୍ଟେଶନ ଆଡ଼କୁ ଯାଉଥିବା ବେଳେ ହଠାତ ରାସ୍ତାରେ ପଡ଼ିଯାଇଥିଲେ। ତାଙ୍କୁ



ମୃତ ବିଇଓ ଶିବାନନ୍ଦ ଧଡ଼ା।

ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବଇଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ଅଞ୍ଚଳର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ମେଡିକାଲରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ ବିଇଓଙ୍କ ପୈତୃକ ଘର ବାଲେଶ୍ୱର ଜିଲାରେ ବୋଲି ଜଣାପଡ଼ିଛି। ହଣ୍ଡପା ପୋଲିସ ମୃତଦେହ ଜବତ କରିଛି।

# Classified Everyday

**0674-2580101, 9692975378**



## REAL ESTATE

### SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785341 D-05

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-06

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Own GHARABARI residential plot 3100sft with compound wall & Electricity at Brahmanjharilo, 7 km from Phulanakhara Cuttack & 12km from BBSR Total Rs 41lakhs (Including Registration charges), 7809525452. D-101

Flat 3 BHK unused furnished, Jharpada Location, only Rs. 60lakhs. Genuine Buyers please contact- # 8249191613. D-2320





Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

## LOST

ସାଧାରଣ ଜନତାଙ୍କ ପାଇଁ ସୂଚିତ କରାଯାଉଛି ଯେ, ମୂଳ ବିକ୍ରୟ ପତ୍ର- ନମ୍ବର ୩୫୩/ ୧୯୯୩ , ତାରିଖ- ୧୬.୦୨.୧୯୯୩, ମୋ ପିତା ନରସିଂହ ଚରଣ ଦାସ, ପିତା - ସ୍ୱର୍ଗତ ବିଦ୍ୟାଧର ଦାସଙ୍କ ନାମରେ ଏ.୧.୪୫ଡି., ମୌଜା- ଛଞ୍ଚନପାଲି, ଥାନା - ଧାମା, ଜିଲ୍ଲା -ସମ୍ବଲପୁରରେ ଅବସ୍ଥିତ। ଶ୍ରୀ ଗୋବର୍ଦ୍ଧନ ପୂଜାରୀ ଏବଂ ଶ୍ରୀ ବାସୁଦେବ ପୂଜାରୀଙ୍କଠାରୁ କିଣାଯାଇଥିବା, ଅନ୍ୟାନ୍ୟ କାଗଜପତ୍ର ସହିତ ଅଇଁଠାପାଲିରୁ ଅଇଁଠାପାଲି ଛକ ମଧ୍ୟରେ ହଜିଯାଇଛି। ମୁଁ ସମ୍ପୂର୍ଣ୍ଣ ଖୋଜାଖୋଜି କରିଛି, କିନ୍ତୁ ପାଇନାହିଁ। ଯଦି କେହି ପାଇଥିବେ, ତେବେ ଦୟାକରି ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ କରୁଛି। ଅଥବା ନିକଟସ୍ଥ ପୋଲିସ ଷ୍ଟେସନରେ ଜମା କରିପାରିବେ। ରାଜକିଶୋର ଦାସ ଡିଆଇଇଟି ବିଦ୍ୟାଳୟ ନିକଟ, ଅଇଁଠାପାଲି, ଥାନା- ଅଇଁଠାପାଲି, ପୋ- ବୁଢାରଜା, ଜିଲ୍ଲା-ସମ୍ବଲପୁର। ମୋବାଇଲ- ୯୯୩୮୯୦୪୫୫୫। D-2345

## AFFIDAVIT

By virtue of an affidavit sworn before Executive Magistrate, Muniguda on dated- 14/10/2025, (SL No-1808/2025), I, TIDI BAGH, Residing village- Saranda Padar, P.O.- Dharakot, P.S.- Kotagarh, Dist.- Kandhamal declare that I have changed my name from PRAHALLAD BAGH to TIDI BAGH. Henceforth, I myself shall be known as TIDI BAGH for all purpose. D-2352

I, **Sonali Sasmita Sethy**, W/o.- Pravanjan Mullick, resident of Plot No. 3033, Kedargouri Chhak, Lingaraj Temple, Old Town, Bhubaneswar, Dist.– Khordha, PIN–751002, Odisha declare by this Affidavit C.F. No. 67, Dtd.-21.02.2025 that now onwards I shall be known as **SONALI MULLICK** for all future purposes. D- 75855

I, Sushant Rout, S/o.- Late Padma Charan Rout, Resident of plot No.1153/47, Mahatab Road, Bhubaneswar, Khorda, Odisha, PIN-751002 declare by this affidavit No.79, dtd.-23.10.2025, that now onwards I shall be known as Sushant Kumar Rout for all future purposes. D- 2346

By virtue an affidavit sworn before Executive Magistrate, Dhenkanal, dated- 17.10.2025, I, Abhisekha Muduli, At-Jenasahupatana, P.O.- Manipur, P.S.- Sadar, Dist.-Dhenkanal, Odisha, PIN- 759027 declare that I have changed my name from ABHISEK MUDULI to ABHISEKHA MUDULI. Henceforth, I shall be known as ABHISEKHA MUDULI for all purposes.
Abhisekha Muduli D-2347

I Issac Selvom Adhaikalam, S/o.- Alfred Adaikalam, Viola Adalkalam (Mother), Mitali Adaikalam (Wife), Resident of At/P.O.- Ainthapali, P.S.- Ainthapali, Dist.- Sambalpur,PIN- 768004, Odisha declare by this affidavit No. CF-648 date- 10.10.2025 that now onwards I shall be known as Issac Selvom Adaikalam, S/o.- Alfred Adaikalam, Viola Adaikalam (Mother), Mitali Adaikalam (Wife) for all future purposes. D-2348

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary Public, Titilagarh, dated- 23.10.2025, Sl. No.522, I, Sudharmi Sahu, Resident of village At- Saintala, P.O.- Saintala, P.S.- Saintala, Dist.- Balangir (Odisha) PIN- 767032 declare that I have changed my name from Sudharmi Bag to Sudharmi Sahu. Henceforth, I shall be known as Sudharmi Sahu for all purpose.
Sudharmi Sahu D-2349

By virtue of an affidavit sworn before the Executive Magistrate, Sambalpur, CF No. 2968, Dtd.- 13.10.25, I, Akrura Kumar Sethi, R/o. At- Ashrampada, Putibandh, P.O./P.S.- Dhanupali, Dist.- Sambalpur, Odisha, PIN- 768005 declare that I have changed my name from Jadumani Behera to Akrura Kumar Sethi. Henceforth, I shall be known as Akrura Kumar Sethi for all purposes.
Akrura Kumar Sethi D-2350

By virtue of an affidavit sworn before the Executive Magistrate, Sambalpur, CF No. 3035, Date- 17.10.25, I RAJU MIRDHA, R/o. At- Schoolpada, P.O./P.S.- Hirakud, Dist.- Sambalpur, PIN- 768016, declare that I have changed my name from RANJAN MIRDHA to RAJU MIRDHA. Henceforth, I shall be known as RAJU MIRDHA for all purposes.
Raju Mirdha D-2351

## ମନେ ପଡ଼ନ୍ତି

### ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



**୰ଦିବାକର ରଥ**

୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ-୦୩।୦୬।୧୯୨୬
ତିରୋଧାନ- ୨୧।୧୦।୨୦୦୯

ପୂଜନୀୟ ନନା, ଆଜି ଆପଣଙ୍କ ଷୋଡ଼ଶ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ଚଳାପଥରେ ପ୍ରେରଣା ହୋଇ ରହିଥାଉ।

-:ଶୋକସନ୍ତପ୍ତ:-
ପରିବାରବର୍ଗ

D-2353

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

I.R. No.1576
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର,
ଶ୍ରୀ ଆଶୁତୋଷ ସାମଲ,
OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ,
୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓଏସ୍‌ଏସ୍ କେସ୍ ନଂ- ୪୧୭/୨୦୨୪
ରାଜକିଶୋର ମାର୍ଥା ....ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ: ୪ ପ୍ରଶାନ୍ତ କୁମାର ସେନାପତି, ପିତା: ଉତ୍ତମ ଚରଣ ସେନାପତି, ସା: ବାଲିପଡା, ପୋ: ଦାଢାପାଟଣା, ଭାୟା: ବାରଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ପିନ୍: ୭୫୪୦୦୫, ପ୍ରତିବାଦୀ ନଂ:୫- ସଦାନନ୍ଦ ପ୍ରଧାନ, ପିତା: ୰ହାଡୁ ଓରଫ ହାଡିବନ୍ଧୁ ପ୍ରଧାନ, ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ:୮- କାଳନ୍ଦୀ ପ୍ରଧାନ, ପିତା: ଭାଗବତ ପ୍ରଧାନ, ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ:୯- ସୁଧାକର ବେହେରା, ପିତା: ପ୍ରଭାକର ବେହେରା, ସା: ବେହେରାସାହି, ମହାନଦୀକୂଳ, ଯୋବ୍ରା ଆନିକଟ ପାଖ, କଲେଜ ଛକ, କଟକ-୭୫୩୦୦୩, ଜିଲ୍ଲା: କଟକ।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ୪, ୫, ୮ ଓ ୯ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହିଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା।୨୪।୧୧।୨୦୨୫ରିଖରେ ଦିବା୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ୍: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୩୩, ସାବକ ପ୍ଲଟ୍- ୫୦୪, ଏରିଆ- ଏ୦.୯୬୫ଡି. ସ୍ୱତ୍ୱରୁ ଏ୦.୦୫୫ଡି., ହାଲ୍ ଖାତା- ୨୦୭, ହାଲ୍ ପ୍ଲଟ୍- ୨୨୩୧, ଏରିଆ- ୦.୨୫୫ଡି. ସ୍ୱତ୍ୱରୁ ଏ ୦. ୦୫୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2354

I.R. No.1575
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର,
ଶ୍ରୀ ଆଶୁତୋଷ ସାମଲ,
OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ,
୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓଏସ୍‌ଏସ୍ କେସ୍ ନଂ- ୪୧୬/୨୦୨୪
ନିରୁପମା ମହାରଣା ....ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ:୪- ଅମ୍ବିକା ରାଉତ, ପିତା: ୰କାଳନ୍ଦୀ ପ୍ରଧାନ, ସ୍ୱାମୀ: ଲିଙ୍ଗରାଜ ରାଉତ, ସା:ଝୁଝଗଡ, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୪୦୦୫, ପ୍ରତିବାଦୀ ନଂ:୫(କ)- ସଦାନନ୍ଦ ପ୍ରଧାନ, ପିତା: ୰ହାଡୁ ଓରଫ ହାଡିବନ୍ଧୁ ପ୍ରଧାନ, ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୪୦୦୫, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ:୬- ସୁଧାକର ବେହେରା, ପିତା: ପ୍ରଭାକର ବେହେରା, ସା: ବେହେରାସାହି, ମହନଦୀକୂଳ ଯୋବ୍ରା ଆନିକଟ ପାଖ, କଲେଜ ଛକ, କଟକ-୭୫୩ ୦୦୩, ଜିଲ୍ଲା: କଟକ।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ୪, ୫(କ),୬ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ୍ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହିଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା।୨୪।୧୧।୨୦୨୫ରିଖରେ ଦିବା୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ୍: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୩୩, ସାବକ ପ୍ଲଟ୍- ୫୦୪, ଏରିଆ- ଏ ୦. ୯୬୫ଡି. ସ୍ୱତ୍ୱରୁ ଏ୦.୦୫୫ଡି., ହାଲ୍ ଖାତା- ୨୦୭, ହାଲ୍ ପ୍ଲଟ୍ - ୨୨୩୧,ଏରିଆ- ୦.୨୫୫ଡି. ସ୍ୱତ୍ୱରୁ ଏ୦.୦୫୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2355

I.R. No.1578
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର,
ଶ୍ରୀ ଆଶୁତୋଷ ସାମଲ,
OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ,
୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓଏସ୍‌ଏସ୍ କେସ୍ ନଂ- ୪୧୯/୨୦୨୪
ତପନ କୁମାର ଖଣ୍ଡୁଆଳ ଓଗେର ....ବାଦୀ ସମୂହ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ: ୫(ଗ)- ସୋନୀ ସେଠ, ପିତା: ୰ଅର୍ଜୁନ ସେଠ, ପ୍ରତିବାଦୀ ନଂ:୫ (ଘ)- ମଣୀ ସେଠ, ପିତା: ୰ଅର୍ଜୁନ ସେଠ, ପ୍ରତିବାଦୀ ନଂ:୭- ହାରା ବେଓ୍ୱା ସେଠ, ସ୍ୱାମୀ: ୰ରଘୁନାଥ ସେଠ, ପ୍ରତିବାଦୀ ନଂ:୯(ଖ)- ମୀତା ସେଠ, ପିତା: ୰ଟୁନ ସେଠ, ପ୍ରତିବାଦୀ ନଂ:୯(ଗ)- ଗୀତା ସେଠ, ପିତା: ୰ଟୁନ ସେଠ, ସମସ୍ତ ପ୍ରତିବାଦୀ ମାନଙ୍କର ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ ୫(ଗ),୫(ଘ), ୭, ୯(ଖ), ୯(ଗ) ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହିଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା।୨୪।୧୧।୨୦୨୫ରିଖରେ ଦିବା୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ୍: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୧୩୭, ସାବକ ପ୍ଲଟ୍- ୪୧୧, ଏରିଆ- ଏ ୦.୨୯୦ଡି. ସ୍ୱତ୍ୱରୁ ଏ୦.୦୪୪ଡି., ହାଲ୍ ଖାତା- ୭୮୬, ହାଲ୍ ପ୍ଲଟ୍ - ୪୨୪,ଏରିଆ- ୦.୦୮୪ଡି. ସ୍ୱତ୍ୱରୁ ଏ୦.୦୪୪ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2356

I.R. No.1579
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର,
ଶ୍ରୀ ଆଶୁତୋଷ ସାମଲ,
OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ,
୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓଏସ୍‌ଏସ୍ କେସ୍ ନଂ- ୪୨୦/୨୦୨୪
ଜୟଶ୍ରୀ ମାଝି ....ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ: ୪ ପ୍ରଶାନ୍ତ କୁମାର ସେନାପତି, ପିତା: ଉତ୍ତମ ଚରଣ ସେନାପତି, ସା: ବାଲିପଡା, ଭାୟା: ବାରଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ପିନ୍: ୭୫୪୦୦୫, ପ୍ରତିବାଦୀ ନଂ:୫- ସଦାନନ୍ଦ ପ୍ରଧାନ, ପିତା: ୰ହାଡୁ ଓରଫ ହାଡିବନ୍ଧୁ ପ୍ରଧାନ, ସା: ଝୁଝଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ:୯- ସୁଧାକର ବେହେରା, ପିତା: ପ୍ରଭାକର ବେହେରା, ସା: ବେହେରାସାହି, ମହାନଦୀକୂଳ, ଯୋବ୍ରା ଆନିକଟ ପାଖ, କଲେଜ ଛକ, କଟକ-୭୫୩୦୦୩, ଜିଲ୍ଲା: କଟକ।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ୪, ୫ ଓ ୯ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହିଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା।୨୪।୧୧।୨୦୨୫ରିଖରେ ଦିବା୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ୍: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୩୩, ସାବକ ପ୍ଲଟ୍- ୫୦୨, ଏରିଆ- ଏ୦.୨୪୩ଡି. ସ୍ୱତ୍ୱରୁ ଏ୦.୦୨୫ଡି., ହାଲ୍ ଖାତା- ୨୦୭, ହାଲ୍ ପ୍ଲଟ୍- ୨୨୩୯, ଏରିଆ- ୦.୦୨୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2357

# ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରୁଛି ଡିଏୱାଇ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

■୧୦.୦୫ କୋଟି ପରିବାର ୯୦.୯ ଏସ୍‌ଏଚ୍‌ଜିରେ ସଙ୍ଗଠିତ
■୪.୬ କୋଟି ମହିଳା ଚାଷୀ ଏବଂ ୩.୭୪ ଲକ୍ଷ ଉଦ୍ୟୋଗକୁ ସମର୍ଥନ
■୧୭.୫ ଲକ୍ଷ ଯୁବବର୍ଗଙ୍କୁ ତାଲିମ, ୧୧.୪୮ ଲକ୍ଷଙ୍କୁ ନିଯୁକ୍ତି

ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନ୍‌ଆର୍‌ଏଲ୍‌ଏମ୍) ହେଉଛି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଏକ ପ୍ରମୁଖ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ଲକ୍ଷ କୋଟି ଟଙ୍କାର ଆନୁଷ୍ଠାନିକ ଋଣ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ବିଷୟ, ୯୮ ପ୍ରତିଶତ ଋଣଗ୍ରହୀତା ଋଣ ପରିଶୋଧ କରିଛନ୍ତି। ଡିଏୱାଇ-ଏନ୍‌ଆର୍‌ଏଲ୍‌ଏମ୍ 'ମହିଳା କିଷାନ' ଭାବେ ୪.୬୨ କୋଟି ମହିଳା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି। ସେହିପରି ୩.୫ ଲକ୍ଷ ପଶୁସଖୀ ଓ କୃଷିସଖୀଙ୍କୁ ପ୍ରୋତ୍ସାହନ ଦିଆଯାଇଛି। ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ୨୮୨ ଲକ୍ଷ ବ୍ଲକ୍‌ରେ ୩.୭୪ ଲକ୍ଷ ଉଦ୍ୟୋଗକୁ ସମର୍ଥନ ଯୋଗାଇ ଦିଆଯାଇଛି। ଡିଏୱାଇ-ଏନ୍‌ଆର୍‌ଏଲ୍‌ଏମ୍ ୨୮ଟି ରାଜ୍ୟ ଏବଂ ୬ଟି କେନ୍ଦ୍ରଶାସିତ ପ୍ରଦେଶର ୧୦.୦୫ କୋଟି ଗ୍ରାମୀଣ ମହିଳା ପରିବାରକୁ ୯୦.୯୦ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରିଛି। ୬ ହଜାରରୁ ଅଧିକ କୃଷି କ୍ଲଷ୍ଟର ବିକଶିତ କରାଯାଇଛି। ୧.୯୫ ଲକ୍ଷ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ୫୦ ଲକ୍ଷ ଗ୍ରାମୀଣ ମହିଳା ଲାଭ ପାଇଛନ୍ତି। ଏସ୍‌ଏଚ୍‌ଜିଗୁଡ଼ିକୁ ସହଜ ବ୍ୟାଙ୍କ ଋଣ ଯୋଗାଇଦେବା ପାଇଁ ବ୍ୟାଙ୍କ ଦ୍ୱାରା ୪୭,୯୫୨ ବ୍ୟାଙ୍କ ସଖୀ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ-ଜିକେୱାଇ) ୧୫ରୁ ୩୫ ବର୍ଷ ବୟସର ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିଥାଏ। ଏବେ ସୁଦ୍ଧା ଏହି ଯୋଜନା ଅଧୀନରେ ୧୭.୫ ଲକ୍ଷ ଗ୍ରାମୀଣ ଯୁବବର୍ଗଙ୍କୁ ତାଲିମ ଦିଆଯାଇଛି, ସେମାନଙ୍କ ମଧ୍ୟରୁ ମୋଟ ୧୧.୪୮ ଲକ୍ଷ ନିଯୁକ୍ତି ପାଇଛନ୍ତି। ସେହିପରି ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଜରିଆରେ ୧୮ରୁ ୫୦ ବର୍ଷ ବୟସର ଲୋକମାନଙ୍କୁ ଉଦ୍ୟୋଗ ବିକାଶ ତାଲିମ ଏବଂ ନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜୁନ୍ ୨୦୨୫ରେ ଏହାର ଶୁଭାରମ୍ଭ ପରଠାରୁ ୫୬.୬୯ ଲକ୍ଷ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ୪୦.୯୯ ଲକ୍ଷ ଲୋକଙ୍କୁ ଜୀବିକା ସୁଯୋଗ ଯୋଗାଇ ଦିଆଯାଇଛି। ଜାତୀୟ ଏବଂ ରାଜ୍ୟସ୍ତରୀୟ ସାରସ ଆଜୀବିକା ମେଳା ପ୍ରତିବର୍ଷ ଆୟୋଜିତ ହେଉଛି ଯାହା ମାର୍କେଟିଂ ଏବଂ ସମ୍ବନ୍ଧିତ ଦକ୍ଷତା ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରୁଛି। ଡିଏୱାଇ-ଏନ୍‌ଆର୍‌ଏଲ୍‌ଏମ୍ ଅଧୀନରେ ସମର୍ଥିତ ଏସ୍‌ଏଚ୍‌ଜି ସଦସ୍ୟ ଏବଂ ଗ୍ରାମୀଣ ଉଦ୍ୟୋଗୀମାନଙ୍କ କ୍ଷମତା ନିର୍ମାଣ ପାଇଁ ଜାତୀୟ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ ବିପଣନ ଦକ୍ଷତା ଉପରେ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥାଏ। ଗତ ୩ବର୍ଷ ମଧ୍ୟରେ ଏହି ପ୍ରତିଷ୍ଠାନ ୪୪ଟି ତାଲିମ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ ପରିଚାଳନା କରିଛି।

# ପହିଲାରୁ ବ୍ୟାଙ୍କିଙ୍ଗ୍ ନିୟମରେ ପରିବର୍ତ୍ତନ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବ୍ୟାଙ୍କିଂ ଆଇନ ଅଧିନିୟମ-୨୦୨୫ ଅଧୀନରେ ନୂଆ ନିୟମ ଘୋଷଣା କରିଛନ୍ତି, ଯାହା ୧ ନଭେମ୍ବର ୨୦୨୫ରୁ ଲାଗୁହେବ। ଏହା ଦେଶର କୋଟିଏ ଗ୍ରାହକଙ୍କ ଉପରେ ପ୍ରଭାବ ପକାଇବ। ଏହି ନିୟମାନୁସାରେ ଏବେଠି ବ୍ୟାଙ୍କ ଉପଭୋକ୍ତା ଜମା ରାଶିରେ ୪ ଜଣଙ୍କ ନାମ ରଖି ପ୍ରତ୍ୟେକଙ୍କ ହାର (ଯେମିତି ୭୦%, ୨୦%, ୫%-୫%) ନିର୍ଦ୍ଧାରଣ କରିପାରିବେ। ଲକର ଓ ସାମଗ୍ରୀ ପାଇଁ କେବଳ କ୍ରମିକ ନାମାଙ୍କନ ଅନୁମତି ମିଳିବ ଯାହାଦ୍ୱାରା ପ୍ରଥମ ନାମାଙ୍କିତଙ୍କ ମୃତ୍ୟୁ ପରେ ପରବର୍ତ୍ତୀ ବ୍ୟକ୍ତି ପ୍ରବେଶ ପାଇବେ ଏବଂ ଖାତାରେ ୪ ଜଣ ନୋମିନି ରଖିପାରିବେ। ପୂର୍ବରୁ ଏହି ସଂଖ୍ୟା ୧ କିମ୍ବା ୨ରେ ସୀମିତ ଥିଲା। ଏହା ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସ୍ୱଚ୍ଛତା ବଢ଼ାଇ କ୍ଲେମ୍ ପ୍ରକ୍ରିୟା ସରଳ କରି ଗ୍ରାହକଙ୍କୁ ଅଧିକ ନିୟନ୍ତ୍ରଣ ଓ ସୁବିଧା ପ୍ରଦାନ କରିବ।

# ସୁନା ରୁପା ଖସିଲା, ପ୍ଲାଟିନମ୍ ଦର ବଢ଼ିଲା

ଭୁବନେଶ୍ୱର,୨୩।୧୦



ସୁନା ଦର ଉପରେ ଗ୍ରାହକଙ୍କ ନଜର ରହିଥିବାବେଳେ ଗୁରୁବାର ସୁନା ଓ ରୁପା ଦରରେ ସାମାନ୍ୟ ହ୍ରାସ ହୋଇଛି। ମାତ୍ର ପ୍ଲାଟିନମରେ ଦର କିଛି ମାତ୍ରାରେ ବୃଦ୍ଧି ହୋଇଛି। ବୁଧବାର ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୧,୨୫,୮୧୦ ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୮୧୦ଟଙ୍କା ହ୍ରାସ ହୋଇ ୧,୨୫,୦୮୦ ଟଙ୍କାରେ ପହଞ୍ଚିଛି। ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୧,୧୫,୪୫୦ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୭୫୦ ଟଙ୍କା ହ୍ରାସ ହୋଇ ୧,୧୪,୭୫୦ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୯୪,୪୨୦ ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୬୧୦ ଟଙ୍କା ହ୍ରାସ ହୋଇ ୯୩,୮୧୦ ଟଙ୍କାରେ ପହଞ୍ଚିଛି। ରୁପା ଦରରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି। କିଲୋଗ୍ରାମ ପ୍ରତି ରୁପା ଦର ୧,୫୫,୦୦୦ଟଙ୍କା ଥିବାବେଳେ ଏଥିରେ ୧,୦୦୦ ହ୍ରାସ ହୋଇ ଏହାର ଦର ୧,୫୪,୦୦୦ଟଙ୍କା ରହିଛି। ଅନ୍ୟପଟେ ପ୍ଲାଟିନମ୍ ଦରରେ ୨୫୫୦ଟଙ୍କା ବୃଦ୍ଧି ହୋଇଛି। ଫଳରେ ବୁଧବାର ୧୦ଗ୍ରାମ୍ ପିଛା ପ୍ଲାଟିନମ୍ ଦର ୪୩୨୨୦ ଟଙ୍କାରୁ ବୃଦ୍ଧି ପାଇ ୪୫୭୭୦ ଟଙ୍କାରେ ପହଞ୍ଚିଛି।

# ବେଦାନ୍ତ ଲାଞ୍ଜିଗଡ଼ର ସ୍ୱଚ୍ଛ ଶକ୍ତି ପଦକ୍ଷେପ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)




ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଦୁଇଟି ପ୍ରମୁଖ ସ୍ୱଚ୍ଛ ଶକ୍ତି ପଦକ୍ଷେପ 'ପ୍ରୋଜେକ୍ଟ ରୋଶନ' ଏବଂ 'ପ୍ରୋଜେକ୍ଟ ଜ୍ୟୋତି' ଆରମ୍ଭକରିଛି। ପ୍ରୋଜେକ୍ଟ ରୋଶନ ଅଧୀନରେ ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ପାର୍ଶ୍ୱବର୍ତ୍ତୀ ସମ୍ପ୍ରଦାୟଗୁଡ଼ିକରେ ୩୧୦ଟି ସୌରଚାଳିତ ଷ୍ଟ୍ରିଟ ଲାଇଟ୍ ସ୍ଥାପନ କରାଯାଇଛି। ଏଥିରେ ୨୫୦ଟି ସାଧାରଣ ୟୁନିଟ୍ ଏବଂ ୬୦ଟି ହାଇମାଷ୍ଟ ଲାଇଟ ରହିଛି ଯାହାକି କଳାହାଣ୍ଡି ଗ୍ରାମାଞ୍ଚଳର ୧୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରୁଛି। ପ୍ରଥମ ପର୍ଯ୍ୟାୟରେ ୨୫ଟି ସମ୍ପ୍ରଦାୟ ସ୍ଥାନରେ ୯୧ଟି ୟୁନିଟ୍ (୭୬ଟି ସାଧାରଣଏବଂ ୧୫ଟି ହାଇମାଷ୍ଟ ଲାଇଟ) ସ୍ଥାପନ କରାଯାଇଛି, ଯାହା ୫,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ଆଲୋକିତ କରୁଛି। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ଲାଇଟ ସ୍ଥାପନ ଚାଲିଛି। ସେହିପରି ପ୍ରୋଜେକ୍ଟ ଜ୍ୟୋତି, ବିଦ୍ୟୁତ୍ ଯୋଗାଣରେ ବାଧାର ସମ୍ମୁଖୀନ ହେଉଥିବା ଦୂରଦୂରାନ୍ତ ଗ୍ରାମଗୁଡ଼ିକର ପରିବାରଗୁଡ଼ିକୁ ସୌର ଗୃହଲାଇଟ୍ ପ୍ରଦାନ ଉପରେ ଗୁରୁତ୍ୱ ଦେଉଛି। ବର୍ତ୍ତମାନ ସୁଦ୍ଧା ବେଦାନ୍ତ ୮ଟି ଗ୍ରାମର ୩୧୮ଟିପରିବାରକୁ ଉପକୃତ କରିଛି ଏବଂ ଏହି ପଦକ୍ଷେପକୁ ଆହୁରି ୮ଟି ଗ୍ରାମରେ ବିସ୍ତାର କରିବାକୁ ଯୋଜନା କରୁଛି। ଏହାଦ୍ୱାରା ୧,୫୦୦ଟି ସୌରଗୃହଲାଇଟ୍ ବଣ୍ଟନକରାଯିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ର ପ୍ରୋଜେକ୍ଟ ରୋଶନ ଏବଂ ପ୍ରୋଜେକ୍ଟ ଜ୍ୟୋତି ମାଧ୍ୟମରେ ସୌରଶକ୍ତି ସହିତ ଗ୍ରାମଗୁଡ଼ିକୁ ଆଲୋକିତକରି ଲୋକଙ୍କ ସୁରକ୍ଷାକୁ ଉନ୍ନତ କରିପାରିବ।

# ମେଟାର ନୂଆ ଅନ୍‌ଲାଇନ ସୁରକ୍ଷା ପଦକ୍ଷେପ

ଭୁବନେଶ୍ୱର,୨୩।୧୦

ଅନ୍‌ଲାଇନ ଠକେଇରୁ ବୟସ୍କ ଲୋକଙ୍କୁ ବଞ୍ଚାଇବା ପାଇଁ ମେଟା ଫେସବୁକ୍, ହ୍ୱାଟ୍ସଆପ ଓ ମେସେଞ୍ଜରରେ ନୂଆ ସୁରକ୍ଷା ଫିଚର ଆଣିଛି। ଅଜଣା ବ୍ୟକ୍ତି ସହ ସ୍କ୍ରିନ ସେୟାର କଲେ ହ୍ୱାଟସଆପରେ ଚେତାବନୀ ମିଳିବ, ମେସେଞ୍ଜରରେ ଏଆଇ ଜରିଆରେ ଠକେଇ ମେସେଜ ଧରାପଡ଼ି ଆଲର୍ଟ ଦେବ ଓ 'ପାସ୍-କୀ' ଫିଙ୍ଗରପ୍ରିଣ୍ଟ ବା ଫେସ ଆଇଡି ଦେଇ ସୁରକ୍ଷିତ ଲଗଇନ୍ କରାଯିବ। ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ 'ସିକ୍ୟୁରିଟି ଚେକଅପ' ଓ ହ୍ୱାଟସଆପରେ 'ପ୍ରିଭେସି ଚେକଅପ' ସୁବିଧା ମିଳିବ। ମେଟା ଭାରତ ସରକାରଙ୍କ ସହ 'ସ୍କାମ ସେ ବଚୋ' ଅଭିଯାନରେ ୮୦ ଲକ୍ଷରୁ ଅଧିକ ଠକେଇ ଆକାଉଣ୍ଟ ବନ୍ଦ ହୋଇଛି। ବୟସ୍କମାନେ ଅଜଣା କଲ୍ ବା ମେସେଜରେ ବ୍ୟକ୍ତିଗତ ତଥ୍ୟ ନଦେବାକୁ ପରାମର୍ଶ ଦିଆଯାଇଛି।

# ୧୮ ପରିବାର ପାଇଁ ରୁଫ୍ ଟପ୍ ସୋଲାର ବ୍ୟବସ୍ଥା

## କୁରୁଜଙ୍ଗରେ ଟିପିସିଓଡିଏଲ୍‌ର ପଦକ୍ଷେପ

ଭୁବନେଶ୍ୱର,୨୩।୧୦



ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ), ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନାର ୟୁନିଟି ଲେଡ୍ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ ଅଧୀନରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ଗ୍ରାମୀଣ ପରିବାରମାନଙ୍କୁ ସୁଲଭ, ଭରସାଯୋଗ୍ୟ ଓ ଶସ୍ତା ଶକ୍ତି ଯୋଗାଇବା ସହ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସ୍ଥାପନ ଏହାର ଲକ୍ଷ୍ୟ ରହିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ ସାଲେପୁର ଡିଭିଜନ ଅନ୍ତର୍ଗତ କୁରୁଜଙ୍ଗ ପ୍ରଥମ ଗ୍ରାମ ଭାବେ ଉପକୃତ ହୋଇଛି, ଯେଉଁଠାରେ ୧୮ଟି ପରିବାର ପ୍ରତ୍ୟେକ ମାତ୍ର ୬୭୬୪ ଟଙ୍କା ମୂଲ୍ୟରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିଛନ୍ତି। ଏଥିରେ ୧ କିଲୋୱାଟର ସଂଯୋଗ ପାଇଁ ୫୦୦୦ ଟଙ୍କା ଓ ୧୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଓ ମାଗଣାରେ ନେଟ୍ ମିଟର ସ୍ଥାପନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଗାଁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ; ହେବା ସହ ପାୱାର ଗ୍ରୀଡ୍ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ବିଦ୍ୟୁତ୍‌ଖର୍ଚ୍ଚକୁ କମ୍‌କରିବାରେ ସାହାଯ୍ୟ କରିଛି। ୧ କିଲୋୱାଟର ସୌର ପ୍ଲାଣ୍ଟ ପ୍ରତି ମାସରେ ପ୍ରାୟ ୧୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିପାରିବ, ଯାହା ପରିବାରକୁ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଞ୍ଚୟ କରିବାକୁ ସକ୍ଷମ କରିବ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ୟୁଏଲ୍‌ଏ ମଡେଲ ମାଧ୍ୟମରେ, ଆମେ ଗ୍ରାମୀଣ ପରିବାରଗୁଡ଼ିକୁ ଦୀର୍ଘସ୍ଥାୟୀ ଏବଂ କମ୍ ଖର୍ଚ୍ଚରେ ସୌରଶକ୍ତି ସମାଧାନ ଗ୍ରହଣ କରିବାକୁ ସକ୍ଷମ କରୁଛୁ। ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ କୁରୁଜଙ୍ଗ ଗ୍ରାମର ସଫଳତା ସବୁଜ ଶକ୍ତି ବର୍ଦ୍ଧିତ ଗ୍ରହଣୀୟତା ଏବଂ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ରାଜ୍ୟ

# ତାଲିକାରେ ୫ ହଜାର ଭୋଟରଙ୍କ ହେରଫେର ହୋଇଛି: କଂଗ୍ରେସ

ନୂଆପଡ଼ା,୨୩।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ୫ ହଜାର ଭୋଟରଙ୍କ ହେରଫେର ହୋଇଛିବୋଲି କଂଗ୍ରେସ କହିଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କଂଗ୍ରେସର ଗଣମାଧ୍ୟମ ମୁଖ୍ୟ ଅରବିନ୍ଦ ଦାସ କହିଛନ୍ତି, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୮ ହଜାର ଭୋଟର ଥିବାବେଳେ ସମ୍ପୂର୍ଣ୍ଣ ଭୋଟରେ ତାଲିକା ପ୍ରକାଶ ପାଇବା ବେଳକୁ ୨ ଲକ୍ଷ ୫୩ ହଜାର ହୋଇଯାଇଛି କର୍ମଚାରୀଙ୍କ ଭଳି ଏଠାରେ ମଧ୍ୟ ବାହାରୁ ଆଣି ୫ ହଜାର ଭୋଟରଙ୍କୁ ଭର୍ତ୍ତି କରି ଦିଆଯାଇଛି। ସେହିପରି ଗତ ଅକ୍ଟୋବର ୧୭ରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଆଦିବାସୀ ଝିଅମାନେ ୨୧ ବର୍ଷରୁ ଉର୍ଦ୍ଧ୍ୱ ଓ ବର୍ଷକୁ ୧୮ ହଜାରରୁ ଅଧିକ ବୃତ୍ତି ପାଉଥିଲେ ସେମାନଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯାଉ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଅରବିନ୍ଦ କହିଥିଲେ, ମିଛୁଆ ସରକାର ମହିଳାମାନଙ୍କୁ ବର୍ଷକୁ ୫୦ ହଜାର ଟଙ୍କା ଦେବାକୁ କହି ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଦେଇଛି। ସେଥିରେ ପୁଣି ଆଦିବାସୀ ଝିଅଙ୍କ ପାଠପଢ଼ା ଖର୍ଚ୍ଚ ବାବଦକୁ ୧୮ ହଜାର ଟଙ୍କା ଦିଆଯାଉଥିବାରୁ ସୁଭଦ୍ରା ଯୋଜନାରୁ ବଞ୍ଚିତ କରୁଛନ୍ତି ଏହି ନୀତିକୁ ପ୍ରତ୍ୟାହାର କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ରାଜ୍ୟରେ ଘଟିଥିବା ଓଏସ୍‌ଏସସି ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରୁଥିବା ସେ କହିଛନ୍ତି। ଏହାହ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଭାଜପା ନିଜ ହାତବାରିସି କରିଛି। ତେଣୁ ଏହାର ଯାଞ୍ଚ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଇବା ଉଚିତ ହେବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ହମିଦ ହୁସେନ, ନୂଆପଡ଼ା ପ୍ରାର୍ଥୀ ଘାସିରାମ ମାଝି, ପ୍ରଦେଶ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଗଣେଶ କୁମାର ସାହୁ, ପିସିସି ଗଣମାଧ୍ୟମ ବିଭାଗ ମୁଖପାତ୍ର ବିଜୁଳି ଭୂଷଣ ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଉପନିର୍ବାଚନ ପାଇଁ ଅଧିକ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

■୨ ବ୍ଲକ୍, ୧ ଏନ୍‌ଏସି ପାଇଁ ୧୩ ଜଣଙ୍କୁ ଦାୟିତ୍ୱ
■ଉପନିର୍ବାଚନ ଲାଗି ବିଭିନ୍ନ କାମରେ ୨୧ ଜଣଙ୍କୁ ଦାୟିତ୍ୱ

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦୁଇଟି ବ୍ଲକ ଏବଂ ଗୋଟିଏ ଏନ୍‌ଏସି ଦାୟିତ୍ୱ ଅଧିକ ନେତାଙ୍କ ମଧ୍ୟରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ୍ ଦାୟିତ୍ୱରେ ସୁଧୀର ସାମଲ, ଶ୍ରୀକାନ୍ତ ସାହୁ, ମୁକେଶ କୁମାର ପାଲ, ପ୍ରଦୀପ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମନ୍ମଥ ରାଉତରାୟ ଏବଂ ଦେବାଶିଷ ମାରାଣ୍ଡିଙ୍କୁ ଦିଆଯାଇଛି। ସେହିପରି କୋମନା ବ୍ଲକ୍ ଦାୟିତ୍ୱ ପ୍ରଣବ କୁମାର ବଳବନ୍ତରାୟ, ସଞ୍ଜୀବ କୁମାର ମଲ୍ଲିକ ଏବଂ ମାଧବ ଧଡ଼ାଙ୍କୁ ଦିଆଯାଇଛି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱ ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା ଏବଂ ରାଜେନ୍ଦ୍ର ସାହୁଙ୍କୁ ଦିଆଯାଇଛି। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦଳର ହେଉଥିବା ବିଭିନ୍ନ ପ୍ରକାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଦଳ ପକ୍ଷରୁ ଅଧିକ ୨୧ ଜଣଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ସେମାନଙ୍କ ମଧ୍ୟରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ବିଶି, ରୁକୁନି ସାହୁ, ସୁବାସ ସିଂ, ରମେଶ ମାଝୀ, ଲତିକା ପ୍ରଧାନ, ପ୍ରକାଶ ମାଝୀ, ଅଳକା ମହାନ୍ତି, ଡଲି ମାଝୀ, ମହମ୍ମଦ ଅଦାମ, ନିଜାମୁଦ୍ଦିନ, ପ୍ରଫୁଲ୍ଲ ସିଂ, ଭାନୁ ପ୍ରତାପ ସିଂ ମାଝୀ, ସଞ୍ଜିତ ମହାନ୍ତି, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ଭୀଷ୍ମ ଦେବ ସାରଫ, ରାଜୁ ଘିବେଲା, ନନ୍ଦିଆଲ ସିଂ, ଜାପାନ ମହାପାତ୍ର ଏବଂ ପ୍ରବୀର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି।


# LEGAL NOTICE

I.R. No.1577
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ଆଶୁତୋଷ ସାମଲ, OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର, ଜିଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ, ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓଏସ୍‌ଏସ୍ କେସ୍ ନଂ- ୪୧୮/୨୦୨୪

ମମତା ମଲ୍ଲିକ ....ବାଦୀ

ବନାମ

ସେଟଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ:୩- ବଟକୃଷ୍ଣ ପାଣ୍ଡିଆ, ପିତା: ସ୍ୱର୍ଗତ ଭାଗୁ ପାଣ୍ଡିଆ, ପିତା: ସ୍ୱର୍ଗତ ଶୁକଦେବ ପାଣ୍ଡିଆ, ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମେମାନେ ପ୍ରତିବାଦୀ ହିସାବରେ ନଂ୩ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ ପ୍ରତିବାଦୀଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମେ ଗ୍ରହଣ କରୁନାହଁ। ଏହି ନୋଟିସ୍ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା.୨୪।୧୧।୨୦୨୫ରିଖ ଦିବା୧୧:୩୦ ସମୟରେ ଉପରୋକ୍ତ କୋର୍ଟଙ୍କ ଇଜଲାସରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ

ଜିଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମର, ମୌଜା: ଭୁଆଷୁଣୀ ସାବକ ଖାତା- ୨୧୧, ସାବକ ପ୍ଲଟ୍- ୩୯୪, ଏରିଆ- ଏ୦.୩୪୫ଡି. ମଧ୍ୟରୁ ଏ୦.୦୫୫ଡି., ହାଲ୍ ଖାତା- ୧୧୯୮, ହାଲ୍ ପ୍ଲଟ୍- ୧୯୨୮, ଏରିଆ- ୦.୨୩୫ଡି. ମଧ୍ୟରୁ ଏ୦.୦୫୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2358

I.R. No.1574
Date- 10.10.2025

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ଆଶୁତୋଷ ସାମଲ, OAS(SAG), ଅତିରିକ୍ତ ରିଭିଜନ କୋର୍ଟ ନଂ-୨, ଚତୁର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର, ଜିଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ, ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓଏସ୍‌ଏସ୍ କେସ୍ ନଂ- ୪୧୫/୨୦୨୪

ସଂଯୁକ୍ତା ମଲ୍ଲିକ ....ବାଦୀ

ବନାମ

ସେଟଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍ -୨୦ ମୁତାବକ

ପ୍ରତିବାଦୀ ନଂ:୩- ବଟକୃଷ୍ଣ ପାଣ୍ଡିଆ, ପିତା: ସ୍ୱର୍ଗତ ଭାଗୁ ପାଣ୍ଡିଆ, ପିତା: ସ୍ୱର୍ଗତ ଶୁକଦେବ ପାଣ୍ଡିଆ, ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୪୦୦୫, ଜିଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମେମାନେ ପ୍ରତିବାଦୀ ହିସାବରେ ନଂ୩ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ ପ୍ରତିବାଦୀଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମେ ଗ୍ରହଣ କରୁନାହଁ। ଏହି ନୋଟିସ୍ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା.୨୪।୧୧।୨୦୨୫ରିଖ ଦିବା୧୧:୩୦ ସମୟରେ ଉପରୋକ୍ତ କୋର୍ଟଙ୍କ ଇଜଲାସରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉପରୋକ୍ତ କେସ୍‌ର ବିଚାର କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓଏସ୍‌ଏସ୍ କେସ୍‌ର ତଫସିଲ୍ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ୍ ଜମିର ବିବରଣୀ

ଜିଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମର, ମୌଜା: ଭୁଆଷୁଣୀ ସାବକ ଖାତା- ୨୧୧, ସାବକ ପ୍ଲଟ୍- ୩୯୪, ଏରିଆ- ଏ୦.୩୪୫ଡି. ମଧ୍ୟରୁ ଏ୦.୦୫୫ଡି., ହାଲ୍ ଖାତା- ୧୧୯୮, ହାଲ୍ ପ୍ଲଟ୍- ୧୯୨୮, ଏରିଆ- ୦.୨୩୫ଡି. ମଧ୍ୟରୁ ଏ୦.୦୫୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
D-2359


# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି



ପ୍ରତିବାଦ ସଭାରେ ଉପସ୍ଥିତ ବିଜେଡିର ନେତୃବୃନ୍ଦ।

## ବିକ୍ରମଙ୍କ ଗିରଫ ପ୍ରତିବାଦରେ ଶୋଭାଯାତ୍ରା, ସଭା

ବ୍ରହ୍ମପୁର,୨୩।୧୦(ଅଶୋକ କୁମାର ସାହୁ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ବିଜେଡି ଗଞ୍ଜାମ ଜିଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଥିବା ପ୍ରତିବାଦରେ ଗୁରୁବାର ଦଳ ପକ୍ଷରୁ ସହରରେ ଶୋଭାଯାତ୍ରା ଓ ସଭା କରାଯାଇଛି। ହିଲପାଟଣା ଗଣେଶ ମନ୍ଦିର ନିକଟରୁ ବିଜେଡି ନେତୃବୃନ୍ଦ ଶୋଭାଯାତ୍ରାରେ ବାହାରି ଗାନ୍ଧୀନଗର ଛକରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରିଥିଲେ। ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଦଳର ବରିଷ୍ଠ ନେତା ଲେନିନ୍ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଆସିକାର ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ନେତା ସୁବାସ ମହାରଣା, ଭୃଗୁ ବକ୍ସିପାତ୍ର, ଗୋପାଳପୁର ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଚିକିଟିର ପୂର୍ବତନ ବିଧାୟିକା ଉଷା ଦେବୀଙ୍କ ସମେତ ବହୁ ନାରୀ ନେତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ। ସଭାରେ ଲେନିନ୍ କହିଥିଲେ, ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ନିନ୍ଦନୀୟ। ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ବଞ୍ଚାଇବାକୁ ଯାଇ ପୋଲିସ ଏଭଳି ଚକ୍ରବ୍ୟୁହ ରଚନା କରିଛି। ଆଇଜି ଓ ଏସ୍‌ପି ଜଣେ ଦଳୀୟ କର୍ମୀ ଭଳି କାମ କରିଛନ୍ତି, ଏହା ଆମକୁ ବାଧିଛି। ତେଣୁ ଆମର ଏହି ଅଭିଯାନ ଆରମ୍ଭ ହୋଇଛି। ଠିକ୍ ତଦନ୍ତ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ଭୃଗୁ କହିଥିଲେ, ପୀତବାସଙ୍କ ହତ୍ୟା ଘଟଣାରେ ପୋଲିସ ଅନୈତିକ ଭାବେ ବିକ୍ରମଙ୍କୁ ଗିରଫ କରିଛି। ବିଗରଣା ଭାବେ ତଦନ୍ତ କରି ଏଭଳି କାମ କରିଛି। ପୋଲିସ ଉପରେ ବିଜୁ ଜନତା ଦଳର ଆଦୌ ବିଶ୍ୱାସ ନାହିଁ। ତେଣୁ ଘଟଣାର ବିଚାରବିଭାଗୀୟ ତଦନ୍ତ ହେଉ, ଜଣେ ହାଇକୋର୍ଟ ଜଜ୍‌ଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଉ ବୋଲି ଭୃଗୁ କହିଛନ୍ତି। ଖଣି ମନ୍ତ୍ରୀଙ୍କ ବିରୋଧରେ କିଛି କହୁନାହାଁନ୍ତି। କିନ୍ତୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦଳ ପକ୍ଷରୁ ଦାବି କରିଛନ୍ତି। ସେହିପରି ପ୍ରମିଳା ମଲ୍ଲିକ ମଧ୍ୟ ପୋଲିସ ଏଭଳି ଏକ ନାଟକୀୟ ଢଙ୍ଗରେ ଷଡ଼ଯନ୍ତ୍ର ପ୍ରସ୍ତୁତ କରି ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ଘଟଣାକୁ ସେ ନିନ୍ଦା କରିବା ସହିତ ଏହାର ଠିକ୍ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି।

**ଆଜି ବିଶ୍ୱ ପୋଲିଓ ଦିବସ**

# ପୋଲିଓକୁ ପରାସ୍ତ କରନ୍ତୁ



ପୋଲିଓମାଇଲାଇଟିସ୍ ରୋଗକୁ ସଂକ୍ଷେପରେ ପୋଲିଓ ବୋଲି କୁହାଯାଏ। ଏହା ଏକ ଭୂତାଣୁ ଜନିତ ରୋଗ। ପୋଲିଓ ଭାଇରସ୍ ନାମକ ଭୂତାଣୁ ସଂକ୍ରମଣ ଯୋଗୁ ଏହି ରୋଗ ଜାତ ହୁଏ। ଭୂତାଣୁ ବା ଭାଇରସ୍ ମୁଖ୍ୟତଃ ସଂକ୍ରମଣ କରିଥାଏ ମଣିଷର ପରିପାକ ତନ୍ତ୍ରକୁ। ଖୁବ୍ କମ୍ କ୍ଷେତ୍ରରେ ଏହା କେନ୍ଦ୍ରୀୟ ସ୍ନାୟୁତନ୍ତ୍ରକୁ ସଂକ୍ରମଣ କରି ଜାତ କରିପାରେ ପକ୍ଷାଘାତ ବା ପାରାଲିସିସ୍। ଅତି ବିରଳ କ୍ଷେତ୍ରରେ ରୋଗୀର ମୃତ୍ୟୁ ଘଟିଥାଏ। ଭାଇରସ୍ ଥାଏ ସଂକ୍ରମିତ ରୋଗୀର ମଳରେ ଏବଂ ଲାଳରେ। ୩-୪ ମାସ ପର୍ଯ୍ୟନ୍ତ ଏହା ରହିଯାଏ ମଳରେ। ସବୁ ବୟସର ବ୍ୟକ୍ତି ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇପାରୁଥିଲେ ମଧ୍ୟ ଏହା ବେଶି ଆକ୍ରାନ୍ତ କରିଥାଏ ପିଲାମାନଙ୍କୁ।

ଭାଇରସ୍ ଦ୍ୱାରା ସଂକ୍ରମିତ ଜଳ, ଖାଦ୍ୟ, କ୍ଷୀର ଖାଇଲେ ଏହି ରୋଗ ଜାତ ହୁଏ। ଭଲ ଭାବରେ ହାତ ନ ଧୋଇ ଖିଆପିଆ କଲେ ସୁଗମ ହୋଇଯାଏ ରୋଗ ସଂକ୍ରମଣ। ସଂକ୍ରମିତ ବାସନକୁସନ ସଂସ୍ପର୍ଶରେ ଆସିଲେ ଏବଂ ମାଛି ଦ୍ୱାରା ମଧ୍ୟ ରୋଗ ବ୍ୟାପେ। ରୋଗୀର ମଳ ହିଁ ସଂକ୍ରମଣର ପ୍ରଧାନ ଉତ୍ସ। ରୋଗ ସଂକ୍ରମଣ ହାର ବଢ଼ିଯାଏ ବର୍ଷା ଋତୁରେ। କାରଣ ବର୍ଷା ଯୋଗୁ ଜଳ ଉତ୍ସ ମଳ ସହ ମିଶିଯିବା ସୁଗମ ହୋଇଥାଏ। ପୋଲିଓ ଦମନ ପାଇଁ ସାର୍ବଜନୀନ ପୋଲିଓ ପ୍ରତିଷେଧକ ଟିକାର ପ୍ରଦାନ ସାରା ବିଶ୍ୱରେ କାର୍ଯ୍ୟକାରୀ ହେଉଛି। ଆମ ଦେଶ ଭାରତ ସମ୍ପୂର୍ଣ୍ଣ ପୋଲିଓମୁକ୍ତ। ୨୦୧୪ ମାର୍ଚ୍ଚ ୨୭ରୁ ଆମ ଦେଶକୁ ସମ୍ପୂର୍ଣ୍ଣ ପୋଲିଓମୁକ୍ତ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ ଆମ ଦେଶର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବାର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ପୋଲିଓ ରୋଗ ସମ୍ପର୍କରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପୋଲିଓ ଦିବସ'। ପୋଲିଓ ଟିକାର ଉଦ୍ଭାବକ ଜୋନାସ୍ ସାକ୍‌ଙ୍କ ଜନ୍ମ ତିଥି (ଅକ୍ଟୋବର ୨୪)କୁ ସ୍ମରଣ କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି– 'ଏଣ୍ଡ ପୋଲିଓ : ଏଭ୍ରି ଚାଇଲ୍ଡ, ଏଭ୍ରି ଭ୍ୟାକ୍‌ସିନ୍, ଏଭ୍ରି ହୋୟାର' (ସର୍ବତ୍ର ପ୍ରତି ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇ ପୋଲିଓକୁ ସମାଧି ଦେବା।) ପୋଲିଓକୁ ପରାସ୍ତ କରି ତା'ର ଅନ୍ତ ଘଟାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**–ଡ. ନିତ୍ୟାନନ୍ଦ ସ୍ୱାଇଁ,**
**'ଅଭୀପ୍ସା'ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ**

## ଅନ୍ତର୍ଜାତୀୟ ସହଯୋଗକୁ ଗୁରୁତ୍ୱ



ଜାତିସଂଘ ଦିବସ

୧୯୪୫ ମସିହାରେ ଜାତିସଂଘ ପ୍ରତିଷ୍ଠାକୁ ସ୍ମରଣ କରି ପ୍ରତିବର୍ଷ ଅକ୍ଟୋବର ୨୪ରେ 'ଜାତିସଂଘ ଦିବସ' ପାଳନ କରାଯାଏ। ଚଳିତ ବର୍ଷ ଜାତିସଂଘର ୮୦ ତମ ବାର୍ଷିକୀ ପାଳିତ ହେଉଛି। ଏହି ଦିବସ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବାରେ ଜାତିସଂଘର ଭୂମିକା ଏବଂ ଶାନ୍ତି, ମାନବାଧିକାର ଏବଂ ସ୍ଥାୟୀ ବିକାଶ ଦିଗରେ ଏହାର ପ୍ରୟାସକୁ ଆଲୋକପାତ କରିଥାଏ। ଜାତିସଂଘ ଏହି ଦିବସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଥିମ୍ ପ୍ରକାଶ କରୁନଥିଲେ ଏହା ଶାନ୍ତି, ଏକତା ଓ ବିଶ୍ୱ ସହଭାଗିତାକୁ ପ୍ରୋତ୍ସାହନ ଏବଂ ଶିକ୍ଷା ଉପରେ ଗୁରୁତ୍ୱ ଦେଇଆସୁଛି।

## ଆଜି ଲଘୁଚାପ ସମ୍ଭାବନା, ୪ଦିନ ବର୍ଷା

ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ଦକ୍ଷିଣ ପୂର୍ବ ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବ ଏବଂ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪ଦିନ ଧରି ବର୍ଷା ହେବା ନେଇ ଆକଳନ କରାଯାଇଛି।


**District Mission Directorate**
**Office of the Chief District Medical & Public Health Officer Department Health & Family Welfare, National Health Mission (NHM), Jajpur, Pin-755001**

No.5083 — NOTICE — Dt : 18.10.2025

**No.E-458** : The scrutiny database of the candidates applied for the post of **"OFFICE ASSISTANT"- NHM** to the Office of the CDM & Public Health Office, Jajpur vide Adv. **No.2166/NHM/JAJ Dtd.12.06.2025** has been prepared & available in the district website i.e. **https://jajpur.odisha.gov.in** for objection invitation. The candidates have to submit their objection (If any) to the undersigned on or before **Dt.01.11.2025** through Registered/ Speed Post only. The candidates have to mention on the top left hand corner of envelope **"Objection for the post of Office Assistant - NHM, Jajpur"** without mentioning which the same shall not be considered. No fresh documents shall be accepted during objection invitation period. The candidates have to submit their objections in the following format.

| Application Srl. No. | Name of candidate | Address | Objection Details |
|---|---|---|---|
| | | | |

The undersigned is not responsible for any postal delay & any typographical errors may be exempted.

Sd./- C.D.M. & Public Health Officer-cum-District Mission Director, Jajpur

OIPR-10042/11/0020/2526



**WORKS DEPARTMENT** — No.B-628:
**OFFICE OF THE SUPERINTENDING ENGINEER BHADRAK (R&B) DIVISION**
e-mail:- bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No.SE (R&B) BDK-24/2025-26**
**No.7957/dt.15.10.2025**

Nature of Work:- Civil Works and EI Works
Number of Works:- 14 (Fourteen) Nos.
Amount Put to Tender:- Rs.4.23 to 28.14 Lakhs
Class of Contractor: B&C, C&D, HT Class
Date & Time of availability of bid document in the portal:-27.10.2025 at 11.00 A.M.
Last Date/Time of receipt of bid in the portal:-04.11.2025 upto 5.00 PM.
Date of Opening of Bid: Dt.06.11.2025 at 11.30 AM
Name & Address of the Office Inviting Bid : Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-Procurement portal "http// tendersodisha.gov.in."
All future corrigendum will be available on ONLINE mode only.

Sd./- Superintending Engineer, Bhadrak (R&B) Division
OIPR-34079/11/0028/2526



**Government of Odisha**
**"e" Procurement Notice** — No.O-1074
**Bid Identification No. : Online-AGL-07 of 2025-2026**

1. Name of the Work : Road Works
2. Estimated Cost : Rs. 5.98 to Rs. 50.64 Lakhs
3. Period of Completion : 1 (One) & 2 (Two) Calendar Month
4. Date & time of availability of : From 23.10.2025 to 29.10.2025 upto 5.00 P.M.
5. Last Date/time for receipt of bids in the portal : 29.10.2025 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Sd./- Executive Engineer, R.W. Division, Angul
OIPR-25096/11/0030/2526



**DHARANIDHAR UNIVERSITY, KEONJHAR**
Mail Id- registrar@dduniversity.ac.in
**EMPLOYMENT NOTICE**
No.3117/ Dt.18.10.2025

No.CAD-2077: Online applications on the prescribed format invited from the eligible candidates as per UGC Regulation 18th July, 2018 for engagement of Assistant Professor (Guest faculties) and retired Professor(s)/retired Associate Professor(s) to fill up the vacant post purely on temporary basis apropos of notification of Govt. of Odisha HE-UE-POLICY-2020-2023/4477/HE Dt.01.02.2024. Candidates are advised to visit the website of the University https:// dduniversity.ac.in for details. The last date for receiving online application is 20th November 2025 and print copy of the submitted online application through Speed Post/ Registered Post by 25th November, 2025 (5.00 PM) to the Registrar, Dharanidhar University, Keonjhar. The online application will be opened from 23rd October 2025 (4.00 PM).
The authority reserves the right to cancel the advertisement at any time without assigning any reason thereof.

Sd./- Registrar, Dharanidhar University, Keonjhar
OIPR-11126/11/0024/2526



**Government of Odisha**
**Department of Women & Child Development**
**NOTICE**
**No. WCD-CW-MISC-0066-2025-26521/Date : 16.10.2025**
**SUB: APPLICATION FOR SELECTION AS MEMBERS OF THE JUVENILE JUSTICE BOARDS.**

**No.g-** : In pursuance of the provisions contained under section 4 of the Juvenile Justice (Care and Protection of Children) Act, 2015 along with its Amendment Act, 2021 read with Rules 3 and 105 of Odisha Juvenile Justice (Care and Protection of Children) Rules, 2018, and Juvenile Justice (Care and Protection of Children) Model Amendment Rules, 2022, applications in the prescribed format are hereby invited from eligible and intending applicants for the positions of Members of the Juvenile Justice Boards (in short "JJB") in respect of districts - Bhadrak, Boudh, Cuttack, Dhenkanal, Kandhamal, Keonjhar, Malkangiri, Nawarangpur, Nayagarh, Subarnapur, Sundargarh. The details of eligibility criteria, other conditions and format for application are available in the website of this Department, https://wcd.odisha.gov.in which may be accessed /downloaded.

Applications in the format prescribed along with self-attested copies of relevant certificates/ documents etc. kept in a sealed cover superscribed with the words **"Application for Selection as Member of the Juvenile Justice Boards"** may be sent by Speed Post. / Registered Post so as to reach the office of the District Child Protection Unit [DCPU] of the District concerned during the office hours on any working day on or before 5 PM of **3rd November, 2025**.

Sd./- Director, ICDS & SW-cum-Member Secretary, State Level Selection Committee
OIPR-46005/11/0011/2526



**GOVERNMENT OF ODISHA** — No.A-750
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
Phone No. : 0663-2430445, E-mail id : sambalpurirrigation@rediffmail.com
**'e' Tender Call Notice No. BID-06/2025-26 (Online)**

| | | | |
|---|---|---|---|
| 1. | Nature of Works | : | New construction of Pani Panchayat Office building |
| 2. | Nos. of works | : | 2 (Two) Nos. |
| 3. | Amount Put to Tender | : | Rs.9.05 Lakhs to 10.27 Lakhs Approximately |
| 4. | Period of Completion | : | As per D.T.C.N |
| 5. | Date and Time of availability of Bid Document in the Portal | : | Dt : 24.10.2025 at 11.00 A.M. to Dt : 01.11.2025 up to 05.00 P.M. |
| 6. | Last Date / Time for receipt of Bids in the Portal | : | Dt : 01.11.2025 up to 05.00 P.M. |
| 7. | Date of opening of Bid | : | Dt : 03.11.2025 at 10.00 A.M. |
| 8. | Last date & time of seeking tender clarification | : | Dt : 01.11.2025 up to 04.00 P.M. |
| 9. | Name and Address of the Officer Inviting Bid | : | Superintending Engineer, Burla Irrigation Division, Burla At/Po-Burla - 768017, Dist. - Sambalpur, Email Id : sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

Sd./- Superintending Engineer, Burla Irrigation Division, Burla
OIPR-32436/11/0017/2526



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
E-mail : eeteldivn2022@gmail.com
**E-procurement Notice No - EE, TID, SNP - 12/2025-26**

**No.A-745** : The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double cover** system to be received in **online mode** only for the works as detailed below.

1. Name/Nature of the work : Flood Protection Embankment Works
2. No. of Works : 05 Nos.
3. Class of Contractor : As mentioned in Col. No. 4 of NIT
4. Bid Identification No. : EE, TID, SNP - 12/2025-26
5. Estimated Cost : From Rs.55.83 lakhs to Rs.83.70 Lakhs
6. Period of Completion : As per mentioned in Col No.7 of NIT
7. Date & time of availability of bid documents in the Portal : **From 22.10.2025 (10.00 A.M.) to 11.11.2025 (05.30 P.M.)**
8. Last date/time for receipt of bids in the Portal : **In portal - 11.11.2025 from 10.00 A.M. up to 05.30 P.M.**
9. Date of Opening of Bid : **On Date 12.11.2025 (11.00 A.M. onwards in the Office of the undersigned)**
10. Name of the Officer inviting Bid : **Executive Engineer, Tel Irrigation Division, Sonepur (Dist.-Subarnapur)**

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer, Tel Irrigation Division, Sonepur
OIPR-32362/11/0010/2526



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର — No.C-1299
Housing & Urban Development Department, Govt. of Odisha
**ଜଟଣୀ ପୌରପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL : JATANI**
ସ୍ଥାନ – ଜଟଣୀ, ଜିଲ୍ଲା – ଖୋର୍ଦ୍ଧା, ୭୫୨୦୫୦
At/PS - Jatani, Dist. - Khordha (Odisha), Pin - 752050
E-mail : municipalityjatni@gmail.com, Phone No. 0674-2490826
**No.5664 Dtd - 17.10.2025**
**"E" Procurement Notice**
**Bid Identification No. : EO/JMC/085/2025-2026**

1. Name of the work for which tender invited - **Supply of Sanitation workers and drivers for Sweeping of roads, cleaning of drains & Bush Cutting in both sides, of roads, Door to Door Collection of Waste in a segregated manner (Wet & Dry Waste) and transportation of Municipal Solid waste separately Wet & Dry Waste including other waste to the identify Micro Composting Centre(MCC)/MRFC located at SandhapurJatni including cost of supervisor and sanitation equipment like Bamboo basket, Coconut broom, Crowbar, Knife, Shovel, Spade, Gloves, shoes, Uniform and Helmet for the Ward No- 2, 3, 4,5, 6, 7, 8, 9, 10, 11, 12, 13, 14, 15, 19(Part), 20(Part),21,22 & 23 for the year 2025-2026 & 2026-2027**
2. Number of work: **01**
3. Approximately Monthly cost:Rs.57,75,630/-
4. Eligible class of Bidder — Company registered under Companies Act, Partnership Firms, LLP/Proprietorship Firm registered with the State Government/ Centre Government those are experienced in similar nature of work at least Three years and other criteria given in the D.T.C.N.
5. The Bid documents will be available in the website as mentioned below from **10.30AM of Dt. 18.10.2025 to 17.11.2025 up to 5.30 P.M. for online bidding.**
6. Last date & time of receipt of Bid through online, date **17.11.2025 up to 5.30 P.M.**
7. Opening of Bid documents **Date 18.11.2025 at 11.00A.M.**
8. The Authority reserves the right to cancel any or all the Bids without assigning any reason thereof.
9. The bidder has to participate in online bidding only.
Further details are available in the website: - **https://tendersodisha.gov.in/nicgep/app**

Sd./- Executive Officer, Jatni Municipality
OIPR-13041/11/0055/2526



**GOVERNMENT OF ODISHA**
**DIRECTORATE OF SCHEDULED CASTES & SCHEDULED TRIBES RESEARCH & TRAINING INSTITUTE (SCSTRTI), BHUBANESWAR-751003**
(Telephone No.0674-2563649/Fax No.0674-2561635, Email Id: scstrti@yahoo.co.in)
No.2783 — Date 22.10.2025
**EXPRESSION OF INTEREST**

No.V-11: Publishers/ Book Shops/ Suppliers interested in empanelment with SCSTRTI for the supply of books are requested to submit their EOI in a sealed cover on or before 17th November 2025 by 5.30 PM at the office of SCSTRTI, Bhubaneswar. The envelope should be superscripted "EXPRESSION OF INTEREST FOR SUPPLY OF BOOKS". The sealed cover will be opened on 18th November 2025 at 11.30 AM. For details on the subject, please visit the Government website www.odisha.gov.in and our website www.scstrti.in.

Sd./- Director
OIPR-26002/11/0009/2526



**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL** — No.O-1072
E-mail : eerwbansapal@gmail.com
**"e" Procurement Notice for Road Works**
**Identification No. Road Online NCB - 04/2025-26**

1. Name of the Work : Road Works in the District of Keonjhar for the Year 2025-26, 2. Total Number of Work : 31 Nos., 3. Estimated Cost : Rs.5.04 lakhs to 33.61 Lakhs (Approx.), 4. Class of Contractor : B, D & C Class, 5. Period of Completion : As per annexure of e-Procurement Notice No.04 of 2025-26, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | **Road Online NCB No. 04** | Dt.22.10.2025 at 11.00 A.M. | Dt.31.10.2025 up to 5.00 P.M. | Dt.30.10.2025 up to 5.00 P.M. | Dt.01.11.2025 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer, R.W. Division, Banspal
OIPR-25198/11/0008/2526



**OFFICE OF THE SUPERINTENDING ENGINEER**
**R.W.DIVISION, BALASORE** — No.O-1076
**e-Procurement Notice for Road and Building Works Identification No. 05 SERW BLS 2025-26**

1. Name of the work : Roads and Buildings, 2. Total No. of Works : 16 Nos, 3. Estimated Cost : Eastimated Cost Rs.12.712 to Rs 86.902 lakh, 4. Class of Contractor : 'D', 'C' & 'B' Class, 5. Time of Completion : 3 Month (Three Calendar Month), 6. Other Details :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division : Balasore | 05 SERW BLS 2025-26 | 24.10.2025 at 11.00 A.M. | 03.11.2025 up to 5.00 P.M. | 03.11.2025 up to 1.00 P.M. | 04.11.2025 at 11.00 A.M. |

Further details can be seen from the website - **www.tendersodisha.gov.in**

Sd./- Superintending Engineer, R.W.Division, Balasore
OIPR-25108/11/0018/2526



**TENDER CALL NOTICE**
**OFFICE OF THE DEPUTY DIRECTOR OF TEXTILES, SONEPUR**
At: Thanapatipada, P.O./Dist.: Subarnapur, PIN - 767017
Phone/Fax: 06654-220232 | Email: ddtsnp@gmail.com
Tender Call Notice No. 3382 / Date: 15.10.2025
**QUOTATION OF HIRING OF VEHICLE**

No. PP-: Sealed quotations/tenders are invited from interested reputed Travel Agencies/Tour Operators/Individuals for providing one Non-AC Petrol/Diesel driven Tiago/Bolt/Celerio vehicles having sitting capacity not more than four including driver for official use in office of the Deputy Director of Textiles, Sonepur on monthly rent basis.
Detail information eligibility criteria and term and condition and application form are available in the website **www.subarnapur.nic.in**. The bidders may contact to the office of the Deputy Director of Textiles, Sonepur in the above address.
The quotation completed in all respect may submit in a sealed envelop subscribing on the top of the envelop as "Tender for hiring of private vehicle" should reach the undersigned on or before 03.11.2025 by 05.30 P.M. and shall be opened on 04.11.2025 at 03.00 P.M. in presence of the bidders or their authorized representatives.
The authority/committee reserve the right to reject any tender without assigning any reason thereof.

Sd./- Deputy Director of Textiles, I/c Sonepur
OIPR-31016/11/0007/2526



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର — No.O-1089
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/37-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 37-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 1 No | Rs.478.73 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/37-2025-26/BPR | 01.11.2025 at 10.00 A.M. | 15.11.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer, R.W.Circle, Berhampur
OIPR-25071/11/0152/2526



**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**
No. 4019 — **1ST CORRIGENDUM** — Date : 18.10.2025

**No.O-1071** : In continuation to this office bid identification No. Online Tender 07/MOHANA/2025-26 Invited vide this office letter No. 3604 dtd 23.09.2025, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt.18.10.2025 at 11.00 A.M. to Dt.27.10.23025 Up to 5.00 P.M. | Dt.30.10.2025 at 11.00 A.M. to Dt.10.11.2025 Up to 5.00 P.M. |
| 2 | Date & time of seeking tender clarification if any | Dt.24.10.2025 up to 5.00 P.M. | Dt.06.11.2025 Up to 5.00 P.M. |
| 3 | Date & time of opening of tender (Price Bid) | Dt.28.10.2025 at 11.00 A.M. | Dt.11.11.2025 at 11.00 A.M. |

All other terms and conditions are remain unchanged.

Sd./- Executive Engineer, R.W. Division, Mohana
OIPR-25148/11/0052/2526



**ZILLA PARISHAD, SUBARNAPUR**
No.5453 / Dt. 18.10.2025
**EXPRESSION OF INTEREST**
**FOR SELECTION OF REGISTERED FIRMS/SERVICE PROVIDER AGENCIES FOR PROVIDING MANPOWER FOR**
**DPMU & BPMU UNDER ZILLA PARISHAD, SUBARNAPUR**

**No.CAD-2072** : Zilla Parishad, Subarnapur invites sealed tender from intending reputed and experienced Manpower Service Providing Agencies to provide services of different categories of manpower for DPMU & 06 BPMUs under Rural Housing Schemes for the period from 22.09.2025 to 21.09.2026. The details of the bidding process are as follows:

| Sl. No. | Bidding Schedule | Date and Time |
|---|---|---|
| 1 | Date of Issue | 18.10.2025 |
| 2 | Bid Due Date and Time | 12.11.2025 |
| 3 | Opening of Technical Bid | 13.11.2025 (3.00 PM) |
| 4 | Opening of Financial Bid | 13.11.2025 (5.00 PM) |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in third sealed cover super-scribed **"Bid for Outsourcing of Manpower services for DPMU & BPMUs under Zilla Parishad,Subarnapur"** must reach the undersigned on or before **12.11.2025 by 5.30 PM** through **Speed Post/ Regd. Post** only.

The bid documents containing eligibility criteria and detail terms and conditions of the tender can be downloaded from the website **https: // subarnapur.nic.in.**

The sealed tender proposal shall be submitted along with non-refundable application fees of Rs.5,000/- (Rupees Five thousand) only in shape of Bank Draft drawn in favour of the CDO-cum-EO, Zilla Parishad, Subarnapur.

The last date and time for submission of tender document is **12.11.2025** by 5:30 PM. The Authority shall not be held responsible for postal delay, if any, in case of non-receipt of the same in time.

**Complete address for submission of Bid:**
**The CDO-Cum-EO, Zilla Parishad, Subarnapur, Pin-767017**
The Authority reserves every right to reject any or all the **Tender** without assigning any reason thereof.

OIPR-19251/11/0005/2526 — Sd./- Collector, Subarnapur



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି**
ବିଜ୍ଞପ୍ତି ସଂଖ୍ୟା ୩୫୭୪ — **ସାମାଜିକ ସମୀକ୍ଷା** — ତାରିଖ 16.10.2025

No.i–348:ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ ୨୦ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ)ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟରରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସଂପୃକ୍ତ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚନ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲ୍‌ର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନବାଡି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍କୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଓ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1. | Mahupadar | 16.10.2025 | 29.10.2025 | 29.10.2025 | 25.03.2026 | AEE |
| 2. | Kamarpali | 16.10.2025 | 29.10.2025 | 29.10.2025 | | GPDO |
| 3. | Salimi | 16.10.2025 | 30.10.2025 | 29.10.2025 | | APO |
| 4. | Temurupali | 31.10.2025 | 13.11.2025 | 13.11.2025 | | APO |
| 5. | Kiango | 31.10.2025 | 13.11.2025 | 13.11.2025 | | GPDO |
| 6. | Udulibeda | 31.10.2025 | 13.11.2025 | 13.11.2025 | | APO |
| 7. | Kartanpali | 15.10.2025 | 17.11.2025 | 17.11.2025 | | APO |
| 8. | Dhungiaput | 15.11.2025 | 03.12.2025 | 03.12.2025 | | AEE |
| 9. | Kutunipali | 15.11.2025 | 03.12.2025 | 03.12.2025 | | GPDO |
| 10. | Mathili | 03.11.2025 | 16.12.2025 | 16.12.2025 | | AEE |
| 11. | Dalapatiguda | 03.12.2025 | 16.12.2025 | 16.12.2025 | | APO |
| 12. | Ambaguda | 03.12.2025 | 16.12.2025 | 16.12.2025 | | APO |
| 13. | Chedenga | 03.02.2026 | 17.02.2026 | 17.02.2026 | | GDPO |
| 14. | Chaulamendi | 03.02.2026 | 17.02.2026 | 17.02.2026 | | APO |
| 15. | Pangam | 03.02.2026 | 17.02.2026 | 17.02.2026 | | AEE |
| 16. | Mecca | 19.02.2026 | 05.03.2026 | 05.03.2026 | | GPDO |
| 17. | Bhejaguda | 19.02.2026 | 05.03.2026 | 05.03.2026 | | AEE |
| 18. | B.Pangam | 19.02.2026 | 05.03.2026 | 05.30.2026 | | APO |
| 19. | Nayakguda | 06.03.2026 | 19.03.2026 | 19.03.2026 | | APO |
| 20. | Katapali | 06.03.2026 | 19.03.2026 | 19.03.2026 | | GPDO |

ଯାଞ୍ଚ ହେବାକୁଥିବା ତଥ୍ୟ: (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟର ରୋଲରେ ଶ୍ରମିକମାନଙ୍କ କାର୍ଯ୍ୟପତ୍ର ସଂଖ୍ୟା ଉଲ୍ଲେଖ ଅଛି କି ନାହିଁ । (୩) ମଷ୍ଟରରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ । (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ସମାନ ଅଛି କି ନାହିଁ । (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ । (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ।

OIPR-19023/11/0011/2526 — ସ୍ୱା./–ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା**
ବିଜ୍ଞାପନ ସଂଖ୍ୟା–୩୮୭୫, ତାରିଖ–୧୮.୧୦.୨୦୨୫

No.i–346:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୦୧.୦୪.୨୦୨୫ରୁ ୩୦.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ୨୦୨୧-୨୨ ଠାରୁ ୨୦୨୪-୨୫ ମସିହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସୟଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା | | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | | |
| ୧ | ବନମାଳୀପୁର,ବେଣାଗାଡିଆ, ବଳଭଦ୍ରପ୍ରସାଦ, କିଆଖର | ୦୧.୧୧.୨୦୨୫ | ୦୯.୧୧.୨୦୨୫ | ୧୦.୧୧.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ୨୭.୦୩.୨୦୨୬ |
| ୨ | ବୋଦସା,ଯୋଗିଆପଲ୍ଲୀ, ମର୍ଦ୍ଦରାଜପୁର,କୋସ୍କା, | ୧୮.୧୧.୨୦୨୫ | ୨୬.୧୧.୨୦୨୫ | ୨୭.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | |
| ୩ | ରାଣୀଛେଳୀ, ର.ଡୋଳମରା, ଗଡିଆସାହି ,କଣ୍ଟିଲୋ | ୦୪.୧୨.୨୦୨୫ | ୧୨.୧୨.୨୦୨୫ | ୧୫.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | |
| ୪ | ଶାଳଝରିଆ, ସିଂଘାପଡା, ଖଳିସାହି, କୁମ୍ଭାରପଡା | ୨୩.୧୨.୨୦୨୫ | ୩୧.୧୨.୨୦୨୫ | ୦୨.୦୨.୨୦୨୬ | ୦୯.୦୨.୨୦୨୬ | ୦୯.୦୨.୨୦୨୬ | |
| ୫ | ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୧୦.୦୨.୨୦୨୬ | ୧୮.୦୨.୨୦୨୬ | ୧୯.୦୨.୨୦୨୬ | ୨୩.୦୨.୨୦୨୬ | ୨୩.୦୨.୨୦୨୬ | |
| ୬ | ସିଧାମୁଳା,ଗୁଣ୍ଠୁଣୀ, ଶିଖରପୁର | ୨୬.୦୨.୨୦୨୬ | ୦୬.୦୩.୨୦୨୬ | ୦୯.୦୩.୨୦୨୬ | ୧୬.୦୩.୨୦୨୬ | ୧୬.୦୩.୨୦୨୬ | |

OIPR-19151/11/0007/2526 — ସ୍ୱା./–ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

**ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତ୍ୱର ଅବଦାନ ଦେଇଛନ୍ତି, ସେମାନଙ୍କୁ ମନେ ପକାଇବା ଅବସରରେ ଭାଗ (୧)ରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ, ଭାଗ (୨)ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲର ଏବଂ ଭାଗ (୩)ରେ ରିଚାର୍ଡସ କ୍ରେମ୍‌ସ ଅଲେର୍ନ ତଥା ରଣଧୀର ସିଂ ଜେଣ୍ଟଲ୍‌ଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହିକ୍ରମରେ ଏଥର ୪ର୍ଥ ଭାଗରେ କୁଅଁର ଦିଗ୍‌ବିଜୟ ସିଂ 'ବାବୁ'।**

(ଭାଗ-୪)

## କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ଭାରତୀୟ ହକିର ଇତିହାସରେ ଯଦି କଳାତ୍ମକ ଶୈଳୀରେ ଡ୍ରିବଲ୍ କରି ପ୍ରତିପକ୍ଷ ଦଳକୁ ପରାସ୍ତ କରିବା କ୍ଷେତ୍ରରେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସମକକ୍ଷ ହୋଇପାରିଥିବା ଖେଳାଳିଙ୍କ କଥା ବିଚାରକୁ ନିଆଯାଏ, ତେବେ କୁଅଁର ଦିଗ୍‌ବିଜୟ ସିଂଙ୍କ ନାମ ସର୍ବପ୍ରଥମେ ମନକୁ ଆସେ। ଶ୍ରଦ୍ଧାରେ ଲୋକମାନେ ତାଙ୍କୁ 'ବାବୁ' ବୋଲି ଡାକୁଥିଲେ। ଉତ୍ତର ପ୍ରଦେଶର ବାରବାଙ୍କି ଜିଲାରେ ଗୋଟିଏ ସମ୍ଭ୍ରାନ୍ତ



କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ତାଲୁକଦାର ପରିବାରରେ ତାଙ୍କର ଜନ୍ମ ୧୯୨୨ ଫେବୃଆରୀ ୨ ତାରିଖରେ। ତାଙ୍କ ପିତା ରାୟବାହାଦୁର ଠାକୁର ରଘୁନାଥ ସିଂଙ୍କର ସେଥିଲେ ପଞ୍ଚମ ପୁତ୍ର। ତାଙ୍କର ଦୁଇଜଣ ବଡ ଭାଇ ମଧ୍ୟ ଉତ୍ତରପ୍ରଦେଶ ରାଜ୍ୟ ହକି ଦଳ ପାଇଁ ଖେଳୁଥିଲେ। ପିତା ରଘୁନାଥ ସିଂ ଥିଲେ ଜଣେ ଭଲ ଟେନିସ୍ ଖେଳାଳି, ଓକିଲ ଏବଂ ସମାଜସେବୀ। ତେଣୁ ଗୋଟିଏ କ୍ରୀଡ଼ାବିତ୍ ପରିବାରରେ ଜନ୍ମିତ ଦିଗ୍‌ବିଜୟଙ୍କର ଅତି ପିଲାଦିନୁ ଖେଳିବା ପାଇଁ ଥିଲା ପ୍ରବଳ ଆଗ୍ରହ। ହକି ଥିଲା ତାଙ୍କର ପ୍ରଥମ ପସନ୍ଦ। ତାଙ୍କୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ହୋଇଥିଲା, ସେତେବେଳଠାରୁ ସେ ତାଙ୍କର ପ୍ରିୟ ହକି ଷ୍ଟିକ୍ ଟିକୁ ଧରି ଶେଯରେ ବହୁ ସମୟରେ ଶୋଇଥିଲେ। ସେ ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ହକି ଦେୱା ମେଳାରେ ଖେଳିଥିଲେ।

୧୯୩୭ରେ ମାତ୍ର ୧୫ ବର୍ଷ ବୟସରେ ସେ ଆନ୍ତଃ ମହାବିଦ୍ୟାଳୟ ହକି ପ୍ରତିଯୋଗିତାରେ ତାଙ୍କ ମହାବିଦ୍ୟାଳୟ ହକିଟିମ୍ ପାଇଁ ଖେଳିବା ଆରମ୍ଭ କଲେ। ୧୯୩୮ରେ ସେ ଲକ୍ଷ୍ନୌ ୟଙ୍ଗ୍ ମେନ୍‌ସ ଆସୋସିଏଶନ (ଏଲ୍‌ୱାଇଏ) କ୍ଲବ୍ ତରଫରୁ ଦିଲ୍ଲୀରେ ଅନୁଷ୍ଠିତ ଟ୍ରେଡର୍ସ କପ୍ ପ୍ରତିଯୋଗିତାରେ ହକି ଖେଳିଥିଲେ। ଏହି ପ୍ରତିଯୋଗିତାରେ ତତ୍କାଳୀନ ଶକ୍ତିଶାଳୀ ଦିଲ୍ଲୀ ହକି ଦଳ ବିରୋଧରେ ସେ ଖେଳିଥିଲେ। ୧୯୩୬ରେ ବର୍ଲିନ ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ପାଇଁ ଖେଳିଥିବା ହକି ଖେଳାଳି ମହମ୍ମଦ ହୁସେନ୍ ମଧ୍ୟ ଏଥିରେ ଦିଲ୍ଲୀ ଦଳ ପାଇଁ ପଡିଆକୁ ଓହ୍ଲେଇ ଥିଲେ। ତାଙ୍କର କଳାତ୍ମକ ଡ୍ରିବଲ ଓ ପାଶ୍ ଦେବା ଦକ୍ଷତାରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ହୁସେନ। ଆନନ୍ଦରେ ସେ କହିଥିଲେ ଯେ "ଏଇ ପିଲାଟି ଦିନେ ନା ଦିନେ ଜଣେ ପ୍ରସିଦ୍ଧ ହକି ଖେଳାଳି ଭାବେ ନିଶ୍ଚିତ ସୁନାମ ଅର୍ଜନ କରିବ"। ତାଙ୍କର ଏହି ଭବିଷ୍ୟତ ବାଣୀ ପରବର୍ତ୍ତୀ ସମୟରେ ସତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବାରବାଙ୍କିର କମ୍ରେଡ୍‌ସ କ୍ଲବ୍ ପାଇଁ ଖେଳିଥିବା ଦିଗ୍‌ବିଜୟ ଉତ୍ତର ପ୍ରଦେଶ ରାଜ୍ୟ ହକି ଦଳ ପାଇଁ ୧୯୩୯ରୁ ୧୯୫୯ ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବେ ସର୍ବଭାରତୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲେ।



କେ.ଡି.ସିଂ ବାବୁ ଷ୍ଟାଡିୟମ




ଭାରତୀୟ ହକି ଦଳର ଖେଳାଳି ଭାବେ ତାଙ୍କର ପ୍ରଥମ ମନୋନୟନ ହୁଏ ୧୯୪୬-୪୭ରେ ଯେତେବେଳେ ସେ ଆଫଗାନିସ୍ତାନ ଗସ୍ତ କରିଥିବା ଭାରତୀୟ ହକି ଦଳର ସଦସ୍ୟହେଲେ। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅତିଶୀଘ୍ର ସେ ବିଶ୍ୱ ହକି ଜଗତର ଜଣେ ଦୁର୍ଦ୍ଧର୍ଷ ଫରୱାର୍ଡ ଖେଳାଳି ଭାବେ ଗଣ୍ୟ ହେଲେ। ୧୯୪୭ରେ ଭାରତୀୟ ହକି ଦଳର ପୂର୍ବ ଆଫ୍ରିକା ଗସ୍ତ ସମୟରେ ସେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସହିତ ମିଶି ଖେଳିବାର ସୁଯୋଗ ପାଇଥିଲେ। ନିଜର ଅପୂର୍ବ ଷ୍ଟିକ୍ ଚାଳନା, କ୍ଷୀପ୍ରଗତି ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହି ଗସ୍ତ ସମୟରେ ସେ ମୋଟ ୭୦ଟି ଗୋଲ ଦେଇଥିଲେ। ଯେତେବେଳେ କି ଧ୍ୟାନଚାନ୍ଦ ଦେଇଥିଲେ ୬୨ଟି ଗୋଲ। ଏହି ଗସ୍ତ ସମୟରେ ପ୍ରଶଂସକ ମାନେ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କର ତୁଳନା କରିବା ଆରମ୍ଭ କରିଥିଲେ ଓ ହକିର ଜାତୀୟ ମନୋନୟନ କମିଟି ୧୯୪୮ର ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳର ଉପ ଅଧିନାୟକ ଭାବେ ତାଙ୍କ ନାମରେ ମୋହର ମାରିଥିଲେ। ସ୍ୱାଧୀନତା ପ୍ରାପ୍ତିପରେ ଏହାଥିଲା ଭାରତର ପ୍ରଥମ ଅଲିମ୍ପିକ୍‌ରେ ଅଂଶଗ୍ରହଣ। ଏହି ଅଲିମ୍ପିକ୍‌ରେ ହକିରେ ମୋଟ ୧୩ ଗୋଟି ଦେଶ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଇଂଲଣ୍ଡକୁ ୪-୦ ଗୋଲରେ ପରାସ୍ତ କରି ଭାରତ ଏକ ସ୍ୱାଧୀନ ଦେଶ ଭାବେ ପ୍ରଥମ ଓ ମୋଟରେ ଚତୁର୍ଥ ସ୍ୱର୍ଣ୍ଣପଦକ ହାସଲ କଲା ହକି ଖେଳରେ। ଭାରତ ୧୯୨୮, ୧୯୩୨ ଓ ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ହକିରେ କ୍ରମାଗତ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲା ସତ କିନ୍ତୁ ଏହି ପଦକ ଥିଲା ଅତି ସ୍ୱତନ୍ତ୍ର। ୧୯୪୮ ଅଲିମ୍ପିକ୍‌ରେ ତାଙ୍କର କ୍ରୀଡ଼ା ଦକ୍ଷତାକୁ ପ୍ରଶଂସା କରି ଗୋଟିଏ ଅଗ୍ରଣୀ ବ୍ରିଟିଶ ଖବରକାଗଜ ଲେଖିଥିଲା- "ବାବୁଙ୍କର ପାରଦର୍ଶିତା ଯେତେଦୂର ସମ୍ଭବ ଅତ୍ୟନ୍ତ ନିଖୁଣ ଥିଲା। ଚମକେଇ ଦେଲା ଭଳି ଡ୍ରିବଲିଙ୍ଗ ଓ ସୁଯୋଗ ଦେଖି ସାଥୀ ଖେଳାଳିଙ୍କୁ ପାଶ୍ ଦେବାର ଦକ୍ଷତା ଥିଲା ତାଙ୍କ କ୍ରୀଡ଼ାର ବିଶେଷତ୍ୱ। ଇଂଲଣ୍ଡର ରକ୍ଷଣ ଭାଗକୁ ବିଧ୍ୱସ୍ତ କରିଦେବା ପାଇଁ ତାଙ୍କର ଉଦ୍ୟମ ଥିଲା ଅକଳ୍ପନୀୟ। ଭାରତୀୟ ଆକ୍ରମଣର ସେ ଥିଲେ ମାର୍ଗଦର୍ଶକ। ସେ ହେଉଛନ୍ତି ଧ୍ୟାନଚାନ୍ଦଙ୍କ ଭଳି ଅବିଶ୍ୱନୀୟ ଖେଳାଳି।"

୧୯୪୯ରେ ସେ ଭାରତୀୟ ହକି ଦଳର ଅଧିନାୟକ ଭାବେ ମନୋନୀତ ହେଲେ। ୧୯୫୨ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ଦଳକୁ ସୁସଙ୍ଗଠିତ କରିବାର ଲକ୍ଷ୍ୟ ଦିଆଯାଇଥିଲା ତାଙ୍କୁ। ସେ ମନପ୍ରାଣ ଦେଇ ଏହି ଦାୟିତ୍ୱ ସମ୍ପାଦନ କରିବାରେ ଲାଗି ପଡିଲେ। ଫଳସ୍ୱରୂପ ଏହି ୧୯୪୯ ମସିହାରେ ବିଭିନ୍ନ ପ୍ରତିଯୋଗିତାରେ ଦଳ ଦେଇଥିଲା ମୋଟ ୨୩୬ ଗୋଲ ଏବଂ ତନ୍ମଧ୍ୟରୁ ସେ ଦେଇଥିଲେ ସର୍ବାଧିକ ୯୯ ଗୋଲ୍। ଏହାପରେ ୧୯୫୨ରେ ଫିନ୍‌ଲାଣ୍ଡର ହେଲସିଙ୍କିରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ହକି ଦଳର ଅଧିନାୟକ ହେଲେ ଦିଗ୍‌ବିଜୟ। ଭାରତ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କଲା। ପ୍ରାକ୍ତନ ନ୍ୟୁଜିଲାଣ୍ଡ ଅଧିନାୟକ ସିରିଲ ୱାଲଟର ତାଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ- "ମୁଁ 'ବାବୁ'ଙ୍କର ସମ୍ଭାଷଣ ପାଇଁ ଉପଯୁକ୍ତ ବିଶେଷଣ ଖୋଜି ପାଉନାହିଁ। ତାଙ୍କୁ ଉଚ୍ଚକୋଟୀର ଡ୍ରବ୍‌ଲିଙ୍ଗ ଏବଂ ଗାଣିତିକ ଢଙ୍ଗରେ ସମୟଉପଯୋଗୀ ପାସ ଦେବାର କଳା ଅତ୍ୟନ୍ତ ଚିତ୍ତାକର୍ଷକ। ତାଙ୍କର କ୍ରୀଡ଼ା ଦକ୍ଷତା ହେଉଛି ଗୋଟିଏ ଗତିଶୀଳ କବିତା କହିଲେ ଅତ୍ୟୁକ୍ତି ହେବନି।"

କୁଅଁର ଦିଗ୍‌ବିଜୟ ସିଂ "ବାବୁ" ପ୍ରକୃତରେ ଥିଲେ ଜଣେ ବିଚକ୍ଷଣ ଖେଳାଳି। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା, ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ପ୍ରତିପକ୍ଷଙ୍କୁ ଚକ୍‌ମା ଦେଇ ଆଗକୁ ବଢ଼ିବା ଓ ସୁବିଧା ଦେଖି ଭୂମିର ସମାନ୍ତରାଳ ଭାବେ ଛୋଟ ଛୋଟ ପାସ୍ ଦେଇ ଗୋଲ୍ ଦେବାରେ ନିଜ ଦଳ ଖେଳାଳିଙ୍କୁ ସାହାଯ୍ୟ କରିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କର ଦକ୍ଷତା ପାଇଁ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କୁ ତୁଳନା କରାଯାଉଥିଲା। ୧୯୫୫ରେ ସେ ନ୍ୟୁଜିଲାଣ୍ଡ ଗସ୍ତ କରିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଭଲ ଫର୍ମରେ ଥିବା ସତ୍ତ୍ୱେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ନିମନ୍ତେ ୧୯୫୬ର ମେଲ୍‌ବୋର୍ନ ଅଲିମ୍ପିକ୍ସ ଓ ୧୯୫୮ ଏସୀୟ କ୍ରୀଡ଼ା ପାଇଁ ମନୋନୀତ ହେବା ସତ୍ତ୍ୱେ ନିଜ ଆଡୁ ଓହରି ଯାଇଥିଲେ, ଯାହାକି ଅତ୍ୟନ୍ତ ବିରଳ ଘଟଣା। ଇନ୍‌ସାଇଡ୍ ରାଇଟ୍ ପୋଜିଶନ୍‌ରେ ଖେଳୁଥିବା 'ବାବୁ' ୮୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରି ୧୭୫ଟି ଗୋଲ୍ ଦେଇଥିଲେ।

ଖେଳାଳି ଜୀବନରୁ ଅବସର ନେଲା ପରେ କେ.ଡି. ସିଂ ବାବୁ ୧୯୫୬-୫୭ରେ ଗଠିତ ଉତ୍ତର ପ୍ରଦେଶ ସ୍ପୋର୍ଟ୍ସ କାଉନ୍‌ସିଲର ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟ କଲେ। ତାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଉତ୍ତରପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶାଳୟ ଗଠିତ ହେଲା ୧୯୬୪ରେ ଓ ସେ ଏହାର ପ୍ରଥମ ନିର୍ଦ୍ଦେଶକ ଦାୟିତ୍ୱ ବହନ କଲେ। ସେ ପଢୁଥିବା ବାରବାଙ୍କୀ ସରକାରୀ ଉଚ୍ଚବିଦ୍ୟାଳୟ ଓ ଲକ୍ଷ୍ନୌର କାନ୍ୟକୁବ୍‌ଜ ଇଣ୍ଟର କଲେଜ ସମୟର ତାଙ୍କର ଅନୁଭୂତିକୁ ପାଥେୟ କରି ରାଜ୍ୟରେ କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ମାନ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ନେଲେ। ଉନ୍ନତ ପ୍ରଶିକ୍ଷଣ ଓ ତାଲିମ ଦ୍ୱାରା ଅନେକ ଖାତନାମା ଖେଳାଳି ସୃଷ୍ଟି ହେଲେ। ସେମାନଙ୍କ ମଧ୍ୟରେ ସୟଦ ଅଲ୍ଲୀ, ରବୀନ୍ଦ୍ର ପାଲ ସିଂ, ମହମ୍ମଦ ସାହିଦ୍, ଜଗ୍‌ବୀର ସିଂ ଓ ସକୀଲ୍ ଅହମ୍ମଦଙ୍କ ଭଳି ଅଲିମ୍ପିଆନ୍ ପ୍ରମୁଖ ଥିଲେ। ତାଙ୍କର ଏହି କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ସ୍ଥାପନ ଯୋଜନାକୁ ଅନ୍ୟରାଜ୍ୟମାନେ ଅନୁକରଣ କରିଥିଲେ। ସେ ମଧ୍ୟ ପରବର୍ତ୍ତୀ ସମୟରେ ବହୁବାର ଭାରତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍‌ରେ ବ୍ରୋଞ୍ଜପଦକ ହାସଲ କରିଥିବା ଭାରତୀୟ ଦଳକୁ ସେ ପ୍ରଶିକ୍ଷଣ ଦେଇଥିଲେ। ହକି ଥିଲା ତାଙ୍କର ପ୍ରଥମ ପ୍ରେମ, ତାଙ୍କର ଜୀବନ, ନିଃଶ୍ୱାସ ଓ ସ୍ୱପ୍ନ। ଏହାବ୍ୟତୀତ ସେ ଗଲ୍ଫ, ଫୁଟବଲ, ଟେନିସ୍, କ୍ରିକେଟ ଓ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ମଧ୍ୟ ରୁଚି ରଖୁଥିଲେ। ସେ ମଧ୍ୟ ଜଣେ ଦକ୍ଷ ଶିକାରୀ ଥିଲେ। ସେ ଅଖିଳ ଭାରତୀୟ କ୍ରୀଡ଼ା ପରିଷଦ, ରେଳବାଇ ବୋର୍ଡ, ଭାରତୀୟ ରାଇଫଲ ସଂଘ ଓ ବନ୍ୟପ୍ରାଣୀ ସଂରକ୍ଷଣ କମିଟି (ଉତ୍ତର ପ୍ରଦେଶ) ସହିତ ଜଡ଼ିତ ଥିଲେ।

ଦିଗ୍‌ବିଜୟ ଅନେକ ସମ୍ମାନର ଅଧିକାରୀ ହୋଇଥିଲେ। ତନ୍ମଧ୍ୟରେ ୧୯୫୮ରେ ଭାରତର ସମ୍ମାନଜନକ ପଦ୍ମଶ୍ରୀ ଏବଂ ୧୯୫୩ରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ମାନସୂଚକ ହେମ୍ସ ଟ୍ରଫି ଅନ୍ୟତମ। ହେମ୍ସ ଟ୍ରଫି ଆମେରିକାର କ୍ରୀଡ଼ା କ୍ଷେତ୍ରରେ ନୋବେଲ ପ୍ରାଇଜ୍ ଭାବେ ପରିଗଣିତ ହୁଏ। ସେ ୧୯୫୨ରେ ବିଶ୍ୱର ସର୍ବଶ୍ରେଷ୍ଠ ହକିଖେଳାଳି ଏବଂ ୧୯୫୩ରେ ଏସିଆ ମହାଦେଶର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଏହି ପୁରସ୍କାର ହାସଲ କରିଥିଲେ। ଏ କ୍ଷେତ୍ରରେ ସେ ଥିଲେ ପ୍ରଥମ ଭାରତୀୟ। ତାଙ୍କ ସମ୍ମାନାର୍ଥେ ଲକ୍ଷ୍ନୌ ଓ ବାରବାଙ୍କିରେ କେ.ଡି.ସିଂହବାବୁ ଷ୍ଟାଡିୟମ୍ ନାମିତ ହୋଇଛି। ବାରବାଙ୍କୀ ସହରରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ତାଙ୍କ ନାମରେ ନାମିତ ହୋଇଛି "କେଡିସିଂହ ବାବୁ ମାର୍ଗ ନାମରେ।"

ତାଙ୍କର ଜୀବନୀ ଉପରେ ଆଧାରିତ କ୍ରୀଡ଼ା-ନାଟକ ଚଳଚ୍ଚିତ୍ର "ଗୋଲ୍ଡ" ୨୦୧୮ରେ ନିର୍ମିତ ହୋଇଥିଲା, ଯେଉଁଥିରେ କି ଅମିତ ସାଦ୍ ତାଙ୍କ ଚରିତ୍ର (ଭାରତୀୟ ଦଳର ଉପଅଧିନାୟକ-୧୯୪୮ ଅଲିମ୍ପିକ୍ କ୍ରୀଡ଼ା)ରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ହକିର ଅଧଃପତନ ତାଙ୍କୁ ଗଭୀର ମର୍ମାହତ କରିଥିଲା ବୋଲି ତାଙ୍କ ବନ୍ଧୁ ଅଲିମ୍ପିଆନ୍ ଅଶ୍ୱିନୀ କୁମାର ପ୍ରକାଶ କରିଥିଲେ। ୧୯୭୮ ମାର୍ଚ୍ଚ ୨୭ରେ ସେ ନିଜର ବନ୍ଧୁକ ସଫା କରୁଥିବା ବେଳେ ଅସାବଧାନତା ବଶତଃ ସେଥିରୁ ଗୁଳି ଫୁଟି ତାଙ୍କର ଦୁଃଖଦ ବିୟୋଗ ଘଟିଥିଲା।



୧୯୫୨ ଅଲିମ୍ପିକ୍ସରେ କେ.ଡି. ସିଂ ବାବୁଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ହକି ଦଳ।

# ଓଡ଼ିଆ ଆଥଲେଟ୍‌ଙ୍କ ଚମକ

**ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଘରୋଇ ପରିବେଶରେ ପ୍ରତିଯୋଗିତା ହେଉଥିଲେ ହେଁ ଅଂଶଗ୍ରହଣ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ତେବେ ୬ ପ୍ରତିଯୋଗୀ ୭ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି...**

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଗତ ୧୪ ତାରିଖରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣର ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷ ଜନକ ନ ଥିଲେ ମଧ୍ୟ କେତେକ ପ୍ରତିଯୋଗୀ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ୨୦୦ ଓ ୧୦୦ ମିଟର ରେସ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। କୁନି ରାଜଗଣ୍ଡ (୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଛବୀନ୍ଦ୍ର ବେହେରା (୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି) ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବାବେଳେ ଓମ୍ ପ୍ରକାଶ ନନ୍ଦ (୨୦ ବର୍ଷରୁ କମ୍ ଶଟ୍‌ପୁଟ୍), ଆଲୋକିକା ସ୍ୱାଇଁ (୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଅନି ସାଲବାମ୍ (୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।




### ତାମିଲନାଡୁ-ହରିୟାଣା ଟକ୍କର

ପ୍ରତିଯୋଗିତା ଓଡ଼ିଶାରେ ହୋଇଥିଲେ ମଧ୍ୟ ଘରୋଇ ପ୍ରତିଯୋଗିମାନେ ତା'ର ବିଶେଷ ଫାଇଦା ନେଇପାରି ନ ଥିଲେ। ଟାଇଟଲ ପାଇଁ ତାମିଲନାଡୁ ଓ ହରିୟାଣା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଶେଷରେ ତାମିଲନାଡୁ ୨୮୯ ପଏଣ୍ଟ ସହିତ ଓଭରଅଲ୍ ଚାମ୍ପିୟନ ହୋଇଥିବାବେଳେ ହରିୟାଣା ମାତ୍ର ୨ ପଏଣ୍ଟ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ତିମ ଦିବସରେ ପର୍ଯ୍ୟନ୍ତ ତାମିଲନାଡୁ ଓ ହରିୟାଣା ମଧ୍ୟରେ କେଉଁ ଦଳ ଓଭରଅଲ୍ ଚାମ୍ପିୟନ ହେବ ତା'କୁ ନେଇ ଉତ୍ସାହ ଲାଗି ରହିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେରେ ତାମିଲନାଡୁ ଦଳ ମିଟ୍ ରେକର୍ଡ ହାସଲ କରିବାରୁ ହରିୟାଣା ପଛରେ ପଡ଼ି ଯାଇଥିଲା। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ଇଭେଣ୍ଟ ଗୁଡ଼ିକରେ ତାମିଲନାଡୁକୁ ଓଭରଅଲ୍ ଟିମ୍ ଟାଇଟଲ ମିଳିଥିଲା। ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ଗ୍ରୁପ୍‌ରେ କିନ୍ତୁ ହରିୟାଣା ଆଗରେ ରହିଥିଲା। ଟିମ୍ ଚାମ୍ପିୟନଶିପ୍ କ୍ଷେତ୍ରରେ ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୧୭ ଓ ବାଳକରେ ତେଲେଙ୍ଗାନାକୁ ୧୯, ୧୬ ବର୍ଷରୁ କମ୍ ବାଳିକାରେ ତାମିଲନାଡୁକୁ ୩୦ ଓ ବାଳକରେ ୨୪, ୧୮ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୨୬ ଓ ବାଳକରେ ୧୮ ପଏଣ୍ଟ ମିଳିଥିଲା। ସେହିପରି ୨୦ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୫୮ ଓ ବାଳକରେ ତାମିଲନାଡୁକୁ ୫୨ ପଏଣ୍ଟ ପ୍ରାପ୍ତ ହୋଇଥିଲା। ୧୬ ବର୍ଷରୁ କମ୍ ବାଳିକାରେ କେରଳର ଜିଲଶା ଜିନ୍‌ଲି ଓ ବାଳକରେ ତାମିଲନାଡୁର ଅଭିନାଥ ଏ.ବି., ୧୮ ବର୍ଷରୁ କମ୍ ବାଳକରେ ହରିୟାଣାର ନିଶ୍ଚୟ ଓ ବାଳିକାରେ ମହାରାଷ୍ଟ୍ରର ସୌର୍ଯ୍ୟା ଆମ୍ବୁରେ, ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାର ଆରାଧ୍ୟା ସିଂ ଏବଂ ୨୦ ବର୍ଷରୁ କମ୍ ମହିଳାରେ ଉତ୍ତର ପ୍ରଦେଶର ନିରୁ ପାଠକ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ।

### ପଦକ ବିଜେତା ଓଡ଼ିଶା ଖେଳାଳି

**ପ୍ରତୀକ ମହାରଣା:** ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ। ୨୧.୨୪ ସେକେଣ୍ଡ ସମୟ ନେଇ ସେ ଆମେରିକାରେ ହେବାକୁଥିବା ବିଶ୍ୱ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ। ଏହା ବ୍ୟତୀତ ସେ ନୂଆ ମିଟ୍ ରେକର୍ଡର ମଧ୍ୟ ଅଧିକାରୀ ହେଲେ। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ୧୦.୭୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ବିଜୟୀ।

**କୁନି ରାଜଗଣ୍ଡ:** ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ।

**ଛବୀନ୍ଦ୍ର ବେହେରା:** ୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି ଇଭେଣ୍ଟରେ ରୌପ୍ୟ।

**ଓମ୍ ପ୍ରକାଶ ନନ୍ଦ:** ୨୦ ବର୍ଷରୁ କମ୍ ଶଟ୍‌ପୁଟ୍ ଇଭେଣ୍ଟରେ ୧୮.୨୪ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ।

**ଆଲୋକିକା ସ୍ୱାଇଁ:** ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ବ୍ରୋଞ୍ଜ (୪୭.୫୬ ମିଟର) ପଦକ।

**ଅନି ସାଲବାମ୍:** ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଇଭେଣ୍ଟରେ ୧:୧୯.୯୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ।

### ବିଗ୍ ଡିଫରେଣ୍ଟ

ଟିମ୍ ଇଣ୍ଡିଆର ଭାଇସ୍ କ୍ୟାପ୍‌ଟେନ
ସ୍ମୃତି ରଚିଛନ୍ତି ସ୍ମୃତି
ଫାଷ୍ଟ କ୍ରିକେଟର ଭାବେ ସେ ୱିମେନ
ୱାନ୍‌ଡେରେ ରଚିଲେ କିର୍ତ୍ତୀ
କମ୍ ଇନିଂସ ଖେଳି ଖ୍ୟାତି
ବର୍ଷକରେ ୱାନ୍ ଥାଉଜେଣ୍ଡ ରନ୍
ଏଠି ଇତିହାସ ସାଥୀ।



ସ୍ନାଚ ହେଉ କିମ୍ବା କ୍ଲିନ୍ ଆଣ୍ଡ ଜର୍କରେ
ଓଜନ ଉଠାଇ ଭାଇ
ଫୋର୍ଡେପରେ ଷ୍ଟାର ଭାରଉତ୍ତୋଳିକା
ଭାରତର ମୀରାବାଈ
ସିଲଭର ପଦକ ପାଇ
ପଦକ ବିଜେତା ମଧ୍ୟରେ ନିଜକୁ
ସାମିଲ କରିଛି ନେଇ।

ଗୋଆଠି ଓଡ଼ିଶା ପାରା ଆଥଲେଟ୍
ଖେଳି ଦମୟନ୍ତୀ ଓଝା
ପର୍ପଲ ଫେଷ୍ଟରେ ସିଲଭର ପଦକ
ଜିତିଅଛି ବଜା ବାଜା
କିଏ ଖାଏ ରୋଲ୍, ପିଜା
ବିଗ୍ ଡିଫରେଣ୍ଟ ୟୁଥ୍ କ୍ରାଇମ୍ କରି
କାଟନ୍ତି ଜେଲ୍‌ରେ ସଜା।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ | Bhubaneswar, Friday, October 24/ 2025

# ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**ଆଡିଲେଡ୍, ୨୩।୧୦**

ମାଥ୍ୟୁ ଶର୍ଟ ଓ କୁପର କନୋଲିଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଅଷ୍ଟ୍ରେଲିଆ ଦଳ ୨-୦ରେ ଆଗୁଆ ଜିତିଛି। ଭାରତ ପକ୍ଷରୁ

**ପୁଣି ଫେଲ୍ ମାରିଲେ କୋହଲି**

ଧାର୍ଯ୍ୟ ୨୬୫ ରନର ଚ୍ୟାଲେଞ୍ଜିଂ ଟାର୍ଗେଟକୁ ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ଗତ ୧୭ ବର୍ଷରେ ଆଡିଲେଡ୍‌ରେ ଏହା ଭାରତୀୟ ଦଳର ପ୍ରଥମ ପରାଜୟ। ମ୍ୟାଚ୍‌ରେ ପୂର୍ବତନ ଅଧିନାୟକ ରୋହିତ ଶର୍ମା ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ବ୍ୟାଟିଂ ଷ୍ଟାର ବିରାଟ କୋହଲି ପୁଣି ଥରେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ୪ ଉଇକେଟ ନେଇଥିବା


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆଡାମ ଜାମ୍ପା (ମଝି)ଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

ଆଡାମ ଜାମ୍ପାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଆସନ୍ତା ୨୫ ତାରିଖରେ ସିଡ୍‌ନୀଠାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ (୯) ଓ କୋହଲି (୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ରୋହିତ ଓ ଉପ ଅଧିନାୟକ ଶ୍ରେୟସ ଆୟାର ତୃତୀୟ ଉଇକେଟରେ ୧୧୮ ରନର ପାର୍ଟନରଶିପ୍ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ରୋହିତ ୭୩ (୭ ଚୌକା ଓ ୨ ଛକା) ଏବଂ ଶ୍ରେୟସ ୬୧ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଲୋକେଶ ରାହୁଲ (୧୧), ୱାଶିଂଟନ ସୁନ୍ଦର (୧୨), ଅକ୍ଷର ପଟେଲ (୪୪ ରନ୍, ୫ ଚୌକା) ଓ ନୀତୀଶ ରେଡ୍ଡୀ (୮)ଙ୍କ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ହର୍ଷିତ ରାଣା (୨୪ ରନ, ୩ ଚୌକା) ଓ ଅର୍ଶଦୀପ ସିଂ (୧୩ ରନ୍, ୨ ଚୌକା) ୯ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ଦ୍ରୁତ ୩୭ ରନ ଯୋଡ଼ିଥିଲେ। ଫଳରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪, ଜାଭିଅର ବାର୍ଟଲେଟ୍ ୩ ଓ ମିଚେଲ ଷ୍ଟାର୍କ ୨ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଇନିଂସ ଆରମ୍ଭରୁ ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟ୍ରାଭିସ ହେଡ୍ (୨୮)ଙ୍କ ଉଇକେଟ ହରାଇଥିଲା। ହେଲେ ମଧ୍ୟ କ୍ରମରେ ମାଥ୍ୟୁ ଶର୍ଟ ୭୪ (୪ ଚୌକା ଓ ୨ ଛକା) ଓ ମ୍ୟାଟ ରେନଶ ୩୦ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। କନୋଲି ଓ ମିଚେଲ ଓୱେନ (୩୬ ରନ୍, ୨ ଚୌକା ଓ ୩ ଛକା) ଷଷ୍ଠ ଉଇକେଟରେ ୫୯ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଶେଷ ଆଡ଼କୁ ଭାରତୀୟ ବୋଲରମାନେ ୩ ଉଇକେଟ ହାତେଇଥିଲେ। ହେଲେ ତାହା ଦଳକୁ ଜିତାଇବା ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। କନୋଲି ୫୩ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ଅପରାଜିତ ୬୧ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରି ନେଇଥିଲା। ଭାରତ ଲାଗି ଅର୍ଶଦୀପ, ହର୍ଷିତ ଓ ସୁନ୍ଦର ୨ ଲେଖାଏ ଏବଂ ମହମ୍ମଦ ସିରାଜ ଓ ଅକ୍ଷର ୧ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୨୬୪/୯(ରୋହିତ ଶର୍ମା-୭୩, ଶ୍ରେୟସ ଆୟାର-୬୧, ଅକ୍ଷର ପଟେଲ-୪୪, ଆଡାମ ଜାମ୍ପା-୪/୬୦, ଜାଭିଅର ବାର୍ଟଲେଟ-୩/୩୯, ମିଚେଲ ଷ୍ଟାର୍କ-୨/୬୨)। ଅଷ୍ଟ୍ରେଲିଆ: ୪୬.୨ ଓଭରରେ ୨୬୫/୮(ମାଥ୍ୟୁ ଶର୍ଟ-୭୪, କୁପର କନୋଲି-୬୧*, ମିଚେଲ ଓୱେନ-୩୬, ୱାଶିଂଟନ ସୁନ୍ଦର-୨/୩୭, ଅର୍ଶଦୀପ ସିଂ-୨/୪୧, ହର୍ଷିତ ରାଣା-୨/୫୯)।

# ମାରାଥନ ବିଶ୍ୱ ରେକର୍ଡଧାରୀ ଚେପଙ୍ଗିଚ୍ ୩ବର୍ଷ ବାସନ୍ଦ


ରୁଥ୍ ଚେପଙ୍ଗିଚ୍

**ମୋନାକୋ, ୨୩।୧୦ (ଏପି)**

**ଡୋପିଙ୍ଗ୍ ମାମଲା**

ଡୋପିଂ ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର କରିବା ପରେ ମହିଳା ମାରାଥନ ବିଶ୍ୱ ରେକର୍ଡଧାରୀ ରୁଥ୍ ଚେପଙ୍ଗିଚ୍ ୩ ବର୍ଷ ବାସନ୍ଦ ହୋଇଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡର ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଗୁରୁବାର ପ୍ରକାଶ କରିଛି। ଚେପଙ୍ଗିଚ୍‌ଙ୍କଠାରୁ ମାର୍ଚ୍ଚ ୧୪ରେ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଡ୍ୟୁରେଟିକ୍ ହାଇଡ୍ରୋକ୍ଲୋରୋଥାଇଜେଡ ଅବା ଏଚ୍‌ସିଟିଜେଡ୍ ଠାବ କରାଯାଇଥିଲା, ଯାହା କି ଶକ୍ତିବର୍ଦ୍ଧକ ଡ୍ରଗ୍ସ ଭାବେ ବ୍ୟବହାର କରାଯାଇଥାଏ। ଏହା ଜଣାପଡ଼ିବା ପରେ ଜୁଲାଇରେ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଗତବର୍ଷ ଚିକାଗୋ ମାରାଥନରେ କେନିଆର ଏହି ୩୧ ବର୍ଷୀୟ ଧାବକ ୨ଘଣ୍ଟା, ୯ ମିନିଟ, ୫୬ ସେକେଣ୍ଡ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିବା ସହ ପାଖାପାଖି ୨ମିନିଟ ବ୍ୟବଧାନରେ ବିଶ୍ୱ ରେକର୍ଡ କରିଥିଲେ। ଏଆଇୟୁ କହିଛି ମାର୍ଚ୍ଚ ୧୪ରେ ସାମ୍ପଲ ସଂଗ୍ରହ ପୂର୍ବରୁ ଚେପଙ୍ଗିଚଙ୍କ ସମସ୍ତ ସଫଳତା ଓ ରେକର୍ଡ କାଏମ ରହିବ।

# ଆର୍ଯ୍ୟନ, ଗୌରୀଶଙ୍କର ସମ୍ବର୍ଦ୍ଧିତ


ଲାମ୍ବାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରଥମ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ଲାମ୍ବାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଆର୍ଯ୍ୟନଙ୍କ କୋଚ୍ ତଥା ବାପା ଗୌରୀଶଙ୍କର ମିଶ୍ର, ସୁରୋଜିତ ବେହେରା, ସ୍ୱସ୍ତିକ ମହାପ୍ରସାଦ ପତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଆର୍ଯ୍ୟନ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପ୍ରଥମ ବର୍ଷ ଛାତ୍ର। ଲାମ୍ବାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସର ନିର୍ଦ୍ଦେଶକ ଅଭିଜିତ ମହାନ୍ତି ଓ ଆର୍ଯ୍ୟା ଡିଜାଇନ ଷ୍ଟୁଡିଓର ଏମ୍‌ଡି ଆର୍ଯ୍ୟସ ଦାସ ଉପସ୍ଥିତ ରହି ୪ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଗକୁ ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଲାମ୍ବାଚ ପକ୍ଷରୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ପ୍ରଥମ ରାଜ୍ୟ ଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଆର୍ଯ୍ୟନ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ପ୍ରଥମ ଯୁବ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଭାରତୀୟ ଦଳର କୋଚ ଭାବେ ଗୌରୀଶଙ୍କର ମିଶ୍ର ଜୋର୍ଡାନ ଗସ୍ତ କରିଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଶିକ୍ଷଣ ଦେବାର ଅନୁଭୂତିକୁ ସ୍ୱୀକୃତି ଜଣାଇ ଲାମ୍ବାଚ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ସୌରାଷ୍ଟ୍ର ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ବିସିସିଆଇର ଘରୋଇ କ୍ରିକେଟ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଟି୨୦ ପ୍ରତିଯୋଗିତାର ଏଲିଟ ଗ୍ରୁପ୍ 'ବି' ମ୍ୟାଚ ଚଳିତ ମାସ ୨୬ରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳ ଗୁରୁବାର ଛତିଶଗଡ଼ର ରାୟପୁର ଯାତ୍ରା କରିଛି। ଓଡ଼ିଶା ଦଳ ୨୬ରେ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରୁ ଅଭିଯାନ ଆରମ୍ଭ କରିବ। ଏହାପରେ ୨୭ରେ ଭିଲାଇଠାରେ ଉତ୍ତର ପ୍ରଦେଶ, ୨୯ରେ ରାୟପୁରଠାରେ ଝାଡ଼ଖଣ୍ଡ, ୩୧ରେ ଭିଲାଇଠାରେ ଗୁଜରାଟ ଏବଂ ନଭେମ୍ବର ୨ରେ ରାୟପୁରଠାରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ପ୍ରିୟଙ୍କରି ମୁଦୁଲି (ଅଧିନାୟିକା), ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ, ଅନୁସ୍କା ମହାନ୍ତି, ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଈପ୍ସିତା ପରିଡ଼ା, ଜସମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ସ୍ୱାତିକା ବେହେରା, ଯୁବଲିପି ପରିଡ଼ା। କୋଚ୍: କାଦମ୍ବିନୀ ମହାକୁଡ଼, ମ୍ୟାନେଜର: ତିଳୋତ୍ତମା ସାହୁ।


ଓଡ଼ିଶା ମହିଳା ଦଳ।

# ଭୁବନେଶ୍ୱର ଭେଟେରାନ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ-୧ ଏକାଡେମୀ ଖେଳ ପଡ଼ିଆରେ ୪ଟି ଭେଟେରାନ ଫୁଟବଲ ଦଳକୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଭେଟେରାନ ଟାଇବ୍ରେକର ୫-୪ ଗୋଲରେ ବିଡ଼ାନାସୀ ଦଳକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ଦଳ କଟକର ରେଭେନ୍‌ଶା ମର୍ନିଂ କ୍ଲବକୁ ଟାଇବ୍ରେକର ୩-୨ ଏବଂ ଦ୍ୱିତୀୟ ସେମିରେ ବିଡ଼ାନାସୀ ଦଳ ୬-୧ ଗୋଲରେ ଜାଗମରା ଦଳକୁ ହରାଇ ଦେଇଥିଲା। ରଞ୍ଜନ ଭୋଇ ଶ୍ରେଷ୍ଠ ଗୋଲରକ୍ଷକ, ରମେଶ ଚାଟର ଶ୍ରେଷ୍ଠ ରକ୍ଷଣଭାଗ, ଅକ୍ଷୟ ଦାସ ଶ୍ରେଷ୍ଠ ମଧ୍ୟଭାଗ ଓ କେ.ସି. ବେହେରା ଶ୍ରେଷ୍ଠ ଫରୱାର୍ଡ ଖେଳାଳି ବିବେଚିତ ହୋଇଥିଲେ। ଅନୁଗୋଳ-ସୁକିନ୍ଦା ରେଲୱେର ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଶୋକ କୁମାର ପଟ୍ଟନାୟକ, ଆୟୋଜକ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୁପ୍ 'ଏ'ରେ ଓଡ଼ିଶା


ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟବଲ ଦଳ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରଠାରେ ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚଳିତ ମାସ ୨୭ରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ଏ'ରେ ମଣିପୁର,

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ମିଜୋରାମ ଓ ବିହାର ସହିତ ସ୍ଥାନ ପାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୪ ଅଫିସିଆଲଙ୍କ ସହ ମୋଟ ୨୦ ଜଣିଆ ଓଡ଼ିଶା ଦଳ ଗୁରୁବାର ଅମୃତସର ଯାତ୍ରା କରିଛି। ଓଡ଼ିଶା ଦଳକୁ ବିଦାୟ ଦେବା ପୂର୍ବରୁ ଅନୁଷ୍ଠିତ ଫଟୋ ସେସନରେ ଫୁଟବଲ ଆସୋସିଏଶନ (ଫାଓ) ଉପସଭାପତି ସହଦେବ ରାଉତ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫାଓ ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ୨୭ ତାରିଖରେ ମିଜୋରାମ ସହିତ ଖେଳିବ। ଏହାପରେ ୨୯ରେ ମଣିପୁର ଓ ୩୧ରେ ବିହାର ବିପକ୍ଷରେ ମୁକାବିଲା କରିବ।

# ୫,୦୦୦ ମିଟର ଚାଲିରେ ରଞ୍ଜନାଙ୍କୁ ରୌପ୍ୟ

**ରିଫା, ୨୩।୧୦ (ପି.ଟି.):** ସ୍ଥାନୀୟ ବାହାରିନ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ୫,୦୦୦ ମିଟର ବାଳିକା ଚାଲିରେ ଭାରତର ରଞ୍ଜନା ଯାଦବ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ରଞ୍ଜନା ୨୩ ମିନିଟ୍ ୨୫.୮୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ଚାଇନାର ଲିୟୁ ଶିଓ୍ୱଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ସେମିଫାଇନାଲରେ ଭାରତ

**ନଭି ମୁମ୍ବାଇ, ୨୩।୧୦**

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ଡିଏଲ୍‌ଏସ୍ ମେଥଡରେ ୫୩ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ଚତୁର୍ଥ ତଥା ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲଙ୍କ ଶତକ ଏବଂ ଓପନିଂ ଉଇକେଟ ପାଇଁ

**ମହିଳା କ୍ରିକେଟ୍ ବିଶ୍ୱକପ୍**

୨୧୨ ରନର ଭାଗୀଦାରିତା ଯୋଗୁ ଭାରତୀୟ ଦଳ ୪୯ ଓଭରରେ ୩୪୦ ରନର ସ୍କୋର ଛିଡ଼ା କରିଛି। ଏହା ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳ ଲାଗି ସର୍ବାଧିକ ଦଳଗତ ସ୍କୋର। ବର୍ଷା କାରଣରୁ ଡିଏଲ୍‌ଏସ୍ ମେଥଡରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୪ ଓଭରରେ ୩୨୫ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ମନ୍ଧାନା ଓ ପ୍ରତୀକା ୨୧୨ ରନର ଆରମ୍ଭ ପ୍ରଦାନ କରିଥିଲେ। ମନ୍ଧାନା ୯୫ ବଲରେ ୧୦ ଚୌକା ଓ ୪ ଛକା ସହିତ ୧୦୯ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ୧୪ତମ ଓ ଚଳିତ ବର୍ଷର ପଞ୍ଚମ ଶତକ ଥିଲା। ସେ ଏବେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ୧୫ ଶତକ କରିଥିବା ମେଗ ଲାନିଂଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୩ୟ କ୍ରମରେ ଆସିଥିବା ଜେମିମା ରୋଡ୍ରିଗ୍ସଙ୍କ ସହ ପ୍ରତୀକା ଦ୍ୱିତୀୟ ଉଇକେଟରେ ୭୬ ରନ ଯୋଡ଼ିଥିଲେ। ପ୍ରତୀକା ୧୩୪ ବଲରେ ୧୩ ଚୌକା ଓ ୨ ଛକା ସହିତ ୧୨୨ ରନ କରି ଆଉଟ୍ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଦିନିକିଆ ଓ ପ୍ରଥମ ବିଶ୍ୱକପ୍ ଶତକ। ଏହାପରେ ଜେମିମା ଦଳୀୟ ସ୍କୋରକୁ ଏକାକୀ ଆଗେଇ ନେଇଥିଲେ। ସେ ୫୫ ବଲରେ ୧୧ ଚୌକା ସହାୟତାରେ ୭୬ ରନ କରି ଅପରାଜିତ ରହିଥିଲେ। ବର୍ଷା କାରଣରୁ ଭାରତୀୟ ଦଳର ଇନିଂସକୁ ୪୯ ଓଭରରେ ସୀମିତ ରଖାଯାଇଥିଲା। ଭାରତ ନିର୍ଦ୍ଧାରିତ ୪୯ ଓଭରରେ ୩ ଉଇକେଟ ହରାଇ ୩୪୦ ରନ କରିଥିଲା। ଜବାବରେ ଡିଏଲ୍‌ଏସ୍ ମେଥଡ୍‌ରେ ୪୪ ଓଭରରେ ୩୨୫ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା। ଦଳ ପାଇଁ ବ୍ରୁକ ହାଲିଡେ ୮୧ (୯ ଚୌକା ଓ ୧ ଛକା), ଇଜାବେଲା ଗେଜ ୬୫ (୧୦ ଚୌକା), ଆମେଲିଆ କେର ୪୫ (୪ ଚୌକା) ଓ ଜର୍ଜିଆ ପ୍ଲିମେର ୩୦ (୫ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପକ୍ଷରୁ ରେଣୁକା ସିଂ ଠାକୁର ଓ କ୍ରାନ୍ତି ଗୌଡ଼ ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯ ଓଭରରେ ୩୪୦/୩(ପ୍ରତିକା ରାୱଲ-୧୨୨, ସ୍ମୃତି ମନ୍ଧାନା-୧୦୯, ଜେମିମା ରୋଡ୍ରିଗ୍ସ-୭୬*, ସୁଜି ବେଟ୍ସ-୧/୪୦, ରୋଜମେରୀ ମେର-୧/୫୨)। ନ୍ୟୁଜିଲାଣ୍ଡ: ୪୪ ଓଭରରେ ୨୭୧/୮ (ବ୍ରୁକ ହାଲିଡେ-୮୧, ଇଜାବେଲା ଗେଜ-୬୫*, ଆମେଲିଆ କେର-୪୫, ରେଣୁକା ସିଂ ଠାକୁର-୨/୨୫, କ୍ରାନ୍ତି ଗୌଡ଼-୨/୪୮, ପ୍ରତୀକା ରାୱଲ-୧/୧୯)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ